R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୧୧୧
ତିଥି : ଷଷ୍ଠୀ
୨୪ ଜାନୁଆରୀ ୨୦୨୬, ଶନିବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 111
24 January 2026, Saturday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

### ପରାକ୍ରମ ଦିବସ ସମାରୋହରେ ଯୋଗ ଦେଲେ ଉପରାଷ୍ଟ୍ରପତି ସି.ପି ରାଧାକୃଷ୍ଣନ୍

## ଦେଶପ୍ରେମର ବହ୍ନି ମୋ ମନରେ ନେତାଜୀଙ୍କ କାହାଣୀରୁ ଜଳିଥିଲା : ସିପି

କଟକ, ୨୩।୧ (ସବ୍ୟୁ): ନେତାଜୀଙ୍କ ବୀରତ୍ୱର ସ୍ମୃତିଚାରଣ ସବୁ ଭାରତୀୟଙ୍କ ପାଇଁ ସାହସିକ ଭାବରେ ଦେଶ ସେବା କରିବାକୁ ଏକ ଆହ୍ୱାନ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ କେବଳ ଭାରତର ସ୍ୱାଧୀନତା ପାଇଁ ଲଢ଼ି ନଥିଲେ ବରଂ ସ୍ୱାଧୀନତା ପରେ ଦେଶର ଶାସନ ପାଇଁ ତାଙ୍କର ଏକ ସ୍ପଷ୍ଟ ଦୃଷ୍ଟିକୋଣ ଥିଲା।

**କଟକର ବିକାଶ ଧାରା ଜାରି ରହିବ : ମୁଖ୍ୟମନ୍ତ୍ରୀ**



ନେତାଜୀ ଭାରତକୁ ଏକ ମଜବୁତ, ଶକ୍ତିଶାଳୀ ଏବଂ ଦାରିଦ୍ର୍ୟ ମୁକ୍ତ ରାଷ୍ଟ୍ର ଭାବେ ନିର୍ମାଣ କରିବାକୁ ପରିକଳ୍ପନା କରିଥିଲେ। ନେତାଜୀଙ୍କ ସାହସ, ଏକତା ଏବଂ ମାତୃଭୂମି ପ୍ରତି ସର୍ବୋଚ୍ଚ ସମର୍ପଣର ଆଦର୍ଶରୁ ପ୍ରେରଣା ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ଦିଗରେ ଆଗକୁ ବଢ଼ିବା ପାଇଁ ସାମୂହିକ ଭାବରେ ପ୍ରତିଜ୍ଞା କରିବାକୁ କଟକ ଠାରେ ନେତାଜୀଙ୍କ ୧୨୯ ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜିତ ପରାକ୍ରମ ଦିବସ ସମାରୋହରେ ଯୋଗଦେଇ ଭାରତର ଉପ-ରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ୍ ନାଗରିକମାନଙ୍କୁ ଆହ୍ୱାନ ଦେଇଛନ୍ତି। ଭାରତର ସଭ୍ୟତାଗତ ଯାତ୍ରାରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି । ଏହି ରାଜ୍ୟରେ ଜନ୍ମିତ ନେତାଜୀଙ୍କୁ ଭାରତର ଜଣେ ମହାନ ସୁପୁତ୍ର ଭାବରେ ବର୍ଣ୍ଣନା କରିବା ସହିତ ତାଙ୍କ ପ୍ରତି ହାର୍ଦ୍ଦିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଉପରାଷ୍ଟ୍ରପତି। ନେତାଜୀଙ୍କ ଜନ୍ମସ୍ଥାନକୁ ତାଙ୍କର ଗସ୍ତକୁ ସେ ଗଭୀର ଭାବରେ ପ୍ରେରଣାଦାୟକ ବୋଲି କହିଥିଲେ। ଆଜାଦ ହିନ୍ଦ୍ ଫୌଜର ପରିକ୍ରମା ସଙ୍ଗୀତ "କଦମ କଦମ୍ ବଢ଼ାଏ ଯା"ର ଉତ୍ସାହ ଉଦ୍ରେକକାରୀ ସ୍ୱରକୁ ସ୍ମୃତିଚାରଣ କରି ଉପରାଷ୍ଟ୍ରପତି କହିଥିଲେ, ମଜବୁତ ଏବଂ ଆତ୍ମନିର୍ଭର ଭାରତ ନିର୍ମାଣ ଲାଗି ନେତାଜୀଙ୍କର ଦୂରଦୃଷ୍ଟି ଦେଶକୁ ଲଗାତାର ପ୍ରେରଣା ଦେଇ ଆସୁଛି ବୋଲି ସେ କହିଥିଲେ। ଓଡିଶାରେ ଇତିହାସ, ଆଧ୍ୟାତ୍ମିକତା ଏବଂ ସଂସ୍କୃତି ଏକତ୍ରିତ ହୋଇଛି । ଜନଜାତି କଲ୍ୟାଣ, ଆଦିବାସୀ ସମ୍ପ୍ରଦାୟର ଜୀବନଧାରଣ ମାନ ଉନ୍ନତ କରିବା ପାଇଁ ନିରନ୍ତର ପ୍ରୟାସ ଏବଂ ଭିତ୍ତିଭୂମି ବିକାଶ ଲାଗି ସେ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ। ରାଜ୍ୟର ପ୍ରଗତିକୁ ନେଇ ବିଶ୍ୱାସ ପ୍ରକଟ କରି ସେ କହିଥିଲେ, ନିରନ୍ତର ସୁଶାସନ ସହିତ ଓଡ଼ିଶା ଦେଶର ଏକ ଅଗ୍ରଣୀ ରାଜ୍ୟ ଭାବରେ ଉଭା ହେବ। ଏହି କାର୍ଯ୍ୟକ୍ରମ ଅବସରରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ରେକର୍ଡ ହୋଇଥିବା ଭାଷଣ ପ୍ରସାରଣ କରାଯାଇଥିଲା। ଉପରାଷ୍ଟ୍ରପତି କହିଥିଲେ, ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ନେତାଜୀଙ୍କୁ ଯଥାର୍ଥ ସମ୍ମାନ ପ୍ରଦାନ କରିଛନ୍ତି । ୨୦୨୧ ମସିହାରୁ ନେତାଜୀଙ୍କ ଜନ୍ମବାର୍ଷିକୀକୁ ପରାକ୍ରମ ଦିବସ ଭାବରେ ପାଳନ କରାଯାଉଛି ଏବଂ ରସ୍ ଦ୍ୱୀପକୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଦ୍ୱୀପ ଭାବରେ ନାମିତ କରାଯାଇଛି । ସେ କହିଥିଲେ, ପ୍ରଧାନମନ୍ତ୍ରୀଙ୍କ ନିର୍ଣ୍ଣାୟକ ନେତୃତ୍ୱ, ନିର୍ଭୀକ ଦୃଷ୍ଟିକୋଣ ଏବଂ ଜାତୀୟ ସୁରକ୍ଷା ଓ ସ୍ୱାବଲମ୍ବନ ପ୍ରତି ଅଟଳ ପ୍ରତିବଦ୍ଧତା ପ୍ରକୃତରେ ତାଙ୍କର ପରାକ୍ରମ ଭାବନାକୁ ପ୍ରତିଫଳିତ କରେ। ନେତାଜୀଙ୍କ ଜୀବନ କାହାଣୀ ତାଙ୍କ ମନରେ ପ୍ରଥମେ ଦେଶପ୍ରେମର ଉତ୍ସାହ ଭରିଥିଲା, ଯାହା ଜନସେବା ଏବଂ ଜାତୀୟ କର୍ତ୍ତବ୍ୟ ପ୍ରତି ଜୀବନବ୍ୟାପୀ ପ୍ରତିବଦ୍ଧତାକୁ ପ୍ରେରଣା ଦେଇଥିଲା ବୋଲି ସେ କହିଥିଲେ।

ଏହି ସ୍ମାରକୀ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ, (୯ ପୃଷ୍ଠାରେ)

## ହୁ' ଛାଡ଼ିଲା ଆମେରିକା

ନୂଆଦିଲ୍ଲୀ, ୨୩।୧ : ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ରୁ ଆମେରିକା ନିଜକୁ ପ୍ରତ୍ୟାହାର କରିନେଇଛି। ଜାତିସଂଘର ଏହି ସଂସ୍ଥାକୁ ଆମେରିକା ସର୍ବାଧିକ ଅର୍ଥ ଦେଇଥାଏ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବର୍ଷକ ପୂର୍ବରୁ ହୁ'ରୁ ନିଜକୁ ପ୍ରତ୍ୟାହାର କରିବେ ବୋଲି ସୂଚନା ଦେଇଥିଲେ। ଏନେଇ ସେ ଏକ୍‌ଜିକ୍ୟୁଟିଭ୍ ଅର୍ଡ଼ର ସ୍ୱାକ୍ଷର କରିଥିଲେ।

ଆମେରିକାର ସ୍ୱାସ୍ଥ୍ୟ ମାନବ ସମ୍ବଳ ସେବା ବିଭାଗ ପକ୍ଷରୁ କୁହାଯାଇଛି ଯେ ମହାମାରୀକୁ ସଠିକ ଭାବେ ହୁ ପରିଚାଳନା କରିପାରି ନଥିବା ଅଭିଯୋଗ ଆସିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ହୁ ପକ୍ଷରୁ ଏହାର ମହାନିର୍ଦ୍ଦେଶକ ଏହି ଅଭିଯୋଗକୁ ଖାରଜ କରିଛନ୍ତି। ସେ କହିଛନ୍ତି ଯେ ଆମେରିକା ଏଥିରୁ ଓହରିଯିବା ବିଶ୍ୱ ପାଇଁ କ୍ଷତି ହେବ। ଏହି ସଂଗଠନ ବିଶ୍ୱସ୍ତରରେ ପୋଲିଓ, ଏଚ୍‌ଆଇଭି, ମାତୃମୃତ୍ୟୁ ହାର ଓ ଟବାକୋ ନିୟନ୍ତ୍ରଣ ନେଇ କାର୍ଯ୍ୟ କରିଥାଏ। ମହାମାରୀ ସମୟରେ ହୁ ସଦସ୍ୟମାନେ ଅନ୍ତର୍ଜାତୀୟ ସ୍ତରରେ ଏହାର ପ୍ରତିରୋଧ ପାଇଁ କାର୍ଯ୍ୟ କରିଥାନ୍ତି। ଏହାଛଡ଼ା ଭବିଷ୍ୟତରେ ଆସୁଥିବା ମହାମାରୀକୁ ନେଇ ପୂର୍ବ ସୂଚନା ଦେଇଥାଏ। ହୁ ସଦସ୍ୟମାନେ ଗତ ଏପ୍ରିଲରେ ଏନେଇ ରାଜି ହୋଇଥିଲେ। ହୁ'କୁ ଆମେରିକା ପକ୍ଷରୁ ସର୍ବାଧିକ ଅର୍ଥ ଦିଆଯାଇଥାଏ। ୨୦୨୪-୨୫ରେ କୌଣସି ଅର୍ଥ ଦିଆଯାଇ ନଥିବାରୁ ସଂଗଠନର କ୍ଷତି ହୋଇଛି।

**ହୁ'କୁ ସର୍ବାଧିକ ସହାୟତା ଦେଉଥିଲା ଆମେରିକା**

ହୁ'ର ଆଇନଜୀବୀମାନେ ପ୍ରସ୍ତାବ ଦେଇଛନ୍ତି ଯେ ଆମେରିକା ଦୁଇ ବର୍ଷର ବକେୟା ଅର୍ଥକୁ ପ୍ରଦାନ କରୁ। ଏହାର ମୂଲ୍ୟ ୨୬୦ ନିୟୁତ ଡଲାର ରହିବ। ଆମେରିକା ସରକାର ହୁ'କୁ ଅର୍ଥ ଦେବାକୁ ମନା କରିଦେଇଥିବାରୁ ଏବେ ହୁ'ର ମୁଖ୍ୟାଳୟ ଜେନେଭାରେ ଆଲୋଚନା କରାଯାଇଛି। ମୁଖ୍ୟାଳୟ ଜେନେଭାରେ ଥିଲାବେଳେ ଅନେକ (୯ ପୃଷ୍ଠାରେ)

## ହିର୍ଲି ଏକଲବ୍ୟ ଆଦର୍ଶ ବିଦ୍ୟାଳୟକୁ ମିଳିବ ଜାତୀୟ ପୁରସ୍କାର

ଭୁବନେଶ୍ୱର, ୨୩।୧ (ସବ୍ୟୁ) : ସାରା ଦେଶର ୮୦୦ରୁ ଅଧିକ ବିଦ୍ୟାଳୟରେ ଅନୁଷ୍ଠିତ ମଡେଲ ଯୁବ ଗ୍ରାମସଭା କାର୍ଯ୍ୟକ୍ରମରେ ଓଡ଼ିଶାର ନବରଙ୍ଗପୁର ଜିଲ୍ଲା ହିର୍ଲିସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଦ୍ୱିତୀୟ ପୁରସ୍କାର ହାସଲ କରିଛି । ତୃଣମୂଳ ସ୍ତରରେ ଛାୟା ଗ୍ରାମସଭା ଆୟୋଜନ କରି ଏଥିରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ସାମିଲ କରିବା ଜରିଆରେ ଅଂଶଗ୍ରହଣକାରୀ ସ୍ଥାନୀୟ ପ୍ରଶାସନକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିରେ ସାରା ଦେଶରୁ ୬ଟି ଦଳ ସଫଳତା ହାସଲ କରିଛନ୍ତି। ତିନୋଟି ଜବାହର ନବୋଦୟ ବିଦ୍ୟାଳୟ ଏବଂ ତିନୋଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ଦଳକୁ ପୁରସ୍କାର ପାଇଁ ଚୟନ କରାଯାଇଛି। ଏଥିମଧ୍ୟରୁ ହିର୍ଲି ଏକଲବ୍ୟ ବିଦ୍ୟାଳୟ ମଧ୍ୟ ପୁରସ୍କାର ପାଇବାକୁ ମନୋନିତ ହୋଇଛି । ମଡେଲ ଯୁବ ଗ୍ରାମସଭା କାର୍ଯ୍ୟକ୍ରମ ଅନ୍ତର୍ଗତ ଛାୟା ଗ୍ରାମସଭା ଆୟୋଜନ କରିଥିବା ବିଦ୍ୟାଳୟଗୁଡ଼ିକ ମଧ୍ୟରେ ଶ୍ରେଷ୍ଠ ବିଦ୍ୟାଳୟକୁ ଆସନ୍ତା ୨୮ ତାରିଖରେ ଏହି ପୁରସ୍କାର ପ୍ରଦାନ କରାଯିବ।

### ଓଡ଼ିଶାରେ ଏପ୍ରିଲରୁ ଜନଗଣନା ଆରମ୍ଭ

## ୩୩ ବିନ୍ଦୁ ଉପରେ ତଥ୍ୟ ଆଣିବେ ଅଧିକାରୀ

ଭୁବନେଶ୍ୱର, ୨୩।୧ (ସବ୍ୟୁ) : ଆସନ୍ତା ଏପ୍ରିଲ ମାସରୁ ଓଡ଼ିଶାରେ ଆରମ୍ଭ ହେବ ଜନଗଣନାର ପ୍ରଥମ ପର୍ଯ୍ୟାୟ । ଏହାସହ ୨୦୨୭ ମସିହା ଫେବୃଆରୀରେ ହେବ ଜନଗଣନାର ଦ୍ୱିତୀୟ ପର୍ଯ୍ୟାୟ । ପ୍ରଥମ ପର୍ଯ୍ୟାୟରେ ଘର ଏବଂ ଆସବାବପତ୍ର ଗଣନା ହେବ। ଆଉ ଦ୍ୱିତୀୟ ପର୍ଯ୍ୟାୟରେ ଘରକୁ ଘର ହେବ ଜନଗଣନା । ୨୦୦ ଘର ପାଇଁ ଜଣେ ଜନଗଣନା ଅଧିକାରୀ ନିଯୁକ୍ତି ହେବେ ।

ଦେଶରେ ଜନଗଣନାର ପ୍ରଥମ ପର୍ଯ୍ୟାୟରେ ଘର ତାଲିକା ଓ ଗୃହ ଗଣନା ଆରମ୍ଭ ହେବ । ଏଥିପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରାଯାଇଛି। ଗାଇଡ୍‌ଲାଇନ୍‌ରେ ୩୩ ବିନ୍ଦୁ ରଖାଯାଇଛି। ପ୍ରଥମେ ଘରର ନମ୍ବର ଓ ମୁନିସିପାଲ୍ କିମ୍ବା ଆଉ କେଉଁ ଅଞ୍ଚଳରେ ରହିଛି ତାହା ରେକର୍ଡ କରାଗଲା ପରେ ଜନଗଣନା ଲାଗି ଆଉ ଏକ ଘର ନମ୍ବର ଦିଆଯିବ। ଘରର ଆକାର ନେଇ ମଧ୍ୟ ଜନଗଣନା (୯ ପୃଷ୍ଠାରେ)

## ଟଳିଲେ ଆଉ ୩ ମାଓବାଦୀ

ରାଉରକେଲା/ନବରଙ୍ଗପୁର, ୨୩।୧ (ସବ୍ୟୁ) : ସରଣ୍ଡା ଜଙ୍ଗଲରେ ଗୁରୁବାର ୧୬ ମାଓବାଦୀ ଯବାନଙ୍କ ଏନକାଉଣ୍ଟରରେ ନିହତ ହୋଇଥିବା ବେଳେ ଶୁକ୍ରବାର ପୁଣି ୩ ଜଣ ମାଓବାଦୀଙ୍କ ଗୁଳିବିଦ୍ଧ ମୃତଦେହ ଉଦ୍ଧାର କରାଯାଇଛି । ରାଉରକେଲା ସୀମାନ୍ତ ଝାଡଖଣ୍ଡ ସରଣ୍ଡା ଜଙ୍ଗଲରେ ମାଓବାଦୀଙ୍କୁ ଏନ୍‌କାଉଣ୍ଟର କରାଯାଇଥିବା ଝାଡଖଣ୍ଡ ପୋଲିସ ସୂଚନା ଦେଇଛି । ନିହତ ମାଓବାଦୀଙ୍କ ମଧ୍ୟରେ ଟପ୍ ମାଓନେତା ରାପା ମୁଣ୍ଡା ଥିବା ଜଣାପଡିଛି । ତାଙ୍କ ଘର ସୁନ୍ଦରଗଡ ଜିଲ୍ଲା ବଲାଙ୍ଗ ଥାନା ଅଞ୍ଚଳରେ । ସର୍ଚ୍ଚ ଅପରେସନ ବେଳେ ଜବତ ହୋଇଛି ବହୁ ବିସ୍ଫୋରକ ସହ ଅନେକ ମାଓ ସାମଗ୍ରୀ ।

ସେହିପରି ନବରଙ୍ଗପୁର ଜିଲ୍ଲା ରାଇଘର ସୀମାନ୍ତ ଛତିଶଗଡ଼ର ଅନ୍ତର୍ଗତ ଧମତରୀ ଜିଲ୍ଲା ପୁଲିସକୁ ମିଳିଛି ସଫଳତା। ମାଓ ପ୍ରଭାବିତ ଅଞ୍ଚଳରୁ ଧମତରୀ ଜିଲ୍ଲାରେ ମାଓବାଦୀଙ୍କ ଏକ ବଡ଼ ଗୋଷ୍ଠୀ ଆତ୍ମସମର୍ପଣ କରିଛି, ଯେଉଁଥିରେ ୯ କୁଖ୍ୟାତ (୯ ପୃଷ୍ଠାରେ)

### ଆମ ବସ୍ ଧକ୍କାରେ ବାଇକ୍ ଆରୋହୀ ଆହତ

## ତିନି ବସ୍ ଭଙ୍ଗାରୁଜା, ଲାଠିଚାର୍ଜ

ଭୁବନେଶ୍ୱର, ୨୩।୧ (ସବ୍ୟୁ) : ଆମ ବସ୍ ଧାକ୍କରେ ଜଣେ ବାଇକ୍ ଆରୋହୀ ଗୁରୁତର ଆହତ ହେବା ସହ ବାଇକ୍‌ଟି ଭାଙ୍ଗିରୁଜି ଯାଇଛି । ଏହି ଦୁର୍ଘଟଣାକୁ ନେଇ ଉତ୍ତ୍ୟକ୍ତ ଲୋକେ ତିନୋଟି ଆମ ବସ୍‌କୁ ଭଙ୍ଗାରୁଜା କରିବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା । ପୋଲିସ ଲାଠିଚାର୍ଜ କରି ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବା ପରେ ଜନପଥରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା ।

ଅପରାହ୍ନ ପ୍ରାୟ ୨ଟା ହେବ । ମାଷ୍ଟରକ୍ୟାଣ୍ଟିନ ପାଖ ୟୁକୋ ବ୍ୟାଙ୍କ ସାମ୍ନା ଜନପଥରେ ଜଣେ ବାଇକ୍ ଆରୋହୀଙ୍କୁ ଆମ ବସ୍ ଧକ୍କା ଦେଇଥିଲା। ଏହା ପରେ ଲୋକେ ପୋଲିସକୁ ଡାକିଥିଲେ । ପୋଲିସ ପହଞ୍ଚି ବୁଝାସୁଝା କରି ଦୁର୍ଘଟଣା ଘଟାଇଥିବା ବସ୍‌କୁ ଛାଡିଦେଇଥିଲା । କାରଣ ସେଥିରେ ପାସେଞ୍ଜର ଥିବାରୁ ପୋଲିସ ବସ୍‌ଟିକୁ ଅଟକାଇ ନଥିଲା । ଏହାଦ୍ୱାରା ଲୋକେ ଉତ୍ତ୍ୟକ୍ତ ହୋଇ ମାଷ୍ଟରକ୍ୟାଣ୍ଟିନ ପାଖ ବାଣୀବିହାର ଆଡକୁ ଆସୁଥିବା ରାସ୍ତା ଓ



ରାଜମହଲ ଆଡକୁ ଯାଇଥିବା ରାସ୍ତାରେ ଆମ ବସ୍‌କୁ ଜଗି ରହିଥିଲେ ।

ଗୋଟିଏ ପରେ ଗୋଟିଏ ଆମ ବସ୍ ଆସିବା କ୍ଷଣି ଭାଙ୍ଗିବା ଆରମ୍ଭ କରିଥିଲେ। ପ୍ରଥମ ବସ୍‌କୁ ଢେଲା, ପଥର ଓ କାଠ ଫାଳିଆରେ ବାଡେଇ କବାଟ, ଝରକା ପ୍ରଭୃତି ଭାଙ୍ଗି ଚୁରମାର କରିଦେଲେ। ଭୟରେ ଡ୍ରାଇଭର ଓ ଯାତ୍ରୀମାନେ ଓହ୍ଲାଇଗଲେ। ଏହାପରେ ଦ୍ୱିତୀୟ ଓ ତୃତୀୟ ବସ୍‌କୁ ମଧ୍ୟ ଟେକା ପଥର ମାରି ଭଙ୍ଗାରୁଜା କଲେ । ଏହି ମାତ୍ରାଧିକ କାର୍ଯ୍ୟ ସମ୍ପର୍କରେ ଡିସିପି ଜଗମୋହନ ମିନା ଖବର ପାଇ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ । ଲୋକଙ୍କୁ ବୁଝାସୁଝା କରିଥିଲେ ମଧ୍ୟ ସେମାନେ ବୁଝିବା ପରିବର୍ତ୍ତେ ପୋଲିସକୁ ଜବାବ ଦେଇ ଗାଳିଗୁଲଜ କଲେ । ଏପରିକି ବସ୍ ଉପରକୁ ଯେଉଁ ଟେକା ପଥର ପିଙ୍ଗୁଥିଲେ ତାହା ପୋଲିସଙ୍କ ଦେହରେ ବାଜିଲା । ପରିସ୍ଥିତି (୯ ପୃଷ୍ଠାରେ)

## ସେନା ଗୁଳିରେ ଜଣେ ଆତଙ୍କୀ ନିହତ

ନୂଆଦିଲ୍ଲୀ, ୨୩।୧ : ଜାମ୍ମୁ-କାଶ୍ମୀରର କାଠୁଆଠାରେ ସର୍ଚ୍ଚ ଅପରେସନ ସମୟରେ ଜଣେ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଛନ୍ତି। ସେନା ଓ ପୋଲିସ ପକ୍ଷରୁ ଚାଲିଥିବା ମିଳିତ ଅପରେସନରେ ଜୈସ-ଇ-ମହମ୍ମଦ ସଂଗଠନର ଆତଙ୍କବାଦୀ ମୃତ୍ୟୁବରଣ କରିଛି ।

ଏହି ଅପରେସନ ଗୁଇନ୍ଦା ବିଭାଗର ତଥ୍ୟ ଆଧାରରେ ବିଲୱାର ଅଞ୍ଚଳରେ ଆରମ୍ଭ କରାଯାଇଥିଲା। ସୁରକ୍ଷାବଳ ସମଗ୍ର ଅଞ୍ଚଳକୁ ନାକାବନ୍ଦୀ କରିଥିଲେ। ଆତଙ୍କବାଦୀ ସହ ସମ୍ପର୍କ ସ୍ଥାପନ କରାଯାଇଥିଲା ଓ ପରେ ଚାଲିଥିବା ଅପରେସନରେ ତା'ର ମୃତ୍ୟୁ ଘଟିଥିଲା। ସେନା ଓ ସିଆରପିଏଫ୍ ପକ୍ଷରୁ ମିଳିତ ଅପରେସନ ଆରମ୍ଭ ହୋଇଥିଲା। ଗୁରୁବାର ଏକ ସୈନିକ ଏନ୍‌କାଉଣ୍ଟରରେ ଆହତ ହୋଇଥିଲେ। ଖିସ୍ତିୱାର ଜିଲ୍ଲାର ଛତ୍ରୋ ଅଞ୍ଚଳରେ ଏହି ଅପରେସନ ଆରମ୍ଭ ହୋଇଥିଲା। ପାକିସ୍ତାନୀ ଆତଙ୍କବାଦୀ ଓ ସୁରକ୍ଷାବଳଙ୍କ ମଧ୍ୟରେ ସେଠାରେ ଗୁରୁବାର ସକାଳେ ଗୁଳି ବିନିମୟ ହୋଇଥିଲା। ଗୁଳି ବିନିମୟରେ ସେନାର ଏକ ଯବାନ ଆହତ ହୋଇଥିଲେ। ତାଙ୍କୁ ଉଦାମପୁର କମାଣ୍ଡୋ ହସ୍ପିଟାଲକୁ ଏୟାର ଲିଫ୍ଟ କରାଯାଇଥିଲା। ଜାନୁଆରୀ ୧୮ ଓ ୧୯ରେ ସ୍ୱତନ୍ତ୍ର ଫୋର୍ସର କମାଣ୍ଡୋମାନେ ଏହି ଅଞ୍ଚଳରେ ପ୍ରବେଶ କରିଥିଲେ। ସିଂପୁରା ଅଞ୍ଚଳରେ ଗୁଳି ବିନିମୟରେ ୮ ଯବାନ ଆହତ ହୋଇଥିଲେ। ତେବେ ଆଜି ସକାଳୁ ବଡ଼ଧରଣର ଅପରେସନ ଆରମ୍ଭ ହୋଇଥିଲା। ଏଥିରେ ଆତଙ୍କବାଦୀ ପ୍ରାଣ ହରାଇଛି।

## ରାଜ୍ୟସଭା ନିର୍ବାଚନରେ ପ୍ରାର୍ଥୀ ଦେବ କଂଗ୍ରେସ

ଭୁବନେଶ୍ୱର, ୨୩।୧ (ସବ୍ୟୁ): ଆଗାମୀ ରାଜ୍ୟସଭା ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ଦେବ। ଏନେଇ ଦଳର ହାଇକମାଣ୍ଡଙ୍କ ସହ ଆଲୋଚନା କରାଯିବ। ଦଳ ଭିତରୁ ଯଦି ନହୁଏ, ତେବେ ଦଳ ଜଣେ ପ୍ରାର୍ଥୀଙ୍କୁ ସମର୍ଥନ କରିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ ସୂଚନା ଦେଇଛନ୍ତି।

ଭକ୍ତଙ୍କର ଏହି ସୂଚନା ପରେ ରାଜ୍ୟସଭା ନିର୍ବାଚନ ନେଇ ଚାଲିଥିବା ଅଙ୍କ ଟିକେ ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରିଛି। ଆଶା କରାଯାଉଥିଲା ଯେ ସଂଖ୍ୟା ଦୃଷ୍ଟିରୁ କଂଗ୍ରେସ ପ୍ରାର୍ଥୀ ଦେଇ ନପାରେ। ଏହାଛଡ଼ା ବିଜେଡି ମଧ୍ୟ ଗୋଟିଏ ପ୍ରାର୍ଥୀ ଦେଇ ସନ୍ତୁଷ୍ଟ ରହିବ। ତେବେ କଂଗ୍ରେସ ଯଦି ପ୍ରାର୍ଥୀ ଦିଏ, ତାହାଲେ ରାଜ୍ୟସଭା ପାଇଁ ନିର୍ବାଚନ ହେବା ଏକରକମ ସ୍ପଷ୍ଟ ହୋଇଯିବ। ନିର୍ବାଚନ ଜିତିବା ପାଇଁ କଂଗ୍ରେସ ପାଖରେ ଆବଶ୍ୟକ ଅନୁଯାୟୀ ବିଧାୟକଙ୍କ ସଂଖ୍ୟା ନାହିଁ। ହେଲେ ନାମାଙ୍କନ ପାଇଁ ଆବଶ୍ୟକ ପଡୁଥିବା



୧୦ ବିଧାୟକ କଂଗ୍ରେସ ନିକଟରେ ରହିଛି। ଏଥର ବିଧାନସଭାରେ କଂଗ୍ରେସ ବିଧାୟକଙ୍କ ସଂଖ୍ୟା ୧୪ ହୋଇଥିଲା ବେଳେ ସିପିଏମ୍‌ର ଜଣେ ବିଧାୟକ ଅଛନ୍ତି। କଂଗ୍ରେସ ସହ ବାମପନ୍ଥୀଙ୍କ ମେଣ୍ଟ ଥିବାରୁ ସିପିଏମ୍ ବିଧାୟକଙ୍କ ସମର୍ଥନ କଂଗ୍ରେସକୁ ମିଳିପାରେ। ବିଜେଡିର ମୁନ୍ନା ଖାଁ ଓ ନିରଞ୍ଜନ ବିଶିଙ୍କ ରାଜ୍ୟସଭା ଖାଲି ହେଉଥିବା ୪ ଆସନ ଲାଗି ଜଣେ ପ୍ରାର୍ଥୀଙ୍କୁ ପ୍ରଥମ ପସନ୍ଦର ୩୦ ଭୋଟ ଆବଶ୍ୟକ। ବିଜେପିର ବିଧାୟକଙ୍କ ସଂଖ୍ୟା ୭୯ ହୋଇଥିବାବେଳେ ୩ ସ୍ୱାଧୀନ ବିଧାୟକ ସହଯୋଗୀ ଅଛନ୍ତି। ୨ ଜଣ ପ୍ରାର୍ଥୀଙ୍କୁ ବିଜେପି ଅନାୟସରେ ରାଜ୍ୟସଭାକୁ ପଠାଇ ପାରିବ। ପ୍ରଥମ ପସନ୍ଦ ଭୋଟ ୬୦ ଗଲା ପରେ ବିଜେପି ନିକଟରେ ଆଉ ୨୨ଟି ଭୋଟ ରହିଛି। ଆଉ ୮ ବିଧାୟକଙ୍କ ସମର୍ଥନ ଆବଶ୍ୟକ ରହିଛି। ସେହଭଳି ବିଜେଡିର ବିଧାୟକଙ୍କ ସଂଖ୍ୟା ୪୮ ରହିଛି। ଦୁଇ

■ **ପାଞ୍ଚଜଣ ପ୍ରାର୍ଥୀ ହେଲେ ନିର୍ବାଚନ ନିଶ୍ଚିତ**

■ **ତିନି ରାଜ୍ୟସଭା ଆସନ ଜିତିବୁ : ପୃଥ୍ୱୀରାଜ**

ସଦସ୍ୟ କାର୍ଯ୍ୟକାଳ ସରୁଥିବାବେଳେ ବିଜେପିର ମମତା ମହାନ୍ତ ଓ ସୁଜିତ କୁମାର କାର୍ଯ୍ୟକାଳ ଶେଷ ହେଉଛି। ବିଧାୟକଙ୍କୁ ବିଜେଡି ନିଲମ୍ବନ କରିଛି। ସଂଖ୍ୟା ଦୃଷ୍ଟିରୁ ବିଜେଡିର ଜଣେ ସଦସ୍ୟ ରାଜ୍ୟସଭାକୁ (୯ ପୃଷ୍ଠାରେ)

### ମହାନଦୀ କମିଟି ବୈଠକ

## ପୂର୍ବ ସରକାର ଉପରେ ଦୋଷ ଲଦିଲେ ରାଜସ୍ୱମନ୍ତ୍ରୀ

ଭୁବନେଶ୍ୱର, ୨୩।୧ (ସବ୍ୟୁ): ମହାନଦୀ ସମସ୍ୟା ପାଇଁ ପୂର୍ବ ବିଜେଡି ସରକାରକୁ ଦାୟୀ କରିଛନ୍ତି ରାଜସ୍ୱ ମନ୍ତ୍ରୀ। ମହାନଦୀ ଟ୍ରିବ୍ୟୁନାଲ ଗଠନରେ ପୂର୍ବ ସରକାର ବିଳମ୍ବ କରିଥିଲେ ଓ ଛତିଶଗଡ଼ର ବ୍ୟାରେଜ୍ ନିର୍ମାଣକୁ ସେ ସମୟରେ ବିରୋଧ ମଧ୍ୟ କଲେ ନାହିଁ। କେନ୍ଦ୍ର ସରକାର ଟ୍ରିବ୍ୟୁନାଲ ଅବଧି ଦେଢ଼ବର୍ଷରୁ ୫ ବର୍ଷ ବଢ଼ାଇଲେ। ଓଡ଼ିଶା କେବଳ କେବଳ ଗୋଟିଏ ସାକ୍ଷୀକୁ ଟ୍ରିବ୍ୟୁନାଲରେ ଉପସ୍ଥାପନ କରିଥିଲା ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି।



ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ମହାନଦୀ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ମହାନଦୀ ଟ୍ରିବ୍ୟୁନାଲର ଅବଧି ବୃଦ୍ଧି ନେଇ ବୈଠକରେ ଆଲୋଚନା କରାଯାଇଥିଲା। ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ମୁଖ୍ୟସଚିବ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବୈଠକରେ ରାଜସ୍ୱ ମନ୍ତ୍ରୀ କହିଥିଲେ ଯେ ଓଡ଼ିଶା ବିରୋଧରେ ଛତିଶଗଡ଼ ବ୍ୟବହାର କରୁଥିବା ଅସ୍ତ୍ର ପୂର୍ବ ସରକାର ଦେଇଛନ୍ତି। ଉତ୍ତରାଧିକାରୀ ସୂତ୍ରରେ ଆମେ ମହାନଦୀ ସମସ୍ୟା ପାଇଛୁ। ୨୦୧୪ରୁ ୨୦୨୨ ପର୍ଯ୍ୟନ୍ତ ଛତିଶଗଡ଼ ସରକାର ଶତାଧିକ ବ୍ୟାରେଜ ନିର୍ମାଣ କଲେ। ସେ ସମୟରେ ବିରୋଧ କରାଗଲା ନାହିଁ। ଟ୍ରିବ୍ୟୁନାଲରେ କେବଳ ଗୋଟିଏ ସାକ୍ଷୀ ଉପସ୍ଥାପନ କରାଗଲା। ୨୧ ଜଣଙ୍କ ତାଲିକା ଦିଆଯାଇଥିଲା। ସାକ୍ଷ୍ୟ ଗ୍ରହଣ (୯ ପୃଷ୍ଠାରେ)

**ଶୀତଦିନ ଶେଷ ହେବା ପରେ ଆମ ଶରୀର ଓ ଚର୍ମରେ ଅନେକ ପରିବର୍ତ୍ତନ ଦେଖାଦେଇଥାଏ । ତେଣୁ ଏହି ସମୟରେ ସ୍ୱାସ୍ଥ୍ୟର ସଠିକ୍ ଯତ୍ନ ନେବା ନିହାତି ଜରୁରୀ । ଆସନ୍ତୁ ସେହିଭଳି କିଛି ଟ୍ରିକ ସମ୍ପର୍କରେ ଜାଣିବା ଯାହାକୁ ଆପଣାଇ ଆପଣ ନିଜ ସ୍ୱାସ୍ଥ୍ୟର ଯତ୍ନ ନେଇପାରିବେ ।**



**ତ୍ୱଚାର ମୃତକୋଷ ସଫା କରିବା :** ଶୀତଦିନେ ଥଣ୍ଡା ପବନ ଯୋଗୁଁ ତ୍ୱଚାରେ ଅଧିକ ମୃତକୋଷ ଜମିଯାଇଥାଏ, ଯାହା ଚର୍ମକୁ ରୁକ୍ଷ କରିଦିଏ। ଏହାକୁ ଦୂର କରିବା ପାଇଁ ଏକ ଭଲ ସ୍କ୍ରବ୍ ସାହାଯ୍ୟରେ ତ୍ୱଚାକୁ ସଫା କରିବା ଉଚିତ୍। ଏହାଦ୍ୱାରା ଚର୍ମର ରନ୍ଧ୍ରଗୁଡ଼ିକ ଖୋଲିଯାଏ ଏବଂ ନୂତନ କୋଷ ସୃଷ୍ଟି ହେବାରେ ସାହାଯ୍ୟ ମିଳେ । ମୃତକୋଷ ବାହାରିଗଲେ ତ୍ୱଚାର ପ୍ରାକୃତିକ ଚମକ ଫେରିଆସିଥାଏ। ଘରୋଇ ଉପଚାର ଭାବେ ଚିନି ଓ ମହୁର ମିଶ୍ରଣ ମଧ୍ୟ ବ୍ୟବହାର କରାଯାଇପାରିବ ।

ଜଳୀୟ ଅଂଶ : ଶୀତଦିନ ପରେ ଖରା ବଢ଼ିବା ସହିତ ଶରୀରରୁ ଝାଳ ମାଧ୍ୟମରେ ଜଳୀୟ ଅଂଶ କମିବାକୁ ଲାଗିଥାଏ । ତେଣୁ ଦିନକୁ ଅତି କମରେ ୩ ରୁ ୪ ଲିଟର ପାଣି ପିଇବା ଅଭ୍ୟାସ କରନ୍ତୁ । ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ଶରୀରର ବିଷାକ୍ତ ପଦାର୍ଥ ବାହାରିଯାଏ ଏବଂ ତ୍ୱଚା ସତେଜରହେ । ପାଣି ସହିତ ନଡ଼ିଆ ପାଣି ବା ଲେମ୍ବୁ ସରବତ ମଧ୍ୟ ପିଇପାରିବେ । ଏହା ଶରୀରକୁ ଭିତରୁ ଆର୍ଦ୍ର ରଖିବାରେ ସାହାଯ୍ୟ କରିଥାଏ ।

ସନସ୍କ୍ରିନର ବ୍ୟବହାର : ଶୀତ ପରେ ଖରାର ପ୍ରଖରତା ବଢ଼ିଥାଏ, ଯାହା ତ୍ୱଚାକୁ କ୍ଷତି ପହଞ୍ଚାଇପାରେ । ଘରୁ ବାହାରକୁ ଯିବା ପୂର୍ବରୁ ସନସ୍କ୍ରିନ ବ୍ୟବହାର କରନ୍ତୁ । ଏହା ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମିରୁ ତ୍ୱଚାକୁ ସୁରକ୍ଷା ଦେଇଥାଏ । କେବଳ ମୁହଁ ନୁହେଁ, ହାତ ଏବଂ ବେକରେ ମଧ୍ୟ ସନସ୍କ୍ରିନ ଲଗାଇବା ଜରୁରୀ ।

ଖାଦ୍ୟପେୟରେ ପରିବର୍ତ୍ତନ : ଋତୁ ପରିବର୍ତ୍ତନ ସମୟରେ ଶରୀରକୁ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରୁଥିବା ଖାଦ୍ୟ ଦରକାର । ଏହି ସମୟରେ ଅଧିକ ଶାଗ, ପନିପରିବା ଏବଂ ପାଣି ଜାତୀୟ ଫଳ ଯଥା ତରଭୁଜ କିମ୍ବା କାକୁଡ଼ି ଖାଆନ୍ତୁ । ମସଲାଯୁକ୍ତ ଓ ତେଲିଆ ଖାଦ୍ୟଠାରୁ ଦୂରେଇ ରହିବା ସ୍ୱାସ୍ଥ୍ୟ ପାଇଁ ହିତକର । ଭିଟାମିନ୍ ସି ଯୁକ୍ତ ଫଳ ଖାଇବା ଦ୍ୱାରା ଚର୍ମ ଉଜ୍ଜ୍ୱଳ ହୁଏ । ସନ୍ତୁଳିତ ଆହାର ଆପଣଙ୍କୁ ଦିନସାରା ସକ୍ରିୟ ରଖିବାରେ ସାହାଯ୍ୟ କରିବ ।

ସୂତା ପୋଷାକ : ଶୀତ ଯିବା ପରେ ଉଲ୍ ପୋଷାକ ପରିବର୍ତ୍ତେ ହାଲୁକା ସୂତା ପୋଷାକ ପିନ୍ଧିବା ଆରମ୍ଭ କରନ୍ତୁ। ସୂତା ପୋଷାକ ଝାଳକୁ ଶୁଖାଇଦେଇଥାଏ ଏବଂ ଶରୀରକୁ ବାୟୁ ଚଳାଚଳରେ ସାହାଯ୍ୟ କରେ । ଏହାଦ୍ୱାରା ଚର୍ମରେ କୌଣସି ପ୍ରକାରର ଆଲର୍ଜି ହେବାର ଭୟ ରହେନାହିଁ । ଗାଢ଼ ରଙ୍ଗ ପରିବର୍ତ୍ତେ ହାଲୁକା ରଙ୍ଗର ପୋଷାକ ପିନ୍ଧିଲେ ତାପମାତ୍ରା କମ୍ ଅନୁଭୂତ ହୁଏ । ସଠିକ୍ ପୋଷାକ ଚୟନ ଆପଣଙ୍କୁ ଆରାମଦାୟକ ଅନୁଭବ ଦେଇଥାଏ।

## ଶୀତପରବର୍ତ୍ତୀ ସ୍ୱାସ୍ଥ୍ୟ ଯତ୍ନ




## ସୋସିଆଲ କୋଟ୍ସ



ଫିଲ୍ମ ପାଇଁ ଖୁବ ଗର୍ବ ଅନୁଭବ ହେଉଛି । ନୀରଜ ଘାୟବାନ ତୁମେ ଖୁବ ଭଲ କାମ କରିଛ । ଓସ୍କାର ଦୌଡ଼ରୁ ବାଦ ପଡିଲେ ମଧ୍ୟ ଏହା ଆମ ମାନଙ୍କ ପାଇଁ ଗର୍ବ । ମୋତେ ଏଥିରେ ଅଂଶୀଦାର କରିଥିବାରୁ ଧନ୍ୟାବାଦ ।

କରଣ ଜୋହର, ଫିଲ୍ମମେକର



ହରଭଜନ ମୋ ପୋଷ୍ଟର ଦେଖି ମୋତେ ଭଲପାଇ ବସିଥିଲେ । ଆମ ସମ୍ପର୍କରେ ଯୁବରାଜ ସିଂଙ୍କର ଖୁବ ଯୋଗଦାନ ରହିଛି । ତାଙ୍କ ସହାୟତାରେ ଆମ ଭିତରେ ଫ୍ରେଣ୍ଡସିପ ଆରମ୍ଭ ହୋଇଥିଲା ।

ଗୀତା ବସରା, ଅଭିନେତ୍ରୀ



ଖୁବଶୀଘ୍ର ଫର୍ଜି ୨ର ସୁଟିଂ ଆରମ୍ଭ ହେବ । ପୂର୍ବ ଅପେକ୍ଷା ଏଥର କାହାଣୀ ଆହୁରି ଦମଦାର ଓ ଡ୍ରାମାଟିକ ହେବ । ଦର୍ଶକଙ୍କୁ ଖୁବ ପସନ୍ଦ ଆସିବ ବୋଲି ଆଶା ରହିଛି ।

ସାହିଦ କପୁର, ଅଭିନେତା

# ଜାତୀୟ କନ୍ୟାସନ୍ତାନ ଦିବସ

ଭାରତରେ ପ୍ରତିବର୍ଷ ଜାନୁଆରୀ ୨୪ ତାରିଖକୁ 'ଜାତୀୟ କନ୍ୟା ସନ୍ତାନ ଦିବସ' ଭାବେ ଅତ୍ୟନ୍ତ ଗୁରୁତ୍ୱର ସହ ପାଳନ କରାଯାଇଥାଏ । ୨୦୦୮ ମସିହାରେ ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ଏହି ଦିବସର ଶୁଭାରମ୍ଭ କରାଯାଇଥିଲା । ଏହି ପାଳନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କନ୍ୟା ସନ୍ତାନମାନଙ୍କୁ ସମାଜରେ ସମ୍ମାନଜନକ ସ୍ଥାନ ପ୍ରଦାନ କରିବା ଏବଂ ସେମାନଙ୍କ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା । ଆମ ସମାଜରେ ଆଜି ବି ଅନେକ ସ୍ଥାନରେ କନ୍ୟା ସନ୍ତାନମାନେ ବିଭିନ୍ନ ପ୍ରକାରର ଅସମାନତା ଏବଂ ଭେଦଭାବର ଶିକାର ହେଉଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିସାର ଏବଂ ସୁରକ୍ଷା କ୍ଷେତ୍ରରେ ସେମାନେ ସମ୍ମୁଖୀନ ହେଉଥିବା ବାଧାବିଘ୍ନଗୁଡ଼ିକୁ ଦୂର କରିବା ଏବଂ ସେମାନଙ୍କୁ ପୁଅମାନଙ୍କ ପରି ସମାନ ସୁଯୋଗ ଯୋଗାଇଦେବା ଏହି ଦିବସ ପାଳନର ଏକ ମୁଖ୍ୟ ଲକ୍ଷ୍ୟ । ଏହି ଦିବସ ପାଳନ ମାଧ୍ୟମରେ ସମାଜରେ ପ୍ରଚଳିତ ଲିଙ୍ଗଗତ ବୈଷମ୍ୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରାଯାଏ । କନ୍ୟା ଭ୍ରୂଣ ହତ୍ୟା ପରି ଜଘନ୍ୟ ଅପରାଧକୁ ରୋକିବା ପାଇଁ ସରକାର 'ବେଟି ବଚାଓ, ବେଟି ପଢ଼ାଓ' ଭଳି ଅନେକ କଲ୍ୟାଣକାରୀ ଯୋଜନା ପ୍ରଣୟନ କରିଛନ୍ତି । ଜଣେ ଝିଅ ଶିକ୍ଷିତ ହେଲେ ସେ କେବଳ ନିଜ ପରିବାର ନୁହେଁ, ବରଂ ସମଗ୍ର ସମାଜ ଓ ଦେଶର ଉନ୍ନତିରେ ସହାୟକ ହୋଇଥାଏ। ଆଜିର ଯୁଗରେ ଝିଅମାନେ କୌଣସି ଗୁଣରେ ପୁଅମାନଙ୍କଠାରୁ କମ୍ ନୁହନ୍ତି, ସେମାନେ ମହାକାଶ ବିଜ୍ଞାନଠାରୁ ଆରମ୍ଭ କରି କ୍ରୀଡ଼ା, ରାଜନୀତି ଏବଂ ବାଣିଜ୍ୟ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନିଜର ପାରଦର୍ଶିତା ପ୍ରତିପାଦନ କରିସାରିଛନ୍ତି ।



## ଇତିହାସ

୧୮୨୬- ପ୍ରଥମ ଭାରତୀୟ ବାରିଷ୍ଟର ଜ୍ଞାନେନ୍ଦ୍ର ମୋହନ ଟାଗୋରଙ୍କ ଜନ୍ମ ।

୧୮୫୭- କୋଲକାତା ବିଶ୍ୱବିଦ୍ୟାଳୟର ସ୍ଥାପନା କରାଗଲା ।

୧୮୫୯-୨୩୦ ମିଟର ଗଭୀର କୂଅକୁ ଖୋଳିବା ପରେ ପ୍ରଥମଥର ପାଇଁ କୂଅ ମଧ୍ୟରୁ ତେଲ ବାହାର କରାଗଲା ।

୧୯୫୦- ସମ୍ବିଧାନ ସଭାରେ ଡ. ରାଜେନ୍ଦ୍ର ପ୍ରସାଦଙ୍କୁ ଦେଶର ପ୍ରଥମ ରାଷ୍ଟ୍ରପତି ଭାବେ ଚୟନ କରାଗଲା ।

୧୯୫୦- ଜନ-ଗଣ-ମନକୁ ରାଷ୍ଟ୍ରୀୟ ସଙ୍ଗୀତ ରୂପେ ମାନ୍ୟତା ମିଳିଲା ।

୧୯୫୧- ପ୍ରେମ ମାଥୁର ଦେଶର ପ୍ରଥମ ମହିଳା ବାଣିଜ୍ୟିକ ପାଇଲଟ୍ ହେଲେ ।

୧୯୫୨- ମୁମ୍ବାଇରେ ପ୍ରଥମ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲର ଆୟୋଜନ କରାଗଲା ।

୧୯୬୫- ବ୍ରିଟେନର ପ୍ରଧାନମନ୍ତ୍ରୀ ନଷ୍ଟନ ଚର୍ଚ୍ଚିଲଙ୍କ ପରଲୋକ ।

୨୦୦୦- ନିର୍ବାଚନରେ ଦଳିତଙ୍କ ଆକ୍ଷରଣକୁ ୧୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ରାଷ୍ଟ୍ରପତିଙ୍କ ମଞ୍ଜୁରୀ ।

୨୦୧୧- ଭାରତରତ୍ନ ସମ୍ମାନିତ ପ୍ରସିଦ୍ଧ ଶାସ୍ତ୍ରୀୟ ଗାୟକ ପଣ୍ଡିତ ଭୀମସେନ ଯୋଶୀଙ୍କ ଦେହାନ୍ତ ।



## ଆତ୍ମବିଶ୍ୱାସ ହିଁ ସଫଳତାର ଚାବିକାଠି

ଦିନଥିଲା ତାଙ୍କର ଉଚ୍ଚତା ଓ ରଙ୍ଗ ପାଇଁ ଖୁବ କଟାକ୍ଷର ସାମନା କରୁଥିଲେ ରାଣୀ ମୁଖାର୍ଜି । ହେଲେ ସେ ଆଜି ବଲିଉଡର ଜଣେ ଲେଡି ସୁପରଷ୍ଟାର । ପିତାଙ୍କର କଡା ବିରୋଧ, ଇଣ୍ଡଷ୍ଟ୍ରୀରେ ମଜାକ ଓ ଆର୍ଥିକ ସମସ୍ୟା ଏଭଳି ଅନେକ ବାଧା ବିଘ୍ନକୁ ଏଡାଇ ନିଜର ଆତ୍ମବିଶ୍ୱାସ ଉପରେ ଭରଷା କରି ଆଗକୁ ବଢିଥିଲେ ରାଣୀ ମୁଖାର୍ଜି। ଏହି ଆତ୍ମବିଶ୍ୱାସ ତାଙ୍କୁ ରାଷ୍ଟ୍ରୀୟ ଚଳଚ୍ଚିତ୍ର ପୁରସ୍କାର ଜିତାଇବାରେ ସମର୍ଥ କରିଥିଲା । ଦିନେ ଫିଲ୍ମରୁ ରିଜେକ୍ଟ ହେଉଥିବା ରାଣୀ ବର୍ତ୍ତମାନ ନିଜ ଫିଲ୍ମ ମର୍ଦ୍ଦାନି ପାଇଁ ଖୁବ ଚର୍ଚ୍ଚା ସାଉଁଟିବାରେ ଲାଗିଛନ୍ତି। ଏଥିରେ ତାଙ୍କର ଏକ ଭିନ୍ନ ଅନ୍ଦାଜକୁ ଦର୍ଶକ ଦେଖିବାକୁ ପାଇବେ । ପୂର୍ବଭାଗ ଭଳି ଚଳିତ ଭାଗରେ ମଧ୍ୟ ରାଣୀଙ୍କର ଆକସନ୍ ଦେଖିବାକୁ ମିଳିବ । ଦର୍ଶକ ରାଣୀଙ୍କର ଦମଦାର ଆକସନ୍ ଦେଖିବାକୁ ଖୁବ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି। ଫିଲ୍ମଟି ବ୍ଲକବଷ୍ଟର ଲିଷ୍ଟରେ ସାମିଲ ହେବ ବୋଲି ମେକର୍ସ ଆଶା ରଖିଛନ୍ତି ।

## ଅପରିଷ୍କାର ଗାଡ଼ି ଚଳାଇଲେ ଜରିମାନା

ଆବୁଧାବିରେ ଆଉ ଗଡିବନି ଅପରିଷ୍କାର ଗାଡି । ନିକଟରେ ସୂଚନା ଅନୁସାରେ ୟୁଏଇରେ ଅପରିଷ୍କାର ଗାଡି ଚଳାଇଲେ ମୋଟା ଅଙ୍କର ଜରିମାନା ଦେବାକୁ ହେବ । ମୁନିସିପାଲଟି ପକ୍ଷରୁ ଏହି ନୂଆ ନିୟମ ବର୍ତ୍ତମାନ ସେଠାରେ ଲାଗୁ କରାଯାଇଛି । ଧୂଳି ମାଟି ହେଉ କିମ୍ବା ପଙ୍କ ଛିଟାରେ ଅପରିସ୍କାର ହୋଇଥିବା ଗାଡି ସହରର ସୌନ୍ଦର୍ଯ୍ୟକୁ ନଷ୍ଟ କରିଥାଏ, ତେଣୁ ଏହି ଗାଡି ସହରରେ ଗଡିବା ମନା । ସେହିଭଳି ଏଥିପାଇଁ ବିଭିନ୍ନ ପ୍ରକାରର ଜରିମାନା ଧାର୍ଯ୍ୟ କରାଯାଇଛି। ପ୍ରଥମଥର ପାଇଁ ୧୨ ହଜାର, ଦ୍ୱିତୀୟ ଥର ପାଇଁ ୨୪ ହଜାର ଓ ତୃତୀୟ ଥର ପାଇଁ ୫୦ ହଜାର ଟଙ୍କାର ଜରିମାନା ଦେବାକୁ ହେବ। ତେବେ ଯଦି ଗାଡି ଅଧିକ ଅପରିଷ୍କାର ହୋଇଛି ତେବେ ଅଧିକ ଜରିମାନ ଅର୍ଥାତ ଲକ୍ଷାଧିକ ଟଙ୍କା ଦେବାକୁ ହେବ ।

## ଉପଗ୍ରହକୁ ଜଗିବେ ବଡିଗାର୍ଡ

ଆକାଶରେ ଥିବା ଉପଗ୍ରହ ବା ସାଟେଲାଇଟକୁ ବର୍ତ୍ତମାନ ବଡିଗାର୍ଡମାନେ ଜଗିବେ । ନିକଟରେ ଏକ ଭାରତୀୟ ସାଟେଲାଇଟ ପଡୋଶୀ ଦେଶର ସାଟେଲାଇଟ ସହିତ ବାଡେଇ ହେବାରୁ ବଞ୍ଚିଛି । ପୃଥିବୀର ଅର୍ବିଟରେ ହଜାର ଆକ୍ଟିଭ ସାଟେଲାଇଟ ରହିଛନ୍ତି । ଏହାସହ ଅନେକ ଦେଶ ନିଜନିଜର ସ୍ୱାଏ ସାଟେଲାଇଟ ମଧ୍ୟ ମହାକାଶକୁ ଛାଡୁଛନ୍ତି । ତେଣୁ ମହାକାଶରେ ଥିବା ଉପଗ୍ରହଙ୍କର ସୁରକ୍ଷା କରିବାର ବେଶି ଆବଶ୍ୟକତା ରହିଛି । ତେବେ ଏହି ସାଟେଲାଇଟ ଗୁଡିକଙ୍କର ସୁରକ୍ଷା କୌଣସି ମଣିଷ ନୁହେଁ ବରଂ ଅନ୍ୟ ସାଟେଲାଇଟକୁ ବଡିଗାର୍ଡ କରି ଛାଡିବ । ଏହି ମିଶନ ଅଧୀନରେ ୫୦ରୁ ଅଧିକ ଜାସୁସ ସାଟେଲାଇଟକୁ ଲଞ୍ଚ କରାଯିବା ନେଇ ସୂଚନା ମିଳିଛି । ଏହାଦ୍ୱାରା ଅନେକ ସଫଳତା ମିଳିବ ବୋଲି ବୈଜ୍ଞାନିକମାନେ ଆଶା ରଖିଛନ୍ତି ।



**ମାଘମାସ ଶୁକ୍ଳପକ୍ଷ, ଷଷ୍ଠୀ**
**୨୪.୧.୨୦୨୬ ଶନିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

**ମେଷ-** ମନସ୍ତାପ, କିଛି କାର୍ଯ୍ୟରେ ବିରୋଧ, ଲୋକସମ୍ପର୍କ ବୃଦ୍ଧି, ସୁମିଷ୍ଟ ଭୋଜନ, ଅର୍ଥ ସମସ୍ୟା, ଦାମ୍ପତ୍ୟ ଖୁସି, ନୂତନ ଯୋଜନାରେ ଲାଭ, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା- ମା କନକଲକ୍ଷ୍ମୀ ।

**ବୃଷ-** ପଦମର୍ଯ୍ୟାଦା ବୃଦ୍ଧି, ଅର୍ଥ ସମସ୍ୟା ସମାଧାନ, ନୂତନ କାର୍ଯ୍ୟ ଆରମ୍ଭ, ଦେବଦର୍ଶନ, ବନ୍ଧୁଲାଭ, ଶୁଭକାର୍ଯ୍ୟରେ ଧନବ୍ୟୟ, ପାରିବାରିକ ସହଯୋଗ, କର୍ମକ୍ଷେତ୍ରେ ବହୁ ପରିଶ୍ରମ, ଶତ୍ରୁ ସମସ୍ୟା, ବାଣିଜ୍ୟରେ ସ୍ୱଳ୍ପ ଲାଭ, ଶରୀର ସୁସ୍ଥ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା- ମା ଭଗବତୀ ।

ମିଥୁନ- ଶତ୍ରୁ ପରାଜୟ, ଉଚ୍ଚଆଶା ସଫଳ, ବନ୍ଧୁଗୃହେ ଯାତ୍ରା, ଲୋକସମ୍ପର୍କ ବୃଦ୍ଧି, ଦୂରଯାତ୍ରା, ଅର୍ଥଲାଭ, ଭୂସମ୍ପତ୍ତି ଲାଭ, ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହଯୋଗ, କଚେରି ମାମଲାରେ କଷ୍ଟ, ଶତ୍ରୁ ସମସ୍ୟା, ବିଦ୍ୟାରେ ସଫଳତା, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା- ଭଗବାନ ଶଙ୍କର ।

କର୍କଟ-ସମସ୍ୟା ସମାଧାନ, ଉଚିତ କାର୍ଯ୍ୟ ପ୍ରତି ଅନାଗ୍ରହ, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ସାହାଯ୍ୟ, ଧନପ୍ରାପ୍ତି, ଗୃହେ ଉତ୍ସବ, ଶରୀର ଅସୁସ୍ଥ, ବନ୍ଧୁମିଳନ, ପାରିବାରିକ ସହଯୋଗ, ବିଦ୍ୟାରେ ସଫଳତା, ଅଶ୍ଳେଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଦାମି, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ ।

ସିଂହ- ଯାନବାହନରେ ସତର୍କ, ମାନସିକ କଷ୍ଟ, ଦୁଃସମ୍ବାଦ, ଉଚ୍ଚଆଶାରେ ବିଫଳ, ଗୃହେ ସମସ୍ୟା, ଶରୀର କଷ୍ଟ, ବନ୍ଧୁଦର୍ଶନ, କର୍ମକ୍ଷେତ୍ରେ ସମସ୍ୟା, ବ୍ୟୟ ବୃଦ୍ଧି, ହଠାତ୍ ଧନଲାଭ, ବ୍ୟବସାୟରେ ସତର୍କ, ଉତ୍ତରା ଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ପିଙ୍କ୍, ସଂଖ୍ୟା-୩, ଆରାଧନା- ମା ବଗଳାମୁଖୀ ।

କନ୍ୟା-ଦ୍ରବ୍ୟଲାଭ, ସମ୍ମାନପ୍ରାପ୍ତି, ଆଶା ପୂର୍ଣ୍ଣ, ନୂତନ କର୍ମନିଯୁକ୍ତି, ମୋକଦ୍ଦମାରେ ବିଜୟ, ଲୋକସମ୍ପର୍କ ବୃଦ୍ଧି, ପଦବୀ ଲାଭ, ବ୍ୟବସାୟରେ ଲାଭ, ଗଣ୍ଡଗୋଳ ସମାଧାନ, ଦୂରଯାତ୍ରା, ଦାମ୍ପତ୍ୟ ଖୁସି, ବିଦ୍ୟାରେ ସଫଳତା,ଚିତ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଆକାଶି, ସଂଖ୍ୟା-୯, ଆରାଧନା- ମା ଦକ୍ଷିଣକାଳୀ ।

ତୁଳା-ସୁସମ୍ବାଦ ପ୍ରାପ୍ତି, ଭ୍ରମଣଯୋଗ, ଅର୍ଥଲାଭ, ଆଶା ସଫଳ, କର୍ମକ୍ଷେତ୍ରେ ମନାନ୍ତର, ଯାନବାହନେ ସତର୍କ, ଦେବକାର୍ଯ୍ୟ, ଲୋକସମ୍ପର୍କରେ ଉନ୍ନତି, ଗଣ୍ଡଗୋଳର ସମାଧାନ, ବିଶାଖା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୬, ଆରାଧନା- ପ୍ରଭୁ କାର୍ତ୍ତିକେୟ ।

ବିଛା- ବନ୍ଧୁଗୃହେ ଯାତ୍ରା, ଲୋକସମ୍ପର୍କରେ ଉନ୍ନତି, ଅର୍ଥ ସମସ୍ୟା, ତୀର୍ଥାଟନ, ଉଚ୍ଚପଦବୀ ଲାଭ, ସମ୍ମାନରେ ବାଧା, ଦାମ୍ପତ୍ୟ ଖୁସି, ବ୍ୟବସାୟରେ ସ୍ୱଳ୍ପ ଲାଭ, ଜ୍ୟେଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଖଇରିଆ, ସଂଖ୍ୟା-୬, ଆରାଧନା- ପ୍ରଭୁ ଜଗନ୍ନାଥ ।

ଧନୁ- ଶରୀର କଷ୍ଟ, କାର୍ଯ୍ୟରେ ବାଧା, ଅର୍ଥଲାଭ, ଭୂମିକ୍ରୟ, ନୂତନ କାର୍ଯ୍ୟରେ ଖୁସି, କଚେରି ମାମଲା ସମାଧାନ, ସ୍ୱଳ୍ପ ଲାଭ, ପୁରାତନ ବିବାଦ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୪, ଆରାଧନା- ହନୁମାନ ।

ମକର-ସମ୍ମାନିତ, ଉଚ୍ଚଆଶା ସଫଳ, ପାରିବାରିକ ଶାନ୍ତି, ଲୋକସମ୍ପର୍କ ବୃଦ୍ଧି, ସ୍ତ୍ରୀ ହେତୁ କଳହ, ଦୂରଯାତ୍ରା, ବ୍ୟବସାୟରେ ଲାଭ, ଧନିଷ୍ଠା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯, ଆରାଧନା- ମା ଗଜଲକ୍ଷ୍ମୀ ।

କୁମ୍ଭ- ସମସ୍ୟା ସମାଧାନ, ଋଣମୁକ୍ତି, ଉଚ୍ଚଆଶାରେ ବାଧା, ବନ୍ଧୁଗୃହେ ଯାତ୍ରା, ଶତ୍ରୁ ସମସ୍ୟା, ପଡ଼ିଶା କଳହ, ବ୍ୟବସାୟରେ ଉନ୍ନତି, ପୂର୍ବଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୪, ଆରାଧନା-ପ୍ରଭୁ ରାଧାବଲ୍ଲଭ ।



ମୀନ- ସୁଖଶାନ୍ତି, ବ୍ୟବସାୟରେ ଲାଭ, ଉଚ୍ଚଆଶା ସଫଳ, ପାରିବାରିକ ସହଯୋଗ, ଗଣ୍ଡଗୋଳ ସମାଧାନ, ବାକିଧନ ପ୍ରାପ୍ତି, ରେବତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୧୦, ଆରାଧନା- ମା ଗୌରୀ ।



ଉପରାଷ୍ଟ୍ରପତିଙ୍କୁ ବିମାନବନ୍ଦରରେ ସ୍ୱାଗତ କରୁଛନ୍ତି ମୁଖ୍ୟମନ୍ତ୍ରୀ





ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ କଟକରେ ଥିବା ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପରାଷ୍ଟ୍ରପତି ସି.ପି ରାଧାକ୍ରିଷ୍ଣନ

# ଉପରାଷ୍ଟ୍ରପତିଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ

ଭୁବନେଶ୍ୱର,(ସବ୍ୟୁ): ଭାରତର ଉପରାଷ୍ଟ୍ରପତି ସିପି ରାଧାକୃଷ୍ଣନଙ୍କୁ ଓଡ଼ିଶା ଲୋକଭବନଠାରେ ରାଜ୍ୟପାଳ ଡ଼କଫର ହରି ବାବୁ କମ୍ଭମପାଟି ସମ୍ବର୍ଦ୍ଧିତ କରିଛନ୍ତି । ଶୁକ୍ରବାର ଉପରାଷ୍ଟ୍ରପତିଙ୍କ ଏକ ଦିନିଆ ଓଡ଼ିଶା ଗସ୍ତ ଅବସରରେ ଉପରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ଲୋକଭବନର ନ୍ୟୁ ଅଭିଷେକ ହଲରେ ଏକ ଔପଚାରିକ ଭୋଜି ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ



ଓ ତାଙ୍କ ସହଧର୍ମିଣୀ ଡ଼ାକଫର ପ୍ରିୟଙ୍କା ମାରାଣ୍ଡି, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗର ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସମେତ ସାଂସଦ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀ ଯୋଗଦେଇ ଥିଲେ ।

ଏହାପରେ ରାଜ୍ୟପାଳ ଉପରାଷ୍ଟ୍ରପତିଙ୍କୁ ସମ୍ମାନ ସୂଚକ ଭାବେ ଔପଚାରିକ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଏହି ଅବସରରେ ପରିବେଷିତ ଲାଇଭ୍ ଯନ୍ତ୍ର ସଙ୍ଗୀତକୁ ଉପରାଷ୍ଟ୍ରପତି ପ୍ରଶଂସା କରିଥିଲେ । ଉକ୍ତ କାର୍ଯ୍ୟକ୍ରମ ଓଡ଼ିଶାର ଅତିଥି ସତ୍କାର ପରମ୍ପରାକୁ ପ୍ରତିଫଳିତ କରିଥିଲା । ଉପରାଷ୍ଟ୍ରପତିଙ୍କ ଗସ୍ତ ଅବସରରେ ବରିଷ୍ଠ ନେତୃତ୍ୱ ଓ ସାମ୍ବିଧାନିକ ପଦାଧିକାରୀଙ୍କ ମଧ୍ୟରେ ପାରସ୍ପରିକ ଆଲୋଚନା ପାଇଁ ଏକ ଉତ୍ତମ ସୁଯୋଗ ପ୍ରଦାନ କରିଥିଲା ।

## ଅଦାଲତଙ୍କ ଆଦେଶ ହେଲାନି କାର୍ଯ୍ୟକାରୀ

# ସଚିବ ଉଷା ପାଢ଼ୀଙ୍କୁ ଗିରଫ କରି ୩୦ରେ ହାଜର କରାଅ :ହାଇକୋର୍ଟ

କଟକ,(ସବ୍ୟୁ): ୨୨ତାରିଖକୁ ମାମଲା ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା । ସେହିଦିନ ନଗର ଉନ୍ନୟନ ବିଭାଗ ସଚିବ ଉଷା ପାଢ଼ୀ ଏବଂ ଅନ୍ୟ ଅଧିକାରୀଙ୍କୁ ଜବାବ ରଖିବାକୁ କୁହାଯାଇଥିଲା । କିନ୍ତୁ ଅଧିକାରୀମାନେ ଜବାବ ରଖିବା ପରିବର୍ତ୍ତେ ଅଦାଲତଙ୍କଠାରୁ ପୁନର୍ବାର ସମୟ ଲୋଡ଼ିଥିଲେ । ସଚିବଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ଏଭଳି କାର୍ଯ୍ୟକୁ ନେଇ ହାଇକୋର୍ଟ କ୍ଷୁବ୍ଧ ହୋଇଛନ୍ତି । ଏହା ଅଦାଲତଙ୍କ ଆଦେଶର ଅବମାନନା ବୋଲି ହାଇକୋର୍ଟ ମତ ଦେବା ସହ ସଚିବ ଉଷା ପାଢ଼ୀଙ୍କୁ ଗିରଫ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ପୁଲିସ୍ କମିସନର ଉଷା ପାଢ଼ୀଙ୍କୁ ଗିରଫ କରି ଆସନ୍ତା ୩୦ ତାରିଖ ସକାଳ ସାଢ଼େ ୧୦ଟାରେ ଅଦାଲତରେ ହାଜର କରିବା ଲାଗି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ତେବେ ଯଦି ଧାର୍ଯ୍ୟ ସମୟ ମଧ୍ୟରେ ଅଦାଲତଙ୍କ ଆଦେଶ କାର୍ଯ୍ୟକାରୀ ହୋଇଥାଏ ତାହେଲେ ଶ୍ରୀମତୀ ପାଢ଼ୀଙ୍କ ହାଜର ହେବାର ଆବଶ୍ୟକତା ନାହିଁ ବୋଲି ହାଇକୋର୍ଟ ଆଦେଶରେ ସ୍ପଷ୍ଟ କରିଛନ୍ତି । ଜନୈକ ଆବେଦନକାରୀଙ୍କ ପକ୍ଷରୁ ଆଗତ ମାମଲାର ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ଡି.କେ. ଶ୍ରୀପଦ ଏବଂ ଜଷ୍ଟିସ୍ ମୃଗାଙ୍କ ଶେଖର ସାହୁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ରୁଜୁ ଅଦାଲତ ଅବମାନନା ମାମଲାରେ ୨୦୨୫ ଡିସେମ୍ବର ୧୨ ତାରିଖରେ ଶୁଣାଣି ପାଇଁ ଧାର୍ଯ୍ୟ ହୋଇଥିଲା। ସେଥିରେ ପ୍ରତିପକ୍ଷ ଜବାବ ରଖିବା ପରିବର୍ତ୍ତେ ଅଦାଲତଙ୍କଠାରୁ ସମୟ ଲୋଡ଼ିଥିଲେ । ଫଳରେ ଅଦାଲତ ଜାନୁଆରୀ ୨୨ ତାରିଖକୁ ମାମଲାର ଶୁଣାଣୀ ପାଇଁ ଦିନ ଧାର୍ଯ୍ୟ କରିଥିଲେ। କିନ୍ତୁ ୨୨ ତାରିଖରେ ମଧ୍ୟ ପ୍ରତିପକ୍ଷଙ୍କ ପକ୍ଷରୁ ଜବାବ ଦାଖଲ କରାନଯାଇ ପୁନର୍ବାର ସମୟ ଲୋଡ଼ାଯାଇଥିଲା ।

## ଧର୍ମଶାଳା ଟ୍ରକ ମାଲିକ ସଂଘର ନୂତନ କାର୍ଯ୍ୟାଳୟର ଭୂମୀ ପୂଜନ

ଧର୍ମଶାଳା, (ସବ୍ୟୁ): ଧର୍ମଶାଳା ନିର୍ବାଚନମଣ୍ଡଳୀର ଆରୁହା ଠାରେ ଧର୍ମଶାଳା ଟ୍ରକ ମାଲିକ ସଂଘର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ଭୂମି ପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୦ ଲକ୍ଷରୁ ଉର୍ଦ୍ଧ ବ୍ୟୟରେ ନିର୍ମାଣ ହେବାକୁଥିବା ଗୃହର ଶିଳାନ୍ୟାସ କରିଥିଲେ। ସମ୍ମାନୀୟ ଅତିଥି ଭାବେ ଅରୁହା ମଣ୍ଡଳ ବିଜେପି ସଭାପତି ଜିତେନ୍ଦ୍ର ରାଉତ ଯୋଗଦେଇ ଟ୍ରକ ମାଲିକମାନେ ଗତି କରୁଥିବା ସମସ୍ୟା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ସାହୁ ଉପସ୍ଥିତ ଟ୍ରକ ମାଲିକ ମାନଙ୍କୁ ସମ୍ବୋଧିତ କରି ଏକଜୁଟ ହୋଇ ରହିବା ପାଇଁ ପରାମର୍ଶ ଦେଇଥିଲେ । ସମସ୍ତେ ସଂଘ ବଧ ହୋଇ ରହିଲେ ସେମାନଙ୍କ ସବୁ ସମସ୍ୟାର ସମାଧାନ ହେବା ସହ ସେମାନେ ଆର୍ଥିକ ସ୍ତରରେ ଅଗ୍ରସର ହୋଇ ପାରିବେ ବୋଲି କହିଥିଲେ।

## ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ୨୦୨୬ର ଶୁଭାରମ୍ଭ

# ଓଡିଶୀ ନୃତ୍ୟର ଆଦୃତି ପାଇଁ ଏହି ଉତ୍ସବର ଭୂମିକା ଗୁରୁତ୍ୱପୂର୍ଣ୍ଣ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ): ଓଡିଶୀ ନୃତ୍ୟର ମହାକୁମ୍ଭ ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ୨୦୨୬ ଆଜି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଛନ୍ତି। ଭୁବନେଶ୍ୱର ସ୍ଥିତ ମୁକ୍ତେଶ୍ୱର ମନ୍ଦିର ପରିସରରେ ଆଜିଠାରୁ ତିନିଦିନିଆ ମୁକ୍ତେଶ୍ୱର ନୃତ୍ୟ ଉତ୍ସବ ୨୦୨୬ ଆରମ୍ଭ ହୋଇଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଏହା ଅନୁଷ୍ଠିତ ହେବ। ପ୍ରତ୍ୟହ ଜାତୀୟ ତଥା ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ଓଡିଶୀ ନୃତ୍ୟଶିଳ୍ପୀଙ୍କ ଦ୍ୱାରା ଏଠାରେ ନୃତ୍ୟ ପରିବେଷଣ କରାଯିବ।



ଏହି ନୃତ୍ୟ ଉତ୍ସବକୁ ଉଦଘାଟନ କରିବା ସହିତ ମୁକ୍ତେଶ୍ୱର ମନ୍ଦିରର ଅନନ୍ୟ ସ୍ଥାପତ୍ୟ ବିଷୟରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶୀ ନୃତ୍ୟର ଆଦୃତି ପାଇଁ ଏହି ଉତ୍ସବ ଗୁରୁତ୍ୱପୂର୍ଣ୍ଣ ଭୂମିକାଗ୍ରହଣ କରି ଆସିଛି। ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପକ୍ଷରୁ ପ୍ରତିବର୍ଷ ଏଠାରେ ନୃତ୍ୟୋତ୍ସବ ଅନୁଷ୍ଠିତ ହେଉଛି। ଏହି ଉତ୍ସବ ପର୍ଯ୍ୟଟକ ଓ ସଂସ୍କୃତିପ୍ରେମୀଙ୍କ ପାଇଁ ଭୁବନେଶ୍ୱରର ଅନନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଲଟିଛି। ଏହା ମାଧ୍ୟମରେ ଆମର ଏହି ପ୍ରସିଦ୍ଧ ପ୍ରତ୍ନତାତ୍ତ୍ୱିକ ବିଭବର ପ୍ରଚାର ପ୍ରସାର ହେବା ସହିତ ଓଡିଶୀ ନୃତ୍ୟର ଆଦୃତି ବଢୁଛି । ଏହି କାର୍ଯ୍ୟକ୍ରମରେ, ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ସଂସ୍କୃତି ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ, ଦେବ ପ୍ରସାଦ ଦାଶ, ସଂଗୀତ ନାଟକ ଏକାଡେମୀର ସଚିବ ଡ଼ଃ ଚନ୍ଦ୍ରଶେଖର ହୋତା ପ୍ରମୁଖ ଉପସ୍ଥିତ ଥିଲେ।





## ଗଞ୍ଜେଇ ଜବତ, ୫ ଅଟକ

ପାଣିକୋଇଲି, (ସବ୍ୟୁ) ପାଣିକୋଇଲି ଥାନା ଅନ୍ତର୍ଗତ ଚମାରଗଡିଆ ଆଡିରେ ଆଦିବାସୀ ମରାନ ରହୁଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ବୃଦ୍ଧାଙ୍କର ମୃତ୍ୟୁ ହୋଇଥିଲା। ତାକୁ ଖେନ୍ତୁଆ ପୋଖରୀ ଆଡି ଶସ୍ମାନରେ ସକାର କରିବାକୁ ନେବା ବେଳେ ଏକ ଗଂଜେଇ ବସ୍ତା ମିଳିଥିଲା। ସେମାନେ ଗଂଜେଇକୁ ନେଇ ଲୋକମାନଙ୍କ ମଧ୍ୟରେ ବିକ୍ରି କରିଥିଲେ। ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଖବର ଥାନାରେ ପହଂଚିଥିଲା। ପାଣିକୋଇଲି ପୁଲିସ ତଦନ୍ତ କରି ୫ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଗଂଜେଇ କେଉଁଠୁ ଆସିଲା ଓ ଏହା କିଏ ବେପାର କରୁଛି ତାହା ନେଇ ପୁଲିସ ତଦନ୍ତ ଜାରି ରଖିଛି।

## ସମୀର ନାୟକ ବରୀ ବ୍ଲକ କଂଗ୍ରେସ ସଭାପତି ଭାବେ ମନୋନୀତ

ବରୀ, (ସବ୍ୟୁ ): ବରୀ ବ୍ଲକରୁ କଂଗ୍ରେସ ସଭାପତି ଭାବେ ସମୀର ନାୟକ ମନୋନୀତ ହୋଇଛନ୍ତି। ନାୟକ କଂଗ୍ରେସର ଯୁବ ସଂଗଠକ ଭାବେ ପରିଚିତ। ତାଙ୍କୁ ଏଭଳି ଗୁରୁ ଦାୟିତ୍ୱ ମିଳିଥିବାରୁ ସେ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଅନ୍ୟ ପକ୍ଷରେ ସମୀର ନାୟକ କଂଗ୍ରେସ ସଭାପତି ହୋଇଥିବାରୁ ତାଙ୍କୁ ନାରୀନେତ୍ରୀ କଳ୍ପନା ପଣ୍ଡା, ଦେବ ପ୍ରଧାନ, ମାନସ ପରିଡାଙ୍କ ସମେତ ବରୀ କଂଗ୍ରେସର ନେତୃମଣ୍ଡଳୀ ସାଧୁବାଦ ଜଣାଇଛନ୍ତି।



# ବିଜେପିରେ ସାମିଲ ହେଲେ ପାଟଣାଗଡ଼ ଏନ୍ଏସି ଉପାଧକ୍ଷଙ୍କ ସମେତ ୭ କାଉନ୍ସିଲର

ଭୁବନେଶ୍ୱର, (ସବ୍ୟୁ): ଶ୍ରୀପଂଚମୀ ଭଳି ପବିତ୍ର ଦିନ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଜୟନ୍ତୀ ତଥା ପରାକ୍ରମ ଦିବସରେ ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଏନ୍ଏସିର ଉପାଧକ୍ଷ ଶ୍ରୀ ପ୍ରଫୁଲ୍ଲ କୁମାର ମେହେରଙ୍କ ନେତୃତ୍ୱରେ ୭ ଜଣ କାଉନ୍ସିଲର ବିଜେଡି ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି। ଏହାଦ୍ୱାରା ବଲାଙ୍ଗୀର ଜିଲ୍ଲା, ପାଟଣାଗଡ ବିଧାନସଭା ଓ ଏନ୍ଏସିରେ ଦଳର ସଂଗଠନ ଆହୁରି ମଜଭୁତ ହୋଇପାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଓ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ରାଜ୍ୟବାସୀଙ୍କ ଆସ୍ଥା ଓ ବିଶ୍ୱାସ ଦିନକୁ ଦିନ ବଢ଼ିଚାଲିଛି। ବିଜେପି ହେଉଛି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ। ଦେଶର ୨୧ ରାଜ୍ୟରେ ବିଜେପି ଏବଂ ଏନ୍ଡିଏର ସରକାର ଅଛି। ସାଂସଦ, ବିଧାୟକଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରତିନିଧି ପର୍ଯ୍ୟନ୍ତ ସବୁଠି ବିଜେପି ଏକ ତରଫା ଭାବେ ଭାରତବର୍ଷରେ ଶାସନ କ୍ଷମତାରେ ରହିଛି। ସମସ୍ତେ ମିଳିମିଶି ଏଠାକାର ମୌଳିକ ସମସ୍ୟାର ସମାଧାନ କରି ବଲାଙ୍ଗୀର ଜିଲ୍ଲା, ପାଟଣାଗଡ଼ ଏନ୍ଏସି ଏବଂ ଓଡ଼ିଶାକୁ ବିକଶିତ କରିବା ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଏହି ମିଶ୍ରଣ ପର୍ବରେ ଯୋଗଦେଇ ଉପମୁଖ୍ୟମନ୍ତ୍ରୀ କେ.ଭି.ସିଂହଦେଓ ସମସ୍ତ ନୂତନ କାର୍ଯ୍ୟକର୍ତ୍ତାଙ୍କୁ ଦଳକୁ ସ୍ୱାଗତ କରି କହିଛନ୍ତି ଯେ, ସମସ୍ତେ ମିଳିମିଶି ସରକାରଙ୍କ ସମସ୍ତ ଯୋଜନାକୁ ଏଠାରେ କାର୍ଯ୍ୟକାରୀ କରିବା। ବଲାଙ୍ଗୀର ଓ ପାଟଣାଗଡ଼ ସମେତ ସାରା ଓଡ଼ିଶାକୁ ବିକାଶ ଅଭିମୁଖେ ଆଗେଇ ନେବା। ଏହି ଅବସରରେ ପ୍ରଫୁଲ୍ଲ କୁମାର ମେହେରଙ୍କ ସମେତ କାଉନ୍ସିଲର ଶ୍ରୀମତୀ ହେମବନ୍ତୀ ମେହେର, ଶ୍ରୀମତୀ ରୀତା ମେହେର, ଶ୍ରୀରାମ ଦଳାଇ, ଲୋଚନ ଭୋଇ, ମକୁନ୍ଦ ମେହେର ପ୍ରମୁଖ ବିଜେଡି ଛାଡ଼ି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦେଇଛନ୍ତି। ସେହିପରି ସ୍ୱାଧୀନ କାଉନ୍ସିଲର ଶ୍ରୀମତୀ ରୁନୁ କୁମ୍ଭାର ମଧ ବିଜେପିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ ରାଜ୍ୟ ଗଣମାଧ୍ୟମ ସଂଯୋଜକ ସୁଜିତ୍ କୁମାର ଦାସ, ରାଜ୍ୟ ସମବାୟ ପ୍ରକୋଷ୍ଠ ସଂଯୋଜକ ଶ୍ରୀରଞ୍ଜନ ମଙ୍ଗରାଜ, ରଶ୍ମିରଞ୍ଜନ କାନୁନ୍‌ଗୋ ଓ ପାଟଣାଗଡ଼ ନଗର ସଭାପତି ସନ୍ୟାସୀ ବାଗ୍ ପ୍ରମୁଖ ଉପସ୍ଥିତ ଥିଲେ।



## 'ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀରେ ଜନ୍ମପୀଠ ଖିଣ୍ଡାରେ ବିଭିନ୍ନ ଜନହିତକର ପ୍ରକଳ୍ପ ଉତ୍ସର୍ଗିକୃତ

# ପ୍ରତ୍ୟେକ ସ୍କୁଲ ଛାତ୍ରଛାତ୍ରୀ ଖିଣ୍ଡା ଆସି ବୀରତ୍ୱର ପ୍ରେରଣା ନେବା ଆବଶ୍ୟକ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ମହାନ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପବିତ୍ର ଜନ୍ମମାଟି ଖିଣ୍ଡା କେବଳ ଏକ ଗ୍ରାମ ନୁହେଁ, ବରଂ ଏହା ଦେଶପ୍ରେମର ଏକ ପବିତ୍ର ତୀର୍ଥକ୍ଷେତ୍ର । ଏହାକୁ 'ପ୍ରେରଣାର କ୍ଷେତ୍ର' କରିବା ପାଇଁ ଆମର ଉଦ୍ୟମ ଜାରି ରହିଛି । ବିଶେଷ ଭାବରେ ଏହି ମାଟିର ବୀରତ୍ୱ ଗାଥାକୁ ଆଗାମୀ ପିଢ଼ି ପାଖରେ ପହଞ୍ଚାଇବା ପାଇଁ ଜିଲ୍ଲାର ପ୍ରତ୍ୟେକ ସ୍କୁଲ ପିଲାଙ୍କୁ ଖିଣ୍ଡା ପରିଦର୍ଶନ କରାଇ ଏଠାକାର ସଂଘର୍ଷମୟ ଇତିହାସରୁ ପ୍ରେରଣା ନେବା ଏକାନ୍ତ ଆବଶ୍ୟକ ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଓଡ଼ିଆ ବୀରତ୍ୱ ଓ ସ୍ୱାଭିମାନର ପ୍ରତୀକ ମହାନ ସ୍ୱାଧୀନତା ସଂଗ୍ରାମୀ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୮ ତମ ଜନ୍ମ ଜୟନ୍ତୀ ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରର ଖିଣ୍ଡା ସ୍ଥିତ ତାଙ୍କ ଜନ୍ମପୀଠ ଗସ୍ତ କରିଛନ୍ତି। ଏହି ପବିତ୍ର ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନ ବୀର ସୁରେନ୍ଦ୍ର ସାଏଙ୍କ ଏକ ନବ ନିର୍ମିତ ଭବ୍ୟ ପ୍ରତିମୂର୍ତ୍ତିକୁ ଅନାବରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ



ଖିଣ୍ଡା ଠାରେ ଆୟୋଜିତ ଏକ ବିଶାଳ 'ତ୍ରିରଙ୍ଗା ପଦଯାତ୍ରା'ରେ ସାମିଲ ହୋଇଥିଲେ। ଏହି ଗସ୍ତ କାଳରେ ଶ୍ରୀ ପ୍ରଧାନ ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମି ଏବଂ ଶିକ୍ଷାର ବିକାଶ ପାଇଁ ଏକାଧିକ ପ୍ରକଳ୍ପର ଲୋକାର୍ପଣ କରିଥିଲେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ସେ କହିଛନ୍ତି, ଆଜି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ସମଗ୍ର ଦେଶ 'ପରାକ୍ରମ ଦିବସ' ପାଳନ କରୁଛି । ଦେଶକୁ ସ୍ୱାଧୀନତା ଦେବାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଅବଦାନ ଅତୁଳନୀୟ । ବୀର ସୁରେନ୍ଦ୍ର ସାଏଙ୍କ ସହିତ ତାଙ୍କ ପରିବାରର ଛବିଳ ସାଏ ଓ ଉଦନ୍ତ ସାଏଙ୍କ ବଳିଦାନ ଅଦ୍ୱିତୀୟ । ବିଶେଷ ଭାବରେ ଐତିହାସିକଙ୍କ ମତରେ ଉଦନ୍ତ ସାଏ ଦେଶମାତୃକା ପାଇଁ ୪୭ ବର୍ଷ ଜେଲଦଣ୍ଡ ଭୋଗିବା ଏକ ସାଧାରଣ କଥା ନୁହେଁ । ଏହି ବୀରମାନଙ୍କର ଅକୁହା ଗାଥା ଓ ବୀରତ୍ୱର କାହାଣୀକୁ ଜାତୀୟ ତଥା ଆନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇବା ଆମ ସମସ୍ତଙ୍କର ଦାୟିତ୍ୱ । ଇତିହାସର ପୃଷ୍ଠାରେ କୁଦୋପାଲିର ସଂଗ୍ରାମ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ ଠାରୁ କୌଣସି ଗୁଣରେ କମ୍ ନୁହେଁ । ସମ୍ବଲପୁର ସଂଗ୍ରାମର ଗୌରବମୟ ଇତିହାସକୁ ଜୀବନ୍ତ ରଖିବା ପାଇଁ କୁଦୋପାଲି ଠାରେ ଏକ ଭବ୍ୟ ସ୍ମାରକ ନିର୍ମାଣର ପରିକଳ୍ପନା କରାଯାଇଛି । କେବଳ ପୁରୁଣା କଥାକୁ ମନେ ପକାଇବା ଯଥେଷ୍ଟ ନୁହେଁ, ବରଂ ସେଥିରୁ ପ୍ରେରଣା ନେଇ ଆଗକୁ ବଢ଼ିବାକୁ ହେବ। ଖିଣ୍ଡାକୁ କେବଳ ଏକ ତୀର୍ଥ କ୍ଷେତ୍ର ନୁହେଁ, ବରଂ ଏକ 'ପ୍ରେରଣାର କ୍ଷେତ୍ର' ଭାବେ ଗଢ଼ିତୋଳିବାକୁ ହେବ । ଏକ ଅତ୍ୟାଧୁନିକ ଇଣ୍ଟରପ୍ରିଟେସନ ସେଣ୍ଟର, ପୁରୁଣା ମନ୍ଦିରର ଜିର୍ଣ୍ଣୋଧାର ଏବଂ ଓପନ କମ୍ୟୁନିଟି ସେଣ୍ଟର ନିର୍ମାଣ ସମେତ ଆନୁଷଙ୍ଗିକ କାର୍ଯ୍ୟର ଏହାର ସାମଗ୍ରିକ ରୂପରେଖ ବଦଳାଯିବ। ନଦୀ କୂଳର ବିକାଶ, ଗମନାଗମନ ସୁବିଧା ଏବଂ ପାନୀୟ ଜଳର ସୁବିଧା ସହ ଖିଣ୍ଡାରେ ୧ ଲକ୍ଷ ବୃକ୍ଷ ରୋପଣ କରାଯିବ । ଏଥିପାଇଁ ଆଗେଇ ଆସିବା ସହ ସମ୍ବଲପୁରର ପରିଚୟକୁ ଏକ ଜନଆନ୍ଦୋଳନରେ ପରିଣତ କରିବା ପାଇଁ ମନ୍ତ୍ରୀ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି। ସେହିପରି 'ପୋଷଣ ଅଭିଯାନ' ଅନ୍ତର୍ଗତ ଜିଲ୍ଲାର ୨ ଲକ୍ଷ ଅଙ୍ଗନବାଡି ଓ ସ୍କୁଲ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ଯତ୍ନ ନେବା ପାଇଁ ସେ ଗୁରୁତ୍ୱ ଦେଇଛନ୍ତି । ସମ୍ବଲପୁର ଯେପରି ସମଲେଶ୍ୱରୀ ଓ ବୀର ସୁରେନ୍ଦ୍ର ସାଏଙ୍କ ପାଇଁ ପରିଚିତ, ସେହିପରି ପ୍ରତିଟି ଶିଶୁର ଯତ୍ନ ନେବା ପାଇଁ ମଧ୍ୟ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହେଉ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଓଡ଼ିଶାର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠି ଉପସ୍ଥିତ ଥିଲେ ।

## ଶଙ୍ଖଭବନ ସମ୍ମୁଖରେ ଅରବିନ୍ଦଙ୍କ ସମର୍ଥକ

# ନିଲମ୍ବନ ନିଷ୍ପତ୍ତିର ପୁନଃ ବିଚାର ଦାବି

ଭୁବନେଶ୍ୱର, (ସବ୍ୟୁ): ବିଜେଡିରୁ ନିଲମ୍ବିତ ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସମର୍ଥକମାନେ ଆଜି ଭୁବନେଶ୍ୱର ଆସି ବିଜେଡି ମୁଖ୍ୟାଳୟ ଶଙ୍ଖ ଭବନ ନିକଟରେ ପହଞ୍ଚିଛନ୍ତି। କେଉଁ କାରଣ ପାଇଁ ନିଲମ୍ବନ କରାଗଲା, ତାହା ଜାଣିବା ପାଇଁ ଦଳୀୟ ନେତାଙ୍କ ପାଖରେ ଅଡ଼ିବସିଛନ୍ତି। ନିଲମ୍ବନର ପୁନର୍ବିଚାର ସହ ପ୍ରତ୍ୟାହାର ପାଇଁ ଦାବି କରିଛନ୍ତି। ଅପରପକ୍ଷରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ



ବିଜେଡିର ବରିଷ୍ଠ ନେତାମାନେ ପୁନର୍ବିଚାର ପ୍ରତିଶ୍ରୁତି ଦେଇଛନ୍ତି।

ଗତକାଲି ଅରବିନ୍ଦ ତାଙ୍କ ନିଲମ୍ବନର କାରଣ ସମ୍ପର୍କରେ ଦିଆଯାଉଥିବା ତଥ୍ୟକୁ ନେଇ ଚ୍ୟାଲେଞ୍ଜ କରିବା ସହ ଖୋଲା ବିତର୍କର ଆହ୍ୱାନ ଦେଇଥିଲେ। ଆଜି ତାଙ୍କ ସମର୍ଥକମାନେ ଭୁବନେଶ୍ୱର ଆସି ଶକ୍ତି ପ୍ରଦର୍ଶନ କରିଛନ୍ତି। ଶତାଧିକ ସମର୍ଥକ ଶଙ୍ଖଭବନ ଘେରିବା ସହ ନିଷ୍ପତ୍ତିର ପୁନର୍ବିଚାର ପାଇଁ ଦାବି କରିଛନ୍ତି। ଶଙ୍ଖ ଭବନରେ ଅରବିନ୍ଦଙ୍କ ସମର୍ଥକମାନେ ଦଳର ବରିଷ୍ଠ ନେତାଙ୍କୁ ଭେଟିଛନ୍ତି। ବରିଷ୍ଠ ନେତାଙ୍କୁ ଭେଟିବା ପରେ ସମର୍ଥକମାନେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ କିଛି ସମୟ ଅପେକ୍ଷା କରିବାକୁ ସେମାନଙ୍କୁ କୁହାଯାଇଛି। ବିଜେଡି ଉପସଭାପତି ଦେବୀ ପ୍ରସାଦ ମିଶ୍ର ଓ ଅନ୍ୟ ବରିଷ୍ଠ ନେତାମାନେ ଏହା କହିଥିବା ସେମାନେ କହିଛନ୍ତି। ନିଷ୍ପତ୍ତି ପୁନର୍ବିଚାର ନହେଲେ ବିଧାୟକଙ୍କ ସହ ଆଲୋଚନା କରି ଶେଷ ନିଷ୍ପତ୍ତି ନେବୁ ବୋଲି ସମର୍ଥକମାନେ ରୋକଠୋକ କହିଥିଲେ।

## ବସନ୍ତ ପଞ୍ଚମୀରେ ତିଥିରେ ଶ୍ରୀକ୍ଷେତ୍ରରେ ତିନି ରଥ କାଠ ଅନୁକୂଳ

ପୁରୀ, (ସବ୍ୟୁ): ମାଘ ମାସ ପବିତ୍ର ବସନ୍ତ ପଞ୍ଚମୀ ବା ଶ୍ରୀପଞ୍ଚମୀ ତିଥିରେ ଶ୍ରୀକ୍ଷେତ୍ରରେ ଆଜି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ତିନି ରଥ ନିର୍ମାଣ ପାଇଁ ରଥ କାଠ ଅନୁକୂଳ ପ୍ରଥମ୍ ପର୍ବ ସମ୍ପନ୍ନ ହୋଇଛି। ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ ବଡ଼ଦାଣ୍ଡ ରଥଖଳାରେ ରଥକାଠ ଅନୁକୂଳ କାର୍ଯ୍ୟ ସଂପନ୍ନ ହୋଇଛି। ରାଜନଅର ପକ୍ଷରୁ ଦେବୀପ୍ରସାଦ ରାଜଗୁରୁଙ୍କ ସହ ଅନ୍ୟ ବ୍ରାହ୍ମଣମାନେ ଏହି ପୂଜାର୍ଚ୍ଚନା କାର୍ଯ୍ୟ ସଂପାଦନ କରିଛନ୍ତି ଓ ତିନି ରଥ ପାଇଁ ତିନି ଗୋଟି ୧୨ ଫୁଟିଆ ଧଉରା କାଠକୁ ରଥଖଳାରେ ରଖା ଯାଇଥିଲା। ଏହା ପରେ ବିଧି ବିଧାନ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି । ବ୍ରାହ୍ମଣମାନେ ବାଗ୍‌ଦେବୀ ମା' ସରସ୍ୱତୀଙ୍କୁ ଆବାହନ କରିବା ସହ ଚଳିତ ବର୍ଷର ରଥଯାତ୍ରା ନିର୍ବିଘ୍ନରେ ଶେଷ ପାଇଁ ପ୍ରାର୍ଥନା କରିଛନ୍ତି । ଗତ ଦୁଇ ଦିନ ତଳେ ନୟାଗଡ଼ ଓ ଦଶପଲ୍ଲା ବନ ବିଭାଗ ପକ୍ଷରୁ ତିନି ଗୋଟି ଟ୍ରକରେ ୮୩ ଖଣ୍ଡ ରଥ କାଠ ଆସି ପୁରୀରେ ପହଞ୍ଚି ଥିଲା। ରଥ ସଂହିତା ଅନୁଯାୟୀ, ତିନି ରଥ ନିର୍ମାଣ ପାଇଁ ୪୨୬ ଖଣ୍ଡ ଧଉରା, ୩୬୪ ଖଣ୍ଡ ଅସନ, ୭୨ ଖଣ୍ଡ ଫାଶି ଓ ୩ ଖଣ୍ଡ ଶିମିଳି କାଠ, ଏପରି ମୋଟ ୮୬୫ ଖଣ୍ଡ କାଠ ଆବଶ୍ୟକ ଥାଏ । ଶ୍ରୀମନ୍ଦିରର ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପଙ୍କ ସୂଚନା ଅନୁସାରେ, ଗତ ବର୍ଷର ୫୩ ଖଣ୍ଡ କାଠ ବଳି ପଡ଼ିଥିଲା। ଏଣୁ ଚଳିତବର୍ଷ ରଥଯାତ୍ରା ପାଇଁ ୮୧୨ ଖଣ୍ଡ ରଥ କାଠ ଆସିବ। ଏହା ଭିତରେ ପ୍ରଥମ ପର୍ଯ୍ୟାୟରେ ୧୦୪ ଖଣ୍ଡ ଧଉରା ଓ ଅସନ କାଠ ନୟାଗଡ଼ରୁ ଆସି ସାରିଛିଛି ପର୍ଯ୍ୟାୟ କ୍ରମେ ବାକି କାଠ ପହଞ୍ଚିବା ପରେ ପବିତ୍ର ରାମନବମୀରେ ରଥକାଠ ଚିରଟ ଓ ଅକ୍ଷୟ ତୃତୀୟାରେ ରଥ ନିର୍ମାଣ କାର୍ଯ୍ୟର ଅନୁକୂଳ ନୀତି ଅନୁଷ୍ଠିତ ହେବ । ଆଜିର ଏହି ଶୁଭ ଅନୁକୂଳ ସମୟରେ ଶ୍ରୀ ମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଜିଲ୍ଲା ଏସପି ପ୍ରତୀକ ସିଂ, ଅତିରିକ୍ତ ଜିଲ୍ଲାପାଳ ଶରତ କୁମାର ବେହେରା, ନୀଳ ମାଧବ ଭୋଇ, ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁ, ନୀତି ପ୍ରଶାସକ ଜିତେନ୍ଦ୍ର ସାହୁ, ଉପଜିଲ୍ଲାପାଳ ରାଜ କିଶୋର ଜେନାଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ , ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସଦନ ସିଂହାରୀ ଓ ସେବାୟତ ମାନେ ଉପସ୍ଥିତ ଥିଲେ।

# ଗଞ୍ଜେଇ ସମେତ ସ୍କର୍ପିଓ ଜବତ୍ : ଦୁଇ ଗିରଫ

ଖୋର୍ଦ୍ଧା,(ସବ୍ୟୁ) : ବୋଲଗଡ ପୁଲିସ ଗତକାଲି ଅପରାହ୍ନରେ ଏକ ସ୍କର୍ପିଓ ରୁ ୪୧କେଜି ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ପୁଲିସ ଦୁଇଜଣଙ୍କୁ ଗିରଫ କରିଛି । ଗିରଫ ଦ୍ୱୟ ହେଲେ କନ୍ଧମାଳ ର ସୁକାନ୍ତ ବିନ୍ଧାଣି (୩୨) ଓ ଅଜିତ୍ ଦିଗଲ (୩୨) । କନ୍ଧମାଳ ଦିଗରୁ ଏକ ସ୍କର୍ପିଓ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ବିଶେଷସୂତ୍ରରୁ ପୁଲିସ ଖବର ପାଇଥିଲା । ସେମାନଙ୍କୁ ଧରିବା ଲାଗି ଏସପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ନିହାର ପ୍ରଧାନ ଓ ଥାନା ଅଧିକାରୀ ସୁକାନ୍ତ ଦଲେଇଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ଗତକାଲି ଅପରାହ୍ନରେ ଏସ୍ଆଇ ଆଶାମାରିଆ ଡୁଙ୍ଗଡୁଙ୍ଗ ଙ୍କ ନେତୃତ୍ୱରେ ୫୭ନଂ ଜାତୀୟ ରାଜପଥ ର ବରହମପୁରା ଛକ ଠାରେ ଗାଡି ଯାଂଚ କରୁଥିଲେ । ଏହି ସମୟରେ ଓଡି.୦୨ବିଏନ୍-୭୭୭୨ ନଂ ବିଶିଷ୍ଟ ଏକ ସ୍କର୍ପିଓ ଉପରେ ପୁଲିସ ର ସନ୍ଦେହ ହେବାରୁ ପୁଲିସ ଯାଂଚ କରିଥିଲା । ଯାଂଚବେଳେ ଗାଡି ଭିତରେ ଦୁଇଟି ଜରିବସ୍ତାରେ



ରହିଥିବା ୪୧କେଜି ଗଞ୍ଜେଇ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଥିଲା । ଏଥିସହିତ ଚାଲାଣ ରେ ବ୍ୟବହୃତ ସ୍କର୍ପିଓ ଏବଂ ୨ଟି ମୋବାଇଲ ଫୋନ୍ କୁ ମଧ ପୁଲିସ ଜବତ କରିଛି । ଏସ୍ଆଇ ଡୁଙ୍ଗଡୁଙ୍ଗ ଙ୍କ ଅଭିଯୋଗ କ୍ରମେ ପୁଲିସ ୨୬/୨୬ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରିଛି । ତେବେ ଆଇ ଆଇସି ସୁକାନ୍ତ ଦଲେଇ ବୋଲଗଡରେ ଦାଇତ୍ୱ ନେଲା ପରେ ଅପରାଧ ଦମନ ଆରମ୍ଭ କରିଦେଇଛସନ୍ତି। ଦାଇତ୍ୱ ନେବାର ଏକ ମାସ ମଧରେ , ନାବାଳିକା ଅପହରଣ କାରୀକୁ ଗିରଫ କରିବା, ବ୍ରାଉନ ସୁଗାର ବନ୍ଧୁକ ସହ ଅପରାଧୀକୁ ଧରିବା ଏବଂ ଆଜି ବିପୁଳ ପରିମାଣର ଗଂଜେଇ ବେପାରୀଙ୍କୁ ଧରି ବୋଲଗଡ଼ ବାସୀଙ୍କ ପ୍ରିୟ ଭାଜନ ହୋଇ ପାରିଛନ୍ତି।

## ପୁରୀ ନବକଳେବର ରୋଡରେ ବସ୍ ଧକ୍କାରେ ବୃଦ୍ଧା ଗୁରୁତର, ୧ ଲକ୍ଷ ଟଙ୍କା ପ୍ରଦାନ

ପୁରୀ, (ସବ୍ୟୁ): ଶୁକ୍ରବାର ସକାଳେ ପୁରୀ ନବକଳେବର ରୋଡରେ ଏକ ବସ ଦୁର୍ଘଟଣା ଘଟିଛି। ଶ୍ରୀଜଗନ୍ନାଥ ବସ ଧକ୍କାରେ ଜଣେ ବୃଦ୍ଧା ଗୁରୁତର ଭାବେ ଆହତ ହୋଇ ଥିବା ଜଣା ପଡ଼ିଛି। ତାଙ୍କ ଗୋଡ଼ ଉପରେ ବସ ଚକା ଚଢ଼ି ଯାଇଛି। ଗୁରୁତର ଅବସ୍ଥାରେ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସ କୁ ସ୍ଥାନାନ୍ତର କରା ଯାଇଛି। ବସ କର୍ତ୍ତୃପକ୍ଷଙ୍କ ତରଫରୁ ଚିକିତ୍ସା ପାଇଁ ବୃଦ୍ଧା ଙ୍କୁ ଏକ ଲକ୍ଷ ଟଙ୍କା ପ୍ରଦାନ କରା ଯାଇଛି। ଶୁକ୍ରବାର ସକାଳୁ ଘଟିଛି ଏଭଳି ଅଭାବନୀୟ ଘଟଣା । ଶ୍ରୀଜଗନ୍ନାଥ ଟେମ୍ପୁଲ ଆଡମିନଷ୍ଟ୍ରେସନର ବସ୍ ଦୁର୍ଘଟଣା ଘଟାଇ ଜଣେ ବୃଦ୍ଧାଙ୍କୁ ଗୁରୁତର ଭାବେ ଆହତ କରିଛି । ଗୁରୁତର ବୃଦ୍ଧା ଜଣକ ହେଉଛନ୍ତି ନବକଳେବର ରୋଡ୍‌ର ଲକ୍ଷ୍ମୀ ମହାରଣା । ଚିକିତ୍ସା ପାଇଁ ତାଙ୍କୁ ପ୍ରଥମେ ପୁରୀ ଓ ପରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି ।

## ତାଳପତ୍ର ପୋଥିରେ ବିରାଜିଲେ ଦେବୀ ସରସ୍ୱତୀ

# ୧୭ ଜଣ ଶିଳ୍ପୀଙ୍କ ଦ୍ୱାରା ଇକୋ ଫ୍ରେଣ୍ଡଲି ବାଗ୍‌ଦେବୀଙ୍କ ସୁନ୍ଦର୍ ମୂର୍ତ୍ତି

ଭୁବନେଶ୍ୱର, (ସବ୍ୟୁ) ଧଉଳି ପାଦଦେଶରେ ଅବସ୍ଥିତ ଧଉଳି ଚାରୁକଳା ମହାବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ଗଢ଼ିଛନ୍ତି ଦେବୀ ସରସ୍ୱତୀଙ୍କ ନିଆରା ମୂର୍ତ୍ତୀ । ମୂର୍ତ୍ତି କଳା ବିଭାଗର ଅଧ୍ୟାପକ ଚନ୍ଦନ କୁମାର ସାମଲଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟର ଶିଳ୍ପୀ ଛାତ୍ରଛାତ୍ରୀମାନେ ତାଳପତ୍ର ପୋଥି ଓ ଦେବୀ ସରସ୍ୱତୀଙ୍କ ଶ୍ଳୋକରେ ଏହି ସୁନ୍ଦର ନିଆରା ମୂର୍ତ୍ତି ଗଢି ପୂଜା କରିଛନ୍ତି। ମହାବିଦ୍ୟାଳୟର ୧୭ ଜଣ ଶିଳ୍ପୀଙ୍କୁ ଏହି ନିଆରା ମୂର୍ତ୍ତି ଗଢ଼ିବାକୁ ୧୦ ଦିନ ସମୟ ଲାଗିଥିଲା। ଏହି ଅବସରରେ ମହାବିଦ୍ୟାଳୟର ଅଧକ୍ଷ ଚିତ୍ରଶିଳ୍ପୀ ଡ. ପଞ୍ଚାନନ ସାମଲ ,ଅଧ୍ୟାପକ ଭୂପତି ଭୂଷଣ ପଣ୍ଡା, ଯନିତା ପ୍ରିୟଦର୍ଶିନୀ,ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଯୋଗଦେଇ ଦେବୀଙ୍କ ପୂଜାର୍ଚ୍ଚନା କରିବା ସହିତ ଛାତ୍ରଛାତ୍ରୀଙ୍କ ମୂର୍ତ୍ତି ତିଆରିରେ



ଭୂୟସୀ ପ୍ରଶଂସା କରିଥିଲେ। ମହାବିଦ୍ୟାଳୟର ଛାତ୍ର ବୃନ୍ଦାବନ ପଣ୍ଡା, ଦେବରାଜ ମହାରଣା, ପ୍ରକାଶ ପରିଡା,ପ୍ରଦତ୍ତ ଭୋକ୍ତା,ପ୍ରୀତିନନ୍ଦା ସାହୁ ଓ ସୌମ୍ୟକାନ୍ତ ସ୍ୱାଇଁ ,ଦେବୀଦତ୍ତା ତାରିଣୀଆ,ସ୍ୱାଗତିକା ମିଶ୍ର,ବିଷ୍ଣୁପ୍ରିୟା ଦାସ,ରୋଜାଲିନ ଦାସ,ସୁଦିପ୍ତା ମାଇତି, ଇପ୍ସିତା ଘୋଷ ,ବର୍ଷା ରାଣୀ ଓଝା,ପ୍ରିତିସନ୍ଧ୍ୟା ବେହେରା,ଶୁଭସ୍ମିତା ନାୟକ,ପ୍ରେରଣା କୁମାରୀ,ଦୀପକ କୁମାର ଜେନା ଆଦି ପାରମ୍ପରିକ ତାଳପତ୍ର ଖୋଦେଇ ଆଧାରରେ ଏହି ଇକୋ ଫ୍ରେଣ୍ଡଲି ମୂର୍ତ୍ତି ତିଆରି କରିଥିଲେ ଯାହା ଦର୍ଶକଙ୍କ ମନ ମୋହିଥିଲ । ଏହି ଅବସରରେ ସୁଭାଷ ଚନ୍ଦ୍ର ମୁଦୁଲି , ପ୍ରବୀର୍ ଦଳାଇ,ଡ. ଉମାକାନ୍ତ ସାମଲ ପ୍ରମୁଖ ଓ ସ୍ଥାନୀୟ ବ୍ୟକ୍ତିବିଶେଷ ଉପସ୍ଥିତ ରହି ଶିଳ୍ପୀ ମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

# ଅଭିପ୍ସା ସ୍କୁଲରେ ବାଗ୍‌ଦେବୀ ସରସ୍ୱତୀଙ୍କ ପୂଜା

କଟକ, (ସ୍ୱପ୍ର) : ବିଦ୍ୟାଦାୟିନୀ ବାଗ୍‌ଦେବୀ ମା' ସରସ୍ୱତୀଙ୍କ ପୂଜା ଆରାଧନା ସ୍ଥାନୀୟ ନେତାଜୀନଗର ସ୍ଥିତ ଅଭିପ୍ସା ଇଣ୍ଟରନାସନାଲ୍ ସ୍କୁଲରେ ଅନୁଷ୍ଠିତ ହୋଇଯାଇଛି । ଶୁକ୍ରବାର ବସନ୍ତ ପଞ୍ଚମୀ ଅବସରରେ ସ୍କୁଲ ପରିସରରେ ନିର୍ମିତ ସ୍ୱତନ୍ତ୍ର ମଣ୍ଡପରେ ମା' ସ୍ୱରସ୍ୱତୀଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜାର୍ଚ୍ଚନା ହୋଇଥିଲା । ସ୍କୁଲର ଚେୟାରମ୍ୟାନ ସୁପ୍ରଭା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ



ଅନୁଷ୍ଠିତ ପୂଜାରେ ପ୍ରିନ୍ସିପାଲ ଡ. ପଦ୍ମନାଭ ରଥ, ଅମିତା ପତି, ଇସିତା ସାହୁଙ୍କ ସମେତ ସମସ୍ତ ଶ୍ରେଣୀର ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ବାଗ୍‌ଦେବୀ ସରସ୍ୱତୀଙ୍କ ପୂଜାର୍ଚ୍ଚନା କରିଥିଲେ ।

# ଯୋଗ ସାଧନା ସେମିନାର ଉଦ୍‌ଘାଟନ ଉତ୍ସବ

ଭୁବନେଶ୍ୱର (ସବ୍ୟୁ): ଆନନ୍ଦ ମାର୍ଗ ପ୍ରଚାରକ ସଂଘ, ଭୁବନେଶ୍ୱର ଶାଖା ତରଫରୁ ନୟାପଲ୍ଲୀ, ବେହେରାସାହୀ ସ୍ଥିତ ଶ୍ରୀକୃଷ୍ଣ କ୍ଲବ ପରିସରରେ ଏକ ତ୍ରିଦିବସୀୟ ଯୋଗ ସାଧନା ସେମିନାର ଉଦ୍‌ଘାଟନ ହୋଇଯାଇଛି। ଏହି ଶିବିର ଶୁକ୍ରବାର, ଶନିବାର ଓ ରବିବାର ଯଥାକ୍ରମେ ୨୩/୧/୨୦୨୬,୨୪/୧/୨୦୨୬ ଓ ୨୫/୧/୨୦୨୬ ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଏହି ଶିବିରରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଯୋଗ ସାଧନା ପ୍ରଶିକ୍ଷକ ଆଚାର୍ଯ୍ୟ ବିଶୁଦ୍ଧାତ୍ମାନନ୍ଦ ଅବଧୂତ ଯୋଗ ଦେଇଛନ୍ତି। ଏହି ତ୍ରିଦିବସୀୟ ଶିବିରରେ ଯୋଗ ସାଧନା ମାଧ୍ୟମରେ ଛାତ୍ର ଯୁବକ ମାନଙ୍କର ଉତ୍ତମ ଚରିତ୍ର ନିର୍ମାଣ, ଏକ ସୁନ୍ଦର ପରିବାର ଓ ସୁସ୍ଥ ସମାଜ ଗଠନ ଉପରେ ପ୍ରଶିକ୍ଷଣ ଦିଆଯିବ। ଯୋଗ ସାଧନା ମାଧ୍ୟମରେ ବ୍ୟକ୍ତିର ଶାରୀରିକ ସୁସ୍ଥତା ମାନସିକ ଶାନ୍ତି ଓ ଆଧ୍ୟାତ୍ମିକ ପ୍ରଗତି ନିମନ୍ତେ ପ୍ରଶିକ୍ଷଣ ଦିଆଯିବ। ବର୍ତ୍ତମାନ ବିଶ୍ୱ ନୈରାଶ୍ୟବାଦ ସ୍ଥିତି ସମୟରେ



ଏକ ସୁସ୍ଥ ମାନସିକତା ନବ୍ୟ ମାନବତାବାଦ ରାଷ୍ଟ୍ର ନିର୍ମାଣ ନିମନ୍ତେ ବିଶ୍ୱ ଭାତୃତ୍ୱଭାବ ଓ ବସୁଧୈବ କୁଟୁମ୍ବକମ୍ ର ନାରା ଅପରିହାର୍ଯ୍ୟ। ଏହି ପରିପ୍ରେକ୍ଷୀରେ ବିଶ୍ୱ ସାମାଜିକ ଓ ଆଧ୍ୟାତ୍ମିକ ସଂସ୍ଥା ଆନନ୍ଦ ମାର୍ଗ ପ୍ରଚାରକ ସଂଘ ଏହି ତ୍ରିଦିବସୀୟ କର୍ମଶାଳା ଆୟୋଜନ କରାଯାଇଅଛି। ଏହି ବାର୍ତ୍ତା ମାଧ୍ୟମରେ ସମସ୍ତ ଜନ ସାଧାରଣ ଓ ଯୁବ ଛାତ୍ର ମାନଙ୍କୁ ଯୋଗଦାନ ନିମନ୍ତେ ଆମନ୍ତ୍ରଣ କରୁଅଛୁ। ଏହି ଶିବିରକୁ ସରସ ସୁନ୍ଦର କରିବା ପାଇଁ ଆଚାର୍ଯ୍ୟ ବିନୟକୃଷ୍ଣାନନ୍ଦ ଅବଧୂତ ଓ ଅବଧୂତିକା ଆନନ୍ଦ ରୁପାତିତା ଆଚାର୍ଯ୍ୟା ତାଙ୍କର ବହୁ ମୂଲ୍ୟ ସମୟ ଅର୍ପଣ କରିଛନ୍ତି। ଆନନ୍ଦ ମାର୍ଗ ପ୍ରଚାରକ ସଂଘ ଓଡିଶା ପ୍ରଦେଶର ଅଧକ୍ଷ ଆଚାର୍ଯ୍ୟ କୈଳାସ ଚନ୍ଦ୍ର ଷଡ଼ଙ୍ଗୀ , ଆଚାର୍ଯ୍ୟ ନଟବର ବେହେରା, ବିଷ୍ଣୁ ଚରଣ ରାଉତ ଓ ହର୍ଷବର୍ଦ୍ଧନ ଲେଙ୍କା ମହୋଦୟ ଏହି ଶିବିରକୁ ଆୟୋଜନ କରିଛନ୍ତି।

# ୭ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଦେବା ପରେ ମିଳିଲାନି କାର୍, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ୭ଲକ୍ଷରୁ ଉର୍ଦ୍ଧ୍ୱର୍ ଟଙ୍କା ଦେବା ପରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ କାର୍ ମିଳିଲାନି । ତାଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଯେଉଁ ବ୍ୟକ୍ତି କାର୍ ବୁଝାସୁଝା କରୁଥିଲେ ସେ ତାଙ୍କ ନିଜ ନାଁରେ କାର୍ କିଣି ନେଇଗଲେ । କିଛିଦିନ ବିତିଯିବା ପରେ କାର୍ ନପାଇବାରୁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସୁମିତ୍ରା ସାହୁଙ୍କ ଏତଲା ଆଧାରରେ ପୋଲିସ ଅଭିଯୁକ୍ତ ଜୟକୃଷ୍ଣ ସାହୁ ଓରଫ ଦିପୁ (୩୭)କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି । ଅବସର ପରେ ଶିକ୍ଷୟିତ୍ରୀ ସୁମିତ୍ରା ଭୁବନେଶ୍ୱରରେ ଏକାକୀ ରହୁଥିଲେ । ସେ ଏକାକୀ ରହିବା ଓ ବୃଦ୍ଧା ଅବସ୍ଥାର ସୁଯୋଗ ନେଇ ବେଗୁନିଆ ଅନ୍ତର୍ଗତ ଗେଡିପାଲ୍ଲୀ ଗ୍ରାମର ତାଙ୍କ ସମ୍ପର୍କୀୟ ଜୟକୃଷ୍ଣ ସାହୁ ତାଙ୍କ ସ୍ୱାସ୍ଥ୍ୟର ଉଚିତ୍ ଯନି ନେବାର ଆଶ୍ୱାସନା ଦେଇ କିଛିଦିନ ତାଙ୍କ ପାଖରେ ରହିବାକୁ ରାଜି କରାଇଥିଲେ । ଏହି ସମୟରେ ଅଭିଯୋଗକାରିଣୀ ଏକ ନୂଆ କାର୍ କିଣିବା ପାଇଁ ଇଚ୍ଛା ପ୍ରକାଶ କରିଥିଲେ । ଏହାପରେ ଜୟକୃଷ୍ଣ ତାଙ୍କୁ ଭୁବନେଶ୍ୱର ଫାୟାର ଷ୍ଟେସନ ନିକଟରେ ଥିବା କାର୍ ଶୋ'ରୁମ୍‌କୁ ନେଇଥିଲା । ସେଠାରେ ଶୋ'ରୁମ୍‌ର କର୍ମଚାରୀ ରାକେଶ କୁମାର ମଲ୍ଲିକଙ୍କ ସହ ଆଲୋଚନା ପରେ ସେମାନେ ଏକ ନୂଆ ଟାଟାସ୍ୱଞ୍ଜ କାର୍ କିଣିବାକୁ ନିଷ୍ପତ୍ତି ନେଇଥିଲେ । ନୂଆ କାର୍ କିଣିବା ପାଇଁ ଅଭିଯୋଗକାରିଣୀ ତାଙ୍କର ପୁରୁଣା ମାରୁତି ଅଲ୍‌ଟୋ କାର୍ ଶୋ'ରୁମ୍‌ରେ ବଦଳ ଦେଇଥିଲେ । ଯାହା ମୂଲ୍ୟ ୧ଲକ୍ଷ ୮୦ ହଜାର ଟଙ୍କା ଧାର୍ଯ୍ୟ ହୋଇଥିଲା । ଏହା ସହିତ ସେ ହଜାରେ ଟଙ୍କା ନଗଦ ମଧ ଦେଇଥିବା କହିଛନ୍ତି । ୨୦୨୫ ମସିହା ସେପେଟମ୍ବର ମାସ ୨୯ ତାରିଖରେ ଅଭିଯୋଗକାରିଣୀଙ୍କ ତରଫରୁ ଏସ୍‌ବିଆଇ ଚେକ୍ ମାଧମରେ ୫ଲକ୍ଷ ୫୦ ହଜାର ଟଙ୍କା ମଧ ଶୋ'ରୁମ୍‌କୁ ପ୍ରଦାନ କରାଯାଇଥିଲା । ସମସ୍ତ ଟଙ୍କା ଦେବା ସତ୍ତ୍ୱେ ଶୋ'ରୁମ୍ ପକ୍ଷରୁ ନୂଆ ଟାଟାସ୍ୱଞ୍ଜ କାର୍‌ଟି ଅଭିଯୋଗକାରୀଙ୍କୁ ନଦିଆଯାଇ ତାଙ୍କ ସହ ଆସିଥିବା ଜୟକୃଷ୍ଣ ସାହୁଙ୍କୁ ହସ୍ତାନ୍ତର କରାଯାଇଥିଲା । କିଛିଦିନ ପରେ ଅଭିଯୋଗକାରିଣୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ଭାବେ ଖରାପ ହୋଇଯାଇଥିଲା । ପରେ ଯେତେବେଳେ ଅଭିଯୋଗକାରିଣୀ ଅଭିଯୁକ୍ତ ଜୟକୃଷ୍ଣଙ୍କୁ ତାଙ୍କ ନୂଆ କାର୍ ଦେବା ପାଇଁ କହିଲେ, ସେ ଗାଡିଟି ଅଭିଯୁକ୍ତ ନାଁରେ ପଞ୍ଜୀକୃତ ହୋଇଥିବାରୁ ସେ ତାହା ଫେରାଇବେ ନାହିଁ ବୋଲି ରୋକ୍‌ଠୋକ୍ ମନା କରିଦେଇଥିଲା । ଏହାପରେ ଅଭିଯୋଗକାରିଣୀ ଶୋ'ରୁମ୍ ସହିତ ଯୋଗାଯୋଗ କରିଥିଲେ । ଶୋ'ରୁମ୍ କର୍ମଚାରୀମାନେ ତାଙ୍କୁ ବାଣପୁରର ଏକ ନୋଟାରୀରେ ଦୁଇଟି ଡକ୍ୟୁମେଣ୍ଟ (ଗୋଟିଏ ଏନ୍‌ଓସି ଅନ୍ୟଟି ଘୋଷଣାନାମା) କରାଯାଇଛି, ଯେଉଁଥିରେ ଦର୍ଶାଯାଇଛି ଯେ, ଅଭିଯୋଗକାରିଣୀ ତାଙ୍କ ପୁରୁଣା ଅଲ୍‌ଟୋ କାର୍ ବିନିମୟରେ ୧ଲକ୍ଷ ୮୦ ହଜାରେ ଟଙ୍କା ଏବଂ ଜୟକୃଷ୍ଣ ସାହୁଙ୍କ ନାମରେ ଏକ ନୂଆ କାର୍ କିଣିବା ପାଇଁ ୫ଲକ୍ଷ ୫୦ ହଜାର ଟଙ୍କା ଦେଇଛନ୍ତି । ନୋଟାରୀ ପାଖରେ ଏହିପରି ଦୁଇଟି କାଗଜ ହୋଇଥିବା ଅଭିଯୋଗକାରିଣୀ ଜାଣିବା ପରେ ସେ ବାଣପୁର କିମ୍ବା ଖୋର୍ଦ୍ଧାରେ କୌଣସି ନୋଟାରୀଙ୍କ ନିକଟକୁ ଯାଇନଥିବା କହିଥିଲେ ।

# କଲେଜ ଛକରେ ଖୋଲିଲା ଗୋଲଡେନ୍ ସ୍ୱାଇସ ରେଷ୍ଟୁରାଣ୍ଟ



କଟକ, (ସ୍ୱପ୍ର) : ପବିତ୍ର ଶ୍ରୀ ପଞ୍ଚମୀ ଅବସରରେ କଲେଜ ଛକ ସ୍ଥିତ ଆଡ ହସ୍ପିଟାଲ ନିକଟରେ ଶୀତତାପ ନିୟନ୍ତ୍ରିତ ଗୋଲଡେନ ସ୍ୱାଇସ ରେଷ୍ଟୁରାଣ୍ଟର ଶୁଭାରମ୍ଭ ହୋଇଛି । ଏଥିରେ ବିଧାୟକ ସୌଭିକ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଅତ୍ୟାଧୁନିକ ରେଷ୍ଟୁରାଣ୍ଟର ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଶଲ୍ୟ ବିଶେଷଜ୍ଞ ଡା. ଉମେଶ ରାୟ, ଏସସିବି ମେଡିକାଲର ବିଧାୟକଙ୍କ ପ୍ରତିନିଧି ଦିଲ୍ଲୀପ ସାହୁ, ସମାଜସେବୀ ରଘୁନାଥ ରାମ ପ୍ରମୁଖ ଯୋଗ ଦେଇଥିଲେ । ଏହି ଶୀତତାପ ନିୟନ୍ତ୍ରିତ ରେଷ୍ଟୁରାଣ୍ଟରେ ସମସ୍ତ ପ୍ରକାରର ଆମୀଷ, ନିରାମିଷ ବ୍ୟଞ୍ଜନ ସୁଲଭ ମୂଲ୍ୟରେ ଉପଲବ୍ଧ ହେବ ବୋଲି ରେଷ୍ଟୁରାଣ୍ଟର ପ୍ରୋପାଇଟର ସତ୍ୟ ନାରାୟଣ ପ୍ରସାଦ, ବୈଭବ ପ୍ରସାଦ ଏବଂ ଆର୍ଯ୍ୟାନ ପ୍ରସାଦ ସୂଚନା ଦେଇଛନ୍ତି । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଞ୍ଜୟ କୁମାର ସାହୁ, ଅବିନାଶ ସାହୁ, ବିଷ୍ଣୁ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ଉଠା ଦୋକାନୀ ବ୍ୟବସାୟୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପିଏମ୍ ସ୍ୱ-ନିଧି ଯୋଜନାର ଶୁଭାରମ୍ଭ

ବାରିପଦା, (ସବ୍ୟୁ) : କେନ୍ଦ୍ର ସରକାରଙ୍କ ଦ୍ୱାରା ପିଏମ୍ ସ୍ୱନିଧି ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିବା ସହରାଞ୍ଚଳରେ ଥିବା ଉଠା ଦୋକାନୀ ବ୍ୟବସାୟୀ ମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରଧାନମନ୍ତ୍ରୀ ଆଜି କେରଳ ସ୍ଥିତ ତିରୁବନନ୍ତପୁରମ୍‌ରୁ ସିଧାପ୍ରସାରଣ ଯୋଗେ ଋଣ ପ୍ରଦାନର ଏବଂ କ୍ରେଡିଟ କାର୍ଡ ବଣ୍ଟନର ଶୁଭାରମ୍ଭ କରିଥିଲେ । ଏହି ସମ୍ବନ୍ଧରେ ବାରିପଦା ପୌରପାଳିକା ଦ୍ୱାରା ଏକ ଶିବିର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ନଗରପାଳ କୃଷ୍ଣାନନ୍ଦ ମହାନ୍ତି ଏବଂ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ବାରିପଦା ପୌରପାଳିକାର ସମସ୍ତ ୱାର୍ଡର କାଉନ୍‌ସିଲର ବୃନ୍ଦ, ବିଭିନ୍ନ ବ୍ୟାଙ୍କ ଅଧିକାରୀ, ସିଓ, ଏମ୍‌ଆଇଏସ, ଡିଏମ୍‌ଏମ୍‌ୟୁ ସହାୟକ କର୍ମଚାରୀ, ଆଞ୍ଚଳିକ ପତ୍ରକାର ଏବଂ ରାସ୍ତା କଡ଼ର ଉଠା ଦୋକାନୀ ହିତାଧିକାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହା ସହିତ ଏହିଦିନ ୧୦ଜଣ ହିତାଧିକାରୀଙ୍କୁ



ଋଣ ଏବଂ ୧ଜଣ ଉଠାଦୋକାନୀ ବ୍ୟବସାୟୀଙ୍କୁ କ୍ରେଡିଟ୍ କାର୍ଡ ମୁଖ୍ୟ ଅତିଥିଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା । ନଗରପାଳ ମହୋଦୟ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଅର୍ପଣ କରି ସଭା ସାଙ୍ଗ କରିଥିଲେ ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା କୁକୁଡ଼ାଖଣ୍ଡି ଗ୍ରାମ ପଞ୍ଚାୟତ ପରିସରରେ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ସାମ୍ବାଦିକ ସଂଘ (ଏସୟୁଜେ) ଓ ନିସର୍ଗ ମିଡ଼ିଆ ହାଉସ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ସଦରଥାନା ଅଧିକାରୀ ଆରଏସ ପ୍ରଧାନ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ କୁକୁଡ଼ାଖଣ୍ଡି ସରପଞ୍ଚ ବନ୍ଦନା ସେଠୀ, ଅବସରପ୍ରାପ୍ତ କର୍ମଚାରୀ ବରିଷ୍ଠ ନାଗରିକ ମଞ୍ଚର ମୁଖ୍ୟ ଶ୍ରୀନିବାସ ରାଉଳ ଯୁବ ନେତା ଶିବ ପ୍ରସାଦ ଦୋର ଓ ରାଜ୍ୟ ସାମ୍ବାଦିକ ସଂଘର ସମ୍ପାଦକ ହେମନ୍ତ ପ୍ରସାଦ ରାଉଳ ଯୋଗ ଦେଇ ରକ୍ତ ଦାନ ଶିବିରର ଉଦଘାଟନ କରିଥିଲେ । ଦକ୍ଷିଣ ଓଡ଼ିଶାର ପ୍ରମୁଖ ମେଡିକାଲ ଏମକେସିଜି ଏଠାରେ ପ୍ରତ୍ୟେକ ଦିନ ସହ ସହ ସଂଖ୍ୟାରେ ରୋଗୀଙ୍କୁ ରକ୍ତର ଆବଶ୍ୟକ ପଡିଥାଏ । ତେଣୁ ଆଗକୁ



ଖରା ଦିନ ଆସୁଥିବା ବେଳେ ରକ୍ତର ଅଭାବ ରହିବ ତେଣୁ ଏହି ଅଭାବ କୁ ଗୁଣ୍ଡୁଚି ମୂଷା ଭାବେ ସହଯୋଗ କରିବା ପ୍ରୟାସ ନେଇ ଏସୟୁଜେ ରକ୍ତ ଦାନ ଶିବିର କରାଯାଇଥିଲା ।

ଆଗକୁ ଏହି ପ୍ରୟାସ ଜାରି ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛ । ଏହି କାର୍ଯ୍ୟକ୍ରମକୁ ଏସୟୁଜେ ଗଞ୍ଜାମ ଜିଲ୍ଲା ଶାଖା ସଭାପତି ବିଶ୍ୱନାଥ ମାରଣଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ଦିଗାମ୍ବର ମହାରଣା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁରଜିତ କୁମାର ପଣ୍ଡା, କୋଷାଧକ୍ଷ ନୀଳାଞ୍ଚଳ ସାହୁଙ୍କ ସମେତେ ସିମାଞ୍ଚଳ ସାହୁ, କପିଳ ପାଢ଼ୀ, ସମୀର ରଥ, ପ୍ରଫୁଲ୍ଲ ବେହେରା, ହିମାଂଶୁ ପାଢ଼ୀ, ସିଏଚ.ମନୋଜ ପାତ୍ର, ଜି.ନାଗେଶ୍ୱର ପାତ୍ର, ପି.କୃଷ୍ଣମୂର୍ତ୍ତିଙ୍କ ସମେତ ସ୍ଥାନୀୟ ସ୍ୱେଚ୍ଛାସେବୀ ସପନ କୁମାର ରାଉଳ, ଇପିଲି ପୂର୍ଣ୍ଣଚନ୍ଦ୍ରଙ୍କ ସମେତ ବହୁ ଉତ୍ସାହୀ ଯୁବକ ରକ୍ତଦାନ କରିଥିଲେ । ଶିବିରରେ ମୋଟ ୩୦ୟୁନିଟ୍‌ରୁ ଉର୍ଦ୍ଧ୍ୱ ରକ୍ତ ସଂଗ୍ରହ ହୋଇଥିଲା ।

# ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନେତାଜୀ ଜୟନ୍ତୀ


ବ୍ରହ୍ମପୁର, (ସବ୍ୟୁ): ମହାନ ସ୍ୱାଧୀନତା ସଂଗ୍ରାମୀ ମହା ଜନ ନାୟକ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୮ ତମ ଜୟନ୍ତୀ ଅବସରରେ ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ ବିବେକ ରେଡ଼ୀ, ଡେପୁଟି କମିଶନର କଲ୍ୟାଣ ସଂଘ ମିତ୍ରାଙ୍କ ସମେତ ବହୁ କର୍ମଚାରୀ ଉପସ୍ଥିତ ରହି ବ୍ରହ୍ମପୁର ପୁରୁଣା ଟାଉନହଲ ରୋଡ ସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ନେତାଜୀଙ୍କ ଜୀବନ, ଆଦର୍ଶ ଓ ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ଆଲୋଚନା କରିଥିଲେ । ସେହିପରି ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କୁନି କୁମାରୀ ଦେବୀ ଏବଂ ପରିବେଶବିତ ସୁଧୀର ରାଉତ, ମଞ୍ଚର ଆବାହକ ଅବନୀ ଗୟାଙ୍କ ନେତାଜୀ ଏକ ଶୋଷଣମୁକ୍ତ ଭାରତବର୍ଷ ପ୍ରତିଷ୍ଠା ପାଇଁ ସାରା ଜୀବନ ଅହରହ ସଂଗ୍ରାମ କରିଥିଲେ । ଦେଶୀୟ ପୁଞ୍ଜିପତିମାନେ ସାଧାରଣ ଜନଗଣଙ୍କୁ ଶୋଷଣ କରୁଥିବା ବେଳେ ପୁଞ୍ଜିବାଦ ଦେଶ ପାଇଁ ଏକ ବଡ଼ ସଙ୍କଟ ରୂପେ ଦୃଶ୍ୟମାନ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ । ଏହି ସଭାରେ ସଭାପତି ଗଗନ ଚନ୍ଦ୍ର ମଲ୍ଲିକ, ଗୁଣନିଧି ବେହେରା, ସୁରେନ୍ଦ୍ର ନାଥ ପଣ୍ଡା, ମନୋଜ କୁମାର ତରାଇ, ଅଶୋକ କୁମାର ଦଳାଇ, ବିରେନ୍ କୁମାର ବେହେରା, ହୃଷିକେଶ ପାତ୍ର, ଆଦିତ୍ୟ ନାରାୟଣ ରଥ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଏମ୍‌ଏସସିବି ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ପ୍ରାଚୀର ପତ୍ର ଭଞ୍ଜଶ୍ରୀର ବାଗଦେବୀ ବିଶେଷାଙ୍କ ଲୋକାର୍ପିତ

ବାରିପଦା, (ସବ୍ୟୁ) : ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରାଚୀରପତ୍ର ଭଞ୍ଜଶ୍ରୀର ଦଶମ ବର୍ଷ ଦ୍ୱିତୀୟ ସଂଖ୍ୟା ବାଗଦେବୀ ବିଶେଷାଙ୍କ ପବିତ୍ର ଶ୍ରୀପଞ୍ଚମୀ ଅବସରରେ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଏହି ଲୋକାର୍ପଣ ସମାରୋହରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ ଉପସ୍ଥିତରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ଏହି ବିଶେଷାଙ୍କରେ ପ୍ରଥମବର୍ଷ ଛାତ୍ରୀ ଶ୍ରାବଣୀ ସାହୁଙ୍କ କବିତା ନାରୀ, ଛାତ୍ରୀ ପ୍ରତିମା ମଲ୍ଲିକଙ୍କ କବିତା ଅଭୁଲାସ୍ମୃତି, ଛାତ୍ରୀ ରୁଲି ବେହେରାଙ୍କ କବିତା ମୋ ମୟୂରଭଞ୍ଜ, ଛାତ୍ରୀ ଜ୍ୟୋତିରେଖା ରଥଙ୍କ କବିତା ମୋ ଗାଁ, ଛାତ୍ରୀ ଜୟନ୍ତୀ ମାଝୀଙ୍କ କବିତା ସେ ନାରୀ, ଛାତ୍ରୀ ଅଞ୍ଜନା ଭଞ୍ଜଙ୍କ କବିତା ଓଡ଼ିଆ ଘରର ନାରୀ ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ମାଲ୍ଲିକଙ୍କ କବିତା ଋତୁରାଜ ବସନ୍ତର ଆଗମନ, ଛାତ୍ରୀ ଚିନ୍ମୟୀ ବେହେରାଙ୍କ କବିତା ଫୁଲ, ଛାତ୍ରୀ ଜ୍ୟୋତିର୍ମୟୀ ମହାପାତ୍ରଙ୍କ କବିତା ଶୀତ, ଦ୍ୱିତୀୟ ବର୍ଷ ଛାତ୍ର କେଶବ ରଞ୍ଜନ ରଣାଙ୍କ କବିତା ପୀରତିର ମହନୀ, ଛାତ୍ରୀ ସୀମାଲତା ସାହୁଙ୍କ କବିତା ଜ୍ୟୋତିର୍ମୟ ଜଗନ୍ନାଥ, ଛାତ୍ରୀ ବର୍ଷାରାଣୀ ଜେନାଙ୍କ କବିତା ଜୀବନ ଯଦି ବହିଟିଏ ହୁଅନ୍ତା, ଛାତ୍ରୀ ରଶ୍ମିତା ବେରାଙ୍କ କବିତା ପିଛିଲା ଏକୋଇଶ ବର୍ଷ, ପ୍ରମିଳା ସାହୁଙ୍କ ଗଳ୍ପ ବଧୂ ନିରୂପମା, ଛାତ୍ରୀ ସାଗରିକା ମହାର୍ଣ୍ଣାଙ୍କ କବିତା ଶୀତୁଆ ସକାଳ, ଛାତ୍ର ଗୋଲକ ବିହାରୀ ରଣାଙ୍କ ପ୍ରବନ୍ଧ ଭାବ ଓ ବିବେକ, ଛାତ୍ର କାହ୍ନୁଚରଣ ପଢ଼ୀଙ୍କ କବିତା କଳିଯୁଗର ସାବିତ୍ରୀ ବ୍ରତ ସ୍ଥାନ ପାଇଛି । ଏହି ସଂଖ୍ୟାର ସମ୍ପାଦକ ଭାବରେ ଅଛନ୍ତି ବିଭାଗୀୟ ସହକାରୀ ପ୍ରଫେସର ଡକ୍ଟର ଶିଶିର ବେହେରା । ଉପଦେଷ୍ଟା ଭାବରେ ଅଛନ୍ତି ବିଭାଗୀୟ ସହକାରୀ ପ୍ରଫେସର ଡକ୍ଟର ବିଚିତ୍ର ନାଥ ସାହୁ, ଡକ୍ଟର ବିନ୍ଧେଶ୍ୱରୀ କଳିଆ, ରାଜକୁମାର ପାତ୍ର ଓ ହୃଷୀକେଶ ମହାନ୍ତ । ସହ - ସମ୍ପାଦକ ଭାବରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପ୍ରମିଳା ସାହୁ, ସ୍ନେହମୟୀ ପୂଜାରୀ, ଅର୍ଚ୍ଚନା ଭଞ୍ଜ, ବର୍ଷା ପ୍ରିୟଦର୍ଶିନୀ ମଲ୍ଲିକ । ଏ ସଂଖ୍ୟାର ଅକ୍ଷର ସଜାଇଛନ୍ତି, ଛାତ୍ରୀ ଅର୍ଚ୍ଚନା ରାଣୀ ବାରିକ, ଶ୍ରାବଣୀ ସିଂ, ସ୍ନେହଲତା ଯେନା । ଏ ସଂଖ୍ୟାକୁ ଅଳଂକରଣ କରିଛନ୍ତି ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଶୁଭଲକ୍ଷ୍ମୀ ମହାପାତ୍ର, ସମୀକ୍ଷା ନାୟକ, ପ୍ରମିଳା ସାହୁ, କାହ୍ନୁଚରଣ ପାଢ଼ୀ, କେଶବ ରଞ୍ଜନ ରଣା, ଦୀପ୍ତିରେଖା ରାଉତ, ବର୍ଷା ପ୍ରିୟଦର୍ଶିନୀ ମଲ୍ଲିକ, ଜ୍ୟୋତିର୍ମୟୀ ମହାପାତ୍ର, ଅର୍ଚ୍ଚନା ରାଣୀ ବାରିକ ଓ ଜଗନ୍ନାଥ ପଟ୍ଟାୟତ ପ୍ରମୁଖ ।

# ଏଆଇଡିଏସଓ ପକ୍ଷରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ

ବାରିପଦା, (ସବ୍ୟୁ) : ଏଆଇଡିଏସଓ (ଅଲ୍ ଇଣ୍ଡିଆ ଡେମୋକ୍ରାଟିକ ଷ୍ଟୁଡେଣ୍ଟ ଅର୍ଗାନାଇଜେଶନ) ମୟୂରଭଞ୍ଜ ଜିଲ୍ଲା କମିଟି ପକ୍ଷରୁ ଆପୋଷହୀନ ଧାରାର ବଳିଷ୍ଠ ତମ ଅଭିବ୍ୟକ୍ତି ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ସ୍ଥାନରେ ପାଳନ କରାଯାଉ ଥିବାବେଳେ ବାରିପଦା ସ୍ଥିତ ପୂର୍ଣ୍ଣଓୟା ମହିଳା ଛାତ୍ରୀ ନିବାସ ଏବଂ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ପାଳନ କରାଯାଇଛି । କିଛି ହାଇ ପ୍ରୋଫାଇଲ୍ ଅତିଥିଙ୍କ ଆସିବା କାରଣରୁ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ସାଧାରଣ ଲୋକ ଯିବାର କଟକଣା ସମ୍ପୂର୍ଣ୍ଣ ଅଗଣତାନ୍ତ୍ରିକ, ଏହାକୁ ସଂଗଠନ ପକ୍ଷରୁ କଡା ନିନ୍ଦା କରୁଛୁ । ନେତାଜୀଙ୍କୁ ଏହା ପ୍ରକୃତ ସମ୍ମାନ ନୁହେଁ । ସ୍ୱାଧୀନତାର ୭୮ ବର୍ଷ ପରେ ମଧ୍ୟ ଆଜି ଅନ୍ଧକାର ମୟ ପରିବେଶରେ ଆମେ ବାସ କରୁଛୁ, ଇଂରେଜ ହଟିଗଲେ କିନ୍ତୁ ଶାସନ ସେହି ପୂର୍ବ ଭଳି ହିଁ ଜାରି ରହିଛି । ସଠିକ୍ ଶିକ୍ଷା ନୀତି ଲାଗୁ ନହେବା ଫଳରେ ଜ୍ଞାନର ଆଲୋକ ସଠିକ୍ ସ୍ଥାନରେ ପହଞ୍ଚି ପାରୁନାହିଁ, ଦିବା ଲୋକରେ ନାରୀ ଛାତ୍ରୀ ସୁରକ୍ଷିତ ନାହାନ୍ତି, ନାରୀ ନିର୍ଯାତନା ବଢ଼ିବାରେ ଲାଗିଛି । ଛାତ୍ର ଯୁବକ ସହିତ ଜନଗଣଙ୍କର ସମସ୍ୟା ପ୍ରତିଦିନ ବଢ଼ି ଚାଲିଛି । ନେତାଜୀଙ୍କର ଅପୁରିତ ସ୍ୱପ୍ନ ଆଜି ବି ପୁରା ହୋଇନାହିଁ, ଦେଶର ବର୍ତ୍ତମାନର ସ୍ଥିତି ଯଦି ଦେଖିବା ଘୋର ସଙ୍କଟରେ ଅଛି ଏହି ସମୟରେ କିନ୍ତୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କର ଜୀବନ ସଂଗ୍ରାମ ପ୍ରଚାର ବହୁ ଆବଶ୍ୟକ । ବର୍ତ୍ତମାନ ସମୟରେ ଛାତ୍ର ସମାଜକୁ ସେହି ଭଳି ଚରିତ୍ର ଅର୍ଜନ କରିବା ସହିତ ନେତାଜୀଙ୍କର ଜୀବନ ସଂଗ୍ରାମରୁ ଶିକ୍ଷା ନେଇ ଅନ୍ୟାୟ ଅତ୍ୟାଚାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ । ଏହି କାର୍ଯ୍ୟକ୍ରମରେ ସଂଗଠନର ମୟୂରଭଞ୍ଜ ଜିଲ୍ଲା ସମ୍ପାଦକ ଫୁଲଚାନ୍ଦ ଲୋହାର, ଜିଲ୍ଲା ଅଫିସ ସମ୍ପାଦକ ଯତୀନ ବାନରା, ଜିଲ୍ଲା କମିଟି ସଦସ୍ୟ ମାନସିଂ ହୋ, ବିନୋଦ ନାୟକ,ବାପୁନୁ ବାନରା, ଗୋବିନ୍ଦ ମୁଣ୍ଡାରୀ, ପୂର୍ଣ୍ଣଚନ୍ଦ୍ର ବାଙ୍କିରା, ସଦସ୍ୟା ବୁଦୁନି ବାନରା, ଜୟନ୍ତୀ ବଦ୍ରା, ଦ୍ରୌପଦୀ ପିଙ୍ଗୁଆ ଏବଂ ମହିଳା କଲେଜ କମିଟି ସଭାପତି ପାର୍ବତୀ ମୁଣ୍ଡା ଲୋହାର, ସହ ସଂପାଦିକା ବାସନ୍ତୀ ଶୀଙ୍କୁ ପ୍ରମୁଖ ଉପସ୍ଥିତ ରହି ନେତୃତ୍ୱ ନେଇଥିଲେ ।



## ଟ୍ରକ୍ ଧକ୍କାରେ ଯୁବ ଚାଷୀ ମୃତ, ଡ୍ରାଇଭର ଅଟକ
# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ



ଏସ୍ .ରାମପୁର,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ରାମପୁରର ଯୁବଚାଷୀ ସୁରେନ୍ଦ୍ର ମେହେର (୨୫) ମଧ୍ୟାହ୍ନରେ ଘରୁ ଏକ ବାଇକ ଯୋଗେ ଚାଷ ଜମିକୁ ଯାଉଥିଲେ । ହେଲେ ବରପାଲି ପଟରୁ ଦ୍ରୁତ ଗତିରେ ଆସୁଥିବା ୨୩ ଏ-୪୩୮ ଟ୍ରକ ବାଇକ ସହିତ ସୁରେନ୍ଦ୍ରଙ୍କୁ ଜୋରରେ ଧକ୍କାଦେଇ ୮ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା । ଫଳରେ ସେ ଘଟଣା ସ୍ଥଳରେ ହିଁ ମୃତ୍ୟୁ ବରଣ କରିଥିଲେ । ରାମପୁର ଦମକଳ ବାହିନୀ ପହଞ୍ଚି ରାମପୁର ମେଡିକାଲକୁ ନେଇଥିଲେ। କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏପଟେ ସୁରେନ୍ଦ୍ରଙ୍କ ୨ଟି ସନ୍ତାନ ରହିଥିବାରୁ ତାଙ୍କ ଭରଣ ପୋଷଣ କ୍ଷତିପୂରଣ ଦାବିରେ ଉତ୍ୟକ୍ତ ଲୋକେ ବିନିକା-ବରପାଲି ଜାତୀୟ ରାଜପଥ ୧୨୬(ଏ) ରାମପୁରରେ ରାଜରାସ୍ତା ଅବରୋଧ କରିଥିଲେ । ଖବର ପାଇ ଘଟଣା ସ୍ଥଳକୁ ରାମପୁର ପୋଲିସ ପହଞ୍ଚି ଟ୍ରକକୁ ଜବତ କରିବା ସହ ଟ୍ରକ ଡ୍ରାଇଭରକୁ ଥାନାରେ ଅଟକ ରଖି ପଚରା ଉଚରା କରି ତଦନ୍ତ ଜାରୀ ରଖିବା ସହିତ ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ରାସ୍ତାରୋକରୁ ହଟାଇବାରେ ସଫଳ ହୋଇଥିଲେ ।

# ‘ଶିକ୍ଷାକ୍ଷେତ୍ରରେ ନବରଙ୍ଗପୁର ମାଇଲଖୁଣ୍ଟ ସ୍ଥାପନ କରିବ’

ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲାସ୍ତରୀୟ ପ୍ରଥମ ପିଏମଶ୍ରୀ ଉତ୍ସବ ୨୦୨୬ ବୁଧବାର ଦିନ ଉଦ୍ୟାପିତ ହୋଇଯାଇଛି। ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁଙ୍କ ସଭାପତିତ୍ୱ କରି ଛାତ୍ରଛାତ୍ରୀମାନଙ୍କୁ ଭଲ ପାଠପଢି ନବରଙ୍ଗପୁର ଜିଲ୍ଲାକୁ ଶୀର୍ଷରେ ପହଞ୍ଚାଇବା ପାଇଁ ଉପଦେଶ ଦେଇଥିଲେ । ସ୍ଥାନୀୟ ଏକଲବ୍ୟ ବିଦ୍ୟାଳୟ ସର୍ବଭାରତସ୍ତରରେ ଖେଳ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଲାଭ କରିବା ଜିଲ୍ଲାପାଇଁ ଗର୍ବ ଓ ଗୌରବ ବୋଲି କହିଥିଲେ।

ସମାରୋହରେ ମୁଖ୍ୟ ଅତିଥି ନବରଙ୍ଗପୁର ସାଂସଦ ଇଂ.ବଳଭଦ୍ର ମାଝୀ ଯୋଗଦେଇ ବିକଶିତ ଭାରତ ପାଇଁ ଛାତ୍ରଛାତ୍ରୀଙ୍କ ଅବଦାନ ଅତୁଳନୀୟ ଏବଂ ଦେଶ ବିକାଶରେ ସମସ୍ତ ଛାତ୍ରଛାତ୍ରୀ ଚେଷ୍ଟିତ ରହିବା ପାଇଁ ପରାମର୍ଶ ଦେଇଥିଲେ। ବର୍ତ୍ତମାନ ନବରଙ୍ଗପୁର ଜିଲ୍ଲାର ଛାତ୍ରଛାତ୍ରୀ ମାନେ ପାଠ ପା ସହ ଖେଳକୁଦରେ ସର୍ବଭାରତସ୍ତରରେ ସ୍ଥାନ ଲାଭ କରିବା ନିଶ୍ଚିତ ରୁପେ ଜିଲ୍ଲାପାଇଁ ଗୌରବର ବିଷୟ। କେନ୍ଦ୍ରସରକାର ଶିକ୍ଷା ପାଇଁ ବିଭିନ୍ନ ପ୍ରଣାଳୀ ଆପଣାଇବା ସହ ଭିତ୍ତିଭୂମି ଯୋଗାଉଛି। ଛାତ୍ରଛାତ୍ରୀମାନେ ଏହାର ସଦୁପଯୋଗ କରି ଶିକ୍ଷାରେ ସଫଳତା ହାସଲ କରନ୍ତୁ ଆଗାମୀ ଦିନରେ ନବରଙ୍ଗପୁର ଜିଲ୍ଲା ଶିକ୍ଷାକ୍ଷେତ୍ରର ନୂଆ ମାଇଲଖୁଣ୍ଟ ସ୍ଥାପନ ହେବ ବୋଲି କହିଛନ୍ତି ସାଂସଦ ଶ୍ରୀ ମାଝୀ । ଅତିଥି ଭାବେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗଦେଇ ଛାତ୍ର ଛାତ୍ରୀ ମାନଙ୍କୁ ଦେଶର ଭବିଷ୍ୟତ ଏବଂ ସେମାନେ ଶିକ୍ଷା ସହିତ ନିଜ ଜୀବନରେ ଶିଷ୍ଟାଚାର,ଦେଶ ପ୍ରେମ ଓ ସମାଜ ପ୍ରତି ଦାୟିତ୍ୱ ବୋଧକୁ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ତଥା ଜିଲ୍ଲା ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ସକରାତ୍ମକ ଏବଂ ନୂତନ ଚିନ୍ତାଧାରାର ଅଭିବୃଦ୍ଧି ଦିଗରେ ଚେଷ୍ଟିତ ରହିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମର ଆବାହକ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଲିକ, ଶ୍ରୀକାନ୍ତ ଜାନି, ସୁପ୍ରିୟା ନାୟକ, ଡାବୁଗାଁ ବିଇଓ ରଶ୍ମିତା ନେତମ, ତେନ୍ତୁଳୀଖୁଣ୍ଟି ବିଇଓ ସୁଦୀପ୍ତ ଦାଶ, କୋଷଗୁମୁଡା ବିଇଓ ସୌମେନ୍ଦ୍ର ଭୌମିକ ଏବଂ ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଚିତ୍ତରଂଜନ ପଟ୍ଟନାୟକ ଯୋଗ ଦେଇଥିଲେ।

## ହରିୟାଣା ବ୍ୟାଟିଂ ପ୍ରଦର୍ଶନ ନୈରାଶ୍ୟଜନକ
# ୨୭୬ ରନ୍‌ରେ ଅଲଆଉଟ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ ଠାରେ ଓଡିଶା ବନାମ ହରିୟାଣା ମଧ୍ୟରେ ୨୩ବର୍ଷରୁ କମ୍ ସର୍ବଭାରତୀୟ କର୍ଣ୍ଣେଲ ସିକେ ନାଇଡୁ କ୍ରିକେଟ୍ ମ୍ୟାଚ୍ ଆରମ୍ଭ ହୋଇଛି । ପ୍ରଥମେ ଟସ୍ ଜିଣି ହରିୟାଣା ଦଳ ବ୍ୟାଟିଂ ପାଇଁ ପଡିଆକୁ ଓହ୍ଲାଇଥିଲା । ଦଳ ୭୦.୫ ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୨୭୬ରନ୍ ସଂଗ୍ରହ କରିଥିଲା । ବ୍ୟାଟ୍ସମ୍ୟାନ ରୋହନ ଦେଶୱାଲ ୧୫୮ଟି ବଲ୍ ଖେଳି ୧୦୮ରନ୍ ସଂଗ୍ରହ କରିଥିଲେ । ସେ ୧୫ଟି ଚଉକା ଓ ୨ଟି ଛକା ବିନିମୟରେ ଏହି ରନ୍ ସଂଗ୍ରହ କରିଥିବା ଜଣାପଡିଛି ।

ଓଡିଶା ଦଳର ବୋଲର ଆଶୁତୋଷ ମାରାଣ୍ଡି ୧୨ଓଭର ବୋଲିଂ କରି ୬୯ରନ୍ ବିନିମୟରେ ୫ଟି ୱିକେଟ୍ ଅକ୍ତିଆର କରିଥିଲେ । ସେହିପରି ଆଶୁତୋଷ ଛୁରିଆ ଓ ସନ୍ଦିପ ମହାପାତ୍ର ୨ଟି ଲେଖାଏଁ ଏବଂ ରିତେଶ ପ୍ରିୟରଞ୍ଜନ ୧ଟି ୱିକେଟ୍ ହାସଲ କରିଥିଲେ । ଏହାର ଜବାବରେ ଓଡିଶା ଦଳ ଷ୍ଟମ୍ପ ଅପସାରଣ ବେଳକୁ ୧୧ଓଭରରେ ବିନା ୱିକେଟ୍ ବିନିମୟରେ ୪୮ରନ୍ ସଂଗ୍ରହ କରିଥିଲା । ଦଳର ବ୍ୟାଟ୍ସମ୍ୟାନ ଦିନେଶ କେ. ମାଝୀ ୩୫ରନ୍ ଏବଂ ଓମ୍ ମୁଣ୍ଡେ ୨୨ରନ୍ ସଂଗ୍ରହ କରି ଅପରାଜିତ ଅଛନ୍ତି । ଏହି ମ୍ୟାଚ୍‌ରେ ଅମ୍ପାୟାର ଭାବେ ରାକେଶ କୁମାର ଓ ଅଭିଶେକ ଗୁପ୍ତା ଦାୟିତ୍ୱ ତୁଲାଇଥିଲେ । ସେହିପରି ଅରିନ୍ଦମ ସରକାର ମ୍ୟାଚ୍ ରେଫରୀ, ବିରାଜ ଦାଶ ଓ ସନ୍ଦୀପ ଜୀ ସ୍କୋରର ଏବଂ ସୁବାଷ ଜେନା ଓ ଗୋବିନ୍ଦ ବେହେରା ଭିଡିଓ ଆନାଲିଷ୍ଟ ଦାୟିତ୍ୱ ତୁଲାଇଥିବା ଦେଖିବାକୁ ମିଳିଥିଲା ।

# ୪୦ କେଜି ଗଞ୍ଜେଇ ସହ କାର ଜବତ, ଦୁଇ ଅଭିଯୁକ୍ତ ଗିରଫ

କଣ୍ଟାମାଳ, (ସବ୍ୟୁ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ପକ୍ଷରୁ ଚଢଉ କରି ୪୦ କେଜି ଗଞ୍ଜେଇ ସହ ଏକ କଳା କାର ଜବତ କରିଥିବା ସ୍ଥଳେ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି ପୋଲିସ । କୌଣସି ସୂତ୍ରରୁ ଖବର ପାଇ ଘଣ୍ଟାପଡ଼ା ପୋଲିସ ସିଆଲଝୁଲି ନିକଟସ୍ଥ ରାସ୍ତା ଉପରେ ଛକି ରହିଥିଲା। ଅପରପାର୍ଶ୍ୱରୁ ଏକ କଳା ରଙ୍ଗର ହୁଣ୍ଡାଇ କ୍ରେଟା ନଂ ୟୁପି ୧୨ଏଏଲ ୪୦୨୬ କାର ଦୃତ ଗତିରେ ଆସୁଥିବାରୁ ତାକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଗଞ୍ଜେଇ ବାହାରିବାରୁ ୨ ଜଣଙ୍କୁ କାବୁ କରିଥିଲେ। ମାଜିଷ୍ଟ୍ରେଟଙ୍କ ସାମନାରେ ଓଜନ କରିବାରୁ ୪୦ କେଜି ଗଞ୍ଜେଇ ହୋଇଥିଲା। ଅଭିଯୁକ୍ତ ଦୁଇ ଜଣ ହେଲେ ଉତ୍ତରପ୍ରଦେଶର ତେଜ ପ୍ରତାପ ସିଂ ଓ ଅନିରୁଦ୍ଧ କୁମାର । ଏନେଇ ପୋଲିସ୍ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ନେଇ ଥାନାଧିକାରୀ ସୌମ୍ୟରଞ୍ଜନ ପାତ୍ରଙ୍କ ଠାରୁ ପ୍ରକାଶ।

# ଜିଲ୍ଲାସ୍ତରୀୟ ସୁଭଦ୍ରା ଓ ସ୍ୱଦେଶୀ ମେଳା ଉଦ୍‌ଘାଟିତ



ଭବାନୀପାଟଣା, (ସବ୍ୟୁ): ଭବାନୀପାଟଣା ସ୍ଥିତ ଲାଲ୍ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ୍ ରେ ସାଂସଦ ଲୋକସଭା, କଳାହାଣ୍ଡି ମାଳବିକା ଦେବୀଙ୍କ କର କମଳରେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଓ ସ୍ୱଦେଶୀ ମେଳାର ଶୁଭ ଉଦଘାଟନ ହୋଇଥିଲା । ଏହି ଅବସରରେ ସଭାପତି ଜିଲ୍ଲା ପରିଷଦ,ପୁଷ୍ପେନ୍ଦ୍ର ସିଂହଦେଓ, ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ, ଜିଲ୍ଲା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଦୟାମୟ ପାଢି, ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ଦୁର୍ଯ୍ୟୋଧନ ଭୋଇ, ଜିଲ୍ଲା ସଂସ୍କୃତି ଅଧିକାରୀ, ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, ମୁଜିବୁନ ନିଶା, ଜିଲ୍ଲା ମିଶନ ଶକ୍ତି ସଂଯୋଜିକା,ସୁମନ ଦ୍ୱିବେଦୀ, ଉପମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓରମାସ , ଜୀବିକା ବିଶେଷଜ୍ଞ ପ୍ଲାନିଙ୍ଗ୍ ତଥା ଅନ୍ୟାନ୍ୟ ଜିଲ୍ଲା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ମେଳା ୨୨ ଜାନୁୟାରୀ ରୁ ୨୮ ଜାନୁୟାରୀ ପର୍ଯ୍ୟନ୍ତ ୭ ଦିନ ଧରି ଚାଲିବ। ଏହି ମେଳା ରେ କଳାହାଣ୍ଡି ଜିଲ୍ଲା ଏବଂ ଓଡ଼ିଶାର ଅନ୍ୟ ଜିଲ୍ଲା ମାନଙ୍କରୁ ଆସିଥିବା ୭୦ରୁ ଊର୍ଦ୍ଧ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ନିଜର ପ୍ରସ୍ତୁତ ସାମଗ୍ରୀ ବିକ୍ରୀ କରୁଛନ୍ତି। ଉକ୍ତ ମେଳାରେ ବିବିଧ ହସ୍ତ ତନ୍ତ, ହସ୍ତ ଶିଳ୍ପ, ଖାଦ୍ୟ ଓ କାଷ୍ଠ ଜଙ୍ଗଲ ଉତ୍ପାଦ ସହିତ ଓଡ଼ିଆ ଅସ୍ମିତାର ପ୍ରତିଫଳନ ମଧ୍ୟ ହୋଇଛି। କଳାହାଣ୍ଡି ଜିଲ୍ଲାର ଲୋକ ନୃତ୍ୟ ସଙ୍ଗେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ୭ଦିନ ଧରି ଜନସାଧାରଣଙ୍କ ମନୋରଞ୍ଜନ ପାଇଁ ଚାଲିବ ।

# ସେବା ଅନୁଷ୍ଠାନ ପକ୍ଷରୁ ୨୭ୟୁନିଟ୍ ରକ୍ତ ସଂଗ୍ରହ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟସ୍ଥିତ ରକ୍ତଭଣ୍ଡାର ଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୋଟ ୨୭ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ସମସ୍ତ ରକ୍ତଦାତାଙ୍କୁ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ଏଥିରେ ସଭାପତି ଅମର ତାଣ୍ଡିଆ, ଉପଦେଷ୍ଟା ଲକ୍ଷ୍ମୀପ୍ରସାଦ ମହାପାତ୍ର, ଅରବିନ୍ଦ ପାଣିଗ୍ରାହୀ, ସନଥ କୁମାର ବେହେରା, ସୁବାଷ ବାରିକ, ଇନ୍ଦ୍ରଜିତ୍ ବାରିକ, ଧିରଜ କୁମ୍ଭାର, ବୁଲୁ ନାୟକ, ପଦ୍ମନାଭ ବାରିକ ଓ ସନଥ ଓରାମ ପ୍ରମୁଖ ଶିବିର ପରିଚାଳନା କରିଥିଲେ । ସମ୍ବଲପୁର ରକ୍ତଭଣ୍ଡାର ପକ୍ଷରୁ ଡା. କଳ୍ପେଶ କଙ୍କଡ , ଦୀପିକା ଭୋଇ ଓ ସୁନୀଲ କୁମାର ପ୍ରମୁଖ ସହଯୋଗ କରିଥିଲେ ।

# କୁଚିଣ୍ଡା ମହାବିଦ୍ୟାଳୟ ପକ୍ଷରୁ ସଚେତନତାଧର୍ମୀ କାର୍ଯ୍ୟକ୍ରମ

କୁଚିଣ୍ଡା, (ସବ୍ୟୁ): କୁଚିଣ୍ଡା ମହାବିଦ୍ୟାଳୟର ପ୍ରେକ୍ଷାଳୟରେ ଏନଏସଏସ ପକ୍ଷରୁ ନୂତନ ରକ୍ତଦାତା ସୃଷ୍ଟି କରିବା ନିମନ୍ତେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଅଧକ୍ଷ ମନୋଜ ପଣ୍ଡାଙ୍କ ନିର୍ଦ୍ଦେଶ ଓ ମାର୍ଗଦର୍ଶନ ରେ ପ୍ରୋଗ୍ରାମ ଅଫିସର ବେଲମତୀ କୁମୁରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ମହାବିଦ୍ୟାଳୟରୁ ନୂତନ ଭାବେ ୧୫ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ପ୍ରାଧାପକ ପ୍ରମୋଦ ସ୍ୱାଇଁ, ଅଧାପକ ସୁଧାଂଶୁ ମହାପାତ୍ର, ଆଲୋକ ପଟେଲ, ଡ଼ଃ ପ୍ରକାଶ ଚନ୍ଦ୍ର ପଟେଲ, କାଁହୁ ଚରଣ ମୁନ୍ନା, ଦୀପକ ବିଶ୍ୱାଳ, ଗଣନାଥ ନାୟକ, ପରମଜିତ ନାୟକ , ଅଧାପିକା ସଞ୍ଜୁଶ୍ରୀ ସାହୁ, ଗଜାମତୀ କୁମୁରା, ଜିନିଆ ଭଟ୍ଟାଚାର୍ଯ୍ୟ, ପୂଜା ଦାସ, ପଦ୍ମିନୀ ପ୍ରଧାନ, ଜାଗୃତି ବାଗ, କେ. ବେଗମ୍ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଏନ. ଏସ. ଏସ ସ୍ୱେଚ୍ଛାସେବୀ ମାନଙ୍କ ମଧ୍ୟରୁ ଅଙ୍କିତ ମେହେର, ସାଗର ପଣ୍ଡିତ, ରାକ୍ଷୀ ଅର୍କ ସ୍ମୃତିମୟୀ ସାହୁ, ସୁନେଶ ଲୁହା, ଧରଣୀ କିସାନ, ଅଙ୍କିତ ରାଉତ, ଚୁମକି ମହାନନ୍ଦୀଆ ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ପୁରାତନ ଛାତ୍ରି ରୁପାଲୀ ପଣ୍ଡା ଯୋଗଦେଇ ରକ୍ତଦାନ କରିଥିଲେ। ସମାଜସେବୀ ବିଜୁ ସାହୁ, ତନୟ ମହାପାତ୍ର, ରିଙ୍କୁ କୁସୁମ ଉପସ୍ଥିତ ରହି ରକ୍ତଦାତା ମାନଙ୍କୁ ସହଯୋଗ କରିଥିଲେ। ରୋଗୀମାନଙ୍କୁ ସଠିକ ସମୟରେ ରକ୍ତ ଯୋଗାଇବାର ମହତ ଉଦ୍ଦେଶ୍ୟ ରଖି କୁଚିଣ୍ଡା ମହାବିଦ୍ୟାଳୟ ଏନ. ଏସ. ଏସ ପକ୍ଷରୁ ପ୍ରତିବର୍ଷ ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ଏହା ବ୍ୟତିତ ବହୁମୁଖୀ ପ୍ରତିଭାର ଅନ୍ୱେଷଣ ଓ ଛାତ୍ରଛାତ୍ରୀମାନଙ୍କ ବ୍ୟକ୍ତିତ୍ୱର ବିକାଶ ସାମାଜିକ ଦାୟିତ୍ୱ ଓ ରାଷ୍ଟ୍ରପ୍ରେମ ଭାବନା ଜାଗ୍ରତ କରିବା ଉଦ୍ଦେଶ୍ୟରେ ଶିକ୍ଷା ବିଭାଗ ର ଅଧାପିକା ତଥା ଏନଏସଏସ ପ୍ରୋଗ୍ରାମ ଅଫିସର ବେଲମତୀ କୁମୁରାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

# ଭ୍ରାମ୍ୟମାଣ ପୁସ୍ତକ ମେଳା ଉଦ୍‌ଘାଟିତ

ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ କଚେରୀ ଛକ ନିକଟରେ ଏନ୍‌ବିଟି ପକ୍ଷରୁ ଭ୍ରାମ୍ୟମାଣ ପୁସ୍ତକ ମେଳା ଉଦ୍ଘାଟିତ ହୋଇଯାଇଛି । ଗବେଷକ ଦୀପକ କୁମାର ପଣ୍ଡା ଏହାର ଶୁଭ ଉଦ୍ଘାଟନ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ପୁସ୍ତକ ପ୍ରତି ରୁଚି ବଢାଇବା ପାଇଁ ଏହି ମେଳା ସମ୍ବଲପୁରର ବିଭିନ୍ନ ଅଞ୍ଚଳର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି । ଆସନ୍ତା ୨୭ରେ କେନ୍ଦ୍ରୀୟ ବିଦ୍ୟାଳୟ, ୨୮ରେ ମହିଳା ମହାବିଦ୍ୟାଳୟ, ୨୯ରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏହି ଗାଡି ରହିବ । ୨୬ତମ ସମ୍ବଲପୁର ପୁସ୍ତକ ମେଳା ଅବ୍ୟବହିତ ପୂର୍ବରୁ ଏହା ଆରମ୍ଭ ହୋଇଛି । ଆସନ୍ତା ୨ରୁ ୧୫ଫେବୃଆରୀ ପର୍ଯ୍ୟନ୍ତ ଏହି ଗାଡି ଓଡିଶାର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବ ବୋଲି ଜଣାପଡିଛି । ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଅଖିଳ ବିଶ୍ୱାଳ, ଲେଖକ କାଳିନ୍ଦୀ ପ୍ରତାପ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ଏହାକୁ ଏନ୍‌ବିଟିର ସୁରେଶ କୁମାର, ପ୍ରଦୀପ ଧଳ, ଧରମପାଳ ସିଂହ ଓ ସଞ୍ଜୟ ପ୍ରସାଦ ପ୍ରମୁଖ ପରିଚାଳନା କରୁଛନ୍ତି ।

## କଲରାପତରିଆ ବାଘ ଛାଲକୁ ନେଇ ଚାଲିଥିଲା ଡିଲ୍
# ମାଡ଼ିବସିଲା ବନବିଭାଗ ଟିମ୍

ନବରଙ୍ଗପୁର,(ସବ୍ୟୁ): ନବରଙ୍ଗପୁର ଜିଲ୍ଲା ଜିଲ୍ଲା କୋଡ଼ିଙ୍ଗା ରେଞ୍ଜ ନୁନୁପାଣି ଗ୍ରାମ ନିକଟରେ ଏକ କଲରାପତରିଆ ବାଘଛାଲକୁ ନେଇ ଡିଲ୍ ଚାଲିଥିବା ବେଳେ ବନ ବିଭାଗର ସ୍ୱତନ୍ତ୍ର ଟିମ୍ ମାଡ଼ିବସିଥିଲା । ଏହି ସ୍ୱତନ୍ତ୍ର ଟିମ୍ ଡିଲରେ ସଂପୃକ୍ତ ଥିବା ତିନି ଜଣଙ୍କୁ ଧରିଛି। ସୂଚନା ଅନୁଯାଇ ବାଘଛାଲକୁ ପାଞ୍ଚ ଲକ୍ଷ ଟଙ୍କାରେ ଡିଲ୍ କରାଯାଇଥିଲା। ଧରାପଡ଼ିଥିବା ତିନିଜଣଙ୍କ ମଧ୍ୟରୁ ଝରିଗାଁ ବ୍ଲକର ଦୁଇଜଣ ବିକ୍ରେତା ଥିବା ବେଳେ ଅନ୍ୟ ଜଣେ କ୍ରେତା ରହିଛନ୍ତି। ସେମାନଙ୍କୁ ଅଟକ ରଖି ବନ ବିଭାଗ ତଦନ୍ତ କରୁଛି। ପ୍ରକାଶ ଥାଉକି ପୂର୍ବରୁ ଏହି ଅଞ୍ଚଳରେ ଅନେକ ଥର ବାଘ ଛାଲ ଜବତ ହୋଇଥିବା ଦେଖିବାକୁ ମିଳିଛି। ବନ ବିଭାଗ ଘଟଣାକୁ ଗୁରୁତର ସହ ନେଇ ଏକ ଘଟଣାର କିଙ୍ଗପିନ୍ ନିକଟରେ ପହଞ୍ଚିବାକୁ ତଦନ୍ତ ଜାରି ରଖିଛି। ତେବେ ଉକ୍ତ ବାଘ ଛାଲ କେଉଁଠୁ ଆସିଲା, ମୃତ କଲରାପତରିଆର ବୟସ କେତେ ତାହା ସ୍ପଷ୍ଟ ହୋଇନାହିଁ।

# ମୋହନଗିରି ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବର ଶୁଭାରମ୍ଭ

ମ,ରାମପୁର,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ମ ରାମପୁର ବ୍ଲକ୍ ଅନ୍ତର୍ଗତ ମୋହନଗିରି ବିଜମାଳ ଠାରେ ଅନୁଷ୍ଠିତ ହେବାକୁ ଥିବା ମହାରାଜ କଂସଙ୍କ ଦରବାର ପାଇଁ ମୋହନଗିରି ଧବଳେଶ୍ୱର ଶିବ ମନ୍ଦିର ଠାରୁ କଳସ ଶୋଭାଯାତ୍ରାରେ ପୁରୁଷ ଓ ମହିଳା ମାନେ ଅଂଶ ଗ୍ରହଣ କରିଥିଲେ । ବ୍ୟାଣ୍ଡ ବାଜା , କୀର୍ତ୍ତନ ଆଦି କଳସ ଯାତ୍ରାକୁ ଦ୍ୱି ଗୁଣିତକରିଦେଇଥିଲା । ମୋହନଗିରି ବିଜାମାଳ ପୁରୁଣା ଭାଟିପଡିଆରେ କଳସ ସ୍ଥାପନ ହୋଇଥିଲା । ଏଥିରେ ଅଞ୍ଚଳର ଶତାଧିକ ଜନସାଧାରଣ ଏବଂ ସ୍ଥାନୀୟ ମୋହନଗିରି ଫାଣ୍ଡି ଅଧିକାରୀ ମନୋଜ ନାଏକ ଯୋଗଦେଇ ଶାନ୍ତି ଶୃଙ୍ଖଳା କରିଥିଲେ । କର୍ତ୍ତା ଭାବେ ଅଭିମନ୍ୟୁ ମାଝୀ ଓ ତାଙ୍କ ଧର୍ମ ପତ୍ନୀ ଲତା ମାଝୀ କାର୍ଯ୍ୟ ତୁଲାଇ ଥିଲେ । ଓମ୍ ଶ୍ରୀ କମିଟିର ସଭାପତି, ସଂପାଦକ ସମସ୍ତ କର୍ମକର୍ତ୍ତା କହିବା ଅନୁଯାୟୀ ପଞ୍ଚମ ଥର ଧନୁଯାତ୍ରା ଏକ ସପ୍ତାହ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲିବ ବୋଲି ମତ ପ୍ରକାଶ କରିଥିଲେ ।

# ଗୋଇମୁଣ୍ଡ ମାଁ ବସ୍ତ୍ରେନ କ୍ରିକେଟ : ଝରିଆଲ ଚାମ୍ପିଅନ



ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ବ୍ଲକ ଗୋଇମୁଣ୍ଡ ପଞ୍ଚାୟତ ସଦର ଗ୍ରାମ ଖେଳପଡ଼ିଆଠାରେ ୟଙ୍ଗଷ୍ଟାର କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ମାଁ ବସ୍ତ୍ରେନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦଯାପିତ ହୋଇଯାଇଛି । ଝରିଆଲ ଏବଂ କୁମୁଡା ଦଳ ମଧ୍ୟରେ ପ୍ରତିଯୋଗିତାର ଫାଇନାଲ ମ୍ୟାଚ ଖେଳାଯାଇଥିଲା । ନିର୍ଦ୍ଧାରିତ ଓଭରରେ କୁମୁଡ଼ା ଦଳ ୧୦୪ ରନ ସଂଗ୍ରହ କରିଥିବା ବେଳେ ଝରିଆଲ ଦଳ ୪ ୱିକେଟରେ ବିଜୟୀ ହୋଇ ପ୍ରତିଯୋଗିତାର ଚାମ୍ପିୟାନ ହୋଇଥିଲା। ମୋଟ ୧୬ଟି ଦଳ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ତେଜରାଜ ସରାଫ, ସମୀର ସାହୁ ଅମ୍ପାୟାର ଦାୟିତ୍ୱ ତୁଲାଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବଲାଙ୍ଗିର ଜିଲା ଆଦିବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧ୍ୟକ୍ଷା ନିରୁପମା ମାଝୀ,ସମ୍ମାନିତ ଅତିଥି ଅବସରପ୍ରାପ୍ତ ପୋଲିସ ଅଧିକାରୀ ମହିଧର ଭୋଇ,ଦିଗାମ୍ବର ସାହୁ,ବରିଷ୍ଠ ସାମ୍ବାଦିକ ଅଶୋକ ନାରାୟଣ ଭୋଇ,ପିଙ୍କି ଖର୍ସେଲ,ବିଷ୍ଣୁ କୁଏଡ଼, ମିନିକେତନ ସାହୁ,ବିନୋଦ ସାହୁ ପ୍ରମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ପ୍ରତିଯୋଗିତାର ଚାମ୍ପିଅନ ଏବଂ ଉପବିଜେତା ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା। ଅକ୍ଷୟ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଆୟୋଜକ କମିଟିର ଦିଲ୍ଲୀପ ସାହୁ,ଆଶିଷ ଭୋଇ,ରିବୁଲ ସାହୁ,ଫକୀର ସାହୁ,ସମୀର ସାହୁ,ବସନ୍ତ ସାହୁ,ଅମର ଭୋଇ ପ୍ରମୁଖଙ୍କ ସହ ସମସ୍ତ ସଦସ୍ୟ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରିଥିଲେ ।

# ମାର୍ଚ୍ଚ ୮ରେ ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ବାର୍ଷିକୋତ୍ସବ

ଦେବଗଡ଼,(ସବ୍ୟୁ): ଆସନ୍ତା ମାର୍ଚ୍ଚ ୮ ତାରିଖ ଦେବଗଡ଼ ଜିଲ୍ଲାର ନିକିତିମାଲ ଗ୍ରାମରେ ପଶ୍ଚିମ ଓଡିଶା ସଂକୀର୍ତ୍ତନ ପରିଷଦର ବାର୍ଷିକୋତ୍ସବ ପାଳିତ ହେବ। ଶୁକ୍ରବାର ସମ୍ବଲପୁର ଠାରେ ପରିଷଦର ସଭାପତି ହେମନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକାରିଣୀ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହା ସାଙ୍ଗକୁ ଆସନ୍ତା ମାସ ୬ ତାରିଖ ପରିଷଦର ଏକ ସାଙ୍ଗଠନିକ ବୈଠକ ଡକାଯାଇଛି। ସାଙ୍ଗଠନିକ ବୈଠକରେ ସବୁ ଜିଲ୍ଲାର ସଂଯୋଜକ, ସଭାପତି, ମହିଳା କୀର୍ତ୍ତନ ଦଳ ଓ ପୁରୁଖା କୀର୍ତ୍ତନ ଗାୟକ ମାନଙ୍କୁ ଯୋଗଦେବା ପାଇଁ ଅନୁରୋଧ କରାଯାଇଛି। ବୈଠକ ଆରମ୍ଭରେ ପରିଷଦର ସମ୍ପାଦକ ମାନଭଞ୍ଜନ ନାୟକ ସ୍ୱାଗତ ଭାଷଣ ଦେଇଥିବାବେଳେ ଉପଦେଷ୍ଟା ରାଜେନ୍ଦ୍ର କୁମାର ବେହେରା, ଉପ-ସଭାପତି ଲୋକନାଥ ମିଶ୍ର, ସମ୍ବଲପୁର ଜିଲ୍ଲା ସଭାପତି ସନ୍ତୋଷ କୁମାର ବାରିକ, ସଂଯୋଜକ ଦିଲ୍ଲୀପ ବଢେ, ବଳରାମ ମାହାନା, ପରିଷଦର ସଂଯୋଜକ ତୁଷାର ରଞ୍ଜନ ବାରିକ, ଦେବଗଡ଼ ଜିଲ୍ଲା ସଂଯୋଜକ ରୋହିତ ପ୍ରଧାନ, ପୂର୍ବତନ ସଭାପତି ରାଜେନ୍ଦ୍ର ଅଗ୍ରୱାଲ, ଅରୁଣ ସାହୁ, ରାଧାକାନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।

## ସର୍ବଭାରତୀୟ ଲାଲ୍ ମନି ସ୍ମାରକୀ କ୍ରିକଫେଷ୍ଟ
# ସମ୍ବଲପୁର ଏମ୍‌ଏମ୍‌ସିସି ଦଳର ଚମକପ୍ରଦ ବିଜୟ



ସୋନପୁର,(ସବ୍ୟୁ): ସର୍ବ ଭାରତୀୟ ଲାଲ୍ ମନି ସ୍ମାରକୀ କ୍ରିକେଟ ର ପଞ୍ଚମ ଦିବସରେ ସୋନିତ କ୍ରିକେଟ କ୍ଲବ୍ (ଦିଲ୍ଲୀ) ଓ ସମ୍ବଲପୁର ଏମ୍ ଏମ୍ ସି ସି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଟି ୨୦ ମ୍ୟାଚ୍ ରେ ଟସ୍ ଜିଣି ସମ୍ବଲପୁର ଦଳ ପ୍ରଥମେ ବ୍ୟାଟିଂ କରି ୬ ୱିକେଟ୍ ହରାଇ ୩୫୨ ରନ ବିଶାଳ ସ୍କୋର କରି ରେକର୍ଡ କରିଥିଲେ । ସମ୍ବଲପୁର ଦଳ ପକ୍ଷରୁ ଅଶ୍ୱିନୀ ଚିଲ୍ଲର ୩୯ ବଲ ରେ ୧୧୧ ରନ୍ କରିଥିଲେ । ଦିଲ୍ଲୀ ଦଳ ପକ୍ଷରୁ ରୋଶନ ବିଷ୍ଟ ସର୍ବାଧିକ ୩ ଟି ୱିକେଟ୍ ହାସଲ କରିଥିଲେ । ପ୍ରତି ଉତ୍ତର ରେ ଦିଲ୍ଲୀ ଦଳ ମାତ୍ର ୧୪୯ ରନ କରି ଅଲ୍ ଆଉଟ୍ ହୋଇଥିଲେ ।

ଆଜିର ମ୍ୟାଚରେ ଅତିଥି ଭାବେ ପୂର୍ବତନ ବିଧାୟକ ବିନୋଦ ପାତ୍ର, ସମାଜସେବୀ ଶ୍ରୀକାନ୍ତ ମିଶ୍ର, ଡ୍ରଗିଷ୍ଟ ଏଣ୍ଡ କେମିଷ୍ଟ ସଂଘ ସଂପାଦକ ସତ୍ୟ ନାରାୟଣ ଦରୱାନ ଓ ବଗଳା ଜ୍ୱେଲେର୍ସ ମାଲିକ ରୁପେଶ ଅଗ୍ରୱାଲ ଯୋଗ ଦେଇ ମ୍ୟାଚ୍ ଉଦ୍ଘାଟନ କରିଥିଲେ । ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସୁଧାଂଶୁ ଗଡତିଆ ଓ ସନାତନ ଦାଶ ଯୋଗଦେଇ ମ୍ୟାନ ଅଫ ଦି ମ୍ୟାଚ ଭାବେ ବିବେଚିତ ହୋଇଥିବା ସମ୍ବଲପୁର ଦଳ ଖେଳାଳୀ ଅଶ୍ୱିନୀ ଚିଲ୍ଲର ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୃଥ୍ୱିରାଜ ମିଶ୍ର, ଅମିୟ ସାହୁ ମ୍ୟାଚ୍ ପରିଚାଳନା କରିଥିଲେ । କ୍ଷେତ୍ରବାସୀ ସାହୁ ସ୍କୋରର ଭାବେ ଅନ୍ ଲାଇନ୍ ସ୍କୋରର୍ ଭାବେ ହିମାଂଶୁ ପଧାନ, ବିଶ୍ୱ ନାଥ ନାୟକ ଦାୟିତ୍ୱ ତୁଲାଇ ଥିଲେ । ବି ଏସ ରାଓ, ଅଚ୍ୟୁତ ମିଶ୍ର, ପାର୍ଥ ସାରଥୀ ଦାଶ, ବିନୋଦ ମହାକୁଡ ଖେଳର ପ୍ରତ୍ୟକ୍ଷ ଧାରା ବିବରଣୀ ପ୍ରଦାନ କରିଥିଲେ ।

# ନୂଆପଡା ପୋଲିସର ସଡ଼କ ସୁରକ୍ଷା ସଚେତନତା

ନୂଆପଡା,(ସବ୍ୟୁ): ସଡ଼କ ସୁରକ୍ଷା ମାସ ପାଳନ ଅବସରରେ ନୂଆପଡା ପୋଲିସ ଏକ ଅଭିନବ ପ୍ରୟାସ ଆରମ୍ଭ କରିଛି । ଯମରାଜ ଏବଂ ଚିତ୍ରଗୁପ୍ତଙ୍କ ଭୂମିକାରେ ଅଭିନୟ କରୁଥିବା କଳାକାରଙ୍କ ସହାୟତାରେ ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି କରାଯାଉଛି। ଏହି କାର୍ଯ୍ୟକ୍ରମ ଚଳିତ ମାସ ପ୍ରଥମରୁ ଆରମ୍ଭ ହୋଇଛି ଏବଂ ଗ୍ରାମାଞ୍ଚଳରେ ଏହା ବିଶେଷ ପ୍ରଭାବ ସୃଷ୍ଟି କରିଛି।ଏହି ସାଂସ୍କୃତିକ ପ୍ରଦର୍ଶନ ଗୁଡିକ ଜନସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରୁଛି ଏବଂ ସଡ଼କ ସୁରକ୍ଷା ସଚେତନତାର ପ୍ରସାର କରୁଛି। ବଜାର, ହାଟ ଏବଂ ଗୁରୁତ୍ୱପୂର୍ଣ୍ଣ ଛକ ପରି ସର୍ବସାଧାରଣ ସ୍ଥାନରେ ଏହି ପ୍ରଦର୍ଶନ ଗୁଡିକ ଆୟୋଜନ କରାଯାଉଛି। ବାଇକ୍ ଚାଳକମାନଙ୍କୁ ହେଲମେଟ ପିନ୍ଧିବା ଏବଂ ମାଦକ ଦ୍ରବ୍ୟ ସେବନ କରି ବାହନ ନଚଳାଇବା ପାଇଁ ପ୍ରୋତ୍ସାହିତ କରାଯାଉଛି। ସେହିପରି ଚାରି ଚକିଆ ଯାନ ଚାଳକମାନଙ୍କୁ ସିଟବେଲ୍ଟ ବାନ୍ଧିବା ଏବଂ ସୁରକ୍ଷିତ ଭାବେ ଗାଡ଼ି ଚଳାଇବା ପାଇଁ ପ୍ରୋତ୍ସାହିତ କରାଯାଉଛି।



ନୂଆପଡାର ଯୁବ ଆରକ୍ଷୀ ଅଧୀକ୍ଷକ ଅମ୍ରିତ ପାଲ୍ ସିଂ ଏହି ଅଭିନବ ପ୍ରୟାସର ନେତୃତ୍ୱ ନେଉଛନ୍ତି। ସେ ଯାତ୍ରୀମାନଙ୍କ ପାଇଁ ସୁରକ୍ଷିତ ରାସ୍ତା କରିବା ପାଇଁ ଅନେକ ପ୍ରୟାସ ଆରମ୍ଭ କରିଛନ୍ତି। ସେ ସମସ୍ତ ପୋଲିସ ଷ୍ଟେସନକୁ ଦୁଇଟି ପ୍ରମୁଖ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି, ତାହା ହେଉଛି ଆଇନ ପାଳନ ଏବଂ ସଚେତନତା ସୃଷ୍ଟି। ସେ କହିଛନ୍ତି ଯେ ସଡ଼କ ସୁରକ୍ଷା ଏକ ଜନ ଆନ୍ଦୋଳନ ହେବା ଦରକାର ଏବଂ ପ୍ରତ୍ୟେକ ନାଗରିକ ନିଜ ବାହନ ଚାଳନା ପାଇଁ ଉତ୍ତରଦାୟୀ ହେବା ଆବଶ୍ୟକ। ସମସ୍ତଙ୍କ ପାଇଁ ହେଲମେଟ ଏବଂ ସିଟବେଲ୍ଟ ବ୍ୟବହାର ଏକ ଅଭ୍ୟାସରେ ପରିଣତ ହେବା ଦରକାର। ଏସ୍ ପି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉପରେ ବିଶେଷ ଧ୍ୟାନ ଦେଉଛନ୍ତି । ବିଶେଷ କରି ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀଙ୍କ ସହ ଯୋଗାଯୋଗ କରି ସଚେତନତା ସୃଷ୍ଟି କରୁଛନ୍ତି। ଆଞ୍ଚଳିକ ପରିବହନ ଅଧିକାରୀ, ଆରଟିଓ ପରି ଅନ୍ୟ ବିଭାଗ ସହ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଶିକ୍ଷକ, କଳାକାର, ଛାତ୍ରଛାତ୍ରୀ, ମିଡିଆ, ଦୋକାନୀ, ସ୍ଥାନୀୟ ନେତା, ପଞ୍ଚାୟତ ସଦସ୍ୟ, ସ୍ୱୟଂ ସହାୟକ ଗୋଷ୍ଠୀ ଆଦି ସମସ୍ତ ସ୍ଥାନୀୟ ସଂସ୍ଥା ଏହି କାର୍ଯ୍ୟକ୍ରମରେ ସାମିଲ ହେଉଛନ୍ତି। ଧୀରେ ଧୀରେ ନୂଆପଡା ରାସ୍ତାରେ ପରିବର୍ତ୍ତନ ଦେଖାଯାଉଛି। ସୂଚନାଯୋଗ୍ୟ ଯେ ନୂଆପଡ଼ାରେ ଆରକ୍ଷୀ ଅଧୀକ୍ଷକ ଭାବରେ ଅମ୍ରିତ ପାଲ୍ ସିଂ ଯୋଗଦାନ କଲାଦିନ ଠାରୁ ଜିଲ୍ଲାରେ ଆଇନ୍ ଶୃଙ୍ଖଳାରେ ସୁଧାର ଆଣିବା ସହିତ, ଚୋରା ମାଦକ ଦ୍ରବ୍ୟର ବେଆଇନ କାରବାର, ଶ୍ରମିକ,ଯୁବତୀ, ଶିଶୁ ମାନଙ୍କର ଅବୈଧ ଚାଲାଣ ଇତ୍ୟାଦି ଦୃଢ଼ ହସ୍ତରେ ପୋଲିସ ଦମନ କରୁଛି ।

# ଖିଣ୍ଡା ତୀର୍ଥକ୍ଷେତ୍ର ନୁହେଁ ବରଂ ପ୍ରେରଣାର କ୍ଷେତ୍ର : ଧର୍ମେନ୍ଦ୍ର




ସମ୍ବଲପୁର,(ସବ୍ୟୁ): ମହାନ ସ୍ୱାଧିନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ୨୧୮ତମ ଜୟନ୍ତୀ ପାଳିତ ହୋଇଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ପବିତ୍ର ଜନ୍ମମାଟି ଖିଣ୍ଡା ଯାଇ ବୀର ସୁରେନ୍ଦ୍ର ସାଏଙ୍କ ନବ ନିର୍ମିତ ଭବ୍ୟ ପ୍ରତିମୂର୍ତ୍ତିକୁ ଅନାବରଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଏକ ବିଶାଳ ତ୍ରିରଙ୍ଗା ପଦଯାତ୍ରାରେ ସାମିଲ ହେବା ସହ ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମି ଓ ଶିକ୍ଷାର ବିକାଶ ପାଇଁ ଏକାଧିକ ପ୍ରକଳ୍ପର ଲୋକାର୍ପଣ କରିଥିଲେ । ସେ ଏହି ଅବସରରେ ଆୟୋଜିତ ସଭାରେ କହିଥିଲେ ଯେ, ଦେଶକୁ ସ୍ୱାଧିନତା ଦେବାରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଅବଦାନ ଅତୁଳନୀୟ । ବୀର ସୁରେନ୍ଦ୍ର ସାଏଙ୍କ ଭାଇ ଛବିଳ ସାଏ ଓ ଉଦନ୍ତ ସାଏଙ୍କ ବଳିଦାନ ଅଦ୍ୱିତୀୟ । କୁଦୋପାଲିର ସଂଗ୍ରାମ ଜାଲିଆନାୱାଲାବାଗ ହତ୍ୟାକାଣ୍ଡ ଠାରୁ କମ୍ ନୁହେଁ । ତେବେ ଏହି ମହାପୁରୁଷଙ୍କ ଜନ୍ମସ୍ଥାନ ଖିଣ୍ଡା ଏକ ତୀର୍ଥକ୍ଷେତ୍ର ନୁହେଁ ବରଂ ପ୍ରେରଣାର କ୍ଷେତ୍ର ଭାବେ ଗଢି ତୋଳିବାକୁ ହେବ । ବିଶେଷ ଭାବେ ଏହି ମାଟିର ବୀରତ୍ୱ ଗାଥାକୁ ଆଗାମୀ ପିଢି ପାଖରେ ପହଞ୍ଚାଇବାକୁ ହେବ । ଜିଲ୍ଲାର ପ୍ରତ୍ୟେକ ସ୍କୁଲ ପିଲାଙ୍କୁ ଖିଣ୍ଡା ପରିଦର୍ଶନ କରାଇ ଏଠାକାର ସଂଘର୍ଷମୟ ଇତିହାସରୁ ପ୍ରେରଣା ନେବା ଏକାନ୍ତ ଆବଶ୍ୟକ ଅଟେ । ସେ ଖିଣ୍ଡା ଠାରେ ଏକ ନବନିର୍ମିତ ଗ୍ରାମ ପଞ୍ଚାୟତ ସ୍ୱାଗତ ତୋରଣକୁ ଶୁଭ ଉଦ୍ଘାଟନ କରିଥିଲେ । ଏଥିସହ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଭବନର ଲୋକାର୍ପଣ କରିଥିଲେ । ବୀର ସୁରେନ୍ଦ୍ର ସାଏ ଉଚ୍ଚ ବିଦ୍ୟାଳୟ , ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ଗୃହ ଓ ନୂଆ ଖିଣ୍ଡା ସ୍ଥିତ ଆଦର୍ଶ ଅଙ୍ଗନବାଡି କେନ୍ଦ୍ରର ନୂତନ ଗୃହ ଉଦ୍ଘାଟନ କରିବା ସହ ଶିଶୁ ମାନଙ୍କୁ ଫଳ ବିତରଣ କରିଥିଲେ । ସରସ୍ୱତୀ ପୂଜା ଉପଲକ୍ଷେ ଏହି କେନ୍ଦ୍ରରେ କୋମଳମତି ଶିଶୁ ମାନଙ୍କୁ ଖଡି ଛୁଆଁଇ ସେମାନଙ୍କ ବିଦ୍ୟାରମ୍ଭ କରିଥିଲେ । ଠେଲକୋଲୋଇ ଗ୍ରାମ ପଞ୍ଚାୟତରେ ନବ ନିର୍ମିତ ଗୋଷ୍ଠୀ କେନ୍ଦ୍ର ଉଦ୍ଘାଟନ ମଧ୍ୟ କରିଥିଲେ । ଏଥିରେ ପଞ୍ଚାୟତରାଜ ମନ୍ତ୍ରୀ ରବିନାରାୟଣ ନାୟକ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଝାରସୁଗୁଡା ବିଧାୟକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟକ ନାଉରୀ ନାୟକ, ପୋଲିସ ଆଇଜି ହିମାଂଶୁ ଲାଲ, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧିକ୍ଷକ ମୁକେଶ ଭାମୁ ଓ ମହାନଗର ନିଗମ କମିଶନର ରେହାନ କ୍ଷତ୍ରି ଓ ବିଜେପି ଜିଲ୍ଲା ସଭାପତି ରାମଚନ୍ଦ୍ର ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ।

## ବଲାଙ୍ଗିର ଲୋକ ଉତ୍ସବ ଉଦ୍‌ଯାପିତ

# କଳା ସଂସ୍କୃତିକୁ ବଞ୍ଚେଇ ରଖିବା ପାଇଁ ଉତ୍ସବର ମୁଖ୍ୟ ଭୂମିକା ରହିଛି






ବଲାଙ୍ଗିର,(ସବ୍ୟୁ) : ସ୍ଥାନୀୟ କୋଶଳ କଳା ମଣ୍ଡପରେ ଆୟୋଜିତ ୨୩ତମ ଲୋକ ଉତ୍ସବର ଶେଷ ସନ୍ଧ୍ୟା ଉତ୍ସାହର ସହ ଶେଷ ହୋଇଛି । ଉଦଯାପନୀ ଦିବସର ପୂର୍ବାହ୍ନ କାର୍ଯ୍ୟକ୍ରମ ସ୍ଥାନୀୟ ପୁରୁଣାମଞ୍ଚରେ ବିଭିନ୍ନ ପ୍ରତିଯୋଗୀତା ଆୟୋଜିତ ହୋଇଥିଲା । ଜୟଦେବ କଳାସଂସଦ, ବଲାଙ୍ଗିର ପକ୍ଷରୁ ନୂତନ ମଞ୍ଚଠାରେ ଭକ୍ତିସଂଗୀତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ପୁରୁଣା ମଞ୍ଚରେ ଜିଲ୍ଲାସ୍ତରୀୟ ଲୋକ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗିତାରେ ବିଚାରକ ଭାବେ ପ୍ରହ୍ଲାଦ ଦର୍ଜି , ଭାଗରଥି ଦାସ ଏବଂ ଦେବାଧୀ ବିଶ୍ୱାଳ ପ୍ରମୁଖ ରହିଥିଲେ।

ଜିଲ୍ଲାସ୍ତରୀୟ ଦଳୀୟ ନାଟକ ପ୍ରତିଯୋଗିତାରେ ଚିକଳବାହାଲର ଶତ୍ରୁଘନ ବେହେରା ଓ ଦଳ, ସିକୁଆର ରାମଜୀ ପାଠାଗାର, କୁଟେବପାଲିର ଭବାନୀ ଶଙ୍କର କଳା ପରିଷଦ, ମୁଦଲସରର ରାମଲୀଲା ଦଳ, ଦେଉଲଗା ରାମଲୀଲା ଦଳ, ରାମଲୀଲା ଦଳ ତମିଆଁ, ସିଲଣ୍ଡ ର ମାଁ ଦୁଆରସେନୀ ଦଣ୍ଡ, ସଇଁତଳାର ବୀରାଟ ଦରବାର ଦଳ ପ୍ରତିଯୋଗୀ ଭାବେ ଅଂଶଗ୍ରହଣ କରିଥିଲେ । ସନ୍ଧ୍ୟା କାର୍ଯ୍ୟକ୍ରମରେ ଲୋକଉତ୍ସବ ସାଂସ୍କୃତିକ କମିଟି ପକ୍ଷରୁ ଆକାଶବାଣୀ କଳାକାରଙ୍କ ଦ୍ୱାରା ଲୋକ ସଂଗୀତ ବିଚିତ୍ରା ନୂତନ ମଞ୍ଚରେ ଅନୁଷ୍ଠିତ ହୋଇଥିଲା । ଅତିରିକ୍ତ ଜିଲ୍ଲାପାଳ ତଥା ଲୋକଉତ୍ସବ ଉପାଧ୍ୟକ୍ଷ ଡ଼ଃ. ବିଜୟାନନ୍ଦ ସେଠୀଙ୍କ ସଭାପତିତ୍ୱରେ ଲୋକ ଉତ୍ସବର ଶେଷ ସନ୍ଧ୍ୟାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବରେଣ୍ୟ ଅତିଥି ଭାବେ ବଲାଙ୍ଗିର ବିଧାୟକ, କଳିକେଶ ନାରାୟଣ ସିଂହଦେଓ ଯୋଗଦାନ କରିଥିଲେ । ଅନ୍ୟତମ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ-ତଥା- ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ତରଣି ସୁନା, ସମ୍ପାଦକ, ଲୋକଉତ୍ସବ ସମିତି, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମି ରଞ୍ଜନ ମିଶ୍ର, ଅର୍ଥ କମିଟି ସହ ଅଧ୍ୟକ୍ଷ ସାଗର ସଂଗମ ଶତପଥି, ,ବରିଷ୍ଠ କଳାକାର ବିରଞ୍ଚି ନାରାୟଣ ତ୍ରିପାଠୀ, ଅଭ୍ୟର୍ଥନା କମିଟି ସହ ଅଧ୍ୟକ୍ଷ ଦେବଦତ୍ତ ବେହେରା (ବୁଲୁ)ଓ ଦିନେଶ ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ।

କାର୍ଯ୍ୟକ୍ରମ ଆରମ୍ଭରେ ବିଶିଷ୍ଟ କଳାକାର ସ୍ୱର୍ଗତ ହ୍ୟୁମାନ ସାଗର ଓ ସ୍ୱର୍ଗତ କୁନୀ ଛତ୍ରିଆଙ୍କ ପାଇଁ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମଞ୍ଚ ସଂଯୋଜନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ ସ୍ମରଣିକାର ମୁଖ୍ୟ ସମ୍ପାଦକ, ସନ୍ଦୀପ କୁମାର କୁଅଁର । ଅର୍ଥ କମିଟି ସହ ଅଧକ୍ଷ ସାଗର ସଂଗମ ଶତପଥି ସ୍ୱାଗତ ସମ୍ଭାଷଣ ଦେଇଥିଲେ । ବଲାଙ୍ଗିର ମାଲପଡାର ବରିଷ୍ଠ କଳାକାର ଟଙ୍କଧର ମିଶ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । କଳା ସଂସ୍କୃତିକୁ ବଞ୍ଚେଇ ରଖିବା ପାଇଁ ଲୋକି ଉତ୍ସବର ଏକ ମୁଖ୍ୟ ଭୂମିକା ରହିଛି । ପ୍ରତିବର୍ଷ ଏହି ଉତ୍ସବ ଆମ ସ୍ଥାନୀୟ କଳାକାରଙ୍କୁ ସେମାନଙ୍କ କଳା ପ୍ରଦର୍ଶନ ଲାଗି ଉପଯୁକ୍ତ ମଞ୍ଚ ପ୍ରଦାନ କରୁଛି । ବାହାର କଳାକାରଙ୍କ କଳା ପ୍ରଦର୍ଶନୀ ପାଇଁ ମଧ ଏକ ଭଲ ବାତାବରଣ ସୃଷ୍ଟି କରୁଛି ବୋଲି କହିଥିଲେ ବିଧାୟକ ଶ୍ରୀ ସିଂହଦେଓ । ଲୋକ ଉତ୍ସବକୁ ପ୍ରତିବର୍ଷ ଅତି ସୁନ୍ଦର ଭାବେ ଆୟୋଜନ କରୁଥିବାରୁ ଜିଲ୍ଲା ପ୍ରଶାସନ ଏବଂ ଆୟୋଜକ କମିଟିକୁ ପ୍ରଶଂସା କରିଥିଲେ । ସମ୍ମାନ ଓ ସମ୍ବର୍ଦ୍ଧନା ପର୍ବ ସହ ପୁରସ୍କାର ବିତରଣ କରାଯାଇଥିଲା । ଏହି ଅବସରରେ ଅବସରପ୍ରାପ୍ତ ସଫେଇ କର୍ମଚାରୀ ନରସିଂହ ଦୀପଙ୍କୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା।

# କୂଅରେ ପଡ଼ିଗଲା ଭାଲୁ

ମାଲକାନଗିରି,(ସବ୍ୟୁ) : ଜଙ୍ଗଲରେ ଖାଦ୍ୟାଭାବ ଯୋଗୁଁ ବନ୍ୟପ୍ରାଣୀ ଏବେ ଗାଁ ମୁହାଁ । ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହୋଇଥିବା ଏକ ଭାଲୁ କୂଅରେ ପଡ଼ିଯାଇଥିବାର ଦେଖିବାକୁ ମିଳିଛି । ଏପରି ଏକ ଘଟଣା ଦେଖିବାକୁ ମିଳିଛି କାଲିମେଳା ଥାନା ଅନ୍ତର୍ଗତ ଏମଭି ୨୬ ଗ୍ରାମରେ ଶୁକ୍ରବାର ଭୋର ସମୟରେ ଏକ ଜଙ୍ଗଲୀ ଭାଲୁ ଏମଭି ୨୬ ଗ୍ରାମର ବିରେନ ବିଶ୍ୱାସଙ୍କ ବାରିପଟେ ଥିବା କୂଅରେ ପଡ଼ିଯାଇଥିବାର ଗ୍ରାମବାସୀ ଦେଖି ବନ ବିଭାଗକୁ ଖବର ଦେଇଥିଲେ । ଖବର ପାଇ କାଲିମେଳା ରେଞ୍ଜର ଓ ମାଲକାନଗିରିରୁ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କରିବାକୁ ଚେଷ୍ଟା କରୁଥିବାର ଦେଖିବାକୁ ମିଳିଛି । ଖାଦ୍ୟ ଖାଇବା ଲୋଭରେ ଭାଲୁଟି ଗାଁକୁ ଆସିଥିବା ବେଳେ କୂଅ ଭିତରେ ପଡ଼ିଯାଇଥିବାର ଅନୁମାନ କରାଯାଉଛି।

# ନୂଆପଡ଼ାରେ 'ପାଟ ଯାତ୍ରା' ମହୋତ୍ସବ



କୋକସରା,(ସବ୍ୟୁ): ଦୀର୍ଘ ୭୦ ବର୍ଷ ପରେ କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାରେ ବସବାସ କରୁଥିବା ଦିଶାରୀ ପରିବାରର ପାଟ ଯାତ୍ରା ମହୋତ୍ସବ କୋକସରା ବ୍ଲକ ଟେମରା ପଞ୍ଚାୟତର ନୂଆପଡ଼ା ଠାରେ ଅନୁଷ୍ଠିତ ହୋଇଯାଇଛି। ଗତ ୨ ଦିନ ଧରି ଚାଲିଥିବା ଏହି ପଦଯାତ୍ରା ମହୋତ୍ସବରେ କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲାର ଦିଶାରୀ ପରିବାର ବଂଶୀୟ ଓ ବନ୍ଧୁ ବାନ୍ଧବ ଯୋଗ ଦେଇଥିଲେ। ପ୍ରଥମ ଦିବସରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ଦ୍ୱିତୀୟ ଦିନରେ ମୁଖ୍ୟ ପୂଜା ଅନୁଷ୍ଠିତ ହୋଇଥିଲା। ଉକ୍ତ ପାଟ ଯାତ୍ରାରେ କୂଳଦେବତା ଭୈରବ ଦେବ, ମା' ଠାକୁରାଣୀ, ପେଣ୍ଡ୍ରାଣୀ, କାଳୀ ସୁନ୍ଦରୀ, ଝିଟକୁଡୁମା, ଗୁରୁଡୁମା, ଚାରିଗୈରାସି, ଜେନାବୁଡା, କାଡେନ, ଲେଙ୍ଗାଚେଙ୍ଗା, ତେଟ ସହିତ ଗ୍ରାମ୍ୟ ଦେବାଦେବୀ, ମାଟି ମାତା ଓ ଗ୍ରାମ୍ୟ ପୁଝାରୀଙ୍କ ଘରୁ ଲାଠି କୁର୍ଚ୍ଚି ଆସି ପୂଜାର୍ଚ୍ଚନା କରାଯାଇଥିଲା। ଜତିନ୍ଦ୍ର ଦିଶାରୀ, ଲାଲ ଦିଶାରୀ, ଜୟଲାଲ ଦିଶାରୀ, ଇଶରାମ ଦିଶାରୀ, ଦିଗାମ ଦିଶାରୀ, ହର ଦିଶାରୀ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

ପାଟଯାତ୍ରାର ଉଦଯାପନୀ ଉତ୍ସବରେ ଏକ ସାମାଜିକ ବୈଠକ ଅନୁଷ୍ଠିତ ହୋଇଥିଲା। କମିଟିର ସଭାପତି ପାରେଶ୍ୱର ପୁଝାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଜିଲ୍ଲା ଆଦିବାସୀ ସମାଜର ସମ୍ପାଦକ ରୁତୁରାଜ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନିଳକଣ୍ଠ ମାଝୀ ମୁଖ୍ୟବକ୍ତା, ରଣସାଏ ପାତ୍ର, କ୍ଷିତିରାମ ପାତ୍ର, ଲୋକନାଥ ପାତ୍ର, ତୋଫାନ ମାଝୀ, ବୃନ୍ଦାବନ ପୁଝାରୀ, ଶୁଶାନ୍ତ ମାଝୀ, କ୍ଷିରୋଦ ମାଝୀ, ଚକାଡୋଳା ପାତ୍ର, ଜଗଦୀଶ ମାଝୀ, ଚନ୍ଦ୍ରକାନ୍ତ ପାତ୍ର, ହିମାଞ୍ଚଳ ପୁଝାରୀ, ପାରେଶ୍ୱର ଧ.ମାଝୀ, ହଲଧର ସୋରୀ, ଗଣେଶ ପୁଝାରୀ, କାର୍ତ୍ତିକ ଭତ୍ରା, ମଧୁବନ ପାତ୍ର, ବିବେକ ସାମରଥ, ଲକ୍ଷ୍ମୀଧର ମାଝୀ, ଭଦ୍ର ମାଝୀ, ଗୋପାଳ ପୁଝାରୀ, ବଂଶୀଧର ଚଳାନ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜରେ ଶିକ୍ଷାକୁ ଗୁରୁତ୍ୱ ଦେବା ପାଇଁ ଅତିଥି ମାନେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ଭୁବନେଶ୍ୱର ଦିଶାରୀ ସଂଯୋଜନା କରିଥିବା ବେଳେ ଦିଶାରୀ ପରିବାରର କର୍ମକର୍ତ୍ତା ଚନ୍ଦ୍ର ଶେଖର ଦିଶାରୀ, ଅକ୍ଷ ଦିଶାରୀ, ଧନିରାମ ଦିଶାରୀ, ଭୃଙ୍ଗରାଜ ଦିଶାରୀ, ବିଶ୍ୱନାଥ ଦିଶାରୀ, ରଥ ଦିଶାରୀ, ରୁପେଶ ଦିଶାରୀ, କମଳୁଦିଶାରୀ ପ୍ରମୁଖ ରହିଥିବା ବେଳେ ଦୁଷ୍ମନ୍ତ ପାତ୍ର, ସଦନ ପୁଝାରୀ, ଭଜ ମାଝୀ ପ୍ରମୁଖ ସହଯୋଗ କରିଥିଲେ। ଏହି ପରିପ୍ରେକ୍ଷୀରେ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ନାଟକ ପରିବେଷଣ ହୋଇଥିଲା।

## ତିଲେଶ୍ୱର ଫୁଟବଲ କପ ଉଦ୍‌ଘାଟିତ

# ମଣିପୁରକୁ ହରାଇ ସେମିରେ ଆଫ୍ରିକା



ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ତିଲେଶ୍ୱର ହାଇସ୍କୁଲ ପଡ଼ିଆ ଠାରେ ବଜାର ଆସୋସିଏସନ ପକ୍ଷରୁ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦଘାଟିତ ହୋଇଯାଇଛି । ଶୁକ୍ରବାର ମଧ୍ୟାନରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଏକ ବିରାଟ ସଂସ୍କୃତିକ ଶୋଭାଯାତ୍ରରେ ଆଜ୍ଞାମାଳ ଆସି ପଡ଼ିଆରେ ପହଞ୍ଚିଥିଲା । ଏହି ଶୋଭାଯାତ୍ରାରେ ଅଞ୍ଚଳର କଳାକାର ମାନେ ସାମିଲ ହୋଇଥିବା ବେଳେ ବିଭିନ୍ନ ପାରମ୍ପରିକ ନୃତ୍ୟ ତାଳେ ତାଳେ କମ୍ପି ଉଠିଥିଲା ତିଲେଶ୍ୱର ବଜାର । ପଡ଼ିଆରେ ଶୋଭାଯାତ୍ର ପହଞ୍ଚିବା ପରେ ଜଗନ୍ନାଥଙ୍କ ନିକଟରେ ପୂଜାର୍ଚ୍ଚନା ପରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଆସୋସିଏସନ ପତାକା ଉତ୍ତୋଳନ ପୂର୍ବକ ଫୁଟବଲ ମହାକୁମ୍ଭ ଉଦଘାଟିତ ହେଇଥିଲା । ମୁଖ୍ୟ ଅତିଥି ଭାବେ ସରକାରୀ ଦଳ ମୁଖ୍ୟ ସଚେତକ ତଥା ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ତିଲେଶ୍ୱର ସମିତି ସଭ୍ୟା ସାବିତ୍ରୀ ବେହେରା, ନାଏବ ସରପଞ୍ଚ ରାଜେଶ୍ୱରୀ ପ୍ରଧାନ, ସ୍ଥାନୀୟ ସରପଞ୍ଚ ଝୁନୁ ବେହେରା, ସଭାପତି ପ୍ରଶାନ୍ତ ପ୍ରଧାନ, ସମ୍ପାଦକ ମହେଶ୍ୱର ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ମ୍ୟାଚ ଆଫ୍ରିକା-୧୧ ଓ ମଣିପୁର-୧୧ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା।ଛ ଖେଳର ପ୍ରଥମାର୍ଦ୍ଧରେ ଆଫ୍ରିକା ଦଳ ପକ୍ଷରୁ ଦୁଇଟି ଗୋଲ ସ୍କୋର କରିଥିବା ବେଳେ ଦ୍ୱିତୀୟାର୍ଦ୍ଧର ଶେଷ ମୁହୂର୍ତ୍ତରେ ଆଫ୍ରିକା ଦଳ ଆଉ ଏକ ଗୋଲ କରି ଦଳର ସ୍କୋର ୩.୦ରେ ପହଞ୍ଚାଇବା ସହ ବିଜୟୀ ହୋଇଥିଲା । ଆଫ୍ରିକା ଦଳ ପ୍ରଥମ ସେମିଫାଇନାଲରେ ପ୍ରବେଶ କରିଛି । ମ୍ୟାଚକୁ ମୁଖ୍ୟ ରେଫରି ଭାବେ ଦିଲ୍ଲୀପ ରାଉତ, ଲାଇନସ ମ୍ୟାନ ଭାବେ ସୁଜିତ ରାଜହଂସ, ଗରିବ ବେହେରା ଓ ଚତୁର୍ଥ ରେଫରି ଭାବେ ଶିବ ଦେହୁରୀ ଖେଳ ପରିଚାଳନା କରିଥିଲେ । ସିମୁନ ନାଏକ ଓ କରୁଣାକର ପ୍ରଧାନ ଧାରା ବିବରଣୀ ପ୍ରଦାନ କରିଥିବା ବେଳେ ସୁଜିତ ବେହେରା ଓ ସୁନୀଲ କର୍ଣ୍ଣ ସଂଯୋଜନା କରିଥିଲେ । ଆସୋସିଏସନର ଶୁଭ୍ରଜିତ ପ୍ରଧାନ, ନାରାୟଣ ମହାନ୍ତି, ଝାଟିଆ ପ୍ରଧାନ, ଶିବାନନ୍ଦ ସାହୁ, ଓଁପ୍ରକାଶ ମହନ୍ତି ପ୍ରମୁଖ ସହ ବଜାର ଆସୋସିଏସନ ସମସ୍ତ କର୍ମକର୍ତ୍ତା ସାହାଯ୍ୟ ସହଯୋଗ କରିଥିଲେ ।

## ପାୱାର ପ୍ଲାଣ୍ଟ ପାଇଁ ଜନଶୁଣାଣି

# କ୍ଷତିଗ୍ରସ୍ତଙ୍କୁ ଉପଯୁକ୍ତ ଥଇଥାନ ଦାବି



ଜୟପାଟଣା,(ସବ୍ୟୁ): ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପରୁ ଉଦବୃତ୍ତ ଜଳକୁ ପୁନଃ ବ୍ୟବହାର କରି ନୁଆ ପାୱାର ପ୍ଲାଣ୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ମଙ୍ଗଳପୁର ଗ୍ରାମ ପଞ୍ଚାୟତ ଅଧୀନସ୍ଥ ରାଣୀବାହାଲ ଗ୍ରାମ ଠାରେ ଏହି ପାୱାର ପ୍ଲାଣ୍ଟ ପାଇଁ ଜନଶୁଣାଣୀ ଶିବିର ଆୟୋଜିତ ହୋଇଯାଇଛି। ସ୍ଥାନୀୟ ଲୋକ ବିସ୍ଥାପିତ ହେବେ। ସେମାନଙ୍କ ଜମି ବାସସ୍ଥାନ , ଭିଟାମାଟି ଯିବ । ଏଥିପାଇଁ ବିସ୍ଥାପିତ ଓ ସ୍ଥାନୀୟ ଲୋକଙ୍କ ମତାମତ ନିମନ୍ତେ ଏହି ଶିବିର ଆୟୋଜନ କରାଯାଇ ଥିଲା । ଜନ ଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ,ଉପ ଜିଲ୍ଲାପାଳ, ଓଏଚପିସି ଅଧିକାରୀ, ପ୍ରଦୂଷଣ ନିୟନ୍ତ୍ରଣ ବିଭାଗ ଅଧିକାରୀ ତଥା ବହୁ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ପ୍ରକଳ୍ପ ପ୍ରତିଷ୍ଠା ହେଲେ କ୍ଷତିଗ୍ରସ୍ତ ଲୋକଙ୍କୁ ସହାୟତା ଯୋଗାଇ ଦେବା ସହ ଅଞ୍ଚଳର ପାରିପାର୍ଶ୍ୱିକ ବିକାଶ ହେବ ବୋଲି କହିଥିଲେ।

ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିବା ସହ ପୂର୍ବରୁ ନିର୍ମାଣ ହୋଇଥିବା ଇନ୍ଦ୍ରାବତୀ ଜଳ ବିଦ୍ୟୁତ ପ୍ରକଳ୍ପ ପାଇଁ ବିସ୍ଥାପିତ ପରିବାରଙ୍କୁ ଅଣଦେଖା, ଆବଶ୍ୟକ କ୍ଷତିପୂରଣ ନଦେବା, ନିଯୁକ୍ତି ସୁଯୋଗ ସୃଷ୍ଟି ନକରିବା ,ଅଞ୍ଚଳର ବିକାଶକୁ ଗୁରୁତ୍ୱ ନଦେବା ଭଳି ଅନେକ ଅଭିଯୋଗ କରିଥିଲେ। ପ୍ରଥମେ ସରକାର କ୍ଷତିଗ୍ରସ୍ତ ପରିବାରଙ୍କୁ କ୍ଷତିପୂରଣ, ନିଯୁକ୍ତି ତଥା ଅଞ୍ଚଳରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନକୁ ସୁନିଶ୍ଚିତ ପାଇଁ ଲିଖିତ ପ୍ରତିଶ୍ରୁତି ପ୍ରଦାନ କଲେ ଦେଲେ ଜାଗା ଛାଡ଼ିବୁ ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି।

ସୁଚନା ଅନୁଯାୟୀ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ୬୦୦ ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେବ। ତଳ ଅଞ୍ଚଳରେ ଏକ ଜଳ ଭଣ୍ଡାର ନିର୍ମାଣ ସହ ପାୱାର ହାଉସ ସ୍ଥାପିତ ହେବଛଉପର ଜଳ ଭଣ୍ଡାରରୁ ପାଣି ଆସି ବିଦ୍ୟୁତ ଉତ୍ପାଦନ ପରେ ପୁଣି ସେଇ ଜଳକୁ ପମ୍ପ ମାଧ୍ୟମରେ ଉପର ଜଳ ଭଣ୍ଡାରକୁ ପଠାଇ ଦିଆଯିବ। ଫଳରେ ଜଳର ଅପଚୟ ନହୋଇ ବିଦ୍ୟୁତ ଉତ୍ପାଦନହୋଇ ରାଜ୍ୟର ଏକ ବିଦ୍ୟୁତ ଉତ୍ପାଦନରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ। କିନ୍ତୁ ପୂର୍ବରୁ ମୁଖୀଗୁଡା ଠାରେ ୬୦୦ ମେଗାୱାଟ ସଂପନ୍ନ ପ୍ରକଳ୍ପ ଦ୍ୱାରା ସରକାର କୋଟି କୋଟି ଟଙ୍କାର ରାଜସ୍ୱ ପାଉଥିବା ବେଳେ ସ୍ଥାନୀୟ ଅଞ୍ଚଳକୁ ଅଣଦେଖା ସହ ପରିପାର୍ଶ୍ୱିକ ଉନ୍ନୟନ ଅର୍ଥର ସୁବିନିଯୋଗ ହୋଇନପାରିବା ଜନ ଅସନ୍ତୋଷର କାରଣ ପାଲଟିଥିବା ମନେହୁଏ। ସରକାର ତଥା ପ୍ରଶାସନ ଏହି ଦିଗ ପ୍ରତି ସଦୟ ଦୃଷ୍ଟି ପ୍ରଦାନ କରି। ଉଚିତ ହେବ ବୋଲି ସର୍ବସାଧାରଣ ମତ ପ୍ରକାଶ କାଉଛି ।

# ବରିଷ୍ଠ ସାମ୍ବାଦିକ ରାମ କୁମାର ଅଗ୍ରୱାଲଙ୍କ ପରଲୋକ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିରର ବରିଷ୍ଠ ସାମ୍ବାଦିକ ରାମ କୁମାର ଅଗ୍ରୱାଲଙ୍କ ସ୍ଥାନୀୟ କଂସାରୀପଡ଼ା ସ୍ଥିତ ତାଙ୍କ ବାସଭବନରେ ଶୁକ୍ରବାର ଅପରାହ୍ନ ୪ଟା ୧୫ ମିନିଟରେ ଦେହାନ୍ତ ହୋଇଥିବା ସୂଚନା ମିଳିଛି । ତାଙ୍କ ବିୟୋଗରେ ସାରା ବଲାଙ୍ଗିର ସହରରେ ଶୋକର ଛାୟା ଖେଳିଯାଇଛି । ବୟସାଧିକ ହେତୁ ସେ କିଛିଦିନ ହେଲା ରୋଗାଗ୍ରସ୍ତ ହୋଇପଡ଼ିଥିବା ବେଳେ ସ୍ୱର୍ଗାରୋହଣ କରିଥିବା ପରିବାର ପକ୍ଷରୁ କୁହାଯାଉଛି । ରାମ କୁମାର ବାବୁ ଦୀର୍ଘଦିନ ଧରି ଅଲ୍ ଇଣ୍ଡିଆ ରେଡ଼ିଓ, ଟେଲିଭିଜନ ଓ ଇଂରାଜୀ ଖବର କାଗଜରେ ସାମ୍ବାଦିକତା କରି ବଲାଙ୍ଗିର ମାଟିର ବିଭିନ୍ନ ସମସ୍ୟା, କଳା ସଂସ୍କୃତି ଓ ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଲେଖନୀ ଚାଳନା କରିଥିଲେ । ପୁଅ ଡାକ୍ତର ସଂଜୀବ ଅଗ୍ରୱାଲ, ଝିଅ ସଂଯୁକ୍ତା ଅଗ୍ରୱାଲ ଓ ସଂଗୀତା ଅଗ୍ରୱାଲ, ସ୍ତ୍ରୀ ସନ୍ତୋଷ ଦେବି ଅଗ୍ରୱାଲ ପ୍ରମୁଖଙ୍କୁ ଛାଡ଼ି ରାମକୁମାର ବାବୁ ପରଲୋକ ଗମନ କରିଛନ୍ତି । ତାଙ୍କ ପରଲୋକରେ ବଲାଙ୍ଗିର ଜିଲ୍ଲା ସାମ୍ବାଦିକ ସଂଘର କର୍ମକର୍ତ୍ତ ଓ ସଦସ୍ୟ ମାନେ ଗଭୀର ଶୋକ ବ୍ୟକ୍ତ କରିବା ସହ ଘରକୁ ଯାଇ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଦେଇଛନ୍ତି ।

ଶୁକ୍ରବାର ଅପରାହ୍ନ ୪.୧୫ ରେ ରାମକୁମାର ବାବୁଙ୍କ ପରିବାର ଲୋକଙ୍କ ଉପସ୍ଥିରେ ପରଲୋକ ଘଟିଥିବା ଜଣାପଡ଼ିଛି । ଶନିବାର ସନ୍ଧ୍ୟା ୪.୩୦ ରେ ବଲାଙ୍ଗିର ବିଭୁତି ପଡା ସ୍ମଶାନରେ ଶବ ସତ୍କାର କରାଯିବ ବୋଲି ପରିବାର ସୂତ୍ରରୁ ଜଣାପଡ଼ିଛି ।

# ବିଡ଼ିଓଙ୍କ ମନମୁଖି କାର୍ଯ୍ୟକୁ ନେଇ ଘେରିଲେ ଜନପ୍ରତିନିଧି



ରାୟଗଡା,(ସବ୍ୟୁ):ରାୟଗଡ଼ା ବିଡିଓଙ୍କ ମନମୁଖି କାର୍ଯ୍ୟକୁ ନେଇ ଘେରିଲେ ଜନପ୍ରତିନିଧି । ତୁରନ୍ତ ଏଠାରୁ ହଟାଇବା ପାଇଁ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ସରକାରଙ୍କ ସମସ୍ତ ନିତୀ ନିୟମକୁ ଉଲଂଘନ କରି ପ୍ରାୟ ୧ ବର୍ଷ ହେଲା ମନମୁଖି ଶାସନ ଚଳାଇଛନ୍ତି। ନିର୍ବାଚିତ ଜନପ୍ରତିନିଧିଙ୍କ ପ୍ରସ୍ତାବକୁ ଗୁରୁତ୍ୱ ଦେଉନାହାନ୍ତି। ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ଗ୍ରାମାଞ୍ଚଳର ବିକାଶ ପାଇଁ ବିଭିନ୍ନ ଯୋଜନା ନିଜ ମନମୁତବାକ କାମ କରୁଛନ୍ତି। ବ୍ଲକ ଅଧକ୍ଷ ଓ ଉପାଧକ୍ଷଙ୍କୁ ମଧ ପଚାରୁ ନାହାନ୍ତି। ଏଭଳି ଅଭିଯୋଗ ଆଣି ନିର୍ବାଚିତ ଜନପ୍ରତିନିଧିମାନେ ରାୟଗଡ଼ା ବିଡିଓ ସୁଜିତ କୁମାର ମିଶ୍ରଙ୍କୁ ଘେରିଛନ୍ତି।

ବ୍ଲକ ଅଧକ୍ଷା ଟୁନି ହୁଇକା ଓ ଉପାଧକ୍ଷ ହରପ୍ରସାଦ ହେପୃକାଙ୍କ ନେତୃତ୍ୱରେ ପ୍ରାୟ ୨୫ଜଣ ସମିତିସଭ୍ୟସଭ୍ୟା ଓ ସରପଞ୍ଚ ଗୁରୁବାର ବିଡିଓଙ୍କୁ ଘେରିଥିଲେ। ଏହି ସମୟରେ ୩ଜଣ ଜିଲ୍ଲା ପରିଷଦ ସଭ୍ୟ ମଧ ଉପସ୍ଥିତ ଥିଲେ। ଗ୍ରାମାଞ୍ଚଳରେ ବିକାଶମୂଳକ କାର୍ଯ୍ୟ ହେଉନଥିବା ବେଳେ ଶାସକ ଦଳର ନେତାଙ୍କୁ ହାତବାରିସି କରି କାର୍ଯ୍ୟାଦେଶ ବଣ୍ଟନ କରାଯାଉଥିବା ନେଇ ବିଡିଓଙ୍କ ବିରୋଧରେ ଅଭିଯୋଗ ଅଣାଯାଇଛି। ନିର୍ବାଚିତ ଜନପ୍ରତିନିଧିମାନେ ପ୍ରାୟ ଦୁଇ ଘଣ୍ଟା ଧରି ବିଡିଓଙ୍କୁ ଘେରାଉ କରିଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ ରାୟଗଡ଼ା ବ୍ଲକକୁ ପ୍ରାୟ ୫୦ ଲକ୍ଷ ଟଙ୍କାର ଅନୁଦାନ ଆସିଥିବା ସବୁ ଅନୁଦାନକୁ ଅଧ୍ୟକ୍ଷା କିମ୍ୱା ନିର୍ବାଚିତ ଜନପ୍ରତିନିଧିଙ୍କ ବିନା ପରାମର୍ଶରେ କାର୍ଯ୍ୟାଦେଶ କରାଯାଇଥିବା ଅଭି ଯୋଗକରିଥିଲେ । ଶାସକ ଦଳର ନେତାମାନଙ୍କୁ ସୁହାଇଲା ଭଳି କାର୍ଯ୍ୟଖସଡ଼ା ପ୍ରସ୍ତୁତ କରାଯାଇଥିବା ବେଳେ ସ୍ଥାନୀୟ ଜନପ୍ରତିନିଧିଙ୍କୁ ଅଣଦେଖା କରାଯାଉଥିବା ଅଭିଯୋଗ କରିଥିଲେ । ଏଭଳି ବିଭିନ୍ନ ପ୍ରଶ୍ନ ଶୁଣିବା ପରେ ବିଡିଓ ଶ୍ରୀ ମିଶ୍ର କାର୍ଯ୍ୟାଳୟରୁ ଚାଲି ଯାଇଥିଲେ। ଗ୍ରାମାଞ୍ଚଳର ଉନ୍ନୟନ ପାଇଁ ପ୍ରସ୍ତୁତ କାର୍ଯ୍ୟଖସଡା ତୁରନ୍ତ ପରିବର୍ତ୍ତନ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଜନପ୍ରତିନିଧିମାନେ ଚେତାବନୀ ଦେଇଛନ୍ତି। ଆଜି ଏନେଇ ରାୟଗଡା ବିଧାୟକ କାଡ୍ରାକା ଆପାଲାସ୍ୱାମି ମୁଖ୍ୟମନ୍ତ୍ରୀ, ପଞ୍ଚାୟତରାଜ ମନ୍ତ୍ରୀ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନ ଏବଂ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ସେଥିରେ ଉଲ୍ଲେଖ କରାଯାଇଛି ରାୟଗଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଞ୍ଚାୟତ ଜନପ୍ରତିନିଧିଙ୍କୁ ଦୁର୍ବବ୍ୟବହାର, ଜାତିଆଣ ଭେଦଭାବ ଏବଂ ଅନଭିଜ୍ଞ ବ୍ୟକ୍ତି ତେଣୁ ଏପରି ଘଟଣା ମାନ ହେଉଛି। ଏ ସମ୍ପର୍କରେ ଉଚ୍ଚସ୍ତରୀୟ ତଦନ୍ତ ହେଉ। ରାୟଗଡା ପୂର୍ବରୁ ପଦ୍ମପୁର ବ୍ଲକରେ ମଧ ଏପରି ବ୍ୟବହାର କରୁଥିବା ମଧ ଲେଖା ଯାଇଛି। ତେବେ ବ୍ଲକ କାର୍ଯ୍ୟାଳୟର ଜଣେ କର୍ମଚାରୀ କହିଛନ୍ତି ବିଡ଼ିଓ କେବଳ ଜନପ୍ରତିନିଧିଙ୍କୁ ନୁହେଁ ସରକାରୀ କର୍ମଚାରୀଙ୍କ ଠାରୁ ସାଧାରଣ ଜନତାଙ୍କୁ ମଧ ଦୁର୍ବ୍ୟବହାର କରନ୍ତି ବୋଲି ନାମ ଗୋପନରେ ସୂଚନା ଦେଇଛନ୍ତି।

# ବିଜେଡି ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ




ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ବିଜେଡି ପକ୍ଷରୁ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ସଭାପତି ଇଂ. ରୋହିତ ପୂଜାରୀଙ୍କ ନେତୃତ୍ୱରେ ଜେଲ ଛକ ସ୍ଥିତ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହାପରେ ଏକ ରାଲିରେ ଖିଣ୍ଡା ଅଭିମୁଖେ ଯାତ୍ରା କରିଥିଲେ । ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମପୀଠରେ ମାଲ୍ୟାର୍ପଣ ପରେ ତାଙ୍କ ଦାୟଦଙ୍କୁ ଭେଟିଥିଲେ । ଏଥିରେ ବେଣୁଧର ଦାଶ, ବସନ୍ତ ମିଶ୍ର, ମହମ୍ମଦ ସନାଉଲ୍ଲା, ସତ୍ୟେନ୍ଦ୍ର ଦାସ, ରୁଦ୍ର ଷଡଙ୍ଗୀ, ଭବେଶ ଚାନ୍ଦ, ସିପ୍ରା ମହାନ୍ତି, ଉଷା ପ୍ରଧାନ ସଂଯୁକ୍ତା ମେହେର, ଉର୍ଦ୍ଦିତ୍ କୁମାର ତ୍ରିପାଠୀ, ମନୋଜ ପାଣ୍ଡେ, ବିଜୟ ଭୋଇ ପ୍ରମୁଖ ସାମିଲ ଥିଲେ ।

**(ଶ୍ରୀମଦ୍ଭଗବଦ୍ ଗୀତା ୨/୨୧)**

**ସାଂଖ୍ୟଯୋଗଃ**

**ଶ୍ରୀଭଗବାନୁବାଚ**

**ବେଦବିନାଶିନଂ ନିତ୍ୟଂ ଯ ଏନମଜମବ୍ୟୟମ୍ ।**
**କଥଂ ସ ପୁରୁଷଃ ପାର୍ଥ ! କଂ ଘାତୟତି ହନ୍ତି କମ୍ ।। ୨୧ ।।**

(ଅତଏବ ହନ୍ତୃତ୍ୱାଭାବୋଦ୍ଧପି ପୂର୍ବୋକ୍ତଃ ସିଦ୍ଧଃ ଇତ୍ୟାହ) ହେ ପାର୍ଥ ! ଯଃ ଏନଂ (ଆତ୍ମନଂ) ନିତ୍ୟଂ (ଅବିନଶ୍ୱରଂ) ଅଜଂ (ଜନ୍ମରହିତଂ) ଅବ୍ୟୟଂ (ଅବକ୍ଷୟଶୂନ୍ୟଂ) ଅବିନାଶିନଂ ବେଦ (ଜାନାତି), ସଃ ପୁରୁଷଃ କଥଂ କଂ ହନ୍ତି, କଂ ବା ଘାତୟତି ।। ୨୧ ।।

# ବିଚ୍ଛିନ୍ନାଞ୍ଚଳର ଜଣେ ମୁରବୀଙ୍କ ଦେହାବସାନ



ବିଚ୍ଛିନ୍ନାଞ୍ଚଳ ଚକ୍ରଧରପୁର ଏବେ ଝାଡଖଣ୍ଡରେ । ସେହି ଚକ୍ରଧରପୁରରେ ରହୁଥିବା ଓଡ଼ିଆ ଓ ଓଡ଼ିଶାକୁ ଖୁବ୍ ଭଲ ପାଇ ଆସିଥିବା , ବିଚ୍ଛିନ୍ନାଞ୍ଚଳର ନେତା ଓ ମୁରବୀ ଭାବେ ପରିଚିତ ପ୍ରବୋଧ କୁମାର ମିଶ୍ରଙ୍କର ଦେହାବସାନ ଘଟଣା ଆମମାନଙ୍କୁ ବ୍ୟଥିତ କରିଛି । ବିଚ୍ଛିନ୍ନାଞ୍ଚଳରେ ଆମ ମାତୃଭାଷା ଓଡ଼ିଆ ଭାଷାର ପ୍ରସାର ନିମନ୍ତେ ତାଙ୍କର ଯଥେଷ୍ଟ ଅବଦାନ ଥିଲା, ବିଚ୍ଛିନ୍ନାଞ୍ଚଳ ଝାଡଖଣ୍ଡରେ ଆମର ଓଡ଼ିଆ ପରମ୍ପରା ଓ ସଂସ୍କୃତିର ସୁରକ୍ଷା ଦିଗରେ ତାଙ୍କର ତ୍ୟାଗକୁ କେହି ହେଲେ ଭୁଲିଯିବା ଉଚିତ ହେବ ନାହିଁ ।

ସ୍ୱର୍ଗୀୟ ମିଶ୍ର ମେଟ୍ରିକ ପାସ କରିବା ପରେ ଦକ୍ଷିଣ–ପୂର୍ବ ରେଳବାଇରେ ଚାକିରି କରିଥିଲେ । ସେତେବେଳେ ସେ ଝାଡଖଣ୍ଡ ଅଞ୍ଚଳରେ ଓଡ଼ିଆ ଭାଷାର ପ୍ରଚାର ଓ ପ୍ରସାର ନିମନ୍ତେ ବହୁ ଉଦ୍ୟମ କରିଥିଲେ । ଓଡ଼ିଆ ଲୋକେ ଜଗନ୍ନାଥ ସଂସ୍କୃତିକୁ ଯେପରି ଭୁଲି ନ ଯାଆନ୍ତି, ସେଥିପାଇଁ ସେ ମଧ୍ୟ ଚାକିରି କାଳରେ ତାଙ୍କର ଉଦ୍ୟମ ଜାରି ରଖିଥିଲେ । ଚାକିରିରୁ ଅବସର ନେବା ପରେ ନିଜକୁ ସମ୍ପୂର୍ଣ୍ଣ ଭାବେ ଓଡ଼ିଆମାନଙ୍କ ସ୍ୱାର୍ଥରକ୍ଷା ସକାଶେ କାର୍ଯ୍ୟ କରିଥିଲେ । ସେ ଉତ୍କଳ ସମ୍ମିଳନୀ ପୂର୍ବ ସିଂହଭୂମ ଶାଖାର ସଭାପତି ଥିଲେ । ଦୁଃଖର କଥା, ଉତ୍କଳ ସମ୍ମିଳନୀର ଓଡ଼ିଶା ସଂଗଠନ ଏବେ ଅଡୁଆରେ । ଏହାର କେତେକ ପୂର୍ବତନ କର୍ମକର୍ତ୍ତାଙ୍କ ବିରୋଧରେ ଗୁରୁତର ଅଭିଯୋଗମାନ ହୋଇ ତଦନ୍ତ ଚାଲିଛି । ତଥାପି ଓଡ଼ିଶାର ସ୍ୱାର୍ଥରକ୍ଷା ଲାଗି ନୂତନ ସଂଗଠନ ଉଦ୍ୟମ କରି ଆସୁଥିବା ଜଣାଯାଇଛି ।

ପ୍ରାୟ ବାର ବର୍ଷ ତଳେ ତା ୧୧/୨/୨୦୧୪ରେ ପୂର୍ଣ୍ଣାଙ୍ଗ ଉତ୍କଳ ନ୍ୟାସ ମଣ୍ଡଳିର (ଯାହାର ପ୍ରମୋଧ କୁମାର ମିଶ୍ର ସିଂହଭୂମ ଶାଖାର ଆଜୀବନ ସଭାପତି ଥିଲେ) ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ଓ ସଭାପତି ସୀତାବଲ୍ଲଭ ମହାପାତ୍ରଙ୍କ ସହ ଏ ଲେଖକ ଚକ୍ରଧାରପୁର ଗସ୍ତ କରିଥିଲା । ଉତ୍କଳ ସମ୍ମିଳନୀର ତତ୍କାଳୀନ କେନ୍ଦ୍ରୀୟ ସଭାପତି ଡାକ୍ତର ଗୁରୁ ପ୍ରସାଦ ମହାନ୍ତି (ଏବେ ସ୍ୱର୍ଗରେ) ମଧ୍ୟ ଆମ ସାଙ୍ଗରେ ଥିଲେ । ସେହି ଦିନ ଚକ୍ରଧରପୁର ଅନ୍ତର୍ଗତ ଉତ୍କଳମଣି ବିଦ୍ୟାମନ୍ଦିର ହାଇସ୍କୁଲରେ ବାର୍ଷିକୋତ୍ସବ ଥିଲା । ଉତ୍କଳମଣିଙ୍କର ଏକ ଆବକ୍ଷ ପ୍ରତିମୂର୍ତ୍ତି ମଧ୍ୟ ସେଦିନ ସ୍ଥାପିତ ହୋଇଥିଲା । ଉତ୍କଳମଣିଙ୍କ ନାମରେ ଏକ ଗ୍ରନ୍ଥାଗାର ମଧ୍ୟ ସେଦିନ ଉନ୍ମୋଚିତ ହୋଇଥିଲା । ଏହି ବର୍ଣ୍ଣାଢ୍ୟ ଉତ୍ସବରେ ଯଥେଷ୍ଟ ସଂଖ୍ୟାରେ ଓଡ଼ିଆମାନେ ଉପସ୍ଥିତ ଥିଲେ । ମଞ୍ଚାସୀନ ଅତିଥିମାନଙ୍କ ମଧ୍ୟରେ ଥିଲେ ଏ ଲେଖକ ସମେତ ଝାଡଖଣ୍ଡର ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ଦୀନେଶ ଷଡଙ୍ଗୀ, ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ନିରଞ୍ଜନ ରଥ, (ଏବେ ସ୍ୱର୍ଗରେ), ପ୍ରଭାସ ଆଚାର୍ଯ୍ୟ, ଡାକ୍ତର ଗୁରୁପ୍ରସାଦ ମହାନ୍ତି, ସୀତାବଲ୍ଲଭ ମହାପାତ୍ର ଓ ପର୍ଶୁରାମ ଦ୍ୱିବେଦୀ ।

ସଭା ପରେ ପ୍ରବୋଧ କୁମାର ମିଶ୍ରଙ୍କୁ ଭେଟିବାକୁ ଯାଇଥିଲୁଁ ଆମେମାନେ । ସାଙ୍ଗରେ ଥିଲେ ଉତ୍କଳ ନ୍ୟାସ ମଣ୍ଡଳୀର କର୍ମକର୍ତ୍ତାମାନଙ୍କ ସହିତ ଷଢ଼େଇକଳା ଓଡ଼ିଆ ସଂଗଠନର ସମ୍ପାଦକ ସୁମନ୍ତ ମହାନ୍ତି, ଗୋପବନ୍ଧୁ ପରିଚାଳନା ସମିତିର ଅଧ୍ୟକ୍ଷ ଅଶୋକ ଷଡଙ୍ଗୀ ଓ ସାମ୍ବାଦିକ ସରୋଜ ପ୍ରଧାନ । ପ୍ରବୋଧ ମିଶ୍ର ଚକ୍ରଧରପୁର ପୁରୁଣା ବସ୍ତି ଅଞ୍ଚଳରେ ରେଳବାଇ ଓଡ଼ିଆ ସ୍କୁଲରେ ରହୁଥିଲେ ସେତେବେଳେ । ଆମମାନଙ୍କୁ ଦେଖି ସେ ଖୁବ୍ ଖୁସି ହୋଇଥିଲେ । ସେହି ଓଡ଼ିଆ ସ୍କୁଲ ପରିଚାଳନା କମିଟିର ସେ ସଭାପତି ମଧ୍ୟ ଥିଲେ । ଆମେମାନେ ସେ ଆସିଥିବା ସ୍କୁଲଟି ପରିଦର୍ଶନ କଲୁଁ– ତାଙ୍କରି ଅନୁରୋଧରେ । ସେ କହିଲେ 'ସ୍କୁଲର ଅଧିକାଂଶ ଛାତ୍ରଛାତ୍ରୀ ହେଉଛନ୍ତି ଦିନ ମଜୁରିଆଙ୍କ ପିଲା । ଅଥଚ ପାଠପଢ଼ାରେ ସେମାନଙ୍କର ବହୁତ ଆଗ୍ରହ ରହିଛି । ସ୍କୁଲର ଛାତ୍ରଛାତ୍ରୀଙ୍କ ସଂଖ୍ୟା ସେତେବେଳେ ଥିଲା ୨୩୧ । ସେ ପୁଣି କହିଲେ–ସ୍କୁଲ ଫି ବା ପରୀକ୍ଷା ବାବଦରେ ଝାଡଖଣ୍ଡ ସରକାର କିଛି ନିଅନ୍ତି ନାହିଁ । ଛାତ୍ରଛାତ୍ରୀମାନେ ଓଡ଼ିଆ ଭାଷା ସମେତ ଇଂରାଜୀ ଓ ହିନ୍ଦୀ ଭାଷା ମଧ୍ୟ ଭଲଭାବେ ଶିକ୍ଷା କରିଛନ୍ତି । ସେତେବେଳେ ଝାଡଖଣ୍ଡ ସରକାର ଛଅଜଣ ଶିକ୍ଷକ ପଦବୀକୁ ମଞ୍ଜୁର କରିଥିଲେ ମଧ୍ୟ ଓଡ଼ିଆ ପଢ଼ାଇବାକୁ ମାତ୍ର ଦୁଇଜଣ ଶିକ୍ଷକଙ୍କୁ ଓଡ଼ିଶା ସରକାର ମାସିକ ବେତନ ପନ୍ଦରଶହ ଟଙ୍କା ମାତ୍ର ଦେଉଥିଲେ । ସେହି ବେତନ ହାର ବୃଦ୍ଧି କରିବା ଲାଗି ପ୍ରବୋଧ ବାବୁ ଓଡ଼ିଆ ସଂଗଠନ ଓ ସ୍କୁଲ ପରିଚାଳନା ସମିତିର ସଭାପତି ଭାବେ ନିବେଦନ କରିଥିଲେ ଆମମାନଙ୍କୁ । ସେ ମଧ୍ୟ ଆମମାନଙ୍କୁ କହିଥିଲେ ଯେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିକୁ ବିଚ୍ଛିନ୍ନାଞ୍ଚଳ ଚକ୍ରଧରପୁରରେ ବଞ୍ଚାଇ ରଖିବାକୁ ହେଲେ ଓଡ଼ିଶାର ସବୁ ବର୍ଗର ଲୋକେ ମଝିରେ ମଝିରେ ଚକ୍ରଧରପୁରକୁ ଗସ୍ତରେ ଆସିବା ଆବଶ୍ୟକ । କାଲି ପରି ମନେ ପଡୁଛି ଏକଥା ସବୁ ତାଙ୍କର । ଗତ ୨୧ ଜାନୁଆରୀ (୨୦୨୬)ରେ ୯୬ ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇ ଯାଇଛି, ସେହି ଚକ୍ରଧରପୁରରେ । ଓଁ ଶାନ୍ତିଃ । ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ପ୍ରାର୍ଥନା ତେଣୁ ଈଶ୍ୱରଙ୍କୁ ।

(ଗୁରୁକଲ୍ୟାଣ ମହାପାତ୍ର, ମୁଖ୍ୟ ସମ୍ପାଦକ)

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ,ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ପ୍ରଗତି : ତ୍ୱରିତ ପ୍ରଗତି ପାଇଁ ଏକ ଦୃଷ୍ଟିକୋଣ

**ଶ୍ରୀ ସୁଧାଂଶ ପନ୍ତ**
**ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ବିଭାଗ**
**ସଚିବ, ଭାରତ ସରକାର**

ସାର୍ବଜନୀନ ଆଲୋଚନାରେ ପ୍ରାୟତଃ ନୂତନ ଯୋଜନାର ଶୁଭାରମ୍ଭ କିମ୍ବା ବର୍ଦ୍ଧିତ ବଜେଟ୍ ଆବଣ୍ଟନକୁ ଶାସନ ସଂସ୍କାରର ପ୍ରମୁଖ ସୂଚକ ଭାବେ ଦେଖାଯାଏ। କିନ୍ତୁ ଦେଶର ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଘଟୁଥିବା ପରିବର୍ତ୍ତନ ଯଦିଓ ଦୃଶ୍ୟମାନ ଭାବେ କମ୍ ତଥାପି ତାହାର ପ୍ରଭାବ ଅଧିକ ଗଭୀର ଓ ଦୀର୍ଘକାଳୀନ। ଏହି ପରିବର୍ତ୍ତନର ଏକ ସ୍ପଷ୍ଟ ସଙ୍କେତ ମିଳେ, ସକ୍ରିୟ ଶାସନ ବ୍ୟବସ୍ଥା ଏବଂ ନିର୍ଦ୍ଧାରିତ ସମୟରେ କାର୍ଯ୍ୟାନ୍ୱୟନ (ପ୍ରଗତି) ର ୫୦ତମ ବୈଠକରେ, ଯେଉଁଠାରେ ପ୍ରଧାନମନ୍ତ୍ରୀ ଶାସନର ପରବର୍ତ୍ତୀ ପର୍ଯ୍ୟାୟର ଲକ୍ଷ୍ୟକୁ ତିନୋଟି ଶବ୍ଦରେ ସୂଚାଇଥିଲେ : 'ସଂସ୍କାର, ପ୍ରଦର୍ଶନ ଏବଂ ରୂପାନ୍ତର' । ଏହି ତିନୋଟି ଧାରଣା ଆଧୁନିକ ଶାସନର ନୂଆ ମାନଦଣ୍ଡକୁ ସ୍ପଷ୍ଟ କରେ। ସଂସ୍କାରର ଅର୍ଥ ହେଲା ବ୍ୟବସ୍ଥାକୁ ସରଳ, ସ୍ପଷ୍ଟ ଏବଂ ଦକ୍ଷ କରିବା ପ୍ରଦର୍ଶନର ମାପଦଣ୍ଡ ହେବା ଉଚିତ ଭୂମିସ୍ତରରେ ତାହାର ପ୍ରତିଫଳନ ଏବଂ ରୂପାନ୍ତରକୁ ନାଗରିକଙ୍କ ଜୀବନରେ ଘଟୁଥିବା ପ୍ରକୃତ ପରିବର୍ତ୍ତନ ଦ୍ୱାରା ମାପାଯିବା ଉଚିତ। ଗତ ଦଶନ୍ଧି ମଧ୍ୟରେ ଭାରତର ଶାସନରେ ଘଟିଥିବା ଏହି ଗଭୀର ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ହେଉଛି ପ୍ରଗତି। ଏହା ଏକ ଏମିତି ପ୍ଲାଟଫର୍ମ, ଯାହା ସାର୍ବଜନୀନ ପ୍ରକଳ୍ପ ବିତରଣ ଏବଂ ଯୋଜନା ତଦାରଖର ସଂସ୍କୃତିକୁ ମୂଳରୁ ପରିବର୍ତ୍ତନ କରିଛି। ଏହା ମାଧ୍ୟମରେ ଭାରତ ଏକ ଦାୟିତ୍ୱଶୀଳ ଏବଂ ପରିବର୍ତ୍ତନମୁଖୀ ଶାସନ ଆଭିମୁଖ୍ୟ ଆପଣାଇଛି।

ସରକାରରେ, ପ୍ରତ୍ୟେକ ବିଳମ୍ବର ଏକ ମାନବିକ ମୂଲ୍ୟ ଥାଏ। ଏକ ଅଟକି ରହିଥିବା ସେତୁ କେବଳ ଏକ ପ୍ରକଳ୍ପ ଚାର୍ଟରେ ଏକ ରେଖା ନୁହେଁ ଏହା ହେଉଛି ଜଣେ ଛାତ୍ର ଯାହାକୁ କଲେଜରେ ପହଞ୍ଚିବା ପାଇଁ ଅଧିକ ସମୟ ଯାତ୍ରା କରିବାକୁ ପଡ଼ିଥାଏ କିମ୍ବା ଜଣେ ରୋଗୀକୁ ଏକ ଅନୁମୋଦିତ ହସ୍ପିଟାଲ ନିର୍ମାଣାଧୀନ ଥିବାରୁ ସ୍ୱତନ୍ତ୍ର ଚିକିତ୍ସା ପାଇଁ ଅତିରିକ୍ତ ଯାତ୍ରା କରିବାକୁ ହୋଇଥାଏ। ଦଶନ୍ଧି ଧରି, ଭାରତରେ ଅନେକ ସାର୍ବଜନୀନ ପ୍ରକଳ୍ପ କେବଳ ଫାଇଲରେ ରହିଥିଲା। ଲକ୍ଷ୍ୟ ଥିବା ସତ୍ତ୍ୱେ ସମନ୍ୱୟର ବିଫଳତା ହେତୁ ଏଗୁଡ଼ିକ ବିଳମ୍ବ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଏବଂ ବ୍ୟକ୍ତିଗତ ତଦାରଖ ଅଧୀନରେ, ୨୦୧୫ ମସିହାରେ ପ୍ରଗତି ଆରମ୍ଭ କରାଯାଇଥିଲା। ଏହାର ଲକ୍ଷ୍ୟ ଥିଲା ଯେ, ଭାରତ ଦୀର୍ଘ ସମୟ ଧରି ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ଯୋଜନା କିମ୍ବା ମହତ୍ତ୍ୱାକାଂକ୍ଷା ରହିଥିବା ସତ୍ତ୍ୱେ ବିଳମ୍ବ, ସମନ୍ୱୟର ଅଭାବ ସହିତ ସଂଘର୍ଷ କରିଆସୁଛି। ସେତୁଗୁଡ଼ିକ ଅଧା ନିର୍ମିତ ଥିବା ବେଳେ, ବିମାନବନ୍ଦରଗୁଡ଼ିକ କେବଳ ଯୋଜନାରେ ରହିଥିଲା । ଏହା ସହ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସମନ୍ୱୟର ଅଭାବ ହେତୁ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକ ବର୍ଷ ବର୍ଷ ଧରି ଅଟକିଥିଲା, ଯାହାର ପରିଣାମ ସ୍ୱରୂପ ଲକ୍ଷ ଲକ୍ଷ କୋଟି ଟଙ୍କାର ପ୍ରକଳ୍ପ ପ୍ରକ୍ରିୟାଗତ ଚକ୍ରରେ ଫସି ରହିଥିଲା। ୧୦ ବର୍ଷ ମଧ୍ୟରେ ପ୍ରଗତିର ଉଲ୍ଲେଖନୀୟ ସଫଳତା ସ୍ୱତଃ ସ୍ପଷ୍ଟ। ଏପର୍ଯ୍ୟନ୍ତ ୮୫ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରକଳ୍ପଗୁଡ଼ିକ ଏହାର ସରଞ୍ଚିତ ତଦାରଖ ଢାଞ୍ଚା ଅଧୀନରେ ଗ୍ରହଣ କରାଯାଇଛି। ଏଥିରେ ୩୮୨ ପ୍ରକଳ୍ପରୁ ଚିହ୍ନଟ ହୋଇଥିବା ୩,୧୮୭ଟି ପ୍ରମୁଖ ସମସ୍ୟା ମଧ୍ୟରୁ ୨,୯୫୮ (୯୩ ପ୍ରତିଶତ)ରୁ ଅଧିକ ସମାଧାନ କରାଯାଇଛି। ଏଥିରେ ସେତୁ ସମ୍ପୂର୍ଣ୍ଣ, ବିଦ୍ୟୁତ ପ୍ଲାଣ୍ଟ, ହସ୍ପିଟାଲ କାର୍ଯ୍ୟକ୍ଷମ ହେବା ସହ ରାଜପଥ ଆରମ୍ଭ ହୋଇଛି ଏବଂ ରେଳ ସଂଯୋଗ କରାଯାଇଛି । ପ୍ରଗତିକୁ ସ୍ୱତନ୍ତ୍ର କରୁଥିବା ବିଷୟ ହେଉଛି ଏହାର ଡିଜାଇନ୍ ଦର୍ଶନ, ଯାହା ଡିଜିଟାଲ୍ ଡାଟା ପରିଚାଳନା, ଭୂ–ସ୍ଥାନୀୟ ପ୍ରଯୁକ୍ତି ବିଦ୍ୟା ଏବଂ ଭିଡିଓ କନଫରେନସିଂକୁ ଏକକ ନିଷ୍ପତ୍ତି–ସମର୍ଥନ ପ୍ରଣାଳୀରେ ସଙ୍କଳନ କରିଥାଏ। ଏହା ପ୍ରଧାନମନ୍ତ୍ରୀଙ୍କୁ ପ୍ରତି ମାସରେ ଏକ ସାଧାରଣ ମଞ୍ଚରେ ଭାରତ ସରକାରଙ୍କ ସଚିବ, ରାଜ୍ୟଗୁଡ଼ିକର ମୁଖ୍ୟ ସଚିବମାନଙ୍କ ସହିତ ପ୍ରକଳ୍ପ ଗୁଡ଼ିକର ସିଧାସଳଖ ସମୀକ୍ଷା କରିବାକୁ ତଥା ଟିମ୍ ଇଣ୍ଡିଆକୁ ତାଙ୍କର ମାର୍ଗଦର୍ଶନ ସହ ସମାଧାନ ପ୍ରଦାନ କରିବାକୁ ଅନୁମତି ଦିଏ। ଅକ୍ସଫୋର୍ଡର ପ୍ରଫେସର ସୌମିତ୍ର ଦତ୍ତ ଯେପରି ଲକ୍ଷ୍ୟ କରିଛନ୍ତି, ପ୍ରଗତି ଏକ ଶିକ୍ଷାକୁ ରେଖାଙ୍କିତ କରେ ଯାହାଦ୍ୱାରା ଅନେକ ରାଷ୍ଟ୍ର ଏବେ ବି ସଂଘର୍ଷ କରୁଛନ୍ତି। ଭିତ୍ତିଭୂମି–ନେତୃତ୍ୱାଧୀନ ଅଭିବୃଦ୍ଧି ପୁଞ୍ଜି ନିବେଶ ଅପେକ୍ଷା ଅଧିକ ଆବଶ୍ୟକ। ବିଭିନ୍ନ–ଅନୁଷ୍ଠାନ ମଧ୍ୟରେ ସହଯୋଗକୁ ସକ୍ଷମ କରିବା ଏବଂ ନିୟମିତ, ଫଳାଫଳ–କେନ୍ଦ୍ରିତ ଉତ୍ତରଦାୟିତ୍ୱ ଲାଗୁ କରିବା ପାଇଁ ଶୀର୍ଷ ନେତୃତ୍ୱକୁ ସକ୍ରିୟ ଭାବରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର କରିବାକୁ ପଡିବ। ସମବାୟ ସଂଘୀୟତାକୁ ସୁଦୃଢ଼ କରିବାରେ ପ୍ରଗତିର ଅବଦାନ ମଧ୍ୟ ଗୁରୁତ୍ୱପୂର୍ଣ୍ଣ। କେନ୍ଦ୍ର ସଚିବ ଏବଂ ମୁଖ୍ୟ ସଚିବମାନେ ଏକ ମଞ୍ଚରେ ଅଂଶଗ୍ରହଣ, ସହଯୋଗ କରିବା ସହ ଉତ୍ତରଦାୟୀ ହୁଅନ୍ତି। ଭାରତ ସରକାରଙ୍କ ସଚିବ ଏବଂ ଏକ ରାଜ୍ୟର ମୁଖ୍ୟ ସଚିବ ଭାବରେ ଉଭୟ ପକ୍ଷରୁ ଏହି ବୈଠକରେ ଅଂଶଗ୍ରହଣ କରିବାର ବିରଳ ସୌଭାଗ୍ୟ ମୋତେ ମିଳିଛି। ଏହି ପ୍ଲାଟଫର୍ମ ଆନ୍ତଃମନ୍ତ୍ରୀସ୍ତରୀୟ ଏବଂ କେନ୍ଦ୍ର–ରାଜ୍ୟ ସାଇଲୋକୁ ଭାଙ୍ଗିବାରେ ସାହାଯ୍ୟ କରିଛି ଏବଂ ଏହା ସହଯୋଗପୂର୍ଣ୍ଣ ସମସ୍ୟା ସମାଧାନ ଏବଂ ଫଳାଫଳର ସହଭାଗୀ ମାଲିକାନା ସହିତ 'ସମ୍ପୂର୍ଣ୍ଣ–ସରକାରୀ ଆଭିମୁଖ୍ୟ'ର ଏକ ଜ୍ୱଳନ୍ତ ଉଦାହରଣ। ଏହାର ପ୍ରଭାବ ବିଭିନ୍ନ କ୍ଷେତ୍ରରେ ଦେଖାଯାଉଛି। ଭିତ୍ତିଭୂମି କ୍ଷେତ୍ରରେ, ପ୍ରଗତି ଦୀର୍ଘ ଦିନ ଧରି ପଡ଼ି ରହିଥିବା ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରିବାରେ ସାହାଯ୍ୟ କରିଛି। ଉଦାହରଣ ସ୍ୱରୂପ ବଂଶ ୱାରାରେ ରାଜସ୍ଥାନ ପରମାଣୁ ଶକ୍ତି ପ୍ରକଳ୍ପ, ଆସାମରେ ବୋଗିବିଲ ରେଳ–ତଥା–ରୋଡ୍ ସେତୁ, ଯାହା ୧୯୯୭ ମସିହାରେ ପରିକଳ୍ପିତ ହୋଇ ହସ୍ତକ୍ଷେପ ପରେ ସମାପ୍ତ ହୋଇଥିଲା। ପ୍ରାୟ ୨୫ ବର୍ଷ ବିଳମ୍ବ ପରେ ନଭି ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦର ୨୦୨୫ ମସିହାରେ ଉଦଘାଟିତ ହୋଇଥିଲା। ସେହିପରି ଜାମ୍ମୁ–ଉଧମପୁର–ଶ୍ରୀନଗର–ବାରାମୁଲ୍ଲା ରେଳ ଲିଙ୍କ ପ୍ରକଳ୍ପର କାର୍ଯ୍ୟକୁ ମଧ୍ୟ ତ୍ୱରାନ୍ୱିତ କରାଯାଇଥିଲା। ସମସ୍ତ ଅଂଶୀଦାରଙ୍କ ସମନ୍ୱିତ କାର୍ଯ୍ୟ ସୁରକ୍ଷା, ଭୂମି ଅଧିଗ୍ରହଣ ଏବଂ ମଞ୍ଜୁରୀ ପ୍ରକଳ୍ପ ସମ୍ବନ୍ଧିତ ଆହ୍ୱାନକୁ ଦୂର କରିବାରେ ସାହାଯ୍ୟ କରିଛି। ଏହି ପ୍ଲାଟଫର୍ମ କେବଳ ଭାରତର ରାଜ୍ୟଗୁଡ଼ିକ ପାଇଁ ନୁହେଁ ଯେଉଁମାନେ ନିରୀକ୍ଷଣ ବ୍ୟବସ୍ଥାକୁ ପ୍ରତିପାଦନ କରୁଛନ୍ତି, ବରଂ ସମୟୋଚିତ ସେବା ପ୍ରଦାନ ସହିତ ଆହ୍ୱାନର ସମ୍ମୁଖୀନ ହେଉଥିବା ଦେଶମାନଙ୍କ ପାଇଁ ମଧ୍ୟ ଏକ ପ୍ରମୁଖ ଉଦାହରଣ ପାଲଟିଛି। ଏହାର ଶିକ୍ଷା ସରଳ। ନିରନ୍ତର ତଦାରଖ ମାଧ୍ୟମରେ ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରାଯାଇପାରିବ। ଭୌତିକ ଭିତ୍ତିଭୂମି ବ୍ୟତୀତ, ପ୍ରତ୍ୟେକ ପ୍ରଗତି ବୈଠକରେ ସ୍ୱାସ୍ଥ୍ୟ, ଶିକ୍ଷା, ଜଳ ଏବଂ ପରିମଳ, ଗୃହ, ସାମାଜିକ କଲ୍ୟାଣ ଏବଂ ଅନ୍ୟାନ୍ୟ କ୍ଷେତ୍ରରେ ପ୍ରମୁଖ କାର୍ଯ୍ୟକ୍ରମ ତଥା କଲ୍ୟାଣକାରୀ ଯୋଜନା ଗୁଡ଼ିକର କାର୍ଯ୍ୟାନ୍ୱୟନର ସମୀକ୍ଷା ମଧ୍ୟ କରାଯାଇଛି। ଏହା ଏହି ଧାରଣାକୁ ଦୃଢ଼ କରେ ଯେ ସାମାଜିକ କ୍ଷେତ୍ରରେ ସମୟସୀମା ମଧ୍ୟରେ ସେବା ଯୋଗାଣ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ପାଇଁ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ।

ପ୍ରଗତିର ଅବଦାନକୁ ଅର୍ଥନୈତିକ, ସାମାଜିକ ଏବଂ ପରିବେଶଗତ ଦୃଷ୍ଟିରୁ ମଧ୍ୟ ବୁଝିବାକୁ ପଡିବ। ଅର୍ଥନୈତିକ ଦୃଷ୍ଟିରୁ, ନିର୍ଦ୍ଧାରିତ ସମୟସୀମାରେ ସମାପ୍ତି ଖର୍ଚ୍ଚକୁ ଉନ୍ନତ କରେ ଏବଂ ଲାଭକୁ ସର୍ବାଧିକ କରେ। ସାମାଜିକ ଦୃଷ୍ଟିରୁ, ଦ୍ରୁତ ସମାପ୍ତି ଅର୍ଥ ହେଉଛି ଗୋଷ୍ଠୀଗୁଡ଼ିକ ସୁରକ୍ଷା ଲାଭ କରି, ରାସ୍ତା, ହସ୍ପିଟାଲ, ବିଦ୍ୟୁତ୍ ଏବଂ ସଂଯୋଗୀକରଣର ଶୀଘ୍ର ପ୍ରବେଶ ପାଆନ୍ତି। ପରିବେଶଗତ ଦୃଷ୍ଟିରୁ, ପ୍ରଗତି ଜିଆଇଏସ୍–ଆଧାରିତ ଯୋଜନା ମାଧ୍ୟମରେ ଏହି ଦିଗଗୁଡ଼ିକୁ ଏକୀକୃତ କରି, ଏଡାଯାଇପାରୁଥିବା ନିର୍ଗମନ ଏବଂ ସମ୍ବଳ ଅପଚୟକୁ ହ୍ରାସ କରିବା ପାଇଁ, ପିଏମ୍ ଗତି ଶକ୍ତି ଏବଂ ପରିବେଶ ଭଳି ପ୍ଲାଟଫର୍ମ ସହିତ ମିଶି କାମ କରେ। ବର୍ତ୍ତମାନ ଭାରତରେ ନାଗରିକଙ୍କ ଆକାଂକ୍ଷା କେବଳ ପ୍ରତିଶ୍ରୁତିରେ ସୀମିତ ରହିନାହିଁ । ସେଗୁଡ଼ିକ ଭୂମିସ୍ତରରେ ପ୍ରତ୍ୟକ୍ଷ ଭାବେ ପ୍ରତିଫଳିତ ହେଉଛି। ପ୍ରଗତି ଏହା ସାବ୍ୟସ୍ତ କରିଛି ଯେ, ପରିବର୍ତ୍ତନ ଆଣିବା ପାଇଁ ଶାସନ ସଂସ୍କାର ସବୁବେଳେ ଉଚ୍ଚ ସ୍ୱର, ଘୋଷଣା କିମ୍ବା ଆଡମ୍ବରରେ ହେବା ଆବଶ୍ୟକ ନୁହେଁ। ପାରଦର୍ଶୀ ନିରୀକ୍ଷଣ, ସମୟୋପଯୋଗୀ ନିଷ୍ପତ୍ତି ଏବଂ ଦାୟିତ୍ୱବୋଧ ମାଧ୍ୟମରେ ଶାସନ ପ୍ରଣାଳୀରେ ଧୀରେ କିନ୍ତୁ ଗଭୀର ପରିବର୍ତ୍ତନ ସମ୍ଭବ ପ୍ରଗତି ଏହାର ଏକ ଜୀବନ୍ତ ଉଦାହରଣ। ଏହି ଅନୁଭୂତି ପ୍ରଧାନମନ୍ତ୍ରୀଙ୍କ 'ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ ଏବଂ ସବକା ପ୍ରୟାସ' ଦୃଷ୍ଟିକୋଣରେ ପ୍ରତିଫଳିତ ଜାତୀୟ ବିକାଶ ଏଜେଣ୍ଡାକୁ ସାର୍ଥକତା ପ୍ରଦାନ କରୁଛି। ଏହି ଦୃଷ୍ଟିକୋଣ କେବଳ ଚିନ୍ତାଧାରା କିମ୍ବା ନାରାରେ ସୀମିତ ନୁହେଁ ବରଂ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଢ଼ିବାର ବୃହତ ଲକ୍ଷ୍ୟକୁ ନେଇ ଏହା ଧୀରେଧୀରେ ବାସ୍ତବତାରେ ପରିଣତ ହେଉଛି, ଯେଉଁଠାରେ ଶାସନ ନାଗରିକଙ୍କ ଆକାଂକ୍ଷା ସହ ସିଧାସଳଖ ଭାବେ ସଂଯୁକ୍ତ ହେଉଛି।

# ଗଣତନ୍ତ୍ରରେ ମତଦାତା ହିଁ ଗୁରୁତ୍ୱପୂର୍ଣ୍ଣ



**କିଶୋର ଚନ୍ଦ୍ର ବେହେରା**

ସମାଜରେ ବ୍ୟକ୍ତିର ବ୍ୟକ୍ତିତ୍ୱର ବିକାଶ ପାଇଁ ଆବଶ୍ୟକ ହେଉଥିବା ଅବସ୍ଥା ପରିବେଶକୁ ଅଧିକାର କୁହାଯାଏ । ସେ ଅଧିକାର ସାମାଜିକ କିମ୍ବା ରାଜନୈତିକ ହେଉ ପଛେ ସେହି ବ୍ୟକ୍ତି ବିଶେଷ ଯାହା ସାହାଯ୍ୟରେ କି ନିଜର ପ୍ରତିଭାକୁ ବିକଶିତ କରିଥାଏ । ଅଧିକାରଗୁଡ଼ିକ ନାଗରିକର ପୂର୍ଣ୍ଣାଙ୍ଗ ବିକାଶରେ ସହାୟକ ହୋଇଥିବାରୁ ପୃଥିବୀର ସମସ୍ତ ଗଣତାନ୍ତ୍ରିକ ରାଷ୍ଟ୍ରର ସମ୍ବିଧାନ କେତେଗୁଡିଏ ଅଧିକାର ପ୍ରଦାନ କରିଥାନ୍ତି, ତନ୍ମଧ୍ୟରୁ ମତଦାନ ଅଧିକାର ଅନ୍ୟତମ । ଭାରତ ବର୍ଷ ହେଉଛି ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଏବଂ ଆମର ସମ୍ବିଧାନ ଅନ୍ୟତମ ଶ୍ରେଷ୍ଠ ଅନ୍ୟ ରାଷ୍ଟ୍ରଗୁଡ଼ିକ ତୁଳନାରେ ।

ସେ ରାଜା ହେଉ କି ପ୍ରଜା, ଧନୀ ହେଉ କି ନିର୍ଦ୍ଧନ ହେଉ କିମ୍ବା ସେ ପ୍ରଭାବଶାଳୀ ବ୍ୟକ୍ତି ହେଉ ପଛେ ସମ୍ବିଧାନର ଆଇନ, ନୀତି ଓ ନ୍ୟାୟିକ ବ୍ୟବସ୍ଥାକୁ ସମ୍ମାନ ଦେବାରେ କେହି ଅବହେଳା କରନ୍ତି ନାହିଁ । ପ୍ରତ୍ୟେକ ନାଗରିକ ଭିନ୍ନ ଭିନ୍ନ ତରିକା ଅବଲମ୍ବନ କରି ରାଷ୍ଟ୍ର ଶାସନରେ ଅଂଶଗ୍ରହଣ କରିବା ପାଇଁ ରାଜନୈତିକ ଅଧିକାରକୁ ଆପଣାଇବାରେ ପ୍ରଚେଷ୍ଟା ଜାରି ରଖିଥାନ୍ତି । ନିର୍ଦ୍ଦିଷ୍ଟ ବୟସରେ ଉପନୀତ ହୋଇଥିବା ପ୍ରତ୍ୟେକ ସାବାଳକ ନାଗରିକଙ୍କୁ ନିର୍ବାଚନରେ ମତଦାନ କରିବାର ସୁଯୋଗ ଆମ ସମ୍ବିଧାନରେ ବ୍ୟବସ୍ଥା ରହିଛି । ଜନସାଧାରଣଙ୍କ ମତଦାନଦ୍ୱାରା ପ୍ରତିନିଧିମାନେ ନିର୍ବାଚିତ ହୋଇ ରାଜ୍ୟ କିମ୍ବା କେନ୍ଦ୍ରରେ ସରକାର ଗଠନ ପ୍ରକ୍ରିୟା ଜାରି ରଖିଥାନ୍ତି । ଯଦି ଜଣେ ନାଗରିକ ନିଜର ମୂଲ୍ୟବାନ ଭୋଟ ଖଣ୍ଡିକ ବିନା ଭୟରେ ସାବ୍ୟସ୍ତ କରିପାରିବ, ତେବେ ଏକ ସୁଦୃଢ ସରକାର ଗଠନ କରିବା ସହ ରାଷ୍ଟ୍ରର ପ୍ରଗତି ସମ୍ଭବ ହେବ ।

ଆମେ, ଭାରତର ନାଗରିକବୃନ୍ଦ, ଗଣତନ୍ତ୍ରରେ ନିଜର ପୂର୍ଣ୍ଣ ଆସ୍ଥା ରଖି ଏହି ଶପଥ ନେଉଛୁ କି ଆମେ ନିଜ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବୁ ତଥା ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ନିର୍ବାଚନର ଗାରିମାକୁ ଅକ୍ଷୁର୍ଣ୍ଣ ରଖି, ନିର୍ଭୀକ ହୋଇ, ଜାତି, ଧର୍ମ, ବର୍ଣ୍ଣ, ଗୋଷ୍ଠୀ, ଭାଷା ଅଥବା ଅନ୍ୟ କୌଣସି ପ୍ରଲୋଭନରେ ପ୍ରଭାବିତ ନହୋଇ ପ୍ରତ୍ୟେକ ନିର୍ବାଚନରେ ନିଜର ମତାଧିକାର ପ୍ରୟୋଗ କରିବୁ । ମତଦାତାମାନେ ଏହି ସଂକଳ୍ପ ନେଇ ନିର୍ବାଚନ କମିଶନର ପ୍ରତିଷ୍ଠା ଦିବସ ଜାନୁଆରୀ ୨୫ ତାରିଖକୁ ଜାତୀୟ ମତଦାତା ଦିବସ ରୂପେ ପାଳନ କରୁଛନ୍ତି । ୨୦୧୧ ମସିହାରେ ପ୍ରଥମଥର ପାଇଁ ଉକ୍ତ ଦିବସ ପାଳନ କରିବା ସହିତ ପ୍ରତ୍ୟେକ ବର୍ଷ ଏହି ଦିନଟିକୁ ନୂତନ ଯୁବ ଭୋଟରମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା ।

ଏହି ଦିବସ ପାଳନର ଉଦେଶ୍ୟ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାରେ ସାଧାରଣ ନାଗରିକ ବିଶେଷକରି ଯୁବବର୍ଗର ଭୋଟରମାନଙ୍କୁ ଅଧିକରୁ ଅଧିକ ସଂଖ୍ୟକ ଅଂଶ ଗ୍ରହଣ କରିବା ପାଇଁ ଉତ୍ସାହିତ କରିବା । ୧୯୫୦ ମସିହା ଜାନୁଆରୀ ୨୬ ତାରିଖରେ ଭାରତ ଏକ ସାର୍ବଭୌମ ଧର୍ମନିରପେକ୍ଷ ସାଧାରଣତନ୍ତ୍ର ରାଷ୍ଟ୍ର ଘୋଷିତ ହେଇଥିଲା । ଏହାର ଠିକ୍ ପୂର୍ବଦିନ ଅର୍ଥାତ ଜାନୁଆରୀ ୨୫ ତାରିଖ ଦିନ ସମ୍ବିଧାନର ୩୨୪ ଧାରା ଅନୁଯାୟୀ ଏକ ନିର୍ବାଚନ କମିଶନର ପ୍ରତିଷ୍ଠା କରାଯାଇଥିଲା । କମିଶନର ନିଷ୍ପତ୍ତି ନେଇଥିଲେକି ୨୧ ବର୍ଷ ବୟସରୁ ଉର୍ଦ୍ଧ୍ୱ ନାଗରିକ ପୁରୁଷ ଅଥବା ମହିଳା ନିଜ ପସନ୍ଦର ପ୍ରାର୍ଥୀଙ୍କୁ ଚୟନ କିମ୍ବ ନିର୍ବାଚିତ କରିବାର ଅଧିକାର ମିଳିଥିଲା । ଅଠତିରିଷ ବର୍ଷ ପରେ ଅର୍ଥାତ୍ ୧୯୮୮ ମସିହା ୬୧ ତମ ସମ୍ବିଧାନ ସଂଶୋଧନ ବିଲ ଆଗତ କରାଯାଇ ମତଦାତାଙ୍କ ବୟସ ୨୧ରୁ ୧୮ ବର୍ଷକୁ ହ୍ରାସ କରାଯାଇଥିଲା । ନିର୍ବାଚନରେ ଯୁବବର୍ଗଙ୍କ ସାର୍ବଜନୀନ ଭାଗିଦାରୀତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ନିର୍ବାଚନ ଆୟୋଗ 'ମେରା ପେହଲା ଭୋଟ୍ ଦେଶ କେ ଲିଏ' ଅଭିଯାନର ନେତୃତ୍ୱ ନେଉଛନ୍ତି । ଏହି ଅଭିଯାନ ଯୁବଗୋଷ୍ଠୀଙ୍କ ସାମୂହିକ ଶକ୍ତି ଏବଂ ଦେଶର ଗଣତାନ୍ତ୍ରିକ ସରକାର ଗଠନରେ ସେମାନଙ୍କ ସକ୍ରିୟ ଅଂଶଗ୍ରହଣର ଗୁରୁତ୍ୱକୁ ସୂଚାଇଥାଏ ।

ମତଦାତା ଦିବସ ପାଳନ କରିବାର ମୁଖ୍ୟ ଲକ୍ଷ୍ୟ ହେଲା କିଭଳି ଭାବରେ ସମସ୍ତ ନାଗରିକମାନେ ନିଜର ମୂଲ୍ୟବାନ ଭୋଟ ଖଣ୍ଡିକ ନିର୍ଭୟରେ ଓ ବିନା ଚାପରେ ନିଜର ମତ ସାବ୍ୟସ୍ତ କରିପାରିବେ । ଏହା ନିର୍ବାଚନ ଆୟୋଗଙ୍କର ଏକ ପ୍ରୟାସ । ୨୦୧୧ ମସିହାରେ ଆରମ୍ଭ ହୋଇଥିବା ଜାତୀୟ ମତଦାତା ଦିବସ ଏ ବର୍ଷ ପାଳନ କରୁଛି ଏବେ । ୨୦୦୯ ମସିହା ସାଧାରଣ ନିର୍ବାଚନରେ ଦେଖାଗଲା ମତଦାନ ସଂଖ୍ୟା ୫୮.୨୧ ଶତକଡା ପୂର୍ବ ନିର୍ବାଚନ ଠାରୁ ଅପେକ୍ଷାକୃତ ହ୍ରାସ ପାଇବା ସହ ମହିଳା ଭୋଟରଙ୍କ ସଂଖ୍ୟା ଆପାତତଃ ହ୍ରାସ ପାଇଥିଲା । ତେଣୁ କରି ଏହି ପରିପ୍ରେକ୍ଷୀରେ ନିର୍ବାଚନ ଆୟୋଗ ଚିନ୍ତାକଲେ ଯୁବ ବର୍ଗମାନଙ୍କ ମଧ୍ୟରେ ସଚେତନତା କାର୍ଯ୍ୟକ୍ରମ ହାତକୁ ନେଇ ମହାବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିବା ସହ ୧୮ ବର୍ଷରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନଙ୍କୁ ନେଇ 'ଚୁନାଓ ପାଠଶାଳା' ପ୍ରତିଷ୍ଠା କରାଯାଇଛି । ମହିଳା ଭୋଟରଙ୍କୁ ଆକୃଷ୍ଟ କରିବା ପାଇଁ ସହରାଞ୍ଚଳମାନଙ୍କରେ ଗୋଲାପି ଭୋଟ କେନ୍ଦ୍ର ଜରିଆରେ ଅସ୍ଥାୟୀ ବୁଥ ସ୍ଥାପନା କରାଯାଉଛି ।

ଏହି ସଚେତନତା ଫଳରେ ୨୦୧୪ ସାଧାରଣ ନିର୍ବାଚନରେ ମତଦାତା ସଂଖ୍ୟା ୬୬.୪୪ ଶତକଡା ହାରରେ ବୃଦ୍ଧି ପାଇଥିବାବେଳେ ୨୦୧୯ର ସାଧାରଣ ନିର୍ବାଚନରେ କ୍ରମାଗତ ଭାବେ ବୃଦ୍ଧି ପାଇ, ୬୭.୪୦ ଶତକଡା ହାରରେ ପହଞ୍ଚିଥିଲା । ଜାନୁଆରୀ ମାସ ପହିଲାରେ ପ୍ରକାଶିତ ଭୋଟର ତାଲିକା ଅନୁଯାୟୀ ମହିଳା ଭୋଟରଙ୍କ ସଂଖ୍ୟା ବୃଦ୍ଧି ଘଟିଛି ବୋଲି ରାଜ୍ୟ ନିର୍ବାଚନ ଅଧିକାରୀ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । ଏକ ଗଣତାନ୍ତ୍ରିକ ରାଷ୍ଟ୍ର ନିର୍ଭର କରେ ଦେଶର ଭୋଟରମାନଙ୍କ ଉପରେ। ସମସ୍ତ ନାଗରିକ ନିଜର ମୂଲ୍ୟବାନ ଭୋଟ ଖଣ୍ଡିକ ଉତ୍ତମ ପ୍ରାର୍ଥୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରି ରାଷ୍ଟ୍ର ନିର୍ମାଣରେ ସହାୟକ ହେବା ପାଇଁ ନିର୍ବାଚନ ଆୟୁକ୍ତ ନିବେଦନ କରିଛନ୍ତି ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋ–୯୪୩୭୯୫୫୫୬୮**

# ସାର୍ଥକ ଜୀବନ

**ପ୍ରଭାତ କୁମାର ମହାପାତ୍ର**

ପ୍ରାୟ ପ୍ରତ୍ୟେକ ବ୍ୟକ୍ତିର ଗୁଣ ଏବଂ ଦୁର୍ଗୁଣ ଉଭୟ ରହିଛି । ଆମର ଚିନ୍ତାଧାରା ସର୍ବଦା ସକାରାତ୍ମକତା ଆଡ଼କୁ ନିର୍ଦ୍ଦେଶିତ ହେବା ଉଚିତ । ଏହା ଆମକୁ ପ୍ରକୃତ ଶାନ୍ତି ଏବଂ ସୁଖ ଅନୁଭବ କରିବାକୁ ପ୍ରେରଣା ଦେବ । ନିରାଶାବାଦ, ନକାରାତ୍ମକ ଏବଂ ଦୁର୍ଗତିରେ ପରିପୂର୍ଣ୍ଣ ବ୍ୟକ୍ତିମାନେ ସେମାନଙ୍କ ଚାରିପାଖରେ ଥିବା ସମସ୍ତ ଜିନିଷକୁ ଅଭାବ ଏବଂ ତ୍ରୁଟିପୂର୍ଣ୍ଣ ଭାବରେ ଦେଖନ୍ତି । ସେମାନେ କେବେବି ଜୀବନରେ ଶାନ୍ତି ଏବଂ ସୁଖ ଅନୁଭବ କରିପାରିବେ ନାହିଁ । ଦୁଇଜଣ ବ୍ୟକ୍ତି ସମାନ ପରିସ୍ଥିତି ଏବଂ ଘଟଣାକୁ ଭିନ୍ନ ଭାବରେ ଅନୁଭବ କରନ୍ତି, କିନ୍ତୁ ଯେଉଁମାନଙ୍କର ଚିନ୍ତାଧାରା ସକାରାତ୍ମକ ସେମାନେ ଦୁଃଖକୁ ସୁଖରେ, ଅଭାବକୁ ଭାବରେ, ଅଶାନ୍ତିକୁ ଶାନ୍ତିରେ ଏବଂ ଅନ୍ଧାରକୁ ଆଲୋକରେ ସଫଳ ଭାବରେ ପରିବର୍ତ୍ତନ କରିପାରିବେ । ଯେଉଁମାନେ ଏହି କଳାରେ ପାରଙ୍ଗମ, ସେମାନେ ହିଁ ଏକ ଅର୍ଥପୂର୍ଣ୍ଣ ଜୀବନ ବଞ୍ଚିପାରିବେ । ସେମାନେ ପ୍ରକୃତରେ ମଣିଷ । ସମସ୍ତେ ଶାନ୍ତିର ଜୀବନ ଚାହାଁନ୍ତି । କେହି ଅଶାନ୍ତିର ଜୀବନ ବଞ୍ଚିବାକୁ ଚାହାଁନ୍ତି ନାହିଁ । ପ୍ରଶ୍ନ ହେଉଛି, ଆମେ ଶାନ୍ତିକୁ କ'ଣ ଭାବିବା ଉଚିତ ଏବଂ ଅଶାନ୍ତିକୁ କ'ଣ ଭାବିବା ଉଚିତ ? ଅନୁକୂଳ ପରିସ୍ଥିତି ସର୍ବଦା ରହେ ନାହିଁ । ପ୍ରତିକୂଳ ପରିସ୍ଥିତି ମଧ୍ୟ ସୃଷ୍ଟି ହୁଏ । ସ୍ଥାୟୀ ଶାନ୍ତି ସେଠାରେ ବିଦ୍ୟମାନ, ଯେଉଁଠାରେ ଜଣେ ବ୍ୟକ୍ତିର ମନ ଅନୁକୂଳ ଏବଂ ପ୍ରତିକୂଳ ଉଭୟ ପରିସ୍ଥିତିର ସମ୍ମୁଖୀନ ହେଲେ ମଧ୍ୟ ଅବିଚଳିତ ରହିଥାଏ । ସମସ୍ତଙ୍କ ପାଖରେ ଏହି କ୍ଷମତା ନଥାଏ । ଯେପର୍ଯ୍ୟନ୍ତ ସୁଖ ଏବଂ ଦୁଃଖ ମଧ୍ୟରେ ସମତା ଏବଂ ସନ୍ତୁଳନ ବିକଶିତ କରିବାର କ୍ଷମତା ବିକଶିତ ନ ହୋଇ ପାରେ, ସେପର୍ଯ୍ୟନ୍ତ ଜଣେ ଦୁଃଖକୁ ସୁଖରେ ପରିଣତ କରିବା କଳାକୁ ଆୟତ୍ତ କରିପାରିବ ନାହିଁ । ସୁଖକୁ ଭଲପାଇବା ଏବଂ ଦୁଃଖକୁ ଘୃଣା କରିବାର ମନୋଭାବ ମାନବଜାତିକୁ ଏକ ବିରୋଧୀ ଜୀବନ ଦେଇଛି କିନ୍ତୁ ଯେତେବେଳେ ମନରେ ଶାନ୍ତିର ଫୁଲ ଫୁଟେ, କଣ୍ଟା ମଧ୍ୟରେ ମଧ୍ୟ ଫୁଲ ଦେଖାଯାଏ ଏବଂ ଯେତେବେଳେ ମନରେ ଅଶାନ୍ତିର କଣ୍ଟା ବଢ଼େ, ସେତେବେଳେ ଫୁଲଗୁଡ଼ିକ ମଧ୍ୟ କଣ୍ଟା ଏବଂ ଯନ୍ତ୍ରଣା ଭଳି ଅନୁଭବ ହୁଏ । ଏହା ସବୁ ଆମମାନଙ୍କ ଦୃଷ୍ଟିକୋଣର ହିଁ ପାର୍ଥକ୍ୟ ଅଟେ । ସଠିକ୍ ଦୃଷ୍ଟିକୋଣ ବିକଶିତ କରିବାକୁ ହେଲେ, ଆମକୁ ଆମର ମନୋଭାବକୁ ହିଁ ପରିବର୍ତ୍ତନ କରିବାକୁ ପଡିବ ।

**କୋରାପୁଟ,**
**ମୋ–୭୮୯୪୦୦୫୪୫୫**

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦେଶପ୍ରେମର...

ଉପରାଷ୍ଟ୍ରପତି ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଉପରେ ଏକ ପ୍ରଦର୍ଶନୀ, ଆଜାଦ ହିନ୍ଦ ଫୌଜ ଉପରେ ଡାକ ଟିକଟ ଗ୍ୟାଲେରୀ ଏବଂ ନେତାଜୀ ସଂସ୍କୃତି ଭବନର ଉଦଘାଟନ କରିଥିଲେ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ସହାୟତାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ନେତାଜୀଙ୍କୁ ଉପଯୁକ୍ତ ଭାବରେ ସମ୍ମାନିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ସେ କହିଥିଲେ, ଏପରି ସଂଗ୍ରହାଳୟ ଏବଂ ପ୍ରଦର୍ଶନୀଗୁଡ଼ିକ ଯୁବ ପିଢ଼ିକୁ ଭାରତର ସ୍ୱାଧୀନତା ସୁରକ୍ଷିତ କରିବା ପାଇଁ ସ୍ୱାଧୀନତା ସଂଗ୍ରାମୀମାନେ ଦେଇଥିବା ମହାନ ବଳିଦାନ ଏବଂ କଷ୍ଟକୁ ହୃଦୟଙ୍ଗମ କରିବାରେ ସହାୟତା କରିବ।

ଉପରାଷ୍ଟ୍ରପତି ସ୍ୱାଧୀନତା ସଂଗ୍ରାମୀ ମାୟାଧର ମଲ୍ଲିକ ଏବଂ ଅବସରପ୍ରାପ୍ତ ୱିଙ୍ଗ କମାଣ୍ଡର ବି.ଏସ୍. ସିଂହଦେଓଙ୍କୁ ସମ୍ମାନିତ କରିଥିଲେ ତଥା ଆଜାଦ୍ ହିନ୍ଦ ଫୌଜର ଯବାନଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନିତ କରିଥିଲେ। ସେ କହିଥିଲେ, ସ୍ୱାଧୀନତା ସଂଗ୍ରାମୀ ଏବଂ ସାହସୀ ସୈନିକଙ୍କ ସାହସ, ତ୍ୟାଗ ଏବଂ ନିଃସ୍ୱାର୍ଥପର ସେବା ପାଇଁ ଦେଶ ସର୍ବଦା ଋଣୀ ରହିବ। ଏହି ଅବସରରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜନ୍ମସ୍ଥାନ ସଂଗ୍ରହାଳୟ ଉପରେ ଏକ ସ୍ୱତନ୍ତ୍ର ପ୍ରଚ୍ଛଦକୁ ମଧ୍ୟ ଉନ୍ମୋଚନ କରାଯାଇଥିଲା।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ ନେତାଜୀଙ୍କ ନାମ ସ୍ମରଣ ମାତ୍ରେ ଆମ ସମସ୍ତଙ୍କ ମଧ୍ୟରେ ବୀରତ୍ୱ, ସାହାସ ଓ ବଳିଦାନ ଗାଥା ମନରେ ଉଦ୍‌ଭାସିତ ହୁଏ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମସ୍ଥାନ କଟକର ଓଡ଼ିଆ ବଜାରରେ ଜନ୍ମବାର୍ଷିକୀ ପାଳନ କରାଯାଉଛି। ଗୋଟିଏ ଶତାବ୍ଦୀର ହାତଗଣତି ଏମିତି କିଛି ବ୍ୟକ୍ତି ଜନ୍ମ ନେଇଥାନ୍ତି ଯେଉଁମାନେ ତାଙ୍କ ଜ୍ଞାନ, ବୁଦ୍ଧି, ତପସ୍ୟା ଓ ଦେଶପ୍ରେମରେ ସମଗ୍ର ଦେଶର ଦଶା ଓ ଦିଶା ବଦଳାଇ ଦିଅନ୍ତି। ଆଇସିଏସ୍ ପରୀକ୍ଷାରେ ନେତାଜୀ ଉତୀର୍ଣ୍ଣ ହୋଇଥିଲେ ମଧ୍ୟ ବ୍ରିଟିଶ ସରକାର ଅଧିନରେ କାର୍ଯ୍ୟ କରିବାକୁ ତାଙ୍କର ଅନ୍ତରାତ୍ମା ଅନୁମତି ଦେଇନଥିଲା। ମହାତ୍ମା ଗାନ୍ଧିଙ୍କ ବ୍ୟତିତ ସେ ଗଭୀର ଭାବେ ସ୍ୱାମୀ ବିବେକାନନ୍ଦ ଓ ଅରବିନ୍ଦ ଘୋଷଙ୍କ ବିଚାର ଧାରାରେ ପ୍ରଭାବିତ ହୋଇଥିଲେ। ନେତାଜୀ ଗାନ୍ଧିଙ୍କ ନେତୃତ୍ୱରେ ଦୁଇ ଦଶନ୍ଧୀ ଧରି ସ୍ୱାଧୀନତା ସଂଗ୍ରାମ ପାଇଁ କାର୍ଯ୍ୟ କରିଥିଲେ। ଏକ ସଫଳ ସଶସ୍ତ୍ର ସଂଗ୍ରାମ କରାଗଲେ ସ୍ୱାଧୀନତାର ସ୍ୱପ୍ନ ଶୀଘ୍ର ଚିରତାର୍ଥ ହେବ ବୋଲି ସେ ଭାବିଥିଲେ। ୧୯୪୩ ମସିହା ଡିସେମ୍ବରରେ ଜାପାନ ସହାୟତାରେ ଆଣ୍ଡାମାନ ଓ ନିକୋବରରେ ଆଜାଦ୍ ହିନ୍ଦ ଫୌଜ୍‌ର ପ୍ରଥମ ସରକାର ପ୍ରତିଷ୍ଠା କରିଥିଲେ। କଟକର ଶିଶୁଭବନକୁ ନୂଆ ରୂପ ନେବାକୁ ଯାଉଛି। ସୁନା, ରୂପା, ତାରକଶି କାର୍ଯ୍ୟକୁ ପ୍ରୋତ୍ସାହନ ଦେବାକୁ ଏହି ସହରକୁ ଫିଲିଗ୍ରୀ ସହର ଭାବେ ସରକାର ଘୋଷଣ କରିଛନ୍ତି। ମା' କଟକଚଣ୍ଡୀଙ୍କ ମନ୍ଦିରର ନବୀକରଣ କାର୍ଯ୍ୟ ଆଉକିଛି ମାସ ଭିତରେ ଶେଷ ହେବ ଓ କଟକର ବିକାଶ ଧାରା ଜାରି ରହିବ ବୋଲି ଆଜିର ଏ ଦିବସରେ କଟକ ବାସୀଙ୍କୁ ପ୍ରତିଶ୍ରୁତି ଦେଉଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, କଟକ ସାଂସଦ ଭର୍ତ୍ତୃହରି ମହତାବ, ବିଧାୟକ ସୌଭିକ ବିଶ୍ୱାଳ, ବିଧାୟକ ସୋଫିଆ ଫିର୍ଦୌଷଙ୍କ ସମେତ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ତିନି

ଅଣାୟତ୍ତ ହେବା ଦେଖି ପୋଲିସ ଲାଠିଚାର୍ଜ କଲା। ଲାଠିଚାର୍ଜ କରି ଜନପଥରୁ ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବା ପରେ ଜଖମ ହୋଇଥିବା ତିନୋଟି ସବ୍‌କୁ ପୋଲିସ ଉଦ୍ଧାର କରିଥିଲା। ଏହାର ଅଧଘଣ୍ଟାଏ ପରେ ଜନପଥରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଆମ ବସ୍ ଚାଳକମାନେ ବେପରୁଆ ଭାବେ ବସ୍‌କୁ ଚଳାଇବାରୁ ବହୁ ସମୟରେ ଦୁର୍ଘଟଣା ହେଉଛି। ଏହି କିଛିଦିନ ପୂର୍ବରୁ ରୂପାଲି ଛକରେ ଆମ ବସ୍ ଅସ୍ୱାଭାବିକ ଭାବେ ଟ୍ରାଫିକ୍ ଛକରେ ଅଟୋର ପଥପଟକୁ ପିଟିଲା। ଯାହା ଫଳରେ ଆଗରେ ଥିବା ଆଉ ଏକ ବସ୍‌ରେ ଅଟୋ ପିଟି ହୋଇଯିବାରୁ ଦୁଇଜଣଙ୍କର ମୃତ୍ୟୁ ହେଲା। ଅଟୋଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଛାରଖାର ହୋଇଯାଇଥିଲା। ରୁପାଲି ପରେ ଭୁବନେଶ୍ୱରରେ ଆଉ ତିନୋଟି ଦୁର୍ଘଟଣା ଘଟାଇବା ପରେ ଶୁକ୍ରବାର ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ବାଇକ୍‌କୁ ଧକ୍କା ଦେବାରୁ ତୀବ୍ର ଉତ୍ତେଜନା ପ୍ରକାଶ ପାଇଲା। ଉତ୍ତ୍ୟକ୍ତ ଲୋକଙ୍କୁ ଘଉଡାଇବା ପାଇଁ ବାଧ ହୋଇ ପୋଲିସ ଲାଠିଚାର୍ଜ କଲା। ଆମ ବସ୍ କେଉଁଠି ପଥଚାରୀଙ୍କ ମୁଣ୍ଡ ନେଉଛି ତ ଆଉ କେଉଁଠି ଦୁର୍ଘଟଣାରେ ପଥଚାରୀ ବିକଳାଙ୍ଗ ହୋଇଯାଉଛନ୍ତି। ଡିସିପିଙ୍କ କହିବାନୁଯାୟୀ ବସ୍ ଭଙ୍ଗାରୁଜା କରି ପଥଚାରୀଙ୍କୁ ଆକ୍ରମଣ କରିଥିବା ଲୋକଙ୍କୁ ସିସି କ୍ୟାମେରାରେ ଚିହ୍ନଟ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଶୁକ୍ରବାର ପୂର୍ବାହ୍ନରେ ପୁରୀ ମାଟିଆପଡା ନିକଟରେ ଜଣେ ବୟସ୍କା ମହିଳାଙ୍କୁ ଆମ ବସ୍ ଧକ୍କା ଦେବାରୁ ତାଙ୍କ ଗୋଡ ସମ୍ପୂର୍ଣ୍ଣ ଭାଙ୍ଗି ଗୁଣ୍ଡ ହୋଇଯାଇଛି। ଉତ୍ତ୍ୟକ୍ତ ଲୋକମାନେ ପୁରୀରେ ରାସ୍ତାରୋକ କରିଥିଲେ। ପୋଲିସ ପହଞ୍ଚି ବୁଝାସୁଝା କରିବା ସହ କ୍ରୁଟ୍ କର୍ତ୍ତୃପକ୍ଷ ଚିକିତ୍ସା ପାଇଁ ୫୦ ହଜାର ଟଙ୍କା ଦେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। କିଛି ସମୟ ପରେ ମାଟିଆପଡା ନିକଟ ରାସ୍ତାରୁ ରାସ୍ତାରୋକ ହଟିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା।

### ହୁ'...

ରାଷ୍ଟ୍ରରେ ଏହାର ଅଫିସ ରହିଛି। ଆମେରିକା ପକ୍ଷରୁ କୁହାଯାଇଛି ଯେ ଦେଶ ଦେଶ ମଧ୍ୟରେ ସମ୍ପର୍କ ବୃଦ୍ଧି ହେଲେ ବିଭିନ୍ନ ରୋଗକୁ ପ୍ରତିରୋଧ କରାଯାଇ ପାରିବ। ତେଣୁ ନିର୍ଦ୍ଦିଷ୍ଟ ଦେଶଗୁଡ଼ିକ ଏହି ସୂଚନା ଦେଇଛନ୍ତି।

### ଟଳିଲେ...

ମାଓବାଦୀ ଆତ୍ମସମର୍ପଣ କରିଛନ୍ତି, ସେମାନଙ୍କ ମଧ୍ୟରେ ୭ମହିଳା କ୍ୟାଡର ରହିଛନ୍ତି। ସୁରକ୍ଷା ଏଜେନ୍ସିଗୁଡ଼ିକ ମାଓବାଦ ବିରୁଦ୍ଧରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରୁଥିବା ସୂଚନା ଦେଇଛି।

ସମସ୍ତ ମାଓବାଦୀ ରାୟପୁର ରେଞ୍ଜର ପୁଲିସ ମହାନିରୀକ୍ଷକ (ଆଇଜି) ଏବଂ ବରିଷ୍ଠ ପୁଲିସ ଅଧିକାରୀଙ୍କ ସମ୍ମୁଖରେ ସେମାନଙ୍କର ଅସ୍ତ୍ରଶସ୍ତ୍ର ସହିତ ଆତ୍ମସମର୍ପଣ କରିଛନ୍ତି। ଆତ୍ମସମର୍ପଣକାରୀ ମାସବାଦୀଙ୍କ ସଂଖ୍ୟା ମଧ୍ୟରୁ ମହିଳା ମାଓବାଦୀଙ୍କ ସଂଖ୍ୟା ଅଧିକ ରହିଛି। ଏହି ମାଓବାଦୀମାନେ ଦୀର୍ଘ ସମୟ ଧରି ସକ୍ରିୟ ଥିଲେ। ଅନେକ ଘଟଣାରେ ଜଡିତ ରହିଥିଲେ। ସୁରକ୍ଷା ବାହିନୀ ଉପରେ ଆକ୍ରମଣ, ରାସ୍ତା ନିର୍ମାଣ ପ୍ରକଳ୍ପରେ ବାଧାଦେବା, ଧମକ ଏବଂ ବିସ୍ଫୋରଣ ଭଳି ଘଟଣାରେ ସେମାନଙ୍କର ଭୂମିକା ରହିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଆତ୍ମସମର୍ପଣକାରୀ ମାଓବାଦୀ ମାନଙ୍କ ମଧ୍ୟରୁ ଅନେକଙ୍କ ମୁଣ୍ଡରେ ଲକ୍ଷ ଲକ୍ଷ ଟଙ୍କାର ପୁରସ୍କାର ରହିଛି।

ପୁଲିସ ସେମାନଙ୍କୁ ଦୀର୍ଘ ସମୟ ଧରି ଖୋଜୁଥିଲା। ମାଓ ବିରୋଧୀ ଅଭିଯାନ ଏବଂ ସରକାରଙ୍କ ପୁନର୍ବାସ ନୀତି ଯୋଗୁଁ ଏହି ଗଣ ଆତ୍ମସମର୍ପଣ ସମ୍ଭବ ବୋଲି ବିଶ୍ୱାସ କରାଯାଉଛି। ପୁଲିସ ଅଧିକାରୀମାନେ କହିଛନ୍ତି ଯେ ଆତ୍ମସମର୍ପଣ ପ୍ରକ୍ରିୟା ଏକ ସୁଚିନ୍ତିତ ପ୍ଲାନ କରାଯାଇଥିଲା। ମାଓବାଦୀମାନେ ସେମାନଙ୍କର ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ ଏବଂ ଅନ୍ୟାନ୍ୟ ସାମଗ୍ରୀ ସହିତ ଆତ୍ମସମର୍ପଣ କରିଥିବା ବେଳେ ସ୍ପଷ୍ଟ ଭାବରେ ହିଂସା ପରିତ୍ୟାଗ କରି ମୁଖ୍ୟସ୍ରୋତକୁ ଫେରିବାକୁ ସେମାନଙ୍କର ଇଚ୍ଛା ପ୍ରକାଶ ପାଇଥିଲା। ଏହି ଘଟଣା ପରେ ଧମତାରୀ ଏବଂ ରାୟପୁର ରେଞ୍ଜରେ ସୁରକ୍ଷା କଡ଼ାକଡ଼ି କରାଯାଇଛି। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ ଆଇନ ଅନୁଯାଇ ପୁନର୍ବାସର ସମ୍ପୂର୍ଣ୍ଣ ସୁବିଧା ପାଇବେ।

### ରାଜ୍ୟସଭା...

ଯାଇପାରିବେ। ପ୍ରଥମ ପସନ୍ଦର ୩୦ ଭୋଟ ଗଲାପରେ ଆଉ ୧୮ ଭୋଟ ବିଜେଡି ପାଖରେ ରହୁଛି। ବିଜେଡି ଦ୍ୱିତୀୟ ପ୍ରାର୍ଥୀ ଦେବା ସପକ୍ଷରେ ନାହିଁ। ବିଜେଡି ଦ୍ୱିତୀୟ ପ୍ରାର୍ଥୀ ଯଦି ଦିଏ, ତେବେ ନିର୍ବାଚନ ହେବାର ବି ସମ୍ଭାବନା ରହିଛି। ଅପରପକ୍ଷରେ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ଆମେ ୩ ରାଜ୍ୟସଭା ଆସନ ଜିତିବୁ। ଏଥିରେ କୌଣସି ସନ୍ଦେହ ନାହିଁ। ରାଜ୍ୟସଭା ଲାଗି ନିର୍ବାଚନ ହେବ ନାହିଁ ବୋଲି ରାଜନୈତିକ ଗଣନାକାରମାନେ ମତ ରଖୁଛନ୍ତି। ତେବେ କଂଗ୍ରେସର ମତିଗତି ଉପରେ ସଭିଙ୍କ ନଜର ରହିଛି।

### ୩୩ ବିନ୍ଦୁ...

କରାଯିବ। ଛାତ କି ଅନ୍ୟ କେଉଁ ଘର ତାହା ଉଲ୍ଲେଖ କରାଯିବ। ଘରର ସ୍ଥିତି, ଘର ସଂଖ୍ୟା, କେତେଜଣ ଏଠାରେ ସ୍ୱାଭାବିକ ଭାବେ ରହୁଛନ୍ତି, ଘର ମୁଖିଆଙ୍କ ନାଁ, ମୁଖିଆଙ୍କ ଲିଙ୍ଗ, ଅନୁସୂଚିତ ଜାତି କିମ୍ବା ଜନଜାତି ବା ଅନ୍ୟ କେଉଁ ଜାତିର ଲୋକ ଘରର ମୁଖିଆ, ଘର ମାଲିକଙ୍କ ସ୍ଥିତି, କେତୋଟି ଘର ରହିଛି, ଘରକୁ ଆଲୋକ ପାଇଁ ମୁଖ୍ୟ ଉତ୍ସ କେଉଁଟା, ପାଇଖାନା ଅଛି କି ନାହିଁ ଓ କେଉଁ ପାଇଖାନା ଲାଗିଛି, ଏଲ୍‌ପିଜି ସଂଯୋଗ ଅଛି କି ନାହିଁ, ରୋଷେଇ ପାଇଁ ମୁଖ୍ୟତଃ କ'ଣ ବ୍ୟବହାର ହେଉଛି। ରେଡିଓ, ଟେଲିଭିଜନ, ଇଣ୍ଟରନେଟ୍, ଲାପ୍‌ଟପ୍, କମ୍ପ୍ୟୁଟର, ଟେଲିଫୋନ୍, ମୋବାଇଲ ଫୋନ୍, ସାଇକେଲ, ସ୍କୁଟର, ମୋଟରସାଇକଲେ, ମୋପେଡ, କାର, ଜିପ୍, ଭ୍ୟାନ୍, କେଉଁ ପୁଷ୍ଟିସାର ବ୍ୟବହାର କରାଯାଉଛି ତାହା ମଧ୍ୟ ଗଣନା କରାଯିବ।

### ପୂର୍ବ...

ହେଲା ନାହିଁ। ବିଧାନସଭାରେ ତତ୍କାଳୀନ ଜଳ ସମ୍ପଦ ମନ୍ତ୍ରୀ କହିଥିଲେ ଯେ ଛତିଶଗଡ଼ ବ୍ୟାରେଜ ହେବା ପରେ ଓଡ଼ିଶାର କ୍ଷତି ହେବ ନାହିଁ। ଜଳ ଗତିପଥ କିମ୍ବା ପରିମାଣ ପ୍ରଭାବିତ ହେବ ନାହିଁ। ତତ୍କାଳୀନ ମନ୍ତ୍ରୀଙ୍କ ବିବୃତିକୁ ଛତିଶଗଡ଼ ସରକାର ଟ୍ରିବ୍ୟୁନାଲରେ ଉପସ୍ଥାପିତ କଲେ। କ୍ଷତି ହେଉନି ତ ଟ୍ରିବ୍ୟୁନାଲ ଆସିଛ କ'ଣ ପାଇଁ ବୋଲି ପ୍ରଶ୍ନ କରାଗଲା। ୬୦ ଶୁଣାଣିରେ ନିଷ୍ପାର ସହ ଯୁକ୍ତି ହେବା କଥା, ଲଢ଼େଇ ହେବା କଥା, ହେଲା ନାହିଁ। ଆମେ ଖୁବଶୀଘ୍ର ଟ୍ରିବ୍ୟୁନାଲ ଗଠନ ପାଇଁ ସତ୍ୟପାଠ ଦାଖଲ କରିବୁ। ଏପଟେ ବିଜେଡି ଉପସଭାପତି ଦେବୀ ମିଶ୍ର କହିଛନ୍ତି ଯେ ୨୪ ବର୍ଷ କଥା କହି ନିଜକୁ ବଞ୍ଚାନ୍ତୁ ନାହିଁ। ଛତିଶଗଡ଼ ଓ କେନ୍ଦ୍ରରେ ଉଭୟ ତୁମ ସରକାର। କ'ଣ କଲ ବୋଲି ପ୍ରଶ୍ନ କରିଛନ୍ତି।

## ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ନେତାଜୀ ଜୟନ୍ତୀ

କଟକ, (ସ୍ୱପ୍ର) : ଦେଶର ମୁକ୍ତି ସଂଗ୍ରାମର ଅଜେୟ ଯୋଦ୍ଧା, ମହାନ୍ ବିପ୍ଳବୀ ନେତାଜୀ ସୁଭାଷ ବୋଷଙ୍କ ୧୨୯ତମ ପବିତ୍ର ଜୟନ୍ତୀ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟରେ ପାଳିତ ହୋଇଥିଲା। ଏହି ଉପଲକ୍ଷେ ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପିତ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା, ବିଭିନ୍ନ ବିଭାଗର ପଦାଧିକାରୀ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ.ପ୍ରମୋଦ ଚନ୍ଦ୍ର ରଥ ବିଟ୍ରିଶ ଶାସନ କବଳରୁ ମାତୃଭୂମର ମୁକ୍ତି ପାଇଁ ନେତାଜୀ



ସୁଭାଷଙ୍କ ଜୀବନବ୍ୟାପୀ ସଂଗ୍ରାମ ତାଙ୍କୁ ଚିର ଅମର କରି ରଖିବ ବୋଲି ମତବ୍ୟକ୍ତ କରି ଛାତ୍ରଛାତ୍ରୀ ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ ରାଜ୍ୟ ତଥା ଦେଶର ଗୋଠରବ ବୃଦ୍ଧି କରିବାକୁ ଦିଗଦର୍ଶନ ଦେଇଥିଲେ। ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶକ ( ଛାତ୍ର ସଂପର୍କ) ଲୋକନାଥ ବେହେରା, ମେଡିକାଲ କଲେଜ ଅଧ୍ୟକ୍ଷ ପ୍ରଫେସର ଡା. ବିରଂଚି ନାରାୟଣ ମହାପାତ୍ର, ଡିନ୍ ଡ. ନୟନ ରଂଜନ ସାମଲ, ଡ. ଦୟାନନ୍ଦ ଷଡଙ୍ଗୀ, ଡ. ଜୀବନାନନ୍ଦ ମେହେନା, ଡିନ୍ ଡ. ବିଶ୍ୱରଂଜନ ମହାନ୍ତି, ପ୍ରାଧ୍ୟାପକ ସୁଶାନ୍ତ କୁମାର ସେଠୀ, ପ୍ରାଧ୍ୟାପକ ଦିଲ୍ଲୀପ କୁମାର ମଲ୍ଲିକ, ଅଧ୍ୟାପକ ଡ. ଅଜିତ୍ କୁମାର ମହାପାତ୍ର, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ପ୍ରୋଗ୍ରାମ ମ୍ୟାନେଜର ସୁନୟ କୁମାର ମିଶ୍ର, ସଚିବ ସୁଧାଂଶୁ ଭୂଷଣ କର, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ, ସୁରକ୍ଷା ଅଧିକାରୀ ରାଜ କିଶୋର ବିଶ୍ୱାଳଙ୍କ ସମେତ ବିଭିନ୍ନ ବିଭାଗର ପଦାଧିକାରୀ ନେତାଜୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ଜିଲ୍ଲା କଂଗ୍ରେସ ପକ୍ଷରୁ ସୁବାଷଚନ୍ଦ୍ର ବୋଷଙ୍କ ୧୨୯ ତମ ଜନ୍ମ ବାର୍ଷିକ ପାଳନ

କେନ୍ଦୁଝର: ଜିଲ୍ଲା କଂଗ୍ରେସ କମିଟି ତରଫରୁ ଆଜି ସ୍ୱାଧୀନତା ସଂଗ୍ରାମୀ ସୁବାଷ ଚନ୍ଦ୍ର ବୋଷ ଙ୍କ ୧୨୯ ତମ ଜନ୍ମ ବାର୍ଷିକ ପାଳନ କରାଯାଇଛି। ସୁବାଷ ଚନ୍ଦ୍ର ବୋଷ ଥିଲେ ସ୍ୱାଧୀନତା ସଂଗ୍ରାମୀ, ସେ ୧୯୨୧ ମସିହାରେ ଇଂଲଣ୍ଡରୁ ଫେରି ଭାରତୀୟ ଜାତୀୟ କଂଗ୍ରେସରେ ଯୋଗ ଦେଇଥିଲେ। ୧୯୩୮ ମସିହାରେ ଭାରତୀୟ ଜାତୀୟ କଂଗ୍ରେସ ରେ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ସେ ଇଂଲଣ୍ଡ ବିରୋଧରେ ଜୋରଦାର ଆନ୍ଦୋଳନ ଚାଲିଇଥିଲେ। ସେ ଆଜାଦ ହିନ୍ଦ ଫୌଜ ଗଠନ କରି ସ୍ଲୋଗାନ ଥିଲା ତୁମେ ମୋତେ ରକ୍ତ ଦିଅ, ମୁଁ ତୁମକୁ ସ୍ୱାଧୀନତା ଦେବି ଦିଲ୍ଲୀ ଚଲୋ ଜୟ ହିନ୍ଦ ନାରା ରେ ଭାରତ ପ୍ରକଂପିତ ହେଉଥାଏ। ଏହି ସମୟରେ ତାଙ୍କର ଦୁର୍ଘଟଣା ଜନିତ ମୃତୁବରଣ କରିଥିଲେ। ତାଙ୍କର ମୃତ୍ୟୁ ଏକ ରହସ୍ୟ ଜନକ ହୋଇଗଲା, ଏ ପର୍ଯ୍ୟନ୍ତ ତାଙ୍କ ମୃତ୍ୟୁ ସଠିକ ତଥ୍ୟ ଜଣାପଡ଼ିନାହିଁ ସେ ଆମ ଓଡିଶା ମାଟି କଟକ ଠାରେ ଜନ୍ମ ଗ୍ରହଣ କରିଥିଲେ। ତାଙ୍କର ୧୨୯ତମ ଜନ୍ମବାର୍ଷିକ ଜିଲ୍ଲା କଂଗ୍ରେସ କିମିଟି ତରଫରୁ କଂଗ୍ରେସ ଭବନଠାରେ ପୁଷ୍ପାଞ୍ଜଳୀ ସମାରୋହରେ ପିସିସି ସାଧାରଣ ସମ୍ପାଦକ ସୁବର୍ଣ୍ଣ ନାୟକ, ପୂର୍ବତନ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ପୂର୍ବତନ ଜିଲ୍ଲା ସଭାପତି ମୋହନ ପରିଡା, ପିସିସି ମେମ୍ବର ଲଳିତ ମୋହନ ନାୟକ, ସଦର ବ୍ଲକ ସଭାପତି ଉତ୍ତମ ସାହୁ, ରନିକର ଜେନା, ରଘୁନାଥ ପାତ୍ର, ପୂର୍ଣ୍ଣ ଚନ୍ଦ୍ର ଦାସ, ପ୍ରଫୁଲ୍ଲ ପାତ୍ର, ଲୋକନାଥ ଟୁଡୁ, ସୁଶାନ୍ତ ଜେନା ଚିନମୟ ଜେନା, ଦିଲ୍ଲୀପ ଜେନା, ଜ୍ୟୋତି ପ୍ରକାଶ ଗିରି ପ୍ରଭୃତି କଂଗ୍ରେସ ପ୍ରେମୀ ଉପସ୍ଥିତ ଥିଲେ।

## ବରକୋଣା ଠାରେ ଖୋଲିଲା ସରକାରୀ ଧାନ କ୍ରୟ ଉପକେନ୍ଦ୍ର

ବନ୍ତ (ସବ୍ୟୁ):ବନ୍ତ ବ୍ଲକ ବସନ୍ତିଆ ପଞ୍ଚାୟତ ବରକୋଣା ଠାରେ ବସନ୍ତିଆ ସେବା ସମବାୟ ସମିତିର ସମ୍ପ୍ରସାରିତ ସରକାରୀ ଧାନ କ୍ରୟ ଉପକେନ୍ଦ୍ର ଉଦଘାଟିତ ହୋଇଯାଇଛି। ଡିଆରସିଏସ ଭଦ୍ରକଙ୍କ ଆଦେଶନାମା ସଂଖ୍ୟା- ୮୧/ତା-୧୩-୧-୨୬ ଅନୁଯାୟୀ ଚାଷୀ ମାନେ ସୁବିଧାରେ ଧାନ ବିକ୍ରୟ କରିବା ନିମନ୍ତେ ବରକୋଣା ଠାରେ ଏହି ଉପକେନ୍ଦ୍ର ଖୋଲା ଯାଇଥିବା ଜଣାଯାଇଛି। ଫଳରେ ବରକୋଣା, ରାମପୁର, ଆପଣ୍ଡା, କଟିଣା, ବାଲିପୁର ଆଦି ଗ୍ରାମର ୩ ଶହରୁ ଅଧିକ ଚାଷୀ ଉପକୃତ ହୋଇପାରିବେ। ଏଠାରେ ପ୍ରତି ଶନିବାର ଧାନ କ୍ରୟ କରାଯିବ ବୋଲି ଜଣାଯାଇଛି। ପୂଜା କାର୍ଯ୍ୟରେ ସମିତିର ସଭାପତି ବସନ୍ତ କୁମାର ବେହେରା, ଜିଲା ଧାନ ପ୍ରକ୍ରିୟାକରଣ କମିଟିର ସଭ୍ୟ ଶଙ୍କର୍ଷଣ ଜେନା ସଂକଳ୍ପ କରିଥିଲେ। ପୂଜକ ଚନ୍ଦନ ମିଶ୍ର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଉଦ୍‌ଘାଟନ ବେଳେ ସମ୍ପାଦକ ବିବେକାନନ୍ଦ ବିଶ୍ୱାଳ, ପରିଚାଳନା ପରିଷଦର ସଭ୍ୟା ତିଳୋତ୍ତମା ଜେନା, ମମତା ବେହେରା, ସଭ୍ୟ ରାମ ଚନ୍ଦ୍ର ଜେନା, ଚାଷୀ କମିଟିର ସଭ୍ୟ ଆନନ୍ଦ ଚନ୍ଦ୍ର ଓଝା, ବ୍ରହ୍ମାନନ୍ଦ ରଣା, ଅରୁପ ମଲ୍ଲିକ, ଅଶୋକ ସାହୁ, ଜୀବନାନନ୍ଦ ମଇକାପ, ଚାଷୀ ସୁବାଷ ଚନ୍ଦ୍ର ମଲ୍ଲିକ, ମାର୍କଣ୍ଡ ବେହେରା, ଅମୂଲ୍ୟ ରାଉତ, ସନାତନ ଜେନା, ବାବାଜି ଧଳ, ବିନୋଦ ସ୍ୱାଇଁ, ଶ୍ରୀକାନ୍ତ ସ୍ୱାଇଁ, କାଶିନାଥ ପହି, ଦୀଲିପ ସ୍ୱାଇଁ, ଜଗବନ୍ଧୁ ଜେନା, ସୁବାଷ ସ୍ୱାଇଁ, ସୁବଳ ଧଳ, ଲକ୍ଷ୍ମଣ ଜେନା, ଜଗବନ୍ଧୁ ଜେନା, ଗଣେଶ ମହାଳିକ, ଅଲେଖ ଶଂଖୁଆ, ସୁଶାନ୍ତ ଧଳ, ବିଭୂତି ଧଳ, କୋଦଣ୍ଡଧର ଜେନା, କୈଳାସ ସ୍ୱାଇଁ, ମନୋରମା ସ୍ୱାଇଁ, ବୃନ୍ଦାବନ ସ୍ୱାଇଁ, ମନ ରଞ୍ଜନ ସ୍ୱାଇଁ, ଅମୂଲ୍ୟ ବିଶ୍ୱାଳ, ମୀନକେତନ ପ୍ରଧାନ, ଯୁଧିଷ୍ଠିର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ସହ ସମ୍ପାଦକ ଅଶୋକ ସାହୁ, ଡିଇଓ ମାନସ ବାରିକ, କର୍ମଚାରୀ ଗୋପିନାଥ ଓଝା ସହଯୋଗ କରିଥିଲେ।

## ଆନନ୍ଦରାମ ପାଟୋଡିଆ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବନ୍ତ, ତା (ସବ୍ୟୁ) : ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ଦୋଳପଦୀସ୍ଥିତ ଆନନ୍ଦରାମ ପାଟୋଡିଆ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ନିରୁପମା ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ମୁଖ୍ୟ ବକ୍ତା ଭାବେ ଜାତୀୟ ପୁରସ୍କୃତ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଣବ କୁମାର ସାହୁ, ବିଶିଷ୍ଟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ସମ୍ମାନୀତ ଅତିଥି ଭାବେ ଓଷ୍ଟାର ଜିଲା ସଭାପତି ଶଶୀ ଶେଖର କରଶର୍ମା, ପଞ୍ଚଶଖା ଶିକ୍ଷାସେତୁର ସଭାପତି ମୋହନ ଚରଣ ସାହୁ, ଉପ ସଭାପତି ନାରାୟଣ ଚନ୍ଦ୍ର ସାହୁ, ପୂର୍ବତନ ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ସାହୁ, ନିଳୋକ ସରପଞ୍ଚ ରଜନୀ ସେଠୀ, ସମିତି ସଭ୍ୟ ଉଦ୍ଧବ ଚରଣ ସେଠୀ, ରାଜ୍ୟ ଯୁବ ବିଜେଡି ସାଧାରଣ ସମ୍ପାଦକ ସ୍ମୃତି ରଞ୍ଜନ ସ୍ୱାଇଁ, ପୂର୍ବତନ ସରପଞ୍ଚ ଅଶୋକ କୁମାର ମହାନ୍ତି, ପରିଚାଳନା କମିଟି ସଭାପତି ପ୍ରତାପ କୁମାର ସାହୁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ମହେଶ୍ୱର ବାରିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ, ଶିକ୍ଷକ ବିଶ୍ୱରଞ୍ଜନ ଦାଶ ବାର୍ଷିକ ବିବରଣୀ ପାଠ ଏବଂ ଶିକ୍ଷୟିତ୍ରୀ ସୁକାନ୍ତୀ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀ ମାନଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ଓ ସାଂସ୍କୃତିକ ନୃତ୍ୟ ପରିବେଷଣ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଶିକ୍ଷକ ମଧୁସୂଦନ ରାଉତ, ସମର କୁମାର ଜେନା, ରନିକର ସେଠୀ, ଜନ୍ମେଜୟ ନାୟକ, ନାରାୟଣ ଚନ୍ଦ୍ର ମିଶ୍ର, ନରେଶ କୁମାର ସାମଲ, ରଜତ କୁମାର ଦାସ, ଶିକ୍ଷୟିତ୍ରୀ ପଦ୍ମିନୀ ଦାସ, ପ୍ରଭାତୀ ନାୟକ, ସଞ୍ଜୁଲତା ଜେନା, ଶିକ୍ଷା କର୍ମଚାରୀ ଶରତ କୁମାର ଜେନା, ମଦନ ମୋହନ ସାହୁ, ମହେଶ୍ୱର ସାହୁଙ୍କ ସମେତ ପରିଚାଳନା କମିଟିର ସଭ୍ୟସଭ୍ୟା ମାନେ ସହଯୋଗ କରିଥିଲେ।

## ସରସ୍ୱତୀ ପୂଜା

ଭଣ୍ଡାରିପୋଖରୀ (ସବ୍ୟୁ):ଭଣ୍ଡାରିପୋଖରୀ ଅଞ୍ଚଳରେ ମା ସରସ୍ୱତୀ ପୂଜା ଶୁକ୍ରବାର ପାଳନ କରାଯାଇଛି। ପ୍ରତ୍ୟେକ ବିଦ୍ୟାଳୟ, ମହାବିଦ୍ୟାଳୟରେ ମା' ବିଦ୍ୟାଦାତ୍ରୀଙ୍କ ପୂଜା କରାଯାଇଥିଲା। ଏପରିକି ବହୁ ବାସଗୃହରେ ମଧ୍ୟ ବାଗ୍‌ଦେବୀଙ୍କ ପୂଜା ପାଳନ କରାଯାଇଥିଲା। ଏହି ଅବସରରେ କେତେକ ବ୍ୟବସାୟ ପ୍ରତିଷ୍ଠାନରେ ନୂତନ ବାର୍ଷିକ ଖାତାପୂଜା କରାଯାଇଥିଲା। ଭଣ୍ଡାରିପୋଖରୀ ହାଇସ୍କୁଲ, ଶାରଦା ବିଦ୍ୟାମନ୍ଦିର, ଛଞ୍ଚିଣା ଉପ୍ରା ବିଦ୍ୟାଳୟ ଓ ଶଙ୍ଖୁଳା ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ତୁଳସୀପୁର ଉପ୍ରା ବିଦ୍ୟାଳୟ, ରହଣିଆ ହାଇସ୍କୁଲ, ମଣିନାଥପୁର ଉଚ୍ଚ ମାଧମିକ ବିଦ୍ୟାଳୟ, ବାଲିପୋଖରୀ ଶୁକଦେବଜେନା ଉଚ୍ଚବିଦ୍ୟାଳୟ, ମଞ୍ଜୁରୀ ଶାରଦା ବିଦ୍ୟାମନ୍ଦିର, ରହଣିଆ ସରସ୍ୱତୀ ଶିଶୁମନ୍ଦିର, ଷୋଳମପୁର ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ବାଘମରା ସରସ୍ୱତୀ ଶିଶୁମନ୍ଦିର, ତୁଳସୀପୁର ଉପ୍ରା ବିଦ୍ୟାଳୟ, ଉକିଳ କମ୍ପୁଟର ଏକାଡେମୀ ଛାତ୍ରଛାତ୍ରୀମାନେ ବିଦ୍ୟାଦାୟିନୀଙ୍କ ଆବାହନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଏଥିସହ ବିଭିନ୍ନ କ୍ଲବ, ଯୁବକ ସଂଘ, ବ୍ୟବସାୟୀ ସଂଘ ଆଦି ସରସ୍ୱତୀ ପୂଜା ପାଳନ କରିଥିଲେ। ଫଟୋ- ସରସ୍ୱତୀ ପୂଜା।

## ମାଧବାନନ୍ଦ ପାଠାଗାର ଲୋକାର୍ପଣ ଉତ୍ସବ

ପାଣିକୋଇଲି, ୨୩। ସମାଜ ସଂସ୍କାରକ ମାଧବାନନ୍ଦ ଷଡଂଗୀଙ୍କ ସ୍ମୃତି ଉଦ୍ଦେଶରେ କମିଟି ପକ୍ଷରୁ ଏକ ପାଠାଗାର କରାଯାଇଛି। ଯାଜପୁର ବ୍ଲକ ଅନ୍ତଗତ ଭୁବନେଶ୍ୱରପୁର ପଂଚାୟତର ଭଗତପୁର ଠାରେ ମାଧବାନନ୍ଦ ପାଠାଗାର ଆଜି ଲୋକାର୍ପିତ ହୋଇଛି। ଏହି ଅବସରରେ ଆୟୋଜିତ ସଭା ପାଠାଗାର ସଭାପତି ସନ୍ତୋଷ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଅତିଥି ମାନଙ୍କ ଦ୍ୱାରା ମାଧବାନନ୍ଦ ଷଡଂଗୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ସଭା ଆରମ୍ଭ ହୋଇଥିଲା। ଉଦ୍‌ଘାଟକ ଭାବେ ଉକିଳଗାନ୍ଧୀ ସ୍ମାରକୀ ନିଧିର ଅଧ୍ୟକ୍ଷା କୃଷ୍ଣା ମହାନ୍ତି ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ଏକ ପୁସ୍ତକ ସଂସ୍କାର ଓ ସଂଗ୍ରାମୀ ମଣିଷ ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ କରାଯାଇଥିଲା। ଅତିଥିଭାବେ କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ଉକଫର ବିଶ୍ୱଜିତ ରାୟ, ସାମ୍ୟବାଦୀ ସମ୍ପାଦକ ବସନ୍ତ ମାଝୀ, ଶିକ୍ଷାବିତ୍ ବିମଳ ଷଡଂଗୀ, ସୁରେନ୍ଦ୍ର ରାୟ, ସତ୍ୟପାଠର ସମ୍ପାଦକ ସତ୍ୟ ପ୍ରକାଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସମସ୍ତ ଅତିଥିଙ୍କ ସମେତ ଆନନ୍ଦ ଚନ୍ଦ୍ର ସାହୁ, ଲଳିତ ମୋହନ ରାୟ, ସ୍ନେହଲତା ବସନ୍ତରାୟ, ଶ୍ରମତୀ ନିଳିମା ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାଧବାନନ୍ଦ ମେଧା ପୁରସ୍କାର ସୁଶ୍ରୀ ସୁନିତା ଜେନା, କୃଷ୍ଣା ମହାନ୍ତି ଅମ୍ରିତା ସାହୁ, ସୃଜନ ସନ୍ଦୀପନ ସାହୁ, ସ୍ମୃତି ରଂଜନ ଦଳେଇ ସୌଭାଗ୍ୟ ରଂଜନ ସାହାଣୀ ମାଧବାନନ୍ଦ ସାହାସିକତା ପୁରସ୍କାର ଜ୍ୟୋତି ରଂଜନ ପଣ୍ଡାଙ୍କୁ ପ୍ରଦାନ କରାଯାଇଥିଲା। ସମ୍ପାଦକ ରବିନାରାୟଣ ସାହୁ ସମ୍ପାଦକୀୟ ବିବରଣୀ ପାଠ କରଇଥିବା ବେଳେ ସୁରେନ୍ଦ୍ର କୁମାର ରୋୟ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମାଂଚଳରେ ଅତ୍ୟାଧୁନିକ ପଠାଗାର ନିର୍ମାଣ କେବଳ ଗ୍ରାମାଂଚଳର ଛାତ୍ର ଓ ଯୁବକ ମାନଙ୍କୁ ଅଧିକ ଶିକ୍ଷା ପ୍ରଦାନ ଓ ଉଚ୍ଛ ଶିକ୍ଷିତ କରିବା ଏହି ଏହି ପାଠାଗାରର ଲକ୍ଷ୍ୟ ବୋଲି ଉକଫର ନିର୍ମଳ ରଥ ଓ ଗଣେଷ ସାହୁ ପ୍ରକାଶ କରିଛନ୍ତି।

## ୨୫ରୁ କରଦା ହରିହାଟ ମେଳା ଓ ୨୭ରୁ ମହୋତ୍ସବ

ପାଣିକୋଇଲି, (ସବ୍ୟୁ) : ପବିତ୍ର ମାଘ ସପ୍ତମୀରୁ ଆରମ୍ଭ ହେବ କରଦା ହରିହାଟ ମେଳା। ୨୫ ତାରିଖରୁ ଫବୃଆରୀ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ମହୋତ୍ସବ। ଚଳିତ ବର୍ଷ ଏହାକୁ ସରସ ସୁନ୍ଦର କରିବା ପାଇଁ ମେଳା ଓ ମହୋତ୍ସବ କମିଟି ପକ୍ଷରୁ ଆହୂତ ଗଣମାଧମ ସମ୍ମିଳନୀରେ ସୂଚନା ଦିଆଯାଇଛି। ୨୫ ତାରିଖରୁ ନିର୍ବେଦ ଯଜ୍ଞ, ନାମ ଯଜ୍ଞ ଅନୁଷ୍ଠିତ ହେବ। ମେଳା ପାଇଁ ସାଧୁସନ୍ଥ ସମ୍ମିଳନୀ ସହ ବିଭିନ୍ନ ଷ୍ଟଲ, ଦୋଳି, ମୀନାବଜାର କରାଯିବ। ୨୭ ତାରିଖରୁ ଆରମ୍ଭ ମହୋତ୍ସବରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ବଛା ବଛା ନୃତ୍ୟଦଳ ନୃତ୍ୟ ପରିବେଷଣ କରିବେ। ପ୍ରତିଦିନ ସନ୍ଧ୍ୟାରେ ଓଡିଶାର କଳା, ଐତିହ, ସଂସ୍କୃତି ସମ୍ବନ୍ଧରେ ଆଲୋଚନା କରାଯିବ। ପଲିଶ୍ରୀ ମେଳା, ସରକାରୀ ଓ ବେସରକାରୀ ବିପଣୀ ବସିବ। ଓଡିଆ ଚଳଚିତ୍ର ଜଗତର ସିନେ ତାରକା, ସେଲିବେଅ୍ରଟି ଓ ଗାୟକ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ମେଳା ଓ ମହୋତ୍ସବକୁ ଅତ୍ୟାଧୁନିକ ଭାବେ କରାଯିବା ସହ ପାଣିକୋଇଲି ପୁଲିସ ପକ୍ଷରୁ ଶାନ୍ତି ଓ ଶୃଂଖଳା ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯିବାକୁ ନିଷ୍ପତି ନିଆଯାଇଛି। କରଦା ଗ୍ରାମ ପଂଚାୟତ, କୋରେଇ ପତ୍ରକାର ସଂଘ, ବିଭିନ୍ନ ସାମାଜିକ ସଂଗଠନ ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶୃତି ପ୍ରଦାନ କରିଛନ୍ତି।

**ଡକ୍ୟୁମେଣ୍ଟ ହଜିଯାଇଛି**

ନୋଟାରୀ ପବ୍ଲିକ୍, ଢେଙ୍କାନାଳଙ୍କ ଆଫିଡେଭିଟ୍ ନଂ. ୦୩୨୯, ତା.୧୫.୦୧.୨୦୨୬ ଏବଂ ଟାଉନ୍ ଥାନା ଡାଇରୀ ଏଣ୍ଟ୍ରି ନଂ. ୦୧୪/ତା ୧୫.୦୧.୨୬, ଅନୁଯାୟୀ ଏତଦ୍ୱାରା, ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ଘୋଷଣା କରୁଅଛି ଯେ, ମୁଁ, ଗୁପ୍ତେଶ୍ୱର ମିଶ୍ର, ବୟସ- ୬୨ ବର୍ଷ, ପିତା: କାଶୀନାଥ ମିଶ୍ର, ସା: ଜୟଗୋପାଳସାହି, ଢେଙ୍କାନାଳ ଟାଉନ୍, ମୋର ସାନଭାଇ ସତ୍ୟପ୍ରିୟ ମିଶ୍ରଙ୍କ ସହ ମିଶି ଶୈଳେନ ଘୋଷ, ପିତା: ସୁନୀଲ କୁମାର ଘୋଷ, ସା.: ଢେଙ୍କାନାଳ ଟାଉନ୍‌ଙ୍କ ଠାରୁ ଏକ ଜମି କିଣିଛି, ଯାହାର ଖାତା ନଂ. ୭୩୮/ ୨୩୬, ପ୍ଲଟ୍ ନଂ. ୧୯୮୭/୨୮୨୮, ପରିମିତ କ୍ଷେତ୍ର: ଏକର ୦.୦୬୮ ଡିସିମିଲି, ମୌଜା: ବଡଶାଠିଏବାଟିଆ, ତହସିଲ: ଢେଙ୍କାନାଳ, ପଞ୍ଜୀକୃତ ବିକ୍ରୟ ଦଲିଲ ନଂ. ୧୯୯୮/୧୯୯୭, ତା ୧୯.୦୫.୯୭ ଏବଂ ଆରଓ: ଢେଙ୍କାନାଳଙ୍କ ନିକଟରେ ସମ୍ପାଦିତ। ଏହିକି ଯେ, ମୁଁ ତା ୧୫.୦୧.୨୦୨୬, ପ୍ରାତଃ ୯ଘଟିକାରୁ ପ୍ରାତଃ ୯.୩୦ ଘଟିକା ମଧ୍ୟରେ, ମୋ ଘରୁ, ମାଜିଷ୍ଟ୍ରେଟ୍ କାର୍ଯ୍ୟାଳୟ ଜେରକ୍ସ ଦୋକାନକୁ ଫଟୋକପି ପାଇଁ ଯାଉଥିବା ସମୟରେ, ଉପରୋକ୍ତ ମୂଳ ବିକ୍ରୟ ଦଲିଲଟି କେଉଁଠାରେ ହଜିଯାଇଛି, ଯାହାକି ମୋର ସମସ୍ତ ଉଦ୍ୟମ ସତ୍ତ୍ୱେ ତାହା କେଉଁଠାରୁ ପାଇପାରିଲି ନାହିଁ। ବର୍ତ୍ତମାନ, ଆମେମାନେ ଋଣ ପ୍ରାପ୍ତ କରିବା ପାଇଁ, କାନରା ବ୍ୟାଙ୍କ, ଅନୁଗୁଳ- ୧, ଅନୁଗୁଳରେ ଉପରୋକ୍ତ କ୍ରୟ କରାଯାଇଥିବା ଜମିକୁ ବନ୍ଧକ ରଖିବାକୁ ଚାହୁଁଅଛୁ। ଯଦି ଏହି ସମ୍ପତ୍ତି ବିରୁଦ୍ଧରେ କାହାର କୌଣସି ଦାବୀ ଥାଏ, ତେବେ ଏହି ସର୍ବସାଧାରଣ ନୋଟିସ୍ ପ୍ରକାଶନ ତାରିଖରୁ ୧୫ ଦିନ ମଧ୍ୟରେ ମୋତେ କିମ୍ବା ମୁଖ୍ୟ ପ୍ରବନ୍ଧକ, କାନରା ବ୍ୟାଙ୍କ, ଅନୁଗୁଳ- ୧, ଅନୁଗୁଳକୁ ଜଣାଇବେ।

ସ୍ୱା/- ଗୁପ୍ତେଶ୍ୱର ମିଶ୍ର
ମୋ.: ୯୭୬୭୦୭୦୩୮୫
ମୁଖ୍ୟ ପ୍ରବନ୍ଧକ, କାନରା ବ୍ୟାଙ୍କ, ଅନୁଗୁଳ-୧ ଶାଖା,
ମୋ.: ୯୦୦୬୮୮୨୩୩୫

**AFFIDAVIT**

By Virtue of an affidavit sworn before Executive Magistrate, Bhubaneswar vide Serial No.77 dt.15.01.2026. I, Selina Digal, D/o- Adam Digal, Village Name- Bedaguba, PO- Gummamaha Deegi, P.S- Raikia, Dist- Kandhamal- 762101, Odisha declare that I have changed my name from **Aswina Digal** to **Selina Digal**. Henceforth I shall be known as **Selina Digal** for all future purposes.

Selina Digal

**AFFIDAVIT**

By this affidavit sworn before Executive Magistrate, Tangi Dated. 19.01.2026 I Prajna Priyadarshini (new name) If it Formerly called Pragyan Priyadarshini (old name) D/o Debasish Kalash permanent resident of village Handiola, Po- Kalupadaghat, Ps-Tangi, Dist- Khurdha, Odisha, Pin-752022 curently residing at Totapada, Handiola, Po-Kalupadaghat, P.S- Tangi, Dist. Khurdha declare that I have changed my name from Pragyan Priyadarshine to Prajna Priyadarshine. Henceforth I shall be known as Prajna Priyadarshine for all purposes.

Prajna Priyadarshini

## ଆପେକ୍ସ ସ୍କୁଲର ବାର୍ଷିକ ଉତ୍ସବ

କେନ୍ଦ୍ରାପଡା (ସବ୍ୟୁ) : କେନ୍ଦ୍ରାପଡା ପୌରାଂଚଳ ଅଂର୍ଗତ ହାଇସ୍କୁଲ ଛକରେ ଥିବା ଆପେକ୍ସ ଆଙ୍ଗଲୋ ଆରବିକ ସ୍କୁଲର ୧୫ତମ ବାର୍ଷିକ ଉତ୍ସବ ସ୍କୁଲର ଅଧକ୍ଷ ସାଇରା ପରଓ୍ୱିନଙ୍କ ଅଧକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କେନ୍ଦ୍ରାପଡା ତହସିଲଦାର କୁଇନ ଜେନା ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଏପିଡି (ପ୍ରକଳ୍ପ ସଂଯୋଜକ) ଅବଦୁଲ ରହେମାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍କୁଲରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀ ମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିବା ସହ ବିଭିନ୍ନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ କରିଥିଲେ ସଭା ଶେଷରେ ସଂପାଦକ ଅବଦୁଲ ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୭୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବିନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

## ପିଏମ୍ ସ୍ୱନିଧି ଯୋଜନା ଆରମ୍ଭ
# ୬୦ ହଜାରରୁ ଊର୍ଦ୍ଧ୍ୱ ଉଠାଦୋକାନୀ ହେବେ ଉପକୃତ

ଭୁବନେଶ୍ୱର,(ସବ୍ୟୁ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶର ଏକ ଲକ୍ଷ ହିତାଧିକାରୀଙ୍କ ପାଇଁ ପିଏମ୍-ସ୍ୱନିଧି ଋଣ ପ୍ରଦାନ ଏବଂ ପିଏମ୍-ସ୍ୱନିଧି ହିତାଧିକାରୀଙ୍କ ପାଇଁ କ୍ରେଡିଟ୍ କାର୍ଡର ଶୁଭାରମ୍ଭ କରିଛନ୍ତି । କେରଳର ତିରୁବନନ୍ତପୁରମଠାରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏହି ଯୋଜନାର ଶୁଭାରମ୍ଭ କରିଥିବାବେଳେ ଭୁବନେଶ୍ୱରସ୍ଥିତ କୃଷି ଭବନରେ ଏହାର ଆୟୋଜନ କରାଯାଇଥିଲା । ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଓଡିଶାର ୧୦ଜଣଙ୍କୁ ଋଣ, ୪ଜଣଙ୍କୁ କ୍ରେଡିଟ କାର୍ଡ ଓ ୩ ଜଣଙ୍କୁ ପିଏମ ସ୍ୱନିଧୀ ଋଣ ପ୍ରଦାନ କରିଛନ୍ତି । ମନ୍ତ୍ରୀ ଡା ମହାପାତ୍ର କହିଛନ୍ତି, ରାଜ୍ୟରେ ପ୍ରାୟ ୬୦୦୦୦ ରୁ ଉର୍ଦ୍ଧ ଉଠାଦୋକନ ଏହା ଦ୍ୱାରା ଉପକୃତ ହେବେ । ସହରୀ ବିକାଶ ଏବଂ ଉଠାଦୋକାନୀଙ୍କ ଅର୍ଥନୈତିକ ସଶକ୍ତିକରଣ ପ୍ରତି ରାଜ୍ୟ ସରକାର ପ୍ରତିବଦ୍ଧ । ଏହି ଅବସରରେ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂ, ପୌର ପ୍ରଶାସନର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଅତିରିକ୍ତ ଶାସନ ସଚିବ ରବୀନ୍ଦ୍ର ସାହୁଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ, ଷ୍ଟ୍ରିଟ୍ ଭେଣ୍ଡର୍ସଙ୍କୁ ଆତ୍ମନିର୍ଭର କରିବା ପାଇଁ ପିଏମ୍ ସ୍ୱନିଧି ଯୋଜନା ବିନା ବନ୍ଧକରେ କାର୍ଯ୍ୟକାରୀ ପୁଞ୍ଜି ଋଣ ପ୍ରଦାନ କରିଥାଏ, ଯାହା ୧୫,୦୦୦ ଟଙ୍କାରୁ ଆରମ୍ଭ ହୋଇ ସମୟାନୁବର୍ତ୍ତୀ ପରିଶୋଧ ଏବଂ ଉତ୍ତମ କ୍ରେଡିଟ୍ ବ୍ୟବହାର ଆଧାରରେ ୨୫,୦୦୦ ଏବଂ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ । ପିଏମ୍-ସ୍ୱନିଧି କ୍ରେଡିଟ୍ କାର୍ଡର ପ୍ରଚଳନ ଦ୍ୱାରା ଉଠା ଦୋକାନୀମାନେ ଏବେ ସୁବିଧାଜନକ ଋଣ ପାଇପାରିବେ । ଯାହା ସେମାନଙ୍କ ବ୍ୟବସାୟର ନିରନ୍ତରତା ଏବଂ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ । ସାରା ରାଜ୍ୟରେ ବିଭିନ୍ନ ବ୍ୟାଙ୍କିଙ୍ଗ ଅନୁଷ୍ଠାନ ମାଧ୍ୟମରେ ୧,୧୦,୧୨୮ଟି ଋଣ ପ୍ରଦାନ କରାଯାଇ ସାରିଛି । ଏହା ୧.୧୦ ଲକ୍ଷରୁ ଅଧିକ ଉଠାଦୋକାନୀ ପରିବାରକୁ ଆନୁଷ୍ଠାନିକ ଋଣ ସୁବିଧା ଯୋଗାଇ ସେମାନଙ୍କ ଜୀବିକାକୁ ସହାୟତା କରିଛି । ଏହି ସଫଳତା ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ଟାଉନ୍ ଭେଣ୍ଡିଂ କମିଟି, ବ୍ୟାଙ୍କ ଏବଂ କ୍ଷେତ୍ରସ୍ତରୀୟ କର୍ମଚାରୀଙ୍କ ମିଳିତ ପ୍ରୟାସର ପ୍ରତିଫଳନ ।

## ଏଆଇପିଏଚ୍ ୟୁନିଭରସିଟି ଓ ଆପୋଲୋ ହେଲ୍‌ଥକେୟାର ଏକାଡେମୀ ବୁଝାମଣାପତ୍ର

ଭୁବନେଶ୍ୱର, (ସବ୍ୟୁ): ଏଆଇପିଏଚ୍ ୟୁନିଭରସିଟି, ଭୁବନେଶ୍ୱର ଆଲାଏଡ ହେଲ୍‌ଥ ସାଇନ୍ସେସ୍‌ରେ ବ୍ୟାଚେଲର୍ସ ପାଠ୍ୟକ୍ରମ ମିଳିତ ଭାବରେ ଆରମ୍ଭ କରିବାକୁ ଆପୋଲୋ ହେଲ୍‌ଥକେୟାର ଏକାଡେମୀ ସହିତ ଏକ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛି । ଭାରତ ଓ ବିଶ୍ୱସ୍ତରରେ କୁଶଳୀ ଆଲାଏଡ ସ୍ୱାସ୍ଥ୍ୟସେବା ବୃତ୍ତିଧାରୀଙ୍କ ବର୍ଦ୍ଧିତ ନିଅଣ୍ଟିଆ ପରିସ୍ଥିତି ପ୍ରତି ଦୃଷ୍ଟିଦେବାକୁ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଛି । ଏହି ରଣକୌଶଳାତ୍ମକ ସହଯୋଗୀତା ଏଆଇପିଏଚ୍ ୟୁନିଭରସିଟିର ମଜଭୁତ ଶିକ୍ଷାଗତ ମୂଳଦୁଆ ଏବଂ ଆପୋଲୋ ହେଲ୍‌ଥକେୟାର ଏକାଡେମୀର ବ୍ୟାପକ ଚିକିତ୍ସାଗତ ବିଦ୍ୱତାକୁ ନିମଜ୍ଜିତ ହସପିଟାଲ ଭିତ୍ତିକ ତାଲିମ ପ୍ରଦାନ ସହିତ ବ୍ୟାପକ ଶିକ୍ଷାଗତ ବିଷୟକୁ ସମ୍ମିଶ୍ରିତ କରୁଥିବା ଶିଳ୍ପ ଉପଯୋଗୀ ଅଣ୍ଡର ଗ୍ରାଜୁଏଟ ପାଠ୍ୟକ୍ରମ ଯୋଗାଇଦେବା ନିମନ୍ତେ ଏକତ୍ରିତ କରୁଛି ।

# କିମ୍ସରେ ଭାରତର ପ୍ରଥମ ବହୁମୁଖୀ ୟୁଥ୍ ୱେଲନେସ୍ କ୍ଲିନିକ୍ ଆରମ୍ଭ

ଭୁବନେଶ୍ୱର, (ସବ୍ୟୁ): ଯୁବପିଢ଼ିଙ୍କ ଅଣଦେଖା କରାଯାଉଥିବା ସ୍ୱାସ୍ଥ୍ୟ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏକ ପଦକ୍ଷେପ ସ୍ୱରୂପ, କିମ୍ସ ଭୁବନେଶ୍ୱରର ଶିଶୁ ରୋଗ ବିଭାଗରେ ଏକ ଉତ୍ସର୍ଗୀକୃତ ଯୁବ ସୁସ୍ଥତା କ୍ଲିନିକ୍ 'ତାରୁଣ୍ୟ' ଉଦଘାଟିତ ହୋଇଯାଇଛି । ଏଥିରେ ୧୦ରୁ ୧୯ ବର୍ଷ ବୟସର କିଶୋରମାନଙ୍କ ସାମଗ୍ରିକ ସୁସ୍ଥତା ଉପରେ ଧ୍ୟାନ ଦିଆଯିବ । କିଶୋରାବସ୍ଥାରେ ମଣିଷ ଶରୀରରେ ଶାରୀରିକ, ହରମୋନ୍, ମାନସିକ, ସାମାଜିକ ଓ ଭାବପ୍ରବଣ ଜନିତ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ । ଏହି ସମୟରେ ଯୁବକଯୁବତୀମାନଙ୍କୁ ବିଶେଷ ଭାବରେ ଦୁର୍ବଳ କରିଥାଏ ତଥା ସେମାନଙ୍କ ସ୍ୱାସ୍ଥ୍ୟ ଚିନ୍ତାକୁ ସ୍ପଷ୍ଟ କରିଥାଏ । ଏଭଳି ଜଟିଳତାର ସମାଧାନ ଲାଗି କିମସରେ 'ତାରୁଣ୍ୟ' ଭଳି ଦେଶର ପ୍ରଥମ କ୍ଲିନିକ୍ ଆରମ୍ଭ କରାଯାଇଛି । ଏହି କ୍ଲିନିକ୍ ଶିଶୁରୋଗ, ମାନସିକ ରୋଗ, ପ୍ରସୂତି ଓ ସ୍ତ୍ରୀରୋଗ ଓ କମ୍ୟୁନିଟି ମେଡିସିନ୍ ବିଭାଗର ବିଶେଷଜ୍ଞମାନଙ୍କୁ ନେଇ ମିଳିତ ଭାବେ କାର୍ଯ୍ୟ କରୁଛି । ଶିଶୁରୋଗ ବିଶେଷଜ୍ଞ ଡା ସ୍ୱର୍ଣ୍ଣଲତା ଦାସଙ୍କ ନେତୃତ୍ୱରେ ଏହି କ୍ଲିନିକ୍ ପରିଚାଳିତ ହେଉଛି ।




ୟୁଥ୍ ୱେଲନେସ୍ କ୍ଲିନିକ୍ କୈଶୋରାବସ୍ଥାର ବିକାଶ, ଋତୁସ୍ରାବ ସ୍ୱାସ୍ଥ୍ୟ ଓ ପିସିଓଏସ, ପୁଷ୍ଟିକର ପରାମର୍ଶ, ଚିନ୍ତା ଓ ପରୀକ୍ଷା ସମ୍ବନ୍ଧୀୟ ଚାପ, ସଂପର୍କ ଓ ଯୋଗାଯୋଗ ଚ୍ୟାଲେଞ୍ଜ, ନିଶା ନିବାରଣ ପରାମର୍ଶ, ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଶିକ୍ଷା, ବୟସ-ଉପଯୋଗୀ ଟୀକାକରଣ ଉପରେ ମାର୍ଗଦର୍ଶନ ପ୍ରଦାନ କରିବ । ନୂତନ ଭାବପ୍ରବଣତା ପ୍ରତିକ୍ରିୟାରେ ପିତାମାତାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ, ସାମାଜିକ ଗଣମାଧ୍ୟମର ଅତ୍ୟଧିକ ବ୍ୟବହାର ଓ ଡିଜିଟାଲ୍ ନିଶା ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡ଼ିକ ଉପରେ ମଧ୍ୟ ଏହି କ୍ଲିନିକ ମାଧ୍ୟମରେ ବିସ୍ତାର କରାଯିବ । ପ୍ରଥମ ବର୍ଷରେ ଅତି କମରେ ୫ ହଜାର କିଶୋରକିଶୋରୀଙ୍କ ନିକଟରେ ପହଞ୍ଚିବା ଏହି କ୍ଲିନିକ୍‌ର ଲକ୍ଷ୍ୟ ରହିଛି । ଏହା ବ୍ୟତୀତ କ୍ଲିନିକ୍ ସଂପୂର୍ଣ୍ଣ କିଶୋର ସ୍ୱାସ୍ଥ୍ୟସେବା ପାଇଁ ଏକ ମଡେଲ ଢାଞ୍ଚାରେ ବିକଶିତ ହେବାକୁ ଲକ୍ଷ୍ୟ ରଖିଛି । ପ୍ରତି ଶନିବାର ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ କାର୍ଯ୍ୟ କରିବ । ଚିକିତ୍ସା ଅପେକ୍ଷା ପ୍ରତିରୋଧ ଉପରେ ଏହି କ୍ଲିନିକ୍ ଅଧିକ ଗୁରୁତ୍ୱାରୋପ କରିବ । ଏହି କ୍ଲିନିକ୍‌ର ପ୍ରଚାର ପ୍ରସାର ପାଇଁ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ସ୍ଥାନୀୟ ଅଞ୍ଚଳ ପରିବେଶରେ ସୁରକ୍ଷିତ ଓ ଦାୟିତ୍ୱପୂର୍ଣ୍ଣ ଗଣମାଧ୍ୟମ ବ୍ୟବହାର, ସୁସ୍ଥ ଜୀବନଶୈଳୀ ବଜାୟ ରଖିବା ତଥା ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । କିମ୍ସ ମେଡିକାଲ୍ କଲେଜ ଅଧକ୍ଷ ତଥା ଡିନ୍ ପ୍ରଫେସର ଡା ଆର.ସି. ଦାସ ଏହି କ୍ଲିନିକକୁ ଉଦଘାଟନ କରିଥିବା ବେଳେ କିମ୍ସ ମେଡିକାଲ୍ ଅଧୀକ୍ଷକ ଡା ମାନସ ରଞ୍ଜନ ବେହେରାଙ୍କ ସମେତ ଶିଶୁ ରୋଗ, ମାନସିକ ରୋଗ ଏବଂ କମ୍ୟୁନିଟି ମେଡିସିନ ବିଭାଗର ମୁଖ୍ୟ ଓ ଅଧ୍ୟାପକମାନେ ଏହି ଅବସରରେ ଉପସ୍ଥିତ ଥିଲେ ।

# ସୂର୍ଯ୍ୟପ୍ରଭା ସମ୍ପାଦକ ରବି କାନୁନଗୋଙ୍କ ପରଲୋକ

ଭୁବନେଶ୍ୱର,(ସବ୍ୟୁ): ସୂର୍ଯ୍ୟପ୍ରଭାର ସମ୍ପାଦକ ରବି କାନୁନଗୋଙ୍କର ପରଲୋକ ହୋଇଯାଇଛି । ଘରୋଇ ହସପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଗତକାଲି ବିଳମ୍ବିତ ରାତିରେ ୮୨ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଛି । ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ସ୍ୱନ୍ତଦୀପ୍ତି କାନୁନଗୋ, ବିଭୂଦତ୍ତ କାନୁନଗୋ, ବୋହୂ କାନନ ମହାନ୍ତି, ଝିଅ ସଂଘମିତ୍ରା ମହାନ୍ତି, ପ୍ରଜ୍ଞା ପଟ୍ଟନାୟକ ଓ ଶାଶ୍ୱତୀ କାନୁନଗୋ ଉପସ୍ଥିତ ଥିଲେ । ୧୯୪୪ ଅପ୍ରେଲ ୨୦ରେ ଜନ୍ମିତ ସ୍ୱର୍ଗତ କାନୁନଗୋ ରାଉରକେଲା ଷ୍ଟିଲ ପ୍ଲାଣ୍ଟରେ ଚାକିରୀ କରିଥିଲେ । ସେହି ସମୟରେ ସେ ମଜଦୁର ସଂଘ ସହ ବି ଜଡ଼ିତ ଥିଲେ ।"ସମ୍ବାଦ' ରେ ସେ ବେଶ୍ କିଛିବର୍ଷ ଧରି କାର୍ଯ୍ୟ କରିଥିଲେ । ଚାକିରୀରୁ ଅବସର ପରେ ସେ "ସୂର୍ଯ୍ୟପ୍ରଭା'ର ଫିଚର ସମ୍ପାଦକ ଭାବେ ଯୋଗ ଦେଇଥିଲେ । ଗତ ଏକ ଦଶନ୍ଧିରୁ



ଉର୍ଦ୍ଧ୍ୱ ସମୟ ଧରି ସ୍ୱର୍ଗତ କାନୁନଗୋ ସୂର୍ଯ୍ୟପ୍ରଭାର ସମ୍ପାଦକ ଭାବେ କାର୍ଯ୍ୟ କରୁଥିଲେ । ତାଙ୍କର ସମ୍ପାଦକୀୟ ବେଶ୍ ଉଚ୍ଚକୋଟିର ଥିଲା । ସରଳ ସାବଲୀଳ ଭାଷାରେ ବ୍ୟଙ୍ଗ ଗଳ୍ପ ଢଙ୍ଗରେ ସେ ସମ୍ପାଦକୀୟ ଲେଖି ସାରା ଓଡ଼ିଶାରେ ଆଦୃତ ହୋଇଥିଲେ । ୧୯୯୪ରେ ସୁରେନ୍ଦ୍ର ମହାନ୍ତି କଥା ସାହିତ୍ୟ ସମ୍ମାନ, ୧୯୯୬ରେ ପ୍ରଜାତନ୍ତ୍ର ବିଷୁବ ସମ୍ମାନ, ୨୦୦୯ରେ ନାରଦ ସମ୍ମାନ, ୨୦୧୧ରେ ଡକଫର ରାଧାନାଥ ରଥ ବିଶିଷ୍ଟ ସାମ୍ବାଦିକ ସମ୍ମାନ ପାଇଥିଲେ । ଜଣେ ଲେଖକ ଭାବେ ବି ସେ ବେଶ୍ ସୁନାମ ଅର୍ଜନ କରିଥିଲେ । ତାଙ୍କ ରଚିତ କଥା କିଞ୍ଚିତ, କାଗଜ ବାଘ, କେଶବତୀ କନ୍ୟା, ଅଇନା, ପୁଅ ଓ କୋଡ଼ିଏଟି ଗପ, ଆଶା ତମସା, ଏକ ରାଜ୍ୟପାଳଙ୍କ ଅନୁଭୂତି, ସବୁ ନାରୀ ଟିକେ ଟିକେ ସୀତା, ମନେ ଥାଉ ସେମିତି ସେମିତି ଭଳି ଅନେକ ପୁସ୍ତକ ପାଠକୀୟ ଆଦୃତି ହାସଲ କରିଛି ।

## ଆୟୁଷ୍ମାନ ଭାରତ ଡିଜିଟାଲ୍ ମିଶନ୍
# ଜାତୀୟ ସ୍ତରରେ ଏମ୍ସ ଭୁବନେଶ୍ୱର ଏକ ନମ୍ବର

ଭୁବନେଶ୍ୱର, (ସବ୍ୟୁ): ଆୟୁଷ୍ମାନ ଭାରତ ଡିଜିଟାଲ୍ ମିଶନ୍ (ଏବିଡିଏମ) ଅନ୍ତର୍ଗତ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍ ବର୍ଗରେ ଏମ୍ସ ଭୁବନେଶ୍ୱରକୁ ଶ୍ରେଷ୍ଠ ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଭାବେ ସମ୍ମାନିତ କରାଯାଇଛି । ଏହି ପ୍ରତିଷ୍ଠାନ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍ କ୍ଷେତ୍ରରେ ଜାତୀୟ ସ୍ତରରେ ଏକ ନମ୍ବର ସ୍ଥାନ ହାସଲ କରିଛି, ଯାହା ଭାରତର ଡିଜିଟାଲ୍ ସ୍ୱାସ୍ଥ୍ୟ ପରିବର୍ତ୍ତନ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ (ଏନଏଚଏ) ଦ୍ୱାରା ଚଳିତ ମାସ ୧୯ ଏବଂ ୨୦ରେ, ଭୁବନେଶ୍ୱରରେ ଅନୁଷ୍ଠିତ ଚିନ୍ତନ ଶିବିରରେ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା । ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସ ଏବଂ ଆଇଟି କମିଟି ଅଧକ୍ଷ ଡ. ମନୋଜ କୁମାର ମହାନ୍ତି, ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ଅନୁ ଗର୍ଗଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଥିଲେ । ଏନଏଚଏ ସିଇଓ




ଡ. ସୁନୀଲ କୁମାର ବର୍ଣ୍ଣୱାଲ, ରାଜସ୍ଥାନର ପ୍ରମୁଖ ସ୍ୱାସ୍ଥ୍ୟ ସଚିବ ଗାୟତ୍ରୀ ରାଠୋର, ମେଘାଳୟର ପ୍ରମୁଖ ସ୍ୱାସ୍ଥ୍ୟ ସଚିବ ସମ୍ପଥ କୁମାର, ଓଡ଼ିଶାର ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ୍, ଡ. ବୃନ୍ଦା ଡି. ଏବଂ ଏନଏଚଏ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ । ଦୁଇ ଦିନିଆ ଚିନ୍ତନ ଶିବିରରେ ଦେଶବ୍ୟାପୀ ବରିଷ୍ଠ ନୀତି ନିର୍ଦ୍ଧାରକ ଏବଂ ସ୍ୱାସ୍ଥ୍ୟ ପ୍ରଶାସକମାନେ ଏବିଡିଏମ ଅଧୀନରେ ଡିଜିଟାଲ୍ ସ୍ୱାସ୍ଥ୍ୟ ପଦକ୍ଷେପଗୁଡ଼ିକର ଅଗ୍ରଗତି ସମୀକ୍ଷା ଏବଂ ଭବିଷ୍ୟତ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ଏକତ୍ରିତ ହୋଇଥିଲେ । କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ. ପି. ନଡାଙ୍କ ବଳିଷ୍ଠ ମାର୍ଗଦର୍ଶନରେ, ଏମ୍ସ ଭୁବନେଶ୍ୱର ନାଗରିକ-କୈନ୍ଦ୍ରିକ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଡିଜିଟାଲ୍ ସ୍ୱାସ୍ଥ୍ୟ ପଦକ୍ଷେପଗୁଡ଼ିକୁ ଆଗକୁ ବଢାଇବାରେ ବିଶେଷ ପ୍ରୟାସ କରିଚାଲିଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ପ୍ରକାଶ କରିଛନ୍ତି । ଏମ୍ସ ଭୁବନେଶ୍ୱର ଏବିଡିଏମ କାର୍ଯ୍ୟାନ୍ୱୟନରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି, ଯେଉଁଥିରେ ୪୨ ଲକ୍ଷ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍, ୧୯ ଲକ୍ଷ ଆଭା ଟୋକନ୍ ସୃଷ୍ଟି ଅନ୍ତର୍ଭୁକ୍ତ । ବିଲିଂକୁ ସୁଗମ କରିବା, ରୋଗୀଙ୍କ ଧାଡ଼ି ହ୍ରାସ କରିବା ଏବଂ ହସ୍ପିଟାଲ ଦକ୍ଷତା ବୃଦ୍ଧି କରିବା ପାଇଁ ସ୍କାନ ଏବଂ ପେ ସୁବିଧାର ସଫଳ କାର୍ଯ୍ୟାନ୍ୱୟନ ମଧ୍ୟ କରାଯାଇଛି । ଏହି ପଦକ୍ଷେପଗୁଡ଼ିକ ରୋଗୀଙ୍କ ସୁବିଧାରେ ଉଲ୍ଲେଖନୀୟ ଉନ୍ନତି ଆଣିଛି, କାଗଜବିହୀନ କାର୍ଯ୍ୟପ୍ରବାହ ସୁନିଶ୍ଚିତ କରିଛି ଏବଂ ଚିକିତ୍ସାର ନିରନ୍ତରତାକୁ ସୁଦୃଢ଼ କରିଥିବା ଡାକ୍ତର ବିଶ୍ୱାସ କହିଛନ୍ତି ।

## ବିଶିଷ୍ଟ ସମାଜସେବୀ ବିମଳ ଦାସଙ୍କ ଦେହାନ୍ତ

ଭୁବନେଶ୍ୱର(ସବ୍ୟୁ): କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟର ସଭାପତି ତଥା ବିଶିଷ୍ଟ ସମାଜସେବୀ ବିମଳ ଦାସଙ୍କ ବିୟୋଗରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିଛନ୍ତି ।

ଏକ ଶୋକବାର୍ତ୍ତା ରେ ଶ୍ରୀ ପଟ୍ଟନାୟକ କହିଛନ୍ତି, ସ୍ୱର୍ଗତ ବିମଳ ଦାସ ବିଜୁ ବାବୁ ଙ୍କ ଘନିଷ୍ଠ ଅନୁଗାମୀ ଥିଲେ ଓ କଳିଙ୍ଗ ଫାଉଣ୍ଡେସନ ଟ୍ରଷ୍ଟକୁ ପରିଚାଳନା କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଥିଲେ । ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଗଭୀର ସମବେଦନା ଜଣାଇବା ସହ ପରଲୋକଗତ ଆତ୍ମାର ସଦଗତି କାମନା କରିଛନ୍ତି ଶ୍ରୀ ପଟ୍ଟନାୟକ ।

# ଶ୍ରୀ ଗୁରୁଭାଗବତର ୨୫ ତମ ପୂର୍ତ୍ତି ଉପଲକ୍ଷେ ପଥ ପ୍ରାନ୍ତ ନାଟକ



ଭୁବନେଶ୍ୱର (ସବ୍ୟୁ): ଗୁରୁଜୀ ଡ଼ ଚନ୍ଦ୍ରଭାନୁ ଶତପଥୀ ଙ୍କ ବିରଚିତ ଜ୍ଞାନ ଭକ୍ତି ଆଧାରିତ ଧର୍ମ ସାହିତ୍ୟ ଶ୍ରୀ ଗୁରୁଭାଗବତ ର ୨୫ ତମ ପୂର୍ତ୍ତି ଉପଲକ୍ଷେ, ପବିତ୍ର ଶ୍ରୀପଞ୍ଚମୀ ଅବସରରେ, ଶ୍ରୀ ଗୁରୁଭାଗବତ ଟୁଙ୍ଗୀ, ଗୋପାଳପୁର ତରଫରୁ, ଓ ବାଲିକୁଦା ବାସିନ୍ଦା ଙ୍କ ସହଯୋଗରେ ସ୍ଥାନୀୟ ଗୋପାଳପୁର ଛକ ନିକଟରେ,ଏକ ପଥପ୍ରାନ୍ତ ନାଟକ -ଆସ ଗୁରୁଭାଗବତ ପଢିବା ହୋଇଯାଇଛି । ସାମାନ୍ୟ ଗୃହସ୍ଥ ଠାରୁ ଆରମ୍ଭ କରି ଆଭିଜାତ୍ୟ ସମ୍ପନ୍ନ ବ୍ୟକ୍ତି ମଧ୍ୟ ଦୈନନ୍ଦିନ ସମସ୍ୟା ଘେରରେ ରହି ଶାନ୍ତି ର ଜୀବନ ଅତିବାହିତ କରିବାକୁ ଇଚ୍ଛା କରୁଥିବାବେଳେ, ଏହି ଯୁଗୋପଯୋଗୀ ଧର୍ମ ସାହିତ୍ୟ, ନିଜର ଉପଦେଶକ୍ଷବଳୀ ମାଧ୍ୟମରେ କିପରି ଦୁଃଖ କଷ୍ଟ ଯନ୍ତ୍ରଣା କୁ ଲାଘବ କରି, ସତ୍ୟ ଶାନ୍ତି ପଥର ସନ୍ଧାନ ଦେଉଛି, ତାହାକୁ ବ୍ୟାଖ୍ୟା ଓ ପ୍ରଶ୍ନୋତ୍ତରୀ ମାଧ୍ୟମରେ ପରିବେଷଣ କରିଥିଲେ ଟୁଙ୍ଗୀ ର ସମସ୍ତ ସଦସ୍ୟା । ଶ୍ରୀ ଗୁରୁ ଭାଗବତ ର ରଚୟିତା ଡ଼ ଚନ୍ଦ୍ରଭାନୁ ଶତପଥି, ଅତି ସୁନ୍ଦର ଭାବରେ ନିଜର କର୍ମ, ବାଣୀ, ବିଚାର ର ସରଳିକରଣ ସହ ସହାନୁଭୂତି ଓ ସମାନୁଭୂତି ହୃଦୟ ନେଇ, ନିଜର ଜୀବନକୁ ସୁନ୍ଦର ତଥା ଶାନ୍ତିମୟ କରି, ପରିବାର ଓ ସମାଜ ରେ ମଧ୍ୟ ଶାନ୍ତି ର ବାର୍ତ୍ତା ପ୍ରଚାର କରି, ସମାଜରେ ଧର୍ମ ଓ ଐକ୍ୟ ପ୍ରତିଷ୍ଠା କରିପାରିବ- ଏହି ଉପଦେଶ କୁ ଗୋପାଳପୁର ଟୁଙ୍ଗୀ ର ସଦସ୍ୟା ମାନେ ବ୍ୟାଖ୍ୟା ଓ ପ୍ରଶ୍ନୋତ୍ତରୀ ମାଧ୍ୟମରେ ଉପସ୍ଥାପନ କରିଥିଲେ ।

## ଆୟୁର୍ବେଦିକ ହସ୍ପିଟାଲ ନୂଆ କ୍ୱାର୍ଟର୍ସରୁ ଚୋରି

ଭୁବନେଶ୍ୱର, (ସବ୍ୟୁ) : ବଡଗଡ ଥାନା ଅନ୍ତର୍ଗତ ଆୟୁର୍ବେଦିକ ହସ୍ପିଟାଲ ନୂଆ କ୍ୱାର୍ଟର୍ସରୁ ବହୁ ପିଏଚ୍ଡି ସାମଗ୍ରୀ ଓ ଅନ୍ୟାନ୍ୟ କେତେକ ଜିନିଷ ଚୋରି ହୋଇଛି । ଏ ସମ୍ପର୍କରେ ଉପଅଧୀକ୍ଷକ ଥାନାରେ ଏତଲା କରିଛନ୍ତି । ସରକାରୀ ଆୟୁର୍ବେଦିକ ହସ୍ପିଟାଲ ସି-ଟାଇପ୍ ନୂଆ କ୍ୱାର୍ଟର୍ସ ଗେଟ୍ କାଟି ଦୁର୍ବୃତ୍ତ ଭିତରକୁ ପଶିବା ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି କରିନେଇଛନ୍ତି । ଏ ସମ୍ପର୍କରେ ଉପଅଧୀକ୍ଷକ ଜାଣିବା ପରେ ଥାନାରେ ଏତଲା କରି ଅପରାଧୀଙ୍କୁ ଗିରଫ କରିବା ପାଇଁ ନିବେଦନ କରିଛନ୍ତି । ସରକାରୀ ଆୟୁର୍ବେଦିକ ହସ୍ପିଟାଲ ପାଖରେ ନିଶା ଖାଉଥିବା ଅପରାଧୀମାନେ ନିୟମିତ ଖଟି ଜମାଉଛନ୍ତି । ନିଶା ଖାଇବା ପାଇଁ ଏସବୁ ସାମଗ୍ରୀ ଚୋରି କରି ନେଇଥିବା କୁହାଯାଉଛି । ସେହି ଅଞ୍ଚଳରେ ଯଦି ପାଟ୍ରୋଲିଂ କଡାକଡି ହୁଅନ୍ତା ତେବେ ଚୋରି ହ୍ରାସ ପାଆନ୍ତା ବୋଲି ହସ୍ପିଟାଲର ଜଣେ କର୍ମଚାରୀ କହିଛନ୍ତି । କେବଳ ସେହି ଅଞ୍ଚଳ ନୁହେଁ ବିଭିନ୍ନ ଥାନା ଅଞ୍ଚଳରୁ ଚୋରମାନେ ସୁଯୋଗ ଉଣ୍ଡି ଚୋରି କରୁଛନ୍ତି । ଏପରିକି ବନ୍ଦ ଥିବା ଘରର ତାଲା କାଟି ଲକ୍ଷାଧିକ ଟଙ୍କାର ସୁନା ଗହଣା ସହ ବହୁ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଚୋରି କରି ନେଉଥିବା ଅଭିଯୋଗ ହେଉଥିଲେ ମଧ୍ୟ ତାହା ହ୍ରାସ ପାଉନାହିଁ । ତେଣୁ ବିଭିନ୍ନ ଥାନା ଅଞ୍ଚଳରେ କଡା ପାଟ୍ରୋଲିଂ ହେବା ଜରୁରୀ ବୋଲି ମତପ୍ରକାଶ ପାଉଛି ।

## ଜନ୍ମ ଜୟନ୍ତୀରେ ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ, (ସବ୍ୟୁ):ନେତାଜୀ ସୁଭାଷ ବୋଷ ଙ୍କ ଜୟନ୍ତୀ ଅବସରରେ ଆଜି ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ବିନମ୍ର ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା ।ନେତାଜୀ ସଂଗ୍ରହାଳୟ ପରିସରରେ ଥିବା ନେତାଜୀ ଙ୍କ ପ୍ରତିମୂର୍ତ୍ତି ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ପୁଷ୍ପ ମାଲ୍ୟ ଅର୍ପଣ ସହ ସ୍ମୃତି ଚାରଣ କରିଥିଲେ ।ସେହିପରି ନେତାଜୀ ଛକ ସ୍ଥିତ ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରାଯାଇଥିଲା । ଅନ୍ୟ ମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ସର୍ବୋଦୟ ସମିତି ସଭାପତି ଉମା ବଲ୍ଲଭ ମହାପାତ୍ର, ସମ୍ପାଦକ ଶିବ ପ୍ରସାଦ ମିଶ୍ର, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା,ଡ ବିପିନାନନ୍ଦ ମିଶ୍ର,ବିଷ୍ଣୁ ଦତ୍ତ ଦାଶ, ନିଳକଣ୍ଠ ମହାରଣା, ସୁକାନ୍ତ ମୁଖୀ,ତିଳକ ରାଜ,ଇଶୁ ଶର୍ମା, ଦର୍ପଣା ଦେବୀ, ମଳୟକାନ୍ତି ଦେ ପ୍ରମୁଖ ଯୋଗ ଦେଇ ପୁଷ୍ପ ମାଲ୍ୟ ଅର୍ପଣ ଓ ସ୍ମୃତି ଚାରଣ କରିଥିଲେ ।

## "ସ୍ୱଚ୍ଛ ହିସାର, ସବୁଜ ହିସାର" ପାଇଁ
# ଜିନ୍ଦଲ ଷ୍ଟେନଲେସ୍ ଓ ହିସାର ନଗର ନିଗମର ମିଳିତ ସଫେଇ ଅଭିଯାନ

ଭୁବନେଶ୍ୱର, (ସବ୍ୟୁ): "ସ୍ୱଚ୍ଛ ହିସାର, ସବୁଜ ହିସାର" ପାଇଁ ଭାରତର ପ୍ରମୁଖ ଷ୍ଟେନଲେସ୍ ଷ୍ଟିଲ ଉତ୍ପାଦକାରୀ କମ୍ପାନୀ ଜିନ୍ଦଲ ଷ୍ଟେନଲେସ୍ ଓ ହିସାର ନଗର ନିଗମର ମିଳିତ ଉଦ୍ୟମରେ ସହରର ପ୍ରମୁଖ ସ୍ଥାନଗୁଡ଼ିକରେ ବ୍ୟାପକ ସଫେଇ ଅଭିଯାନ ଆୟୋଜିତ ହୋଇଛି । ହରିଆଣାର ମାନ୍ୟବର ବିଧାୟିକା ଶ୍ରୀମତୀ ସାବିତ୍ରୀ ଜିନ୍ଦଲ ତଥା ଓପି ଜିନ୍ଦଲ ଗ୍ରୁପର ଚେୟାରପର୍ସନ ଏମିରିଟସ୍‌ଙ୍କ ନେତୃତ୍ୱରେ ଏହି ଅଭିଯାନ ଆରମ୍ଭ ହୋଇଛି । ଏଥିରେ ପ୍ରାୟ ୩୦୦ରୁ ଉର୍ଦ୍ଧ୍ୱ ସ୍ୱେଚ୍ଛାସେବୀଙ୍କ ସମେତ ୬ଟି ସହଯୋଗୀ ଏନଜିଓ ସାମିଲ ହୋଇଥିଲେ । ହିସାରର ବିଭିନ୍ନ ପ୍ରମୁଖ ସ୍ଥାନରେ ଜାନୁଆରୀ ୧୭ ତାରିଖରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ୱଚ୍ଛ ଭାରତର ମିଶନ ତଥା ଏହି ଲକ୍ଷ୍ୟକୁ ସାଧିତ କରିବା ହେଉଛି ଏହି ଅଭିଯାନର ମୂଳ ଉଦ୍ଦେଶ୍ୟ । ସ୍ୱଚ୍ଛତା, ବର୍ଜ୍ୟବସ୍ତୁର ସୁ ପରିଚାଳନା ଏବଂ ପ୍ରତ୍ୟେକ ନାଗରିକର ପରିବେଶ ପ୍ରତି ଥିବା ଦାୟିତ୍ୱ ଦିଗରେ ସଚେତନ କରିବା ହେଉଛି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ । ଏହି ସଫେଇ ଅଭିଯାନ ସେକ୍ଟର -୧୪, ମିଲ୍ ଗେଟ୍ ଏବଂ ମଡେଲ ଟାଉନ ଭଳି ସବୁଜ କରିଡର ଅନ୍ତର୍ଭୁକ୍ତ ବିଭିନ୍ନ ପ୍ରମୁଖ ସ୍ଥାନରେ କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ସୀମା ଜିନ୍ଦଲ ଜାଜୋଡିଆ, ଉଦ୍ୟୋଗୀ ତଥା ଜିନ୍ଦଲ ହାଉସ୍ ର ମେମ୍ବର, ହିସାର ନଗର ନିଗମର ମାନ୍ୟବର



ମେୟର, ଏବଂ ହିସାର ମ୍ୟୁନିସିପାଲ କର୍ପୋରେସନର କମିଶନର ନୀରଜ ଭା.ପ୍ର.ସେ ଙ୍କ ସହିତ ଜିନ୍ଦଲ ଷ୍ଟେନଲେସ୍ ର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ବିଭାଗର ମୁଖ୍ୟ ପ୍ରିତିକା ଚାନ୍ଦ ଯୋଗ ଦେଇଥିଲେ । ସେମାନଙ୍କର ଉପସ୍ଥିତି ସ୍ଥାନୀୟ ନାଗରିକ, ନାଗରିକ ପ୍ରଶାସନ ଏବଂ ଶିଳ୍ପ କ୍ଷେତ୍ରର ଏକ ସ୍ଥାୟୀ ତଥା ସ୍ୱଚ୍ଛ ପରିବେଶ ଗଠନ ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି । ଏହି ଅବସରରେ ସାବିତ୍ରୀ ଜିନ୍ଦଲ, ମାନ୍ୟବର ବିଧାୟିକା ହରିଆଣା ଏବଂ ଓପି ଜିନ୍ଦଲ ଗ୍ରୁପର ଚେୟାରପର୍ସନ ଏମିରିଟସ୍ କହିଛନ୍ତି, "ଯେତେବେଳେ ଏକ ସମୁଦାୟ ତା'ର ପରିବେଶର ଯତ୍ନ ନେବା ପ୍ରତି ଚେଷ୍ଟା କରିଥାଏ ସେତେବେଳେ ହିଁ ପରିବର୍ତ୍ତନ ଆରମ୍ଭ ହୋଇଥାଏ । ହିସାର ସବୁବେଳେ ମୋ ହୃଦୟରେ ଅଛି ଏବଂ ଏହାର ପ୍ରତ୍ୟେକଟି ଜନସାଧାରଣଙ୍କ ଦାୟିତ୍ୱ ଓ ସେମାନଙ୍କର ମଙ୍ଗଳ ତଥା ପରିବେଶର ସୁରକ୍ଷା ମୋ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ଅଟେ । 'ସ୍ୱଚ୍ଛ ହିସାର, ସବୁଜ ହିସାର' ଅଭିଯାନ ମାଧ୍ୟମରେ ସ୍ୱଚ୍ଛ ଭାରତ ମିଶନ ର ମୂଳ ଲକ୍ଷ୍ୟକୁ ସାଧିତ କରିବା ହେଉଛି ଆମର ପ୍ରମୁଖ ଲକ୍ଷ୍ୟ ।

# ବେଦାନ୍ତ ଆଲୁମିନିୟମ ୧୮ଟି ବିଆଇଏସ୍ ପ୍ରମାଣପତ୍ର ସହିତ ଗୁଣାତ୍ମକ ନେତୃତ୍ୱକୁ ସୁଦୃଢ଼ କରିଛି

ଭୁବନେଶ୍ୱର, (ସବ୍ୟୁ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଘୋଷଣା କରିଛି ଯେ ଏହା ବିଶ୍ୱର ସର୍ବବୃହତ ଆଲୁମିନିୟମ ପ୍ଲାଣ୍ଟ ଓଡ଼ିଶାର ଝାରସୁଗୁଡା ଏବଂ ଛତିଶଗଡ଼ର କୋରବା, ଯେଉଁଠାରେ ଭାରତର ପ୍ରତୀକାତ୍ମକ ଆଲୁମିନିୟମ ଉତ୍ପାଦକ ଭାରତ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ବାଲ୍କୋ) ଅବସ୍ଥିତ, ସେଠାରେ ଏହାର ସ୍ମେଲ୍ଟର କାର୍ଯ୍ୟରେ କ୍ରମାଗତ ଭାବରେ ମୋଟ ୧୮ଟି ବିଆଇଏସ (ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍) ପ୍ରମାଣପତ୍ର ହାସଲ କରିଛି । ଏହି ପ୍ରମାଣପତ୍ରଗୁଡ଼ିକ ସମୟ ସହିତ କ୍ରମାଗତ ଭାବରେ ଅର୍ଜନ କରିଛନ୍ତି ଯାହା ଶିଳ୍ପରେ ଗୁଣବତା, ନିର୍ଭରଯୋଗ୍ୟତା ଏବଂ ନିୟାମକ ଅନୁପାଳନରେ ବେଦାନ୍ତ ଆଲୁମିନିୟମର ସ୍ଥିତିକୁ ପୁନଃନିର୍ଦ୍ଦିଷ୍ଟ କରେ । ଉପଲବ୍ଧ ବିଆଇଏସ ଗୁଣବତା ମାନଦଣ୍ଡ ଅନୁଯାୟୀ ଏହାର ବିଶାଳ ପରିସରର ଆଲୁମିନିୟମ ଉତ୍ପାଦ ପାଇଁ ପ୍ରମାଣପତ୍ର ହାସଲ କରିବାରେ ଭାରତୀୟ ଆଲୁମିନିୟମ ଶିଳ୍ପରେ ବେଦାନ୍ତ ଆଲୁମିନିୟମ



ପ୍ରଥମ ଥିଲା । ସବୁଠାରୁ ସାମ୍ପ୍ରତିକ ପ୍ରମାଣପତ୍ର ଏହାର ୟୁନିଟ୍ ବାଲକୋ ଦ୍ୱାରା ହାସଲ କରାଯାଇଛି ଏବଂ ଏହା ଆଇଏସ ୯୯୯୭:୨୦୨୩ ଅନୁଯାୟୀ ଆଲୁମିନିୟମ୍ ଆଲୟ ୱାୟାର ରଡ୍‌ଗୁଡ଼ିକୁ କଭର୍ କରେ । ଏହା ଭାରତର ପାୱାର ଗ୍ରୀଡ୍, ଅଟୋମୋଟିଭ୍ କ୍ଷେତ୍ର ଏବଂ ଉନ୍ନତ ଇଞ୍ଜିନିୟରିଂ ଆପ୍ଲିକେସନ୍ ପାଇଁ ଉଚ୍ଚ-କାର୍ଯ୍ୟକ୍ଷମ ସାମଗ୍ରୀ ଯୋଗାଣ କରିବାର ବେଦାନ୍ତ ଆଲୁମିନିୟମ୍ କ୍ଷମତାକୁ ସୁଦୃଢ଼ କରେ । ଏହି ଆଲୟ ରିଡ୍ରଅ ରଡ୍‌ଗୁଡ଼ିକୁ ଚାହିଦାପୂର୍ଣ୍ଣ ପ୍ରୟୋଗ ପାଇଁ ଇଞ୍ଜିନିୟର୍ କରାଯାଇଛି ଯେଉଁଠାରେ ଶକ୍ତି, ବାହକତା ଏବଂ ସ୍ଥାୟୀତ୍ୱ ଗୁରୁତ୍ୱପୂର୍ଣ୍ଣ । ଆଇଏସ ୯୯୯୭:୨୦୨୩ ଅନୁଯାୟୀ ପ୍ରମାଣିତ, ଏଗୁଡ଼ିକ ଓଭରହେଡ୍ ଟ୍ରାନ୍ସମିସନ୍ ଲାଇନ୍, ଅଟୋମୋଟିଭ୍ ୱାୟାରିଂ ସିଷ୍ଟମ୍ ଏବଂ ୱେଲ୍ଡିଂ ତାର ପାଇଁ ଉଦ୍ଦେଶ୍ୟମୂଳକ ଭାବରେ ନିର୍ମିତ, ଯାହା ଭାରତର ଅଭିବୃଦ୍ଧି ଏବଂ ଆଧୁନିକୀକରଣକୁ ଶକ୍ତି ପ୍ରଦାନ କରୁଥିବା ଶିଳ୍ପଗୁଡ଼ିକୁ ସମର୍ଥନ କରେ । ଏହି ସଫଳତା ଉପରେ ମତ ଦେଇ, ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି, "ଗୁଣବତା ଏବଂ ନବସୃଜନ ହେଉଛି ବେଦାନ୍ତ ଆଲୁମିନିୟମର ଅଭିବୃଦ୍ଧି ରଣନୀତିର ଯୁଗଳ ସ୍ତମ୍ଭ । ଆମର ଲକ୍ଷ୍ୟ ହେଉଛି ଆମର ପୋର୍ଟଫୋଲିଓରେ ମୂଲ୍ୟଯୁକ୍ତ ଉତ୍ପାଦର ୯୦% ଅଂଶ ହାସଲ କରିବା, ଏବଂ ଏହାକୁ ବାସ୍ତବରେ ପରିଣତ କରିବା ପାଇଁ ଆମେ କ୍ଷମତା ବିସ୍ତାର ଏବଂ ପ୍ରଯୁକ୍ତିବିଦ୍ୟା ଉନ୍ନତିରେ ଉଲ୍ଲେଖନୀୟ ନିବେଶ କରୁଛୁ । ଏହି ବିଆଇଏସ ପ୍ରମାଣପତ୍ରଗୁଡ଼ିକ ବିଶ୍ୱସନୀୟତା ଏବଂ କାର୍ଯ୍ୟଦକ୍ଷତାର ସର୍ବୋଚ୍ଚ ମାନଦଣ୍ଡ ପୂରଣ କରୁଥିବା ଉତ୍ପାଦ ପ୍ରଦାନ କରିବା ଉପରେ ଆମର ଧ୍ୟାନର ଏକ ପ୍ରମାଣ, ଯାହା ଉନ୍ନତ ଭିତିଭୂମି ଏବଂ ସ୍ଥାୟୀ ଉତ୍ପାଦନ ଦିଗରେ ଭାରତର ଯାତ୍ରାକୁ ସମର୍ଥନ କରିଛି ।" ବାଲକୋର ସିଇଓ ଏବଂ ନିର୍ଦ୍ଦେଶକ ରାଜେଶ କୁମାର କହିଛନ୍ତି, "ବାଲକୋରେ, ଆମେ ଉଚ୍ଚ-ଗୁଣବତା ଉତ୍ପାଦ ପ୍ରଦାନ କରିବାକୁ ପ୍ରତିବଦ୍ଧ ଅଟୁ ଯାହା କେବଳ ଦେଶର ପ୍ରଗତିକୁ ଆଗେଇ ନେଉନାହିଁ ବରଂ ସମସ୍ତଙ୍କ ପାଇଁ ଏକ ଦୃଢ଼ ଏବଂ ସ୍ଥାୟୀ ଭବିଷ୍ୟତ ମଧ୍ୟ ନିର୍ମାଣ କରେ । ଏହି ନୂତନ ବିଆଇଏସ ପ୍ରମାଣପତ୍ର ଗୁଣବତା ପ୍ରତି ଆମର ସାମଗ୍ରିକ ଆଭିମୁଖ୍ୟକୁ ପ୍ରତିଫଳିତ କରେ, ଯେଉଁଠାରେ କଠୋର ଯାଂଚ, ଶୃଙ୍ଖଳିତ ପ୍ରକ୍ରିୟା ଏବଂ ଉତ୍କର୍ଷତାର ଏକ ସଂସ୍କୃତି, ନିଶ୍ଚିତ କରେ ଯେ ଆମେ ପ୍ରଦାନ କରୁଥିବା ପ୍ରତ୍ୟେକ ଉତ୍ପାଦ ଭାରତ ପାଇଁ ଏକ ଦୃଢ଼, ସ୍ଥାୟୀ ଭବିଷ୍ୟତ ଗଠନରେ ଯୋଗଦାନ କରେ ।

# ଇରାନ ଉପରେ ହୋଇପାରେ ଅତର୍କିତ ଆକ୍ରମଣ

**ୱାଶିଂଟନ:** ଇରାନରେ ସରକାର ବିରୋଧୀ ଆନ୍ଦୋଳନକୁ ଦମନ କରିବା ପାଇଁ ହୋଇଥିବା ରକ୍ତାକ୍ତ ସଂଘର୍ଷ ପରେ ଏବେ ସେଠାରେ ଉତ୍ତେଜନା କମିଥିଲେ ମଧ୍ୟ ଯୁଦ୍ଧ ଆଶଙ୍କା ଟଳିନାହିଁ। ଆମେରିକା ନିଜର ଶକ୍ତି ପ୍ରଦର୍ଶନ କରି ମଧ୍ୟପ୍ରାଚ୍ୟକୁ ବହୁ ସଂଖ୍ୟାରେ ସାମରିକ ସରଞ୍ଜାମ, ବିମାନବାହୀ ଜାହାଜ ଏବଂ ଯୁଦ୍ଧବିମାନ ପଠାଇବା ପ୍ରକ୍ରିୟା ଜାରି ରଖିଥିବାରୁ ଇରାନ ଉପରେ ଯେ କୌଣସି ସମୟରେ ଅତର୍କିତ ଆକ୍ରମଣ ହୋଇପାରେ ବୋଲି ଆଶଙ୍କା କରାଯାଉଛି।

ଆମେରିକା ପ୍ରତିରକ୍ଷା ବିଭାଗ (ପେଣ୍ଟାଗନ୍) ସୂଚନା ଦେଇଛି ଯେ, ୟୁଏସ୍‌ଏସ୍ ଆବ୍ରାହମ୍ ଲିଙ୍କନ୍ କ୍ୟାରିୟର ଷ୍ଟ୍ରାଇକ୍ ଗ୍ରୁପ୍କୁ ପ୍ରଶାନ୍ତ ମହାସାଗରରୁ ହଟାଇ ମଧ୍ୟପ୍ରାଚ୍ୟ ଅଭିମୁଖେ ପଠାଯାଇଛି। ଏହା ସହିତ ଏକାଧିକ ଏଫ୍-୧୫ଇ ଯୁଦ୍ଧବିମାନ ବ୍ରିଟେନରୁ ଜୋର୍ଡାନକୁ ପଠାଯାଇଛି। ଆଗାମୀ ଦିନରେ ଏଫ୍ ୧୬ ଏବଂ ଏ-୧୦ ଆଟାକ୍ ଏୟାରକ୍ରାଫ୍ଟ ମଧ୍ୟ ଏହି ଅଞ୍ଚଳରେ ମୁତୟନ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ତେହେରାନ ଉପରେ ଆମେରିକା ଅତି ଅପ୍ରତ୍ୟାଶିତ ଢଙ୍ଗରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରେ ବୋଲି ଆଶଙ୍କା କରି ଇସ୍ରାଏଲ ମଧ୍ୟ ଯୁଦ୍ଧ ପ୍ରସ୍ତୁତି ଚଳାଇଛି। ଆମେରିକାର ଆକ୍ରମଣ ଆରମ୍ଭ ହେବାମାତ୍ରେ ଇରାନ ଇସ୍ରାଏଲକୁ ପ୍ରଥମେ ଟାର୍ଗେଟ୍ କରିବା ପ୍ରାୟ ନିଶ୍ଚିତ ଥିବାରୁ ଇସ୍ରାଏଲ ପ୍ରତିରକ୍ଷା ବାହିନୀ (ଆଇଡିଏଫ୍) ବ୍ୟାପକ ପ୍ରସ୍ତୁତି ଚଳାଇଛି।

ଦେଶର ବାୟୁସେନା ଏବଂ ଗୁପ୍ତଚର ସଂସ୍ଥାଗୁଡ଼ିକୁ ସର୍ବାଧିକ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆମେରିକାର ଇରାନ ଆକ୍ରମଣ ସ୍ଥିତିରେ ଇରାନ ସମର୍ଥିତ ହିଜବୁଲ୍ଲା ଏବଂ ଅନ୍ୟ ଗୋଷ୍ଠୀମାନେ ମଧ୍ୟ ଇସ୍ରାଏଲକୁ ଟାର୍ଗେଟ୍ କରିବେ। ଆତଙ୍କବାଦୀ ସଂଗଠନଗୁଡ଼ିକ ପକ୍ଷରୁ ଭୀଷଣ ରକେଟ୍ ମାଡ଼ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଇସ୍ରାଏଲର 'ଆଇରନ୍ ଡୋମ୍' ଏବଂ 'ଆରୋଦ କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀକୁ ସଜାଗ ରଖାଯାଇଛି। ଇସ୍ରାଏଲର ଜଣେ ବରିଷ୍ଠ ସାମରିକ ଅଧିକାରୀଙ୍କ କହିବା ଅନୁଯାୟୀ, ଆମେରିକାର କାର୍ଯ୍ୟାନୁଷ୍ଠାନ ଏତେ ଶୀଘ୍ର ହୋଇପାରେ ଯେ ହୁଏତ ପୂର୍ବରୁ ସୂଚନା ପାଇବା ପାଇଁ ଅଧିକ ସମୟ ମିଳିନପାରେ। ତେଣୁ, ଇସ୍ରାଏଲ ସରକାର ନିଜର ସମସ୍ତ ସାମରିକ ୟୁନିଟ୍କୁ କମ୍ ସମୟ ମଧ୍ୟରେ ଜବାବ ଦେବା ପାଇଁ ପ୍ରସ୍ତୁତ ରହିବାକୁ କହିଛନ୍ତି। ଇତିମଧ୍ୟରେ ଆମେରିକା ନିଜର କ୍ଷେପଣାସ୍ତ୍ର ପ୍ରତିରକ୍ଷା ପ୍ରଣାଳୀ (ଥାଡ୍ ଏବଂ ପାଟ୍ରିୟଟ)କୁ ମଧ୍ୟ ହାଇ-ଆଲର୍ଟରେ ରଖିଛି।

## ରୁଷ୍-ୟୁକ୍ରେନ୍ ଯୁଦ୍ଧ ସମାପ୍ତି ପାଇଁ ଉଦ୍ୟମ

# ଆବୁଧାବିରେ ବସିବ ତ୍ରିପାକ୍ଷିକ ବୈଠକ



**ଆବୁଧାବି:** ରୁଷ୍- ୟୁକ୍ରେନ ମଧ୍ୟରେ ପାଖାପାଖି ଚାରି ବର୍ଷ ଧରି ଚାଲିଥିବା ଯୁଦ୍ଧର ପରିସମାପ୍ତି ପାଇଁ ୟୁକ୍ରେନ, ରୁଷ୍ ଓ ଆମେରିକା ମଧ୍ୟରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହେବ। ୟୁକ୍ରେନ୍ ରାଷ୍ଟ୍ରପତି ଭୋଲଡିମିର୍ ଜେଲେନସ୍କି କହିଛନ୍ତି, ୟୁକ୍ରେନ, ରୁଷ୍ ଓ ଆମେରିକାର ଅଧିକାରୀମାନେ ପ୍ରଥମ ଥର ପାଇଁ ତ୍ରିପାକ୍ଷିକ ବୈଠକ କରିବାକୁ ଯାଉଛନ୍ତି। ଆମେରିକା ରୁଷ୍- ୟୁକ୍ରେନ ଯୁଦ୍ଧ ଶେଷ କରିବାକୁ ଚାପ ପକାଉଥିବାବେଳେ ଆବୁ ଧାବିରେ ଏନେଇ ଶୁକ୍ରବାର ଓ ଶନିବାର ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହେବ। ୟୁକ୍ରେନ ପାଇଁ ସୁରକ୍ଷା ଗ୍ୟାରେଣ୍ଟିର ସର୍ତ୍ତାବଳି ଚୂଡ଼ାନ୍ତ ହୋଇଛି। ଗୁରୁବାର ଦିନ ଡାଭୋସରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସହିତ ଆଲୋଚନା ପରେ ଜେଲେନସ୍କି କହିଛନ୍ତି ଯେ, "ୟୁକ୍ରେନ ପାଇଁ ସୁରକ୍ଷା ଗ୍ୟାରେଣ୍ଟିର ସର୍ତ୍ତାବଳି ଚୂଡ଼ାନ୍ତ ହୋଇଛି। ଯୁଦ୍ଧ ପରେ ଅର୍ଥନୈତିକ ପୁନରୁଦ୍ଧାର ପାଇଁ ଏକ ଚୁକ୍ତି ପ୍ରାୟ ପ୍ରସ୍ତୁତ ହୋଇଛି। ଏଥିରେ କିଭ୍-ସମର୍ଥିତ ପ୍ରସ୍ତାବଗୁଡ଼ିକ ଉପରେ ଗୁରୁତ୍ୱ ଦିଆଯାଇଛି। ଆମେରିକା ଦ୍ୱାରା ପୂର୍ବରୁ ପ୍ରସ୍ତୁତ ହୋଇଥିବା ପ୍ରସ୍ତାବରେ ମସ୍କୋର ଦାବି ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଆବୁ ଧାବିରେ ତ୍ରିପାକ୍ଷିକ ବୈଠକ ଅନୁଷ୍ଠିତ ହେବ ବୋଲି ଜେଲେନସ୍କି ସୂଚନା ଦେଇଥିବାବେଳେ ଏହା ଭଲ ହେବ" ବୋଲି ମଧ୍ୟ କହିଛନ୍ତି। ତେବେ ଏହି ବୈଠକ ସମ୍ପର୍କରେ ରୁଷ୍ ପକ୍ଷରୁ କୌଣସି ମନ୍ତବ୍ୟ ରଖାଯାଇନାହିଁ। ଟ୍ରମ୍ପ ଜେଲେନସ୍କିଙ୍କ ସହିତ ତାଙ୍କ ବୈଠକର ପ୍ରଶଂସା କରିଥିଲେ। ରୁଷ୍ ଦ୍ୱାରା ଆରମ୍ଭ ହୋଇଥିବା ଯୁଦ୍ଧ ବନ୍ଦ କରିବାକୁ ଆଲୋଚନା ଜାରି ରହିଛି ବୋଲି ଟ୍ରମ୍ପ କହିଥିଲେ। ଏହାପୂର୍ବରୁ ଆମେରିକା ପ୍ରତିନିଧି ଷ୍ଟିଭ ୱିଟ୍କଫ୍ କହିଥିଲେ, ରୁଷ୍-ୟୁକ୍ରେନ ଯୁଦ୍ଧ ଶେଷ କରିବାକୁ ଆଲୋଚନାରେ ଅନେକ ଅଗ୍ରଗତି ହୋଇଛି। କେବଳ ଗୋଟିଏ ଶେଷ ପ୍ରସଙ୍ଗ ଆଲୋଚନା ବାକି ରହିଛି।

## ଜାତୀୟ ଗଣତନ୍ତ୍ର ଦିବସ ସମାରୋହ

# ଓଡ଼ିଶାର ଯୁବ ଉଦ୍ଭାବକଙ୍କୁ ସ୍ୱତନ୍ତ୍ର ଆମନ୍ତ୍ରଣ

**ନୂଆଦିଲ୍ଲୀ:** ଓଡ଼ିଶା ପାଇଁ ଗର୍ବର ବିଷୟ । ବଲାଙ୍ଗୀର ଏବଂ ଖୋର୍ଦ୍ଧା ଜିଲ୍ଲାର ଚାରି ଜଣ ସ୍କୁଲ ଛାତ୍ରଛାତ୍ରୀ ଏବଂ ଦୁଇ ଜଣ ଶିକ୍ଷକଙ୍କୁ ନୂଆଦିଲ୍ଲୀର କର୍ତ୍ତବ୍ୟ ପଥରେ ୭୭ତମ ଗଣତନ୍ତ୍ର ଦିବସ ସମାରୋହ ଦେଖିବା ପାଇଁ ସ୍ୱତନ୍ତ୍ର ଅତିଥି ଭାବରେ ନିମନ୍ତ୍ରଣ କରାଯାଇଛି । ଭାରତ ସରକାରଙ୍କ ନୀତି ଆୟୋଗର ଅଟଳ ଇନୋଭେସନ୍ ମିଶନର ଅଟଳ ଟିଙ୍କରିଂ ଲ୍ୟାବ୍ସ (ଏଟିଏଲ) ପ୍ରୟାସରେ ସେମାନଙ୍କର ଉଦ୍ଭାବନ ଏବଂ ସମ୍ପୃକ୍ତିକୁ ସ୍ୱୀକୃତି ଦେଇ ଏଠାକୁ ସେମାନଙ୍କୁ ନିମନ୍ତ୍ରିତ କରାଯାଇଛି । ଅଟଳ ଇନୋଭେସନ ମିଶନ ଦ୍ୱାରା ସମର୍ଥିତ ଏକ ଇନକ୍ୟୁବେଟର, ଏଆଇସି-ନାଳନ୍ଦା ଦ୍ୱାରା ଏହି ଏଟିଏଲ ଏବଂ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ ଦିଆଯାଉଛି ।ଭୁବନେଶ୍ୱରର ଆଇଆରସି ଭିଲେଜର ପିଏମ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ସାଇ ସିଦ୍ଧାର୍ଥ ସ୍ୱାଇଁ ଏବଂ ଜଗତ ଜ୍ୟୋତି ମହାପାତ୍ର ଏକ ନିରୀକ୍ଷଣ ରୋବୋଟ୍ ଉଦ୍ଭାବନ କରୁଛନ୍ତି ଯାହାର ପ୍ରତିରକ୍ଷା କ୍ଷେତ୍ର, ଖଣି କ୍ଷେତ୍ର ଏବଂ ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ପ୍ରୟୋଗ ରହିଛି ।ବଲାଙ୍ଗିରର ପଥରଚେପାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ସ୍ୱସ୍ତିକ ଶ୍ରେୟାଂସ ମେହେର ଏବଂ ବିମଳେନ୍ଦ୍ର ବର୍ଷା ରଉରେ, ବିଶେଷକରି ସହରାଞ୍ଚଳରେ ଜଳବନ୍ଦୀ ରୋକିବା ପାଇଁ ଏକ ସ୍ମାର୍ଟ ଡ୍ରେନେଜ୍ ଜଳ ପରିଚାଳନା ପ୍ରଣାଳୀ ଉପରେ କାମ କରୁଛନ୍ତି । ଏହି ବିଶେଷ ନିମନ୍ତ୍ରଣ ଅଟଳ ଇନୋଭେସନ୍ ମିଶନ (ଏଆଇଏମ) ର ବିଦ୍ୟାଳୟଗୁଡ଼ିକରେ ନବସୃଜନ-ଚାଳିତ ଶିକ୍ଷାକୁ ପ୍ରୋତ୍ସାହିତ କରିବା, ଛାତ୍ରଛାତ୍ରୀମାନଙ୍କୁ ଛୋଟ ବୟସରୁ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଏବଂ ଡିଜାଇନ ଚିନ୍ତାଧାରାର ସହ ହାତପାହାନ୍ତାରେ ସଶକ୍ତ କରିବା ପାଇଁ ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି । ପ୍ରତିନିଧିମଣ୍ଡଳୀରେ ଏଆଇସି-ନାଳନ୍ଦାର ସିଇଓ ଦୁର୍ଗା ପ୍ରସାଦ ଏବଂ ଏଆଇସି-ନାଳନ୍ଦା ସିଆଇଓ ମାନସ କୁମାର ସାମନ୍ତରାୟଙ୍କ ସହିତ ଏଟିଏଲଏସର ଦାୟିତ୍ୱରେ ଥିବା ଫ୍ୟାକଲଟି-ଇନ୍-ଚାର୍ଜ, ଶ୍ରୀ ମନୋଜ କୁମାର ପ୍ରଧାନ ଏବଂ ସୀମାଂଚଳ ସାହୁ ପ୍ରମୁଖ ସାମିଲ ଅଛନ୍ତି ।

# ଧର୍ମଘଟକୁ ଓହ୍ଲାଇବେ ବ୍ୟାଙ୍କ କର୍ମଚାରୀ

**ନୂଆଦିଲ୍ଲୀ:** ବ୍ୟାଙ୍କ ବନ୍ଦ ନେଇ ଆସିଛି ଏକ ବଡ଼ ଖବର । ଆସନ୍ତା ୨୭ ତାରିଖରେ ସାରା ଦେଶରେ ବନ୍ଦ ରହିପାରେ ସମସ୍ତ ବ୍ୟାଙ୍କ୍ । ଯଦି ଆପଣଙ୍କର କୌଣସି ଜରୁରୀ ବ୍ୟାଙ୍କ କାର୍ଯ୍ୟ ବାକି ରହିଯାଇଛି ତେବେ ତୁରନ୍ତ ସମାପ୍ତ କରିନିଅନ୍ତୁ । ନଚେତ୍ ସମସ୍ୟା ଭୋଗିପାରନ୍ତି । ସୂଚନା ଅନୁଯାୟୀ, ଆସନ୍ତା ୨୭ ତାରିଖ ଅର୍ଥାତ୍ ଆସନ୍ତା ମଙ୍ଗଳବାର ଦେଶରେ ବନ୍ଦ ରହିବ ସମସ୍ତ ବ୍ୟାଙ୍କ । ପାଖାପାଖି ୮ ଲକ୍ଷ ବ୍ୟାଙ୍କ କର୍ମଚାରୀ ଓ ଅଧିକାରୀ ଆନ୍ଦୋଳନକୁ ଓହ୍ଲାଇବେ । ବ୍ୟାଙ୍କ କର୍ମଚାରୀମାନେ ପାଞ୍ଚ ଦିନିଆ କାର୍ଯ୍ୟ ସପ୍ତାହ ଦାବି କରି ପ୍ରତିବାଦ କରୁଛନ୍ତି । ଏହି ଆନ୍ଦୋଳନରେ ସରକାରୀ, ବେସରକାରୀ, ବିଦେଶୀ, ଗ୍ରାମୀଣ ଏବଂ ସମବାୟ ବ୍ୟାଙ୍କ ଅନ୍ତର୍ଭୁକ୍ତ ହେବେ ।

ବ୍ୟାଙ୍କ କର୍ମଚାରୀଙ୍କ ଧର୍ମଘଟ ସପ୍ତାହକୁ ପାଞ୍ଚ ଦିନିଆ କାର୍ଯ୍ୟ କରିବା ଦାବିରେ ଚାଲିଛି, ଯାହା ଦୀର୍ଘ ଦିନ ଧରି ଆଲୋଚନାର ବିଷୟ ପାଲଟିଛି । ଭାରତୀୟ ବ୍ୟାଙ୍କ ସଂଘର ଏହି ପ୍ରସ୍ତାବ ଗତ ଦୁଇ ବର୍ଷ ଧରି ସରକାରଙ୍କ ନିକଟରେ ବିଚାରାଧୀନ ରହିଛି, କିନ୍ତୁ କୌଣସି ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ ।


ତେବେ ଏହି ପ୍ରସ୍ତାବରେ ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ଦୈନିକ ୪୦ ମିନିଟ୍ କାର୍ଯ୍ୟ ସମୟ ବଢ଼ାଇବା ଏବଂ ସମସ୍ତ ଶନିବାରକୁ ଛୁଟି ଘୋଷଣା କରିବାକୁ କୁହାଯାଇଛି । ଏହି ଦାବିଗୁଡ଼ିକୁ ପୂରଣ କରିବା ଦାବିରେ, ବ୍ୟାଙ୍କ ୟୁନିଅନଗୁଡ଼ିକ ଜାନୁଆରୀ ୨୭ ତାରିଖରେ ଦେଶବ୍ୟାପୀ ଧର୍ମଘଟ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

# ଆଜି ପ୍ରଧାନମନ୍ତ୍ରୀ ବାଣ୍ଟିବେ ୬୧ ହଜାର ନିଯୁକ୍ତିପତ୍ର




**ନୂଆଦିଲ୍ଲୀ:** ଶନିବାର ୬୧ ହଜାରରୁ ଅଧିକ ନବ ନିଯୁକ୍ତ ଯୁବକ ଯୁବତୀଙ୍କୁ ନିଯୁକ୍ତିପତ୍ର ବାଣ୍ଟିବେ ପ୍ରଧାନମନ୍ତ୍ରୀ । ପୂର୍ବାହ୍ନ ୧୧ଟା ସମୟରେ ଭିଡିଓ କନଫରେନ୍ସ ମାଧ୍ୟମରେ ୧୮ ତମ ରୋଜଗାର ମେଳାରେ, ବିଭିନ୍ନ ସରକାରୀ ବିଭାଗ ଓ ସଂଗଠନରେ ନୂତନ ଭାବେ ନିଯୁକ୍ତି ପାଇଥିବା ଯୁବକଯୁବତୀମାନଙ୍କୁ ଏହି ନିଯୁକ୍ତି ପତ୍ର ବଣ୍ଟନ କରାଯିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ନିଯୁକ୍ତି ପାଇଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ସମ୍ବୋଧିତ କରିବେ । ଦେଶର ୪୫ଟି ସ୍ଥାନରେ ଏହି ରୋଜଗାର ମେଳା ଅନୁଷ୍ଠିତ ହେବ । ନିଯୁକ୍ତି ସୁଯୋଗ ସୃଷ୍ଟି କରିବାକୁ ସର୍ବୋଚ୍ଚ ପ୍ରାଥମିକତା ଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା ଅନୁଯାୟୀ, "ରୋଜଗାର ମେଳା' ଦୂରଦୃଷ୍ଟିକୁ କାର୍ଯ୍ୟକାରୀ କରିବା ଦିଗରେ ଏକ ପ୍ରମୁଖ ପଦକ୍ଷେପ । ସମଗ୍ର ଦେଶରେ ବିଭିନ୍ନ ସମୟରେ ଆୟୋଜିତ ରୋଜଗାର ମେଳା ମାଧ୍ୟମରେ ସରକାର ୧୧ ଲକ୍ଷରୁ ଅଧିକ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି । ବିଭିନ୍ନ ପ୍ରାନ୍ତରୁ ମନୋନୀତ ଏହି ନୂତନ କର୍ମଚାରୀମାନେ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଆର୍ଥିକ ସେବା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ସମେତ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ଟ୍ରମ୍ପଙ୍କ ମିଛ ଧରାଇଦେଲା ଇରାନ




**ତେହେରାନ:** ବିଶ୍ୱ ଦରବାରରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମୁଖା ପୁଣି ଥରେ ଖୋଲିଛି। ଆମେରିକାର ୧ ନମ୍ବର ନାଗରିକଙ୍କ ମୁହଁଫୁଟାଣି ଭାଙ୍ଗିଛି। ଇରାନକୁ ନେଇ ଟ୍ରମ୍ପ ଯେଉଁ ଦାବି କରିଛନ୍ତି ତାହା ମିଥ୍ୟା ବୋଲି ଜଣାଯାଇଛି। ଟ୍ରମ୍ପଙ୍କ ଦାବିକୁ ଇରାନ ମିଛ ବୋଲି କହିଛି। ଏଥି ସହିତ ଡୋନାଲ୍ଡ ଟ୍ରମ୍ପଙ୍କ ଦାବିକୁ ଇରାନ ପ୍ରତ୍ୟାଖ୍ୟାନ କରିଛି। ଟ୍ରମ୍ପ ଦାବି କରିଥିଲେ ଯେ ତାଙ୍କର ଗୋଟିଏ ଦସ୍ତଖତ ତେହେରାନରେ ୮୦୦ରୁ ଅଧିକ କଏଦୀଙ୍କ ମୃତ୍ୟୁଦଣ୍ଡକୁ ରୋକି ଦେଇଥିଲା। ଟ୍ରମ୍ପଙ୍କ ଏହି ଦାବି ପରେ ଇରାନ ପ୍ରତିକ୍ରିୟା ରଖିଛି। ଇରାନର ନ୍ୟାୟପାଳିକା ଟ୍ରମ୍ପଙ୍କ ଏହି ବୟାନକୁ 'ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଭ୍ରମିତ କଲାଭଳି ମନ୍ତବ୍ୟଦ ବୋଲି କହିଛି। ଇରାନ କହିଛି ଯେ, ଏପରି କିଛି ଘଟିନାହିଁ। ଇରାନର ସର୍ବୋଚ୍ଚ ପବ୍ଲିକ ପ୍ରସିକ୍ୟୁଟର କହିଛନ୍ତି, ଟ୍ରମ୍ପଙ୍କ ଦାବି ଯେ ତେହେରାନ ୮୦୦ ପ୍ରତିବାଦକାରୀ କଏଦୀଙ୍କ ମୃତ୍ୟୁଦଣ୍ଡକୁ ରୋକିଦେଇଛି। କିନ୍ତୁ ଟ୍ରମ୍ପଙ୍କ ଏହି ବୟାନ 'ସମ୍ପୂର୍ଣ୍ଣ ମିଥ୍ୟାଦ। ଏପରି କୌଣସି ସଂଖ୍ୟା ନାହିଁ ଏବଂ ନ୍ୟାୟପାଳିକା ଦ୍ୱାରା ଏପରି କୌଣସି ନିଷ୍ପତ୍ତି ନିଆଯାଇନାହିଁ। ୮୦୦ ଲୋକଙ୍କୁ ଫାଶୀ ଦେବା ନେଇ କୌଣସି ନିଷ୍ପତ୍ତି ହୋଇନାହିଁ।

# ଆମାଜନରୁ ଛଟେଇ ହେବେ ୧୪ ହଜାର



**ନୂଆଦିଲ୍ଲୀ:** ବିଶ୍ୱର ଅଗ୍ରଣୀ ଇ-କମର୍ସ କମ୍ପାନି ଆମାଜନ ଆଉ ଏକ ପର୍ଯ୍ୟାୟ ଛଟେଇ କରିବାକୁ ପ୍ରସ୍ତୁତ ହେଉଛି। ଗତବର୍ଷ ଅକ୍ଟୋବରରେ କମ୍ପାନି ୧୪ ହଜାର କର୍ମଚାରୀ ଛଟେଇ କରିଥିଲା। ଏଥର ମଧ୍ୟ ସମାନ ପରିମାଣର କିମ୍ବା ତାଦଠାରୁ ଅଧିକ କର୍ମଚାରୀଙ୍କୁ ବିଦା କରିବ। ପୂର୍ବ ଥର ବରିଷ୍ଠ ସ୍ତରରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଛଟେଇ ଦ୍ୱାରା ପ୍ରଭାବିତ ହୋଇଥିଲେ। ଏଥର ମଧ୍ୟ ସେହିଭଳି ହେବ। ଆସନ୍ତା ସପ୍ତାହରୁ ହେବାକୁ ଯାଉଥିବା ଛଟେଇ ଦ୍ୱାରା ଆମାଜନ ୱେବ୍ ସର୍ଭିସେସ୍, ରିଟେଲ ପରିଚାଳନା, ପ୍ରାଇମ୍ ଭିଡିଓ ଓ ମାନବ ସମ୍ବଳ ବିଭାଗର କର୍ମଚାରୀମାନେ ପ୍ରଭାବିତ ହେବା ଆଶଙ୍କା ରହିଛି। କମ୍ପାନିର ସିଇଓ ଆଣ୍ଡି ଜାସି ପୂର୍ବ ଛଟେଇ ବେଳେ କହିଥିଲେ ଯେ ଆର୍ଥିକ କାରଣ କିମ୍ବା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ପ୍ରଭାବ ଲାଗି ଛଟେଇ କରାଯାଇନାହିଁ। କମ୍ପାନିର ସଂସ୍କୃତିକୁ ବିଚାରକୁ ନେଇ ପଦକ୍ଷେପ ନିଆଯାଇଛି। କିନ୍ତୁ ଯେହେତୁ କମ୍ପାନି ଏଆଇକୁ ଇଣ୍ଟରନେଟ୍ ଆରମ୍ଭ ହେବା ପରବର୍ତ୍ତୀ ସମୟର ସବୁଠୁ ବଡ଼ ବିପ୍ଳବ ଭାବେ ବର୍ଣ୍ଣନା କରୁଛି, ତେଣୁ ଛଟେଇ ପଛରେ ଏଆଇର ପ୍ରଭାବକୁ ଅସ୍ୱୀକାର କରାଯାଇପାରିବ ନାହିଁ। ସିଇଓ ଜାସି କିନ୍ତୁ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଯେ ଏକାଧିକ ପ୍ରବନ୍ଧକ ନ ରଖି ଏକ ଷ୍ଟାର୍ଟଅପ୍ ଭଳି ଦ୍ରୁତ ଗତିରେ କାର୍ଯ୍ୟ କରିବା ପାଇଁ କମ୍ପାନି ସେହି ସ୍ତରଗୁଡ଼ିକୁ ହଟାଇ ଦେଉଛି। କମ୍ପାନି ଭଲ ପ୍ରଦର୍ଶନ କରୁଥିବା ବେଳେ କାହିଁକି ଛଟେଇ ହେଉଛି ବୋଲି ଲୋକଙ୍କ ମନରେ ରହିଥିବା ପ୍ରଶ୍ନର ଉତ୍ତର ଦେଇ କମ୍ପାନିର ବରିଷ୍ଠ ଉପସଭାପତି ବେଥ୍ ଗାଲେଟି କହିଥିଲେ ଯେ ପ୍ରତିଯୋଗିତାରେ ତିଷ୍ଠି ରହିବା ପାଇଁ ଅଧିକ ସଂଗଠିତ, ଅଳ୍ପ ସ୍ତର ଓ ଅଧିକ ମାଲିକାନା ରହିବା ଦରକାର। ସେଥିପାଇଁ କର୍ମଚାରୀ ସଂଖ୍ୟା କମ୍ କରାଯାଉଛି। ଗତବର୍ଷ ଅକ୍ଟୋବରରେ ଛଟେଇ କରାଯାଇଥିବା କର୍ମଚାରୀମାନଙ୍କୁ ଅନ୍ୟ ବିକଳ୍ପ ଖୋଜିବାକୁ ତିନି ମାସ ସମୟ ଦିଆଯାଇଥିଲା। ଏଥର ପ୍ରଭାବିତ ହେବାକୁ ଥିବା କର୍ମଚାରୀମାନଙ୍କୁ ମଧ୍ୟ ସମାନ ଧରଣର ବିକଳ୍ପ ପ୍ରଦାନ କରାଯିବ।

# ସୁପ୍ରିମକୋର୍ଟ ଗେଟ୍ ଦେଇ ଗଡ଼ିବ ମେଟ୍ରୋ ଟ୍ରେନ !



**ନୂଆଦିଲ୍ଲୀ:** ଖୁବଶୀଘ୍ର ବଦଳିବାକୁ ଯାଉଛି ସୁପ୍ରିମକୋର୍ଟର ରୂପରେଖ। ଏଣିକି ଓକିଲ ଓ ମହକିଲମାନଙ୍କୁ କୋର୍ଟରେ ପହଞ୍ଚିବା ପାଇଁ ଦିଲ୍ଲୀର ଗରମ, ଥଣ୍ଡା କି ବର୍ଷାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। କାହିଁକି ନା ଆଗାମୀ ଦିନରେ ସୁପ୍ରିମକୋର୍ଟ ପରିସର ଦେଇ ମେଟ୍ରୋ ଲାଇନ୍ ସହ ସଂଯୋଗ ହେବ, ଯାହା ପ୍ରତିଦିନ ଆସୁଥିବା ହଜାର ହଜାର ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ। ଏନେଇ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏକ ଭବିଷ୍ୟତ ଭିତ୍ତିଭୂମିର ଯୋଜନା ପାଇଁ ପ୍ରସ୍ତାବ ଦେଇପାରନ୍ତି। ସୁପ୍ରିମକୋର୍ଟ ପାଇଁ ଏକ ମେଟ୍ରୋ ଲାଇନର ପ୍ରସ୍ତାବ ଦିଆଯାଇଛି। ଏହି ମେଟ୍ରୋ ଲାଇନ ସିଧାସଳଖ କୋର୍ଟ ପରିସର ଦେଇ ଗତି କରିବ। ପ୍ରଧାନ ବିଚାରପତି କହିଛନ୍ତି, ଆଇନ ସଚିବ ନିଜେ ପ୍ରକଳ୍ପର ତଦାରଖ କରୁଛନ୍ତି। ଏଥିପାଇଁ ସରକାରଙ୍କ ପାଖରେ ବଜେଟର କୌଣସି ଅଭାବ ନାହିଁ। କାମ ଦ୍ରୁତ ଗତିରେ ଚାଲିଛି।


ସିଜେଆଇ କହିଛନ୍ତି, ଦେଶରେ ପାଣିପାଗ ସ୍ଥିତି ଦିନକୁ ଦିନ ବିଗୁଡୁଛି। ଏହି ପରିସ୍ଥିତିରେ ଘରୁ ବାହାରି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଲୋକଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହୋଇଯାଉଛି। ଖରା ଏବଂ ବର୍ଷା ଦିନରେ କୋର୍ଟ ପହଞ୍ଚିବା ଲୋକଙ୍କ ପାଇଁ କାଠିକର ପାଠ ହେଉଛି। ତେଣୁ ଏହି ସମସ୍ୟାକୁ ଦୂର କରିବା ପାଇଁ ମେଟ୍ରୋ କନେକ୍ଟିଭିଟିର ପ୍ରସ୍ତାବ ଦିଆଯାଇଛି। ସୁପ୍ରିମକୋର୍ଟଙ୍କ ଏହି ଯୋଜନାକୁ ମେଟ୍ରୋ ପ୍ରଶାସନ ପୁରା ସହଯୋଗ କରିଛନ୍ତି। ଯଦି ଏହି ମେଟ୍ରୋ ଲାଇନ୍ ନିର୍ମାଣ ହେଉଛି, ତେବେ ବିନା କୌଣସି ଅସୁବିଧାରେ ଲୋକେ ସିଧା କୋର୍ଟରେ ପହଞ୍ଚିପାରିବେ। ଏହାଦ୍ୱାରା କେବଳଯେ ସମସ୍ତଙ୍କ ମୂଲ୍ୟବାନ ସମୟ ବଞ୍ଚିବ ତାନୁହେଁ ଲୋକଙ୍କ ଥକ୍କାପଣ ବି ଦୂର ହୋଇପାରିବ।

# ଜେଲରେ ପ୍ରେମ: ବିବାହ ପାଇଁ ହାଇକୋର୍ଟରୁ ମିଳିଲା ପାରୋଲ



**ଅଲୱାର:** ଜେଲରେ ପ୍ରେମ ଓ ବିବାହ ପାଇଁ ପାରୋଲରେ ଆସିବା ପରି ଏକ କାହାଣୀ ରାଜସ୍ଥାନରେ ଏବେ ଚର୍ଚ୍ଚାର ବିଷୟ ହୋଇଛି। କୌଣସି ଚଳଚ୍ଚିତ୍ରର କାହାଣୀ ପରି ମନେ ହେଉଥିଲେ ମଧ୍ୟ ପ୍ରିୟା ସେଠ୍ ଓରଫ ନେହା ସେଠ ଓ ହନୁମାନ ପ୍ରସାଦଙ୍କୁ ସେମାନଙ୍କ ବାହାଘର ପାଇଁ ରାଜସ୍ଥାନ ହାଇକୋର୍ଟରୁ ୧୫ ଦିନିଆ ଜରୁରୀକାଳୀନ ପାରେଲ ମିଳିଛି। ପ୍ରିୟା ଜଣେ ମଡେଲ। ଏକ ଡେଟିଂ ଆପ୍ରେ ସେ ଭେଟିଥିବା ଦୁଷ୍ୟନ୍ତ ଶର୍ମା ନାମକ ଜଣେ ଯୁବକଙ୍କୁ ହତ୍ୟା କରିବା ଅପରାଧରେ ସାଙ୍ଗାନେର୍ ମୁକ୍ତାକାଶ ଜେଲରେ ସଜା କାଟୁଛନ୍ତି। ପ୍ରିୟା ତାଙ୍କ ବୟଫ୍ରେଣ୍ଡ ଦିକ୍ଷାନ୍ତ କାମରା ଓ ଅନ୍ୟ ଜଣେ ଲୋକ ସହିତ ମିଶି ୨୦୧୮ ମସିହାରେ ଦୁଷ୍ୟନ୍ତ ଶର୍ମାଙ୍କୁ ହତ୍ୟା କରିଥିଲେ। ଏହି ହତ୍ୟାକାଣ୍ଡ ପାଇଁ ପ୍ରିୟା ଏବେ ସାଙ୍ଗାନେର୍ ମୁକ୍ତାକାଶ ଜେଲରେ ଅଛନ୍ତି। ଛଅ ମାସ ତଳେ ସେ ଜେଲରେ ହନୁମାନ ପ୍ରସାଦଙ୍କୁ ଭେଟିଥିଲେ। ହନୁମାନ ପ୍ରସାଦ ୫ ଜଣ ଲୋକଙ୍କୁ ହତ୍ୟା କରିବା ଅପରାଧରେ ଜେଲ ଦଣ୍ଡାଦେଶ ଭୋଗୁଛନ୍ତି। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସୂଚନାଯୋଗ୍ୟ, ହନୁମାନ ପ୍ରସାଦ ତାଙ୍କଠାରୁ ୧୦ ବର୍ଷ ବଡ଼ ଗର୍ଲଫ୍ରେଣ୍ଡର ସ୍ୱାମୀ ଓ ପିଲାଙ୍କୁ ଅତି ବର୍ବରତା ସହିତ ହତ୍ୟା କରିଥିଲେ। ଅଲୱାରର ଜଣେ ତାଇକୋଣ୍ଡୋ ଖେଳାଳି ସନ୍ତୋଷ ୨୦୧୭ ମସିହା ଅକ୍ଟୋବର ୨ ରାତିରେ ହନୁମାନ ପ୍ରସାଦଙ୍କୁ ତାଙ୍କ ସ୍ୱାମୀ ଓ ପିଲାଙ୍କୁ ହତ୍ୟା କରିବାକୁ ଡାକିଥିଲେ। ପଶୁଙ୍କୁ ହତ୍ୟା କରିବାକୁ ବ୍ୟବହାର ହେଉଥିବା ଛୁରିରେ ହନୁମାନ ପ୍ରସାଦ ୪ ଜଣ ଶିଶୁଙ୍କ ସମେତ ୫ ଜଣଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିଲେ। ଏହି ହତ୍ୟାକାଣ୍ଡ ସେତେବେଳେ ଅଲୱାରରେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା।ଏହି ହତ୍ୟାକାଣ୍ଡ ଏବେ ପ୍ରିୟା ଓ ହନୁମାନ ପ୍ରସାଦଙ୍କୁ ଏକାଠି କରିଛି। ରାଜସ୍ଥାନ ହାଇକୋର୍ଟରୁ ପାରୋଲ ମିଳିବା ପରେ ପ୍ରିୟା ଓ ହନୁମାନ ପ୍ରସାଦ ଅଲୱାରର ବରୋଦାମେଡରେ ଶୁକ୍ରବାର ବିବାହ କରିବେ।

# ଚଳଚ୍ଚିତ୍ର ଶତକ ଟ୍ରେଲରର ଶୁଭାରମ୍ଭ




**ମୁମ୍ବାଇ :** ଭାରତର ସବୁଠାରୁ ଅଧିକ ଚର୍ଚ୍ଚିତ ଓ ଆଲୋଚନାର କେନ୍ଦ୍ରବିନ୍ଦୁରେ ଥିବା ଆରଏସଏସ ଉପରେ ଆଧାରିତ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର "ଶତକ: ସଂଘର ୧୦୦ ବର୍ଷ'ର ଟ୍ରେଲର ଆଜି ମୁମ୍ବାଇରେ ଭବ୍ୟ ଭାବରେ ଶୁଭାରମ୍ଭ କରାଯାଇଛି ।ଏହି ଟ୍ରେଲରକୁ ସଂଘର ବରିଷ୍ଠ ପ୍ରଚାରକ ଏବଂ ଅଖିଳ ଭାରତୀୟ କାର୍ଯ୍ୟକାରୀ ମଣ୍ଡଳର ସଦସ୍ୟ ଡା. ମନମୋହନ ଜୀ ବୈଦ୍ୟ ବିଭିନ୍ନ ବିଶିଷ୍ଟ ଅତିଥିମାନଙ୍କ ଉପସ୍ଥିତିରେ ଶୁଭାରମ୍ଭ କରିଛନ୍ତି । ଶାନଦାର ଦୃଶ୍ୟ, ପ୍ରଭାବଶାଳୀ ସଙ୍ଗୀତ ଓ ସଶକ୍ତ କାହାଣୀ ସହିତ "ଶତକ' ଭାରତୀୟ ସିନେମାରେ ଏକ ଏମିତି ବିଷୟ ନେଇ ଆସୁଛି, ଯାହା ଉପରେ ଏପର୍ଯ୍ୟନ୍ତ ଅତି କମ୍ ଚଳଚ୍ଚିତ୍ର ତିଆରି ହୋଇଛି ।ଅନିଲ ଡି. ଅଗ୍ରଓ୍ୱାଲଙ୍କ ପରିକଳ୍ପନା ଉପରେ ଆଧାରିତ ଏବଂ ଆଶୀଷ ମଲ୍ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ର ଆସନ୍ତା ମାସ ୧୯ ତାରିଖରେ ସିନେମା ହଲଗୁଡ଼ିକରେ ମୁକ୍ତିଲାଭ କରିବ । ଚଳଚ୍ଚିତ୍ରର ପରିକଳ୍ପନା ଓ ତାହାର ପଛର ଚିନ୍ତାଧାରା ବିଷୟରେ ବ୍ୟକ୍ତ କରି ଡା. ମନମୋହନ ଜୀ ବୈଦ୍ୟ କହିଛନ୍ତି, ଏହା ଅତ୍ୟନ୍ତ ଆନନ୍ଦର କଥା ଯେ ଚଳଚ୍ଚିତ୍ର "ଶତକ' ମାଧ୍ୟମରେ ସଂଘ ସହିତ ସଂପୃକ୍ତ ସୂଚନା ଏତେ ପ୍ରଭାବଶାଳୀ ମାଧ୍ୟମରେ ସମାଜ ପର୍ଯ୍ୟନ୍ତ ପହଞ୍ଚିବ । ସେହିଭଳି ନିର୍ଦ୍ଦେଶକ ଆଶୀଷ ମଲ୍ ତାଙ୍କ ଅନୁଭବ ବାଣ୍ଟି କହିଛନ୍ତି, ଏହି ଚଳଚ୍ଚିତ୍ର ମୋ ପାଇଁ ଅତ୍ୟନ୍ତ ବ୍ୟକ୍ତିଗତ । ମୋର ବିଶ୍ୱାସ, କିଛି କାହାଣୀ ଆପଣଙ୍କୁ ନିଜେ ଚୟନ କରେ, ଏବଂ "ଶତକ' ମୋତେ ଚୟନ କରିଛି । ୨୦୨୫ରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ତାହାର ୧୦୦ ବର୍ଷ ପୂର୍ତ୍ତି କରିଛି , ଯାହା ଭାରତର ସାମାଜିକ, ସାଂସ୍କୃତିକ ଓ ବିଚାରଧାରାମୂଳକ ପରିଦୃଶ୍ୟକୁ ଗଭୀର ଭାବରେ ପ୍ରଭାବିତ କରିଛି । "ଶତକ' ଏହି ଐତିହାସିକ ପୃଷ୍ଠଭୂମିରେ ଦଣ୍ଡାୟମାନ ହୋଇ କେବଳ ଧାରଣା ଆଧାରିତ ଚର୍ଚ୍ଚାକୁ ଅତିକ୍ରମ କରି ଇତିହାସ, ବିଚାର ଓ ସଂଗଠନାତ୍ମକ ବିକାଶର ଏକ ସନ୍ତୁଳିତ ଏବଂ ଗଭୀର ଦୃଷ୍ଟିକୋଣ ପ୍ରସ୍ତୁତ କରିବାର ଚେଷ୍ଟା କରୁଛି ।

# ତାମିଲନାଡୁ ଇନିଂସ ଅଗ୍ରଣୀ

## ରଣଜୀ ଟ୍ରଫି



ଭୁବନେଶ୍ୱର,୨୩।୧(ସବ୍ୟୁ): କିଟ୍ ଷ୍ଟାଡିୟମରେ ଚାଲିଥିବା ରଣଜୀ ଟ୍ରଫି ଷଷ୍ଠ ପର୍ଯ୍ୟାୟ ଏଲ୍ଟ ଗ୍ରୁପ୍ ଏ'ର ଏକ ମ୍ୟାଚରେ ତାମିଲନାଡୁ ଘରୋଇ ଓଡ଼ିଶା ବିପକ୍ଷରେ ଇନିଂସ ଅଗ୍ରଣୀ ହାସଲ କରି ୩ ପଏଣ୍ଟ ନିଶ୍ଚିତ କରିଛି । ପ୍ରଥମ ଦିନ ଉଭୟ ଦଳ ସମ୍ମାନ ବାଣ୍ଟିଥିଲେ । କିନ୍ତୁ ଦ୍ୱିତୀୟ ଦିନ ୧୪ ୱିକେଟ୍ ଝଡିଛି । ତାମିଲନାଡୁ ଓଡ଼ିଶା ଉପରେ ଭାରି ପଡିଛି । ତାମିଲନାଡୁ ଦଳ ପ୍ରଥମ ଇନିଂସରେ ୨୮୬ ରନ୍ କରି ଅଲଆଉଟ୍ ହୋଇଥିଲା । ଓଡ଼ିଶା ପ୍ରଥମ ପାଳିରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୫୧.୨ ଓଭରରେ ୧୪୮ ରନ୍ କରି ଅଲଆଉଟ୍ ହୋଇଥିଲା । ଅନୀଲ ପରିଡା ୫୬ ରନର ଇନିଂସ ଖେଳିଥିଲେ । ଦ୍ୱିତୀୟ ଦିବସ ଷ୍ଟମ୍ପଅପସାରଣ ବେଳକୁ ତାମିଲନାଡୁ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରି ୧୭ ଓଭରରେ ଗୋଟିଏ ୱିକେଟ୍ ହରାଇ ୨୬ ରନ୍ କରିଛି । ତେଣୁ ଦଳ ୧୬୪ ରନର ମହତ୍ତ୍ୱପୂର୍ଣ୍ଣ ଅଗ୍ରଣୀ ହାସଲ କରିଛି ।

ପ୍ରଥମ ଦିନର ଅସମାପ୍ତ ଇନିଂସ ୨୮୧/୭ରୁ ତାମିଲନାଡୁ ଖେଳ ଆରମ୍ଭ କରିଥିଲା । ନିଧିସ ରାଜଗୋପାଲ ତଥା ଅଧିନାୟକ ସାଇ କିଶୋର ଓ ଅନ୍ୟ ବ୍ୟାଟର ଦଳୀୟ ସ୍କୋରରେ ମାତ୍ର ୫ ରନ୍ ଯୋଡିବାକୁ ସକ୍ଷମ ହୋଇଥିଲେ । ଓଡ଼ିଶାର ରାଜେଶ ମହାନ୍ତି, ଦେବବ୍ରତ ପ୍ରଧାନ ୩ଟି ଲେଖାଏଁ ତଥା ଗୋବିନ୍ଦ ପୋଦ୍ଦାର ଦୁଇଟି, ସମ୍ବିତ ବରାଳ ଓ ବିପ୍ଳବ ସାମନ୍ତରାୟ ଗୋଟିଏ ୱିକେଟ୍ ନେଇଥିଲେ । ତେଣୁ ତାମିଲନାଡୁର ପ୍ରଥମ ଇନିଂସ ୮୬ ଓଭରରେ ୨୮୬ ରନରେ ଶେଷ ହୋଇଥିଲା ।

ତାମିଲନାଡୁକୁ ଅଲଆଉଟ୍ କରିବା ପରେ ପ୍ରଥମ ପାଳି ବ୍ୟାଟିଂ ଆରମ୍ଭ କରିଥିଲା ଓଡ଼ିଶା । ଦଳର ଆରମ୍ଭ ଅତ୍ୟନ୍ତ ଦୟନୀୟ ଥିଲା । ଦଳୀୟ ସ୍କୋର ୨୧ ରନ ବେଳେ ୫ ଜଣ ପ୍ରମୁଖ ବ୍ୟାଟର ପାଭିଲିୟନ୍ ଫେରିଯାଇଥିଲେ । ସ୍ୱସ୍ତିକ ସାମଲ ୧ ରନ, ସାନ୍ତନୁ ମିଶ୍ର ୬, ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୨, ଗୋବିନ୍ଦ ପୋଦ୍ଦାର ଓ ବିପ୍ଳବ ସାମନ୍ତରାୟ ୧ ରନ୍ କରି ଆଉଟ୍ ହୋଇଥିଲେ । ଏହାପରେ ମଧ୍ୟମକ୍ରମରେ ଅନୀଲ ପରିଡା ୫୬ ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିବାରୁ ଦଳର ସ୍ଥିତି ସାମାନ୍ୟ ସୁଧୁରି ଥିଲା । ରାଜେଶ ଧୂପ ୮ ରନ, ସମ୍ବିତ ବରାଳ ୩୬ ରନ ଓ ଦେବବ୍ରତ ପ୍ରଧାନ ୧୫ ତଥା ରାଜେଶ ମହାନ୍ତି ୧୫ ତଥା ରାଜେଶ ମହାନ୍ତି ୬ ରନ୍ କରିଥିଲେ । ତେଣୁ ଓଡ଼ିଶା ୫୧.୨ ଓଭରରେ ୧୪୮ ରନ୍ କରି ଅଲଆଉଟ୍ ହୋଇଥିଲା । ତାମିଲନାଡୁର ସୋନୁ ଯାଦବ ୫ ୱିକେଟ୍ ଦଖଲ କରି ଓଡ଼ିଶାର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ । ତ୍ରିଲୋକ ନାଗ ଓ ପି ବିଦ୍ୟୁତ ଦୁଇଟି କରି ଓ ଗୁରଜନୀତ ସିଂ ଗୋଟିଏ ୱିକେଟ୍ ଅକ୍ତିଆର କରିଥିଲେ ।

ଓଡ଼ିଶା ଅଲଆଉଟ୍ ହେବା ପରେ ଶେଷ ଅଧିବେଶନରେ ତାମିଲନାଡୁ ଦ୍ୱିତୀୟ ପାଳି ବ୍ୟାଟିଂ ଆରମ୍ଭ କରିଥିଲା । ଓପନର ଅତିଶ ଏସଆର ଅପରାଜିତ ୧୨ ରନ୍, ନାରାୟଣ ଜଗଦେଶାନ ୪ ରନ ତଥା ପି ବିଦ୍ୟୁତ ୭ ରନ୍ କରିଛନ୍ତି । ଷ୍ଟମ୍ପବେଳକୁ ତାମିଲନାଡୁ ୧୭ ଓଭରରେ ଗୋଟିଏ ୱିକେଟ୍ ହରାଇ ୨୬ ରନ୍ କରିଛି । ସମ୍ବିତ ବରାଳଙ୍କୁ ଗୋଟିଏ ୱିକେଟ୍ ସଫଳତା ମିଳିଛି ।

# ରାୟପୁରରେ ଇଶାନ, ସୂର୍ଯ୍ୟକୁମାରଙ୍କ ପରାକ୍ରମ

## ୨-୦ରେ ଭାରତ ଶୃଙ୍ଖଳା ଆଗୁଆ
## ଫିକା ପଡ଼ିଲା ନ୍ୟୁଜିଲାଣ୍ଡର ବିଧ୍ୱଂସୀ ଇନିଂସ

ରାୟପୁର,୨୩।୧(ଏଜେନ୍ସି): ରାୟପୁରର ସହିଦ ବୀର ନାରାୟଣ ସିଂ ଇଣ୍ଟର ନ୍ୟାସନାଲ ଷ୍ଟାଡିୟମରେ ଦର୍ଶକ ଦେଖିଛନ୍ତି ସୂର୍ଯ୍ୟ କୁମାର ଯାଦବ ଓ ଇଶାନ୍ତ କିଷାନଙ୍କ ବିଧ୍ୱଂଶୀ ଇନିଂସ । ଚୌକା- ଛକାରର ବର୍ଷାରେ ନ୍ୟୁଜିଲାଣ୍ଡ ବୋଲର ଧରାଶାୟୀ ହୋଇଥିଲେ । ଭ୍ରମଣକାରୀ ଦଳ ପକ୍ଷରୁ ଧାର୍ଯ୍ୟ ହୋଇଥିବା ୨୦୯ ରନ ମଧ୍ୟ ସୂର୍ଯ୍ୟ ଓ ଇଶାନଙ୍କ ଆଗରେ କମ ପଡ଼ିଯାଇଥିଲା । ଦୁହେଁ ଏପରି ଖେଳିଲେ ଯେ, ଭାରତ ୨୦୯ ରନର ବିଜୟଲକ୍ଷ୍ୟକୁ ୨୮ଟି ବଲ ପୂର୍ବରୁ ୭ ୱିକେଟରେ ଜିତି ଯାଇଛି । କେହି କେବେ ବିଶ୍ୱ କରିନଥିଲେ ୬ ରନରେ ୨ ୱିକେଟରେ ହରାଇଥିବା ଭାରତ ଏଭଳି ସ୍ମରଣୀୟ ବିଜୟ ହାସଲ କରିବ । ସୂର୍ଯ୍ୟ ଓ ଇଶାନଙ୍କ ଇନିଂସ ଯୋଗୁଁ ରାୟପୁରରେ ଏକ ଚମକ ବିଜୟ ମିଳିଛି । ନ୍ୟୁଜିଲାଣ୍ଡ ୨୦ ଓଭରରେ ୬ ୱିକେଟରେ ୨୦୮ ରନ କରିଥିଲା । ଜବାବରେ ଭାରତ ୧୫.୨ ଓଭରରେ ୨୦୯/୩ ରନ୍ କରି ଲକ୍ଷ୍ୟ ପୂର୍ଣ୍ଣ କରିଥିଲା । ରାୟପୁରରେ ନ୍ୟୁଜିଲାଣ୍ଡ ଟସ ହାରି ପ୍ରଥମେ ବ୍ୟାଟିଂ କରିଥିଲା ।

ଦେବନ କନୱେଙ୍କ ସହ ଟିମ ସେଇଫେଟ ପାଳି ଆରମ୍ଭ କରିଥିଲେ । ପ୍ରଥମ ୱିକେଟ୍ ପାଇଁ ୪୩ ରନର ପାର୍ଟନରସିପ ହୋଇଥିଲା । ଏହି ଯୋଡି ଭାଙ୍ଗି ଥିଲେ ହର୍ସିତ ରାଣା । ଦେବନ କନୱେ ୧୯ ରନ କରି ହର୍ସିତଙ୍କ ଶିକାର ହୋଇଥିଲେ । ଏହାପରେ ୨୪ ରନ କରି ଭଲ ଖେଳୁଥିବା ଟିମ୍ ସୈଫଟଙ୍କୁ ସ୍ପିନର ବରୁଣ ଚକ୍ରବର୍ତ୍ତୀ । ରଚିନ ରବିନ୍ଦ୍ର ୨୬ ବଲରୁ ୪୪, ଗ୍ଲେନ ଫିଲିପ୍ସ ୧୯, ଡାର୍ଲି ମିଚେଲ ୧୮, ମାର୍କ ଚାମ୍ପମ୍ୟାନ ୧୦, ମିଚେଲ ସାଣ୍ଟନର ୪୭ ଓ ଜ୍ୟାକ ଫୁଲକିସ୍ ୧୫ ରନ କରିଥିଲେ । ତେଣୁ ନ୍ୟୁଜିଲାଣ୍ଡ ୨୦ ଓଭରରେ ୬ ୱିକେଟ୍ ହରାଇ ୨୦୮ ରନ କରିଥିଲା । କୁଳଦୀପ ଯାଦବ ସର୍ବାଧିକ ୨ଟି, ହାର୍ଦ୍ଦିକ ପାଣ୍ଡ୍ୟା, ହର୍ସିତ ରାଣା, ବରୁଣ ଚକ୍ରବର୍ତ୍ତୀ ଓ ଶିବମ ଦୁବେ ଗୋଟିଏ କରି ୱିକେଟ୍ ସଫଳତା ହାସଲ କରିଥିଲେ ।



୨୦୯ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଭାରତ ଆରମ୍ଭରୁ ବିପର୍ଯ୍ୟୟରେ ପଡିଯାଇଥିଲା । ଏତେ ବଡ଼ ଲକ୍ଷ୍ୟକୁ ପିଛା କରି ଦ୍ରୁତ ରନ ସଂଗ୍ରହ ଚେଷ୍ଟାରେ ଓପନର ସଞ୍ଜୁ ସାମସନ ଓ ଅଭିଶେକ ଶର୍ମା ଶୀଘ୍ର ପାଭିଲିୟନ ଫେରିଯାଇଥିଲେ । ୫ଟି ବଲର ସମ୍ମୁଖୀନ ହୋଇ ସଞ୍ଜୁ ଗୋଟିଏ ଛକା ମାରିଥିଲେ । ଅଭିଶେକ ଶର୍ମା ଖାତା ଖୋଲିପାରିନଥିଲେ । ଏହାପରେ ଟିମ୍ ଇଣ୍ଡିଆର ଅସଲ ଖେଳ ଆରମ୍ଭ ହୋଇଥିଲା । ଇଶାନ କିଷାନ ଓ ସୂର୍ଯ୍ୟ କୁମାର ଯାଦବ ସମ୍ପୂର୍ଣ୍ଣ ମ୍ୟାଚକୁ ବଦଳାଇ ଦେଇଥିଲେ । ଦୁହେଁ ଏପରି ଆକ୍ରମଣାତ୍ମ ଖେଳିଥିଲେ ଯେ, ଓଭର ପିଛା ରନ ଅଧିକ ସଂଗ୍ରହୃତ ହୋଇଥିଲା । ଇଶାନ ୧୧ଟି ଚୌକା ଓ ୪ଟି ଛକା ସହାୟତାରେ ୩୨ ବଲରୁ ୭୬ ରନ କରିଥିଲେ । ଇଶାନଙ୍କ ୱିକେଟ୍ ପତନ ପରେ ପଡିଆକୁ ଆସିଥିଲେ ଶିବମ ଦୁବେ । ଅଧିନାୟକ ସୂର୍ଯ୍ୟକୁମାରଙ୍କ ସହ ଶିବମ ଦୁବେ ମ୍ୟାଚର ଶେଷ ଯାଏଁ ବ୍ୟାଟିଂ କରିଥିଲେ । ସୂର୍ଯ୍ୟ କୁମାର ୩୭ ବଲରୁ ୯ ଚୌକା ଓ ୪ଟି ଛକା ସହାୟତାରେ ୮୨ ରନ କରିଥିଲେ । ଶିବମ ଦୁବେ ୧୮ ବଲରୁ ୩୬ ରନ କରି ଭାର ପୂର ସହଯୋଗ କରିଥିଲେ । ତେଣୁ ଭାରତ ୧୫.୨ ଓଭରରେ ୨୦୯/୩ ରନ କରି ଲକ୍ଷ୍ୟ ହାସଲ କରିନେଇଥିଲା । ଭାରତ ୫ ମ୍ୟାଚ ବିଶିଷ୍ଟ ଶୃଙ୍ଖଳାରେ ୨-୦ରେ ଅଗ୍ରଣୀ ହାସଲ କରିଛି ।

## ହକି ଇଣ୍ଡିଆ ଲିଗ୍

# ହାଇଦ୍ରାବାଦ ତୁଫାନ୍ସକୁ ଜିତାଇଲେ ଶୀଳାନନ୍ଦ

ଭୁବନେଶ୍ୱର,୨୩।୧(ସବ୍ୟୁ): ହକି ଇଣ୍ଡିଆ ଲିଗ ଏବେ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଛି । ଶୁକ୍ରବାର ଅନୁଷ୍ଠିତ ଏଲିମିନେଟର ମୁକାବିଲାରେ ହାଇଦ୍ରାବାଦ ତୁଫାନ୍ସ ୨-୦ ଗୋଲରେ ଏଚଆଇଏଲଜିସିକୁ ଧରାଶାୟୀ କରି କ୍ୱାଲିଫାୟର-୨ରେ ପ୍ରବେଶ କରିଛି । ତେଣୁ ଦଳର ଫାଇନାଲ ଆଶା ପୁଣିଥରେ ଜୀବିତ ହୋଇଛି । ଦଳ ବିଜୟରେ ପ୍ରମୁଖ ଭୂମିକା ନେଇଛନ୍ତି ଓଡ଼ିଆ ପୁଅ ଶୀଳାନନ୍ଦ ଲାକ୍ରା । ଶୀଳାନନ୍ଦଙ୍କ ଦୁଇଟି ଚମତ୍କାର ଗୋଲ ଯୋଗୁଁ ହାଇଦ୍ରାବାଦ ବିଜୟସ୍ୱାଦ ଚାଖିଛି । ମ୍ୟାଚର ୧୬ ତମ ଓ ୩୯ ତମ ମିନିଟରେ ଶୀଳାନନ୍ଦ ଡବଲ ଗୋଲ କରି ମ୍ୟାଚ ବିଜୟର କର୍ଣ୍ଣଧାର ସାଜିଛନ୍ତି । ହାଇଦ୍ରାବାଦ ତୁଫାନ୍ସ ରବିବାର କ୍ୱାଲିଫାୟର-୨ ମ୍ୟାଚ ଖେଳିବ । ସେହିଭଳି ପରାଜିତ ଏଚଆଇଏଲ ସୋମବାର ତୃତୀୟ ଓ ଚତୁର୍ଥ ସ୍ଥାନ ପାଇଁ ବ୍ରୋଞ୍ଜ ଲଢ଼େଇରେ ଅବତୀର୍ଣ୍ଣ ହେବ ।



## ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଉଷୁ ସିଟି ଲିଗ

# ଖୋର୍ଦ୍ଧା ଦଳଗତ ଚାମ୍ପିଅନ



ଭୁବନେଶ୍ୱର,୨୩।୧(ସବ୍ୟୁ): ଖୋର୍ଦ୍ଧା ଉଷୁ ଆସୋସିଏସନ ପକ୍ଷରୁ ଦିନିକିଆ ଅସ୍ମିତା ଖେଲୋ ଇଣ୍ଡିଆ ମହିଳା ଉଷୁ ସିଟି ଲିଗ୍ ପ୍ରତିଯୋଗିତା ଭୁବନେଶ୍ୱର ରୟାଲ କଲେଜ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ପରିସରରେ ଶୁକ୍ରବାର ଅନୁଷ୍ଠିତ ହାଇଯାଇଛି । ଏହି ପ୍ରତିଯାଗିତାରେ ରାଜ୍ୟର ୧୭ଟି ଜିଲାରୁ ୧୫୦ରୁ ଅଧିକ ମହିଳା ପ୍ରତିଯାଗୀ ଅଂଶଗ୍ରହଣ କରିଥିଲେ । ଦୁଇଟି ବର୍ଗରେ ଅନୁଷ୍ଠିତ ପ୍ରତିଯୋଗିତାରେ ଖୋର୍ଦ୍ଧା ଦଳଗତ ଚାମ୍ପିଆନ ହାଇଥିଲା ବେଳେ ପୁରୀ ରନର୍ସଅପ ହାଇେଥିଲା । ସେହିପରି କେନ୍ଦ୍ରାପଡା ଦଳ ଦ୍ୱିତୀୟ ରନର୍ସଅପ ହୋଇଥିଲା । ଉଦଯାପନୀ ଉତ୍ସବରେ ଓଡିଶା ଅଲମ୍ପିକ ଆସୋସିଏସନ ସଭାପତି ସମୀର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ରାଜୋଲିନ ପାଟ୍ଟଶାଣୀ ମିଶ୍ର, ଓଡ଼ିଶା ଉଷୁ ଆସାସେିଏସନ ସଭାପତି ବିଷ୍ଣୁମୋହନ ମହାନ୍ତି, ଚେୟାରମ୍ୟାନ ସୁଧାଂଶୁ ଶେଖର ହରିଚନ୍ଦନ, ଉପସଭାପତି ବିକାଶ ପଟ୍ଟନାୟକ ପ୍ରମୁଖ ଯାଗେଦେଇ ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ ।

# ସନ୍ତୋଷ ଟ୍ରଫି: ମେଘାଳୟଠୁ ହାରିଲା ଓଡ଼ିଶା

ଭୁବନେଶ୍ୱର,୨୩।୧(ସବ୍ୟୁ): ୭୯ତମ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ଜାରି ରହିଛି । ଶୁକ୍ରବାର ଅନୁଷ୍ଠିତ ପଞ୍ଚମ ମ୍ୟାଚରେ ଓଡ଼ିଶା ଦଳ ୧-୦ ଗୋଲରେ ମେଘାଳୟ ନିକଟରୁ ପରାଜିତ ହୋଇଛି । ଚଳିତ ସିଜନରେ ଓଡ଼ିଶା ସିନିୟର ଫୁଟବଲ ଦଳ ଚମତ୍କାର ପ୍ରଦର୍ଶନ ସହ ନୂଆ ସମ୍ଭାବନା ସୃଷ୍ଟି କରିଥିଲା । ସନ୍ତୋଷ ଟ୍ରଫିର ଫାଇନାଲ ରାଉଣ୍ଡ ପର୍ଯ୍ୟନ୍ତ ଯାଇ ନିଜ ଦକ୍ଷତାର ପ୍ରମାଣ ଦେଇଛି । କିନ୍ତୁ ମେଘାଳୟ ବିପକ୍ଷ ମ୍ୟାଚରେ ଦଳ ଲଢ଼ିଥିଲେ ବି ପରାଜୟର ବର୍ତ୍ତି ପାରିନାହିଁ । ମ୍ୟାଚର ୨୩ତମ ମିନିଟରେ ମେଘାଳୟର ବେବିସଣ୍ଡେ ମାରନଗର ଗୋଲସ୍କୋର କରିଥିଲେ । ଏହି ଗୋଲ ଶେଷ ପର୍ଯ୍ୟନ୍ତ ବଳବର୍ତ୍ତର ରହିଥିଲା । ମେଘାଳୟ ୧-୦ରେ ବିଜୟଲାଭ କରି ଆଗକୁ ବଢ଼ିଛି । ଏହି ମ୍ୟାଚ ଆସାମର ସିଲାପଥର ଫୁଟବଲ ଷ୍ଟାଡିୟମରେ ଖେଳାଯାଇଥିଲା । ଶନିବାର ଓଡ଼ିଶା ଦଳ ତାର ପରବର୍ତ୍ତୀ ମ୍ୟାଚରେ ସବିସେସକୁ ଭେଟିବାକୁ ଯାଉଛି ।

# କାଠଖୁଣ୍ଟିଆ ବିବେକାନନ୍ଦ ଯୁଥ ଫୁଟବଲ ଟୁର୍ଣ୍ଣାମେଣ୍ଟ: ଫାଇନାଲରେ ଭାଲିଆବାଡି



ଖୋର୍ଦ୍ଧା,୨୩।୧(ସବ୍ୟୁ): ଖୋର୍ଦ୍ଧା ଉପକଣ୍ଠ କାଠଖୁଣ୍ଟିଆ ଫୁଟବଲ ପଡିଆ ଠାରେ ୨୬ତମ କାଠଖୁଣ୍ଟିଆ ବିବେକାନନ୍ଦ ଯୁଥ ଫୁଟବଲ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲରେ କୁମ୍ଭିଲୋ ସହ ଭାଲିଆବାଡି ଖେଳାଯାଇଥିଲା । ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ମାରି ପାରିନଥିଲେ । ଖେଳର ଦ୍ୱିତୀୟାର୍ଦ୍ଧରେ ମଧ ଖେଳ ବହୁତ ସଂଘର୍ଷପୂର୍ଣ୍ଣ ଓ ରୋମାଞ୍ଚକ ଭାବେ ଦେଖିବାକୁ ମିଳିଥିଲା । କିନ୍ତୁ ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ମାରି ପାରିନଥିଲେ । ଶେଷରେ ଟ୍ରାଇବେକରର ସାହାଯ୍ୟ ନିଆଯାଇଥିଲା । ୪-୧ ଟ୍ରାଇବେକର ଗୋଲରେ ଭାଲିଆବାଡି ବିଜୟୀ ହୋଇ ଫାଇନାଲକୁ ପ୍ରବେଶ କରିଛି ।

ଏହି ଖେଳକୁ ମୁଖ୍ୟ ରେଫେରି ଭାବେ ଶୌକତ ଅହମଦ ପରିଚାଳନା କରୁଥିବା ବେଳେ ତାଙ୍କୁ ଲାଇନରେ ସଗିର ଅହମଦ ଏବଂ ଦାଶରଥୀ ଖୁଣ୍ଟିଆ ସାହାଯ୍ୟ କରିଥିଲେ । ଚତୁର୍ଥ ରେଫେରି ଭାବେ ଅମଜାଦ ଖାଁ ଦାୟିତ୍ୱ ତୁଲାଇଥିଲେ ।

ଏହି ମ୍ୟାଚରେ ମୁଖ୍ୟ ଅତିଥି ଭାବେ ବିପିନୀ ମଙ୍ଗରାଜ ଏବଂ ବ୍ରଜବନ୍ଧୁ ବିହାରୀ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଶୋଏବ ଅହମଦ, ଡାନିୟଲ ନାୟକ ଏବଂ ସେକ ରଶିଦ ଯୋଗଦେଇଥିଲେ । ଆସନ୍ତା କାଲି ଦ୍ୱିତୀୟ ସେମିଫାଇନାଲ ପାଇକତିଗିରିଆ ସହ ଗଡମାଣତ୍ରୀ ଖେଳାଯିବ ବୋଲି ଟୁର୍ଣ୍ଣାମେଣ୍ଟ କମିଟି ତରଫରୁ ସୂଚନା ଦିଆଯାଇଛି ।

# ମହିଳା ଦୃଷ୍ଟିବାଧିତ ବିଜେତା ଦଳକୁ ଶୁଭେଚ୍ଛା ଜଣାଇଲେ ତିରୁପତି ପାଣିଗ୍ରାହୀ



ଭୁବନେଶ୍ୱର,୨୩।୧(ସବ୍ୟୁ): ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ପରିସରସ୍ଥ ଖେଳ ପଡିଆ ଠାରେ ଜାତୀୟ ମହିଳା ଦୃଷ୍ଟିବାଧିତ କ୍ରିକେଟ ଟି-୨୦ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚରେ ଓଡିଶା ଚମ୍ପିଆନ୍ ଟ୍ରଫି ହାସଲ କରିଛି । ଫାଇନାଲରେ ଓଡିଶା ୩୨ ରନ୍‌ରେ ମଧ୍ୟପ୍ରଦେଶକୁ ହରାଇ ବିଜେତା ହୋଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ, ହାଇଟେକ୍ ଗ୍ରୁପ୍ ଟ୍ରଷ୍ଟି ଡ. ରାକେଶ କୁମାର ପାଣିଗ୍ରାହୀ, ଟ୍ରଷ୍ଟି ବିଶ୍ୱଜିତ୍ ପାଣିଗ୍ରାହୀ, ଜିନ୍ଦଲ ଫାଉଣ୍ଡେସନ୍ ସିଏସ୍‌ଆର ମୁଖ୍ୟ ରିଷି ପଠାନିଆ, ଭାରତୀୟ ଦୃଷ୍ଟିବାଧିତ କ୍ରିକେଟ ସଂଘ ସଭାପତି ବୁମେ ଗୌଡ, ଶୈଳେନ୍ଦ୍ର ଯାଦବ, ମହିଳା ଓ ଶିଶୁ ବିକାଶ ଅଧ୍ୟକ୍ଷା ମେଜର ଡ. କଳ୍ପନା ଦାସ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଉପଶାସନ ସଚିବ ବସ" ବେହେରା, ଓଡିଶା ଦୃଷ୍ଟିବାଧିତ କ୍ରିକେଟ ସଂଘ ସଭାପତି ମହମ୍ମଦ ଜାଫର ଇକ୍‌ବାଲ ଯୋଗଦେଇ ଚମ୍ପିଆନ୍ ଓ ରନସ୍‌ଅପ୍ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ । ବିଜେତା ଦଳକୁ ଶୁଭେଚ୍ଛା ଜଣାଇବା ସହ ଦୀର୍ଘ ଦିନରୁ ମହିଳା କ୍ରିକେଟ ପ୍ରତିଯୋଗୀମାନଙ୍କୁ ହାଇଟେକ୍ ସାହାଯ୍ୟ ସହଯୋଗର ହାତ ବଢାଇବା ସହିତ ଆଗାମୀ ଦିନରେ ଏହାକୁ ଜାରି ରଖିବ ବୋଲି ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ କହିଛନ୍ତି । ସେହିପରି ବିଧାୟକ ଇଂ ରୂପେଶ କୁମାର ପାଣିଗ୍ରାହୀ ବିଜେତା ଓଡିଶା ଦଳକୁ ବହୁ ଶୁଭେଚ୍ଛା ଜଣାଇଛନ୍ତି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେମେଣ୍ଟ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

## ରଘୁନାଥପୁର ଗୋପିନାଥ ଚ୍ୟାଲେଞ୍ଜ ଟ୍ରଫି: ସେମିରେ ଆଦର୍ଶ, ମା' ଜାଗୁଲାଇ

ଭଣ୍ଡାରିପୋଖରୀ,୨୩।୧(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକ ରଘୁନାଥପୁର କ୍ରିକେଟ ପଡିଆରେ ରଘୁନାଥପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅଦ୍ୱୈତ ନାୟକ ସ୍ମାରକୀ ୧୯ତମ ଗୋପିନାଥ ଚ୍ୟାଲେଞ୍ଜ ଟ୍ରଫି ଶୁକ୍ରବାର ଉଦଘାଟିତ ହୋଇଯାଇଛି । ଗୋପିନାଥ ନାୟକ, ଜିଲ୍ଲା ପରିଷଦ ସଦସ୍ୟ ଉକିଳ କେଶରୀ ମହାନ୍ତି, ଅର୍ଜ୍ଜୁନ ଚରଣ ମାଝୀ, ବଟକୃଷ୍ଣ ମାଝୀ ଓ ଅଭିମନ୍ୟୁ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟ ଉଦଘାଟନ କରିଥିଲେ । ଉଦଘାଟନୀ ଦିବସର ପ୍ରଥମ ପାଳିରେ ଅନୁଷ୍ଠିତ ପ୍ରଥମ କ୍ୱାଟର ଫାଇନାଲ ମ୍ୟାଚ ଯାଜପୁର ମା ଜାଗୁଲାଇ କ୍ରିକେଟ କ୍ଲବ ଏକାଦଶ ଓ କଟକ ଜୁଭେନାଇଲ କ୍ରିକେଟ କ୍ଲବ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଜାଗୁଲାଇ ଅଧିନାୟକ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୭ ଓଭରରେ ୬ ଉଇକେଟ ହରାଇ ୧୪୪ରନ ସ୍କୋର କରିଥିଲା । ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ପ୍ରବୀନ କୁମାର ଓ ବିଭୁତି ଭୂୟାଁ ପ୍ରତ୍ୟେକ ୩୩ ରନ ହାସଲ କରିଥିଲେ । ପ୍ରତିପକ୍ଷ ବୋଲର ରାମଚନ୍ଦ୍ର, ଜ୍ଞାନରଞ୍ଜନ ବଳିୟାର ସିଂ ଓ ଡେଞ୍ଜର କାଳିଆ ପ୍ରତ୍ୟେକ ୨ ଉଇକେଟ ହାସଲ କରିଥିଲେ । ଜବାବରେ ଜୁଭେନାଇଲ ଦଳ ୯ ଓଭରରେ ସମସ୍ତ ଉଇକେଟ ହରାଇ ୧୪୩ ରନ ହାସଲ କରି ୧ ରନ ବ୍ୟବଧାନରେ ପରାଜିତ ହୋଇଥିଲା । ଦଳ ପକ୍ଷରୁ ବ୍ୟାଟ୍ସମ୍ୟାନ ଜାମଲ ଅହମ୍ମଦ ୫୪ ରନହାସଲ କରିଥିଲେ । ପ୍ରତିପକ୍ଷ ବୋଲର ଆକାଶ ତ୍ରିପାଠୀ ୩ ୱିକେଟ ହାସଲ କରିଥିଲେ । ପ୍ରବୀନ କୁମାର ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ସେହିପରି ଦିବସର ଦ୍ୱିତୀୟାର୍ଦ୍ଧରେ ଅନୁଷ୍ଠିତ ୨ୟ କ୍ୱାଟର ଫାଇନାଲ ମ୍ୟାଚ ବାଲେଶ୍ୱର ଆଦର୍ଶ କ୍ରିକେଟ କ୍ଲବ ଏକାଦଶ ସହ କେଉଁଝରୟୁନିକ୍ୟୁ କ୍ରିକେଟ କ୍ଲବ ଏକାଦଶ ଅନୁଷ୍ଠିତ ହୋଇଥିଲା । ଆଦର୍ଶ ଦଳ ଅଧିନାୟକ ଟସ ଜିଣି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୯ ଓଭରରେ ୯ ୱିକେଟ ହରାଇ ୧୮୦ ରନ ସ୍କୋର କରିଥିଲା ।

# ଫେଡେରେସନ କପରେ ଓଡିଶା କ୍ରୀଡାବିତଙ୍କ ସଫଳତା



ଭୁବନେଶ୍ୱର,୨୩।୧(ସବ୍ୟୁ): ଜାନୁଆରୀ ୧୮ ରୁ ୨୩ ତାରିଖ ମଧ୍ୟରେ ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ହୋଇଥିବା ଦ୍ୱିତୀୟ ଇଣ୍ଡିଆ ଟାଇକୋଣ୍ଡୋ ଫେଡେରେସନ କପ ରେ ଓଡିଶାରୁ ୧୫୦ ରୁ ଅଧିକ କ୍ରୀଡାବିତ ଅଂଶଗ୍ରହଣ କରିଥିଲେ । ମୋନଙ୍କ ମଧ୍ୟରୁ ସବ୍ ଜୁନିଅର୍ ବର୍ଗର ଟିମ୍ ପୁମସେ ରେ ରୁଦ୍ର ନାରାୟଣ ସାମଲ, ରୁଦ୍ର ପ୍ରସାଦ ଆଚାର୍ଯ୍ୟ, ଶୁଚୟେ ମହାନ୍ତି ବ୍ରୋଞ୍ଜ ପଦକ, ଫ୍ରିଷ୍ଟାଇଲ ପୁମସେ ରେ ଦିବ୍ୟାଙ୍କା ସାହୁ ବ୍ରୋଞ୍ଜ ପଦକ, ଅଣ୍ଡର-୩୨ ରେ ଗଣେଶ ସାହୁ ବ୍ରୋଞ୍ଜ ପଦକ, ଅଣ୍ଡର-୩୫ ରେ ସାଲ୍ଲି ସ୍ୱବଟେଲିନା ଆର୍ଯ୍ୟ ବ୍ରୋଞ୍ଜ ପଦକ, ଫ୍ରିଷ୍ଟାଇଲ ଟିମ୍ ପୁମସେ ରେ ଅଣ୍ଣା ବିଷୋୟୀ, ଡି. ସ୍ମିରିଥା, ଏମ. ସମିଥା ଆଚାର୍ଯ୍ୟ, ସସ୍ମିତା ସାହୁ, ଡି. ଭରତ କୁମାର, ଜାଭିଲି ତନୁଜ ରୌପ୍ୟ ପଦକ, କ୍ୟାଡେଟ ବର୍ଗର ଅଣ୍ଡର-୪୪ ରେ ଆମ୍ରିଜ ସାବତ ବ୍ରୋଞ୍ଜ ପଦକ, ଫ୍ରିଷ୍ଟାଇଲ ଇଣ୍ଡିଭିଜୁଆଲ ରେ ଅଂଶିକା ସାବତ ବ୍ରୋଞ୍ଜ ପଦକ, ଫ୍ରିଷ୍ଟାଇଲ ପେଆର ରେ ଆଲିଶା ସାବତ ଓ ପି. ପ୍ରତୀକ ପାତ୍ର ରୌପ୍ୟ ପଦକ, ଆମ୍ରିଜା ସାବତ ଓ ବିଶାଳ କୁମାର୍ ନାଇକ ବ୍ରୋଞ୍ଜ ପଦକ, ଅଣ୍ଡର-୫୯ ରେ ପ୍ରିୟଙ୍କା ପାଣିଗ୍ରାହୀ ବ୍ରୋଞ୍ଜ ପଦକ, ଟିମ୍ ପୁମସେ ରେ ଦିବ୍ୟଶା ମହାପାତ୍ର, ପ୍ରିୟଙ୍କା ପାଣିଗ୍ରାହୀ, ଏଚ. କ୍ରୀତି ବ୍ରୋଞ୍ଜ ପଦକ, ଫ୍ରିଷ୍ଟାଇଲ ଟିମ୍ ରେ ଅଂଶୁମାନ ବେହେରା, ତନିସ କୁମାର ସାହୁ, ଦୀପକ ଶବର, ପ୍ରିୟଙ୍କା ପାଣିଗ୍ରାହୀ, ଦିବ୍ୟାଶା ମହାପାତ୍ର, ଏଚ. କ୍ରୀତି ବ୍ରୋଞ୍ଜ ପଦକ, ଅଣ୍ଡର-୫୧ ରେ ଅନୁସୃତା ମଲ୍ଲିକ ବ୍ରୋଞ୍ଜ ପଦକ, ଜୁନିଅର୍ ବର୍ଗରେ ଫ୍ରିଷ୍ଟାଇଲ ଇଣ୍ଡିଭିଜୁଆଲ ରେ ନୀତିଶା ସୂର୍ ବ୍ରୋଞ୍ଜ ପଦକ, ବାଲାଜୀ ପ୍ରସାଦ ପାଢ଼ୀ ବ୍ରୋଞ୍ଜ ପଦକ, ଫ୍ରିଷ୍ଟାଇଲ ଟିମ୍ ରେ ପି. ସୋହମ୍, ସ୍ୱରାଜ ଶେଖର ନାୟକ, ଶିବ ପାଇକ, ସୋନକ୍ଷୀ ସେଠୀ, ସୁଧାମୟୀ ପାଢ଼ୀ ସ୍ୱର୍ଣ୍ଣ ପଦକ, ଅଣ୍ଡର-୫୯ ରେ ସୁବର୍ଣ୍ଣ ସାହୁ ରୌପ୍ୟ ପଦକ, ସିନିଅର ଅଣ୍ଡର-୬୭ ରେ ଅପୂର୍ବ ଆର୍ଯ୍ୟା ବ୍ରୋଞ୍ଜ ପଦକ ଲାଭ କରିଛନ୍ତି । ଏଥିସହ କ୍ରୀଡାବିତ ମାନଙ୍କୁ ଓଡିଶା ଯୁବସେବା ଏବଂ କ୍ରୀଡା ବିଭାଗ, ରାଜ୍ୟ ଟାଇକୋଣ୍ଡୋ ସଂଘର ଅଧ୍ୟକ୍ଷ ଡ଼. ହରିପ୍ରସାଦ ପଟ୍ଟନାୟକ, ସଭାପତି ଶ୍ରୀ ଚିନ୍ମୟ କୁମାର ସାହୁ, ପୃଷ୍ଠପୋଷକ ଦେବେନ୍ଦ୍ର କୁମାର ସାହୁ, ଏଡଭାଇଜ ରଞ୍ଜିତା ସ୍ୱାଇଁ, ସାଧାରଣ ସଂପାଦକ ଶ୍ରୀ ଚିନ୍ମୟ ବେହେରା,ଉପସଭାପତି ପ୍ରସନ୍ନ କୁମାର ରାଉତ କ୍ରୀଡାବିତ ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି